
ଅଗ୍ନିଶମ ଆଧୁନିକୀକରଣକୁ ଅନୁମୋଦନ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store


ଅଡୁଆରେ ଶ୍ରେୟସ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୫୭ Vol. 21 No-357 29 MARCH 2025 SATURDAY BHUBANESWAR ଶନିବାର, ୨୯ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ମିଆଁମାର, ଥାଇଲାଣ୍ଡ ସ୍ଥିତି ସଙ୍ଗୀନ

# ଭୂକମ୍ପରେ ଧ୍ୱସ୍ତବିଧ୍ୱସ୍ତ



- ଦୁଇ ଦୁଇଥର ଝଟ୍‌କା ଦେଲା ଭୂମିକମ୍ପ
- ରିକ୍ଟର ସ୍କେଲରେ ତୀବ୍ରତା ୭.୭, ୭.୨
- ୧୪୮ ମୃତ, ୭୩୨ ଆହତ
- ହଜାର ହଜାର ଲୋକ ନିଖୋଜ
- ଭୁଶୁଡିଲା ଐତିହାସିକ ଆଭା ବ୍ରିଜ୍, ଅଟ୍ଟାଳିକା
- ଉଦ୍ଧାର କାର୍ଯ୍ୟରେ ବିଭିନ୍ନ ଏଜେନ୍ସିଙ୍କ ସହାୟତା
- ସବୁପ୍ରକାର ସହାୟତା ପାଇଁ ଭାରତ ପ୍ରସ୍ତୁତ: ମୋଦୀ
- ଦୁଃଖ ପ୍ରକାଶ କଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୩ (ବ୍ୟୁରୋ): ଶୁକ୍ରବାର ସକାଳେ ମିଆଁମାରରେ ଦୁଇ ଦୁଇଟି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ରିକ୍ଟର ସ୍କେଲରେ ତୀବ୍ରତା ଯଥାକ୍ରମେ ୭.୭ ଓ ୭.୨ ରେକର୍ଡ କରାଯାଇଛି। ମିଆଁମାର ଭୂକମ୍ପରେ ୧୪୮ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ୭୩୨ରୁ ଅଧିକ ଆହତ ହୋଇଛନ୍ତି। ସେହିପରି ହଜାର ହଜାର ଲୋକ ନିଖୋଜ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଥାଇଲାଣ୍ଡରେ ମଧ୍ୟ ଭୂମିକମ୍ପ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ସେଠାରେ ୪ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୫୦ଜଣ ଆହତ ହୋଇଛନ୍ତି। ୮୧ଜଣ ନିଖୋଜ ରହିଛନ୍ତି। ଆମେରିକା ଭୂତତ୍ତ୍ୱ ସର୍ଭେ ପକ୍ଷରୁ କୁହାଯାଇଛି ଯେ ଏହି ଭୂମିକମ୍ପନର କମ୍ପନ ୮ଲକ୍ଷରୁ ଅଧିକ ଲୋକ ଅନୁଭବ କରିଛନ୍ତି। ଅନ୍ୟପକ୍ଷରେ ଚୀନ୍ ଓ ସିଚୁଆନ ପ୍ରଦେଶରେ ମଧ୍ୟ ଭୂକମ୍ପର ଝଟ୍‌କା ଦେଖିବାକୁ ମିଳିଛି। ଏହି ଭୂକମ୍ପରେ ମିଆଁମାରର ଐତିହାସିକ ଆଭା ବ୍ରିଜ୍ ଭୁଶୁଡ଼ି ପଡ଼ିବା ସହ ବହୁ ଉଚ୍ଚ ଅଟ୍ଟାଳିକା ଭୁଶୁଡ଼ି ମାଟିରେ ମିଶିଯାଇଛି। ଭୂକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ ଆଭା ବ୍ରିଜକୁ ଭାଙ୍ଗିମୋଡ଼ି ପାଣିର ପାଟିରେ ପୂରାଇ ଦେଇଥିଲା। ନଦୀର ପାଣି ମଧ୍ୟ ସେହି ସମୟରେ ଦୁଇଭାଗ ହୋଇଯାଇଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ସାଗାଇଙ୍ଗ ନିକଟରେ ବୋଲି ଆକଳନ କରାଯାଇଛି। ଆତଙ୍କିତ ଅବସ୍ଥାରେ ଲୋକେ ରାସ୍ତାରେ ଜୀବନବିକଳରେ ଦୌଡୁଥିବା ଦେଖିବାକୁ ମିଳିଛି। ଏହି ଦୁଇ ଦୁଇଟି ଭୂମିକମ୍ପ ମିଆଁମାରର ସବୁକିଛି ଓଲଟପାଲଟ କରି ଦେଇଛି। ଆମେରିକା ଜିଓଲୋଜିକାଲ ସର୍ଭେ ପକ୍ଷରୁ • ପୃଷ୍ଠା ୫ ଦେଖନ୍ତୁ



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ

## ପ୍ରଦୀପ ଜେନା ଓଇଆରସିର ଅଧ୍ୟକ୍ଷ ନିଯୁକ୍ତ



ଭୁବନେଶ୍ୱର, ୨୮।୩(ଭାସ୍କର ନ୍ୟୁଜ): ବରିଷ୍ଠ ଆଇଏଏସ୍ ଅଫିସର ତଥା ପୂର୍ବତନ ମୁଖ୍ୟ ଶାସନସଚିବ ପ୍ରଦୀପ ଜେନାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଶ୍ରୀ ଜେନାଙ୍କୁ ଓଇଆରସିର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ବରିଷ୍ଠ ଆଇଏଏସ୍ ସୁରେଶ ମହାପାତ୍ରଙ୍କ ଅବସର ପରେ ଏହି ପଦବୀଟି ଖାଲି ପଡ଼ିଥିଲା। ସୂଚନାଯୋଗ୍ୟ ଯେ ୧୯୬୪ ମସିହା ଜାନୁଆରୀ ୧ରେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଜେନା ଧର୍ମଗଡ଼ର ଉପଜିଲ୍ଲାପାଳ ଭାବେ କ୍ୟାରିୟର ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ କଳାହାଣ୍ଡିର ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ନିଜ କାର୍ଯ୍ୟକାଳ ସମୟରେ ସେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ, ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ଆଇଟି ଓ ଶକ୍ତି ବିଭାଗର ସଚିବ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୮୯ ବ୍ୟାଚ୍‌ର ଓଡ଼ିଶା କ୍ୟାଡରର ଆଇଏଏସ୍ ଅଫିସର • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଆଜି ଆଂଶିକ ସୂର୍ଯ୍ୟ ପରାଗ

ଭୁବନେଶ୍ୱର, ୨୮।୩(ଭାସ୍କର ନ୍ୟୁଜ): ଶନିବାରବର୍ଷର ପ୍ରଥମ ଆଂଶିକ ସୂର୍ଯ୍ୟ ପରାଗ ସଂଘଟିତ ହେବ । ଉତ୍ତର ଆମେରିକା, ଗ୍ରୀନଲ୍ୟାଣ୍ଡ ସହିତ ଉତ୍ତର-ପଶ୍ଚିମ ରୁଷିଆରେ ଏହି ଆଂଶିକ ସୂର୍ଯ୍ୟ ପରାଗ ଦୃଶ୍ୟମାନ ହେବ। ଭାରତୀୟ ସମୟ ଦିନ ୨ଟା ୨୦ରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ୧୭ ମିନିଟରେ ସର୍ବାଧିକ ୯୦ ପ୍ରତିଶତ ସୂର୍ଯ୍ୟ ପରାଗ ହେବ। ଏହି ଆଂଶିକ ସୂର୍ଯ୍ୟ ପରାଗ ଭାରତକୁ ଦୃଶ୍ୟମାନ ହେବ ନାହିଁ। ତେଣୁ ଶ୍ରୀମନ୍ଦିର ନୀତିକାନ୍ତିରେ ବି କୌଣସି ପରିବର୍ତ୍ତନ ହେବନି ବୋଲି ସ୍ପଷ୍ଟ କରିଛି ଶ୍ରୀମନ୍ଦିର ପ୍ରଶାସନ।

### ରାଜଧାନୀ ତାପମାତ୍ରା ୪୦ ଡିଗ୍ରୀ ଟପିଲା

ଭୁବନେଶ୍ୱର, ୨୮।୩(ଭାସ୍କର ନ୍ୟୁଜ): ଗତ ଦୁଇଦିନ ହେବ ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ତେବେ ଚଳିତବର୍ଷ ପ୍ରଥମ ଥରପାଇଁ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୦ ଡିଗ୍ରୀ ଟପିଛି। ଶୁକ୍ରବାର ରାଜଧାନୀର ତାପମାତ୍ରା ୪୦.୨ ଡିଗ୍ରୀ ରହିଥିବାବେଳେ ୪୩ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ହୋଇଛି। ସେହିପରି ସମ୍ବଲପୁରର ତାପମାତ୍ରା ୪୧.୬ ଡିଗ୍ରୀ, ହୀରାକୁଦରେ ୪୧.୨ ଓ ରାଉରକେଲା ଏବଂ ଚାନ୍ଦବାଲିରେ ୪୦.୪ ଡିଗ୍ରୀ ରହିଥିବା ସୂଚନା ମିଳିଛି ।


### ଚଳିତବର୍ଷ ୭୮ ମାଓବାଦୀ ମୃତ

ମାଲକାନଗିରି, ୨୮।୩(ଭାସ୍କର ନ୍ୟୁଜ): ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ୨୦୨୫ ଜାନୁଆରୀରୁ ବର୍ତ୍ତମାନ ସୁଦ୍ଧା ୭୮ଜଣ ମାଓବାଦୀ ମୃତ୍ୟୁବରଣ କରିଛନ୍ତି। ଏ ନେଇ ଛତିଶଗଡ଼ର ପଶ୍ଚିମ ବସ୍ତର ଡିଭିଜନ ସଚିବ ସୂଚନା ଦେଇଛନ୍ତି। ତେବେ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ମାଓବାଦ ବିଲୋପ ହେବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି।

ସେନ୍‌ସେକ୍ସ: ୭୭,୪୧୪.୯୨
ସର୍ବାଧିକ: ୪୦.୨ ଡିଗ୍ରୀ
ସର୍ବନିମ୍ନ: ୨୪.୮ ଡିଗ୍ରୀ

### ୨୮।୩।୨୦୨୫ ର ମତାମତ

ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଦୌରାତ୍ମ୍ୟକୁ ରୋକିବା ସମ୍ଭବ କି?




### ଆଜିର ପ୍ରସଙ୍ଗ

ଓଇଆରସି ନିଷ୍ପତ୍ତି ବିଦ୍ୟୁତ ଗ୍ରାହକଙ୍କ ପାଇଁ ଲାଭଦାୟକ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ରୂପୱନ୍ତ

# ଓଡ଼ିଶାରେ ହସ୍ପିଟାଲ, ସ୍କୁଲ ଓ ଆଇଟି ପାର୍କ କରିବା ପାଇଁ ପ୍ରସ୍ତାବ



ଭୁବନେଶ୍ୱର, ୨୮।୩(ଭାସ୍କର ନ୍ୟୁଜ): ଶୁକ୍ରବାର ଗୁଜରାଟ ଖଣିଜ ବିକାଶ ନିଗମ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ରୂପୱନ୍ତ ସିଂହ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରି ରାଜ୍ୟରେ ଏହାର କୋଇଲା ବ୍ଲକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ସହିତ ଓଡ଼ିଶାରେ କେତେକ ପ୍ରକଳ୍ପ କରିବା ପାଇଁ ମଧ୍ୟ ପ୍ରସ୍ତାବ ରଖିଛନ୍ତି । ବୈଠକରେ ଶ୍ରୀ ସିଂହ ଓଡିଶାରେ ଏକ ଆଧୁନିକ ଚିକିତ୍ସାଳୟ, ଦୁଇଟି ସ୍କୁଲ ଏବଂ ଏକ ଆଇଟି ପାର୍କ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବରେ ସନ୍ତୋଷ ପ୍ରକାଶ କରି ଏହା ରାଜ୍ୟର ବିକାଶରେ ସହାୟକ ହେବ ବୋଲି ମତ ଦେଇଥିଲେ । ଏହି ପ୍ରସ୍ତାବ ଗୁଡିକ ସମ୍ପର୍କରେ ଆଗାମୀ ଦିନରେ ଆହୁରି ଆଲୋଚନା କରାଯିବ ବୋଲି ବୈଠକରୁ ଜଣାଯାଇଛି । ସୂଚନାଯୋଗ୍ୟଯେ, ଗୁଜରାଟ ଖଣିଜ ବିକାଶ ନିଗମ ଲିମିଟେଡ଼, ବୈତରଣୀ ୱେଷ୍ଟ ଓ ବୁରାପାହାଡ଼ କୋଇଲା ବ୍ଲକ ପରିଚାଳନାର ଦାୟିତ୍ୱ ନେଇଛି । ବୈଠକରେ ଏହି ଦୁଇଟି ବ୍ଲକର ବର୍ତ୍ତମାନ ସ୍ଥିତି, ପ୍ରଗତି ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା।

# ବିଧାୟକଙ୍କ ଦରମା ବୃଦ୍ଧି ଦାବି କଲେ ବିଜେଡି-ବିଜେପି ସଦସ୍ୟ



ଭୁବନେଶ୍ୱର, ୨୮।୩ (ଭାସ୍କର ନ୍ୟୁଜ): ବିଧାୟକ ମାନଙ୍କ ଦରମା ବୃଦ୍ଧି ଓ ପୂର୍ବତନ ବିଧାୟକ ମାନଙ୍କର ପେନସନ ବୃଦ୍ଧି ନେଇ ଶୁକ୍ରବାର ବିଧାନସଭାରେ ଦାବି ହୋଇଛି । ବିରୋଧୀ ଦଳ ଠାରୁ ଆରମ୍ଭ କରି ସରକାରୀ ଦଳର ବିଧାୟକ ମାନେ ମଧ ଏହି ଦାବି କରିଛନ୍ତି । ଏ ସମ୍ପର୍କରେ ପୂର୍ବ ସରକାର ସମୟରେ ଉଦଳା ବିଧାୟକ ଭାସ୍କର ମଢେଇଙ୍କ ଅଧକ୍ଷତାରେ ଗଠିତ କମିଟିର ସୁପାରିଶ ଅନୁସାରେ ବିଧାୟକ ଓ ପୂର୍ବତନ ବିଧାୟକ ମାନଙ୍କ ପେନସନ ବୃଦ୍ଧି କରାଯିବା ଓ ଏହାକୁ ପିଛିଲା ଭାବେ ଲାଗୁ କରିବାକୁ ବିଧାୟକ ମାନେ ଦାବି କରିଛନ୍ତି । ପ୍ରଶ୍ନକାଳ ପରେ ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରସଙ୍ଗ ଉଠାଇ କହିଛନ୍ତି ବର୍ତ୍ତମାନ ବଜାର ଦର ବଢ଼ିଛି । ଅନେକ ପୂର୍ବତନ ବିଧାୟକ ଲବିକୁ ଆସିବା ବେଳେ ପେନସନ ବଢ଼ାଇବା ପାଇଁ ଅନୁରୋଧ କରୁଛନ୍ତି । ମେଡ଼ିସିନ ଖର୍ଚ୍ଚ ହେଉ କି ବଜାର ଦର ଯାହା ଅଛି ତାହା ପେନସନ କୁ ଦେଖିଲେ ପର୍ଯ୍ୟାପ୍ତ ହେଉନି । ଏଥିପାଇଁ ଗୋଟେ କମିଟି ଗଠନ ହୋଇଥିଲା ଭାସ୍କର ମଢେଇଙ୍କ ଅଧକ୍ଷତାରେ । କମିଟିର ବୈଠକରେ ନିଷ୍ପତ୍ତି ନିଆଯାଇଛି ରିପୋର୍ଟ ଦିଆଯାଇଛି । ସେହି ରିପୋର୍ଟକୁ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି କଲେ ପ୍ରମିଳା ମଲିକ । ସେହିପରି ବିଧାୟକ ଦରମା ବି ବଢିବା ଆବଶ୍ୟକ ଅଛି । ୨୦୧୭ ରେ ଶେଷ ଥର ବଢିଥିଲା ୨୦୨୫ ହେଲାଣି ତାକୁ ବଢ଼େଇବା ଦରକାର ଅଛି ବୋଲି କହିଲେ ପ୍ରମିଳା ମଲିକ । ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ ତାଙ୍କୁ ସମର୍ଥନ ଜଣାଇ ତୁରନ୍ତ ଦରମା ଓ ପେନସନ ବଢାଇବା ପାଇଁ ଗୃହରେ ଦାବି କରିଛନ୍ତି । ଅନ୍ୟ ପକ୍ଷରେ ବିଜେପି ବିଧାୟକ ମାନେ ମଧ ବିଧାୟକ ଦରମା ଓ ପୂର୍ବତନ ବିଧାୟକ ପେନସନ ବୃଦ୍ଧି ଦାବିକୁ ମଧ ଦୋହରାଇଛନ୍ତି । ବିଜେପି ବିଧାୟକ ପୂର୍ଣ୍ଣ ସେଠି ମଧ ସମାନ ଦାବି ଉଠାଇ କହିଛନ୍ତି ମୁଁ ପୂର୍ବତନ ବିଧାୟକ ଭାବେ ଭୁକ୍ତଭୋଗୀ । କେତେ ଅସୁବିଧା ହେଉଛି ମୁଁ ନିଜେ ଅନୁଭବ କରିଛି । ସରକାରୀ କର୍ମଚାରୀ ଙ୍କ ପାଇଁ ବେତନ କମିଶନ ଅଛି କିନ୍ତୁ ବିଧାୟକ ଙ୍କ ପାଇଁ କେହି ନାହିଁ । କେବଳ ଆମର ମଢେଇ କମିଟି ସାହା ଭରଷା । ପ୍ରତି ଗାଁ ରେ ବାଦ ବୁଦିଆରେ ନାଟ ହେଉଛି । ବିଧାୟକଟେ ଗଲେ ୧୦ ରୁ ୩୦ ହଜାର ନ ଦେଲେ ହେଉନି । ତେଣୁ ମୁଁ ଦାବି କରୁଛି ବାଚସ୍ପତି ଭାସ୍କର ମଢେଇଙ୍କ କମିଟିର ସୁପାରିଶକୁ ଗ୍ରହଣ କରି ସରକାରକୁ ଜୁନ ମାସ ରୁ ପିଛିଲା ଭାବେ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ । ବିଜେପି ବିଧାୟକ ପଦ୍ମ ଲୋଚନ ପଣ୍ଡା ପୂର୍ଣ୍ଣ ସେଠୀଙ୍କ ପ୍ରସ୍ତାବକୁ ସମର୍ଥନ ଜଣାଇଛନ୍ତି ସେ କହିଛନ୍ତି ଯେ, ପୂର୍ବତନ ବିଧାୟକଙ୍କ ଅବସ୍ଥା ଦେଖିଲେ ଖରାପ ଲାଗୁଛି । ଲବିରେ ୬୦ ରୁ ୭୦ ବିଧାୟକ ବସିଛନ୍ତି ତାଙ୍କ କଥା କହିବା ପାଇଁ । ମୁଁ ଆସିବା ବେଳେ ମୋତେ ଧରିଲେ । ଆମ ରାଜ୍ୟ ୨୭ ନମ୍ବରରେ ରହିଛି ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ କ୍ଷେତ୍ରରେ । ସେ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ରାଜନୀତି ଏବେ ଉଠୁଛି ପଡୁଛି
ନାରୀ ସୁରକ୍ଷାର ଆଳେ,
ଅଡ଼ି ବସିଛନ୍ତି କେଇଦିନ ହେଲା
ରାଜ୍ୟର ବିରୋଧୀ ଦଳେ ।
ମିଡ଼ିଆ ଘିଅକୁ ଢାଳେ,
ବିରୋଧୀ ଯାଆନ୍ତି ପତରେ ପତରେ
ସରକାର ଡାଳେ ଡାଳେ !!

## କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି

# କେନ୍ଦ୍ରୀୟ କର୍ମଚାରୀଙ୍କ ଡିଏ ୨%ବୃଦ୍ଧି



ନୂଆଦିଲ୍ଲୀ, ୨୮।୩: କେନ୍ଦ୍ରରେ ଶାସନ କରୁଥିବା ମୋଦୀ ସରକାର ଶୁକ୍ରବାର କେନ୍ଦ୍ର କର୍ମଚାରୀମାନଙ୍କ ପାଇଁ ଏକ ବଡ଼ ଉପହାର ଘୋଷଣା କରିଛନ୍ତି। କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨ ପ୍ରତିଶତ ବୃଦ୍ଧି ପାଇଁ କେନ୍ଦ୍ର କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି। ଏହି ବୃଦ୍ଧି ସହିତ ଏବେ ଡିଏ ୫୩ ପ୍ରତିଶତରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଛି। ଏହାଫଳରେ ଲକ୍ଷ ଲକ୍ଷ କର୍ମଚାରୀଙ୍କ ଦରମାରେ ବୃଦ୍ଧି ଘଟିବ। ୧୮ହଜାର ଟଙ୍କା ମୂଳ ଦରମା ଥିବା କର୍ମଚାରୀଙ୍କୁ ୫୩ ପ୍ରତିଶତ ଭତ୍ତା ମିଳୁଥିଲା, ଯାହା ୯୫୪୦ ଟଙ୍କା ସହିତ ସମାନ । ଏବେ ୫୫ ପ୍ରତିଶତ ହାରରେ କର୍ମଚାରୀଙ୍କୁ ୯ହଜାର ୯ଶହ ଟଙ୍କା ମିଳିବ। ସେହିଭଳି ୫୦ ହଜାର ଟଙ୍କା ମୂଳ ଦରମା ଥିବା କର୍ମଚାରୀଙ୍କୁ ୫୩ ପ୍ରତିଶତ ଭତ୍ତା ମିଳୁଥିଲା, ଯାହା ୨୬,୫୦୦ ଟଙ୍କା ସହିତ ସମାନ। ଏବେ ୫୫ ପ୍ରତିଶତ ହାରରେ କର୍ମଚାରୀଙ୍କୁ • ପୃଷ୍ଠା ୫ ଦେଖନ୍ତୁ

## ୨ରୁ ଯୁକ୍ତଦୁଇ ପରୀକ୍ଷାଖାତା ମୂଲ୍ୟାୟନ

# ମଇ ୧୫ସୁଦ୍ଧା ରେଜଲ୍ଟ



- ଦୁଇଟି ପର୍ଯ୍ୟାୟରେ ହେବ ମୂଲ୍ୟାୟନ
- ମୂଲ୍ୟାୟନ କରିବେ ୧୬ହଜାର ଅଧ୍ୟାପକ
- ୭୮ଟି ଅଫ୍‌ଲାଇନ, ୭୦ଟି ଅନଲାଇନ କେନ୍ଦ୍ର ସ୍ଥାପନ

ଭୁବନେଶ୍ୱର, ୨୮।୩(ଭାସ୍କର ନ୍ୟୁଜ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ଯୁକ୍ତଦୁଇ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପରୀକ୍ଷା ଶେଷ ହୋଇଛି। ଏହାପରେ ଖାତା ମୂଲ୍ୟାୟନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ନେଇ ସୂଚନା ଦେଇଛନ୍ତି ପରିଷଦର ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡା। ସେ କହିଛନ୍ତି, ଆସନ୍ତା ୨ ତାରିଖରୁ ମୂଲ୍ୟାୟନ ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ମୂଲ୍ୟାଙ୍କନ କରାଯିବ। ପ୍ରଥମ ପର୍ଯ୍ୟାୟ ୨ ତାରିଖରୁ ୧୪ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ • ପୃଷ୍ଠା ୫ ଦେଖନ୍ତୁ

## କଂଗ୍ରେସ ଆନ୍ଦୋଳନବେଳେ ହିଂସା ଘଟଣା

# ମାମଲା ରୁଜୁ କଲା ପୋଲିସ

ଭୁବନେଶ୍ୱର, ୨୮।୩(ଭାସ୍କର ନ୍ୟୁଜ): ନାରୀ ନିର୍ଯାତନା ପ୍ରସଙ୍ଗରେ ଗୁରୁବାର ଗାନ୍ଧିମାର୍ଗରେ କଂଗ୍ରେସ କର୍ମୀଙ୍କ ଆନ୍ଦୋଳନବେଳେ ଘଟିଥିବା ହିଂସାକାଣ୍ଡ ନେଇ କମିଶନରେଟ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଏ ନେଇ କ୍ୟାପିଟାଲ ଥାନାରେ ତିନୋଟି ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଥାନା କେସ ନଂ ୧୨୮, ୧୨୯, ୧୩୦ରେ ମାମଲା ରୁଜୁ ହୋଇଥିବା ଥାନା ପକ୍ଷରୁ ସୂଚନା ମିଳିଛି। ପୋଲିସ ଗାଡ଼ିରେ ନିଆଁ ଲଗାଇବା, ପୋଲିସ ଉପରକୁ ଟେକାପଥର ଓ ଚେୟାରମାଡ଼ କରିବା ତଥା ଦଙ୍ଗା ସୃଷ୍ଟିଭଳି ସଂଗୀନ ଦଫାରେ ମାମଲା ରୁଜୁ ହୋଇଛି।

**କ୍ୟାପିଟାଲ ଥାନାରେ ୩ ମାମଲା ରୁଜୁ**

**ବିଏନ୍‌ଏସ୍‌ର ୧୭ଟି କଡ଼ା ଦଫା ଲାଗୁ**

**ଅଭିଯୁକ୍ତ ଚିହ୍ନଟ ପ୍ରକ୍ରିୟା ଆରମ୍ଭ**

ବିଏନଏସର ୧୭ଟି କଡ଼ା ଦଫାରେ ଏହି ମାମଲା ରୁଜୁ କରାଯାଇଥିବାବେଳେ ଅଭିଯୁକ୍ତମାନଙ୍କୁ ଚିହ୍ନଟ ପାଇଁ ସିସିଟିଭି କ୍ୟାମେରା ଯାଞ୍ଚ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ଯେ ଗୁରୁବାର ଗାନ୍ଧିମାର୍ଗରେ କଂଗ୍ରେସ କର୍ମୀମାନେ • ପୃଷ୍ଠା ୫ ଦେଖନ୍ତୁ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ ସୁକୁମା ଏସପିଙ୍କ ନିକଟରେ ୦୯ ଜଣ ହାଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ ସରକାର ୨୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ । ଆତ୍ମସମର୍ପଣ କରିଥିବା ୯ ଜଣ ମାଓବାଦୀଙ୍କ ମଧ୍ୟରେ ୬ ଜଣ ମହିଳା ମାଓବାଦୀ ରହିଛନ୍ତି । ଏମାନେ ସୁକୁମା, ବିଜାପୁର ଓ ଦନ୍ତେୱାଡ଼ା ଜିଲ୍ଲାର ଅନେକ ବଡ ବଡ ମାଓ ହିଂସାରେ ସାମିଲ ରହିଥିବା ନେଇ ସୂଚନା ଦେଇଛନ୍ତି ସୁକୁମା ଏସପି କିରଣ ଚୌହାନ । ଆତ୍ମସମର୍ପଣ ପରେ ସମସ୍ତଙ୍କୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ଚେକ୍ ପ୍ରଦାନ କରିଛନ୍ତି ସୁକୁମା ଏସପି କିରଣ ଚୌହାନ, ଅତିରିକ୍ତ ଏସପି ଉମେଶ ଗୁପ୍ତା ଓ ସିଆରପିଏଫ କମାଣ୍ଡେଣ୍ଟ । ପରେ ଛତିଶଗଡ ସରକାରଙ୍କ ନିୟମ ଅନୁସାରେ ଏମାନଙ୍କୁ ଥଇଥାନ କରାଯିବା ବୋଲି ସୁକୁମା ଏସପି କହିଛନ୍ତି ।

# ଜିଲ୍ଲାରେ ପ୍ରଥମ: ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ମାନ୍ୟତା



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର କ୍ରମାଗତ ୫ମ ବର୍ଷ ପାଇଁ କାୟକଳ୍ପର ମାନ୍ୟତା ପାଇଥିବା ବେଳେ କର୍ମଚାରୀ ମହଲରେ ଏକପ୍ରକାର ଆନନ୍ଦ ଖେଳିଯାଇଛି । କାୟାକଳ୍ପ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ବୁଲି ଦେଖିବା ସହ ସ୍ୱଚ୍ଛତାକୁ ଦେଖି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପ୍ରଶଂସା କରିଥିଲେ । ଏଠାରେ ଉତ୍ତମ ସ୍ୱାସ୍ଥ୍ୟସେବା ଚାଲିଥିବା ବେଳେ ଦୁରାରୋଗ୍ୟ ବାଧି ଆରୋଗ୍ୟ କରାଯାଉଥିବା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ସାମନ୍ତରାୟ କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କ୍ରମାଗତ ୫ମ ବର୍ଷପାଇଁ କାୟାକଳ୍ପର ମାନ୍ୟତା ମିଳିଛି । ରାଜ୍ୟରେ ୧୫ତମ ସ୍ଥାନ ଅଧିକାର କରିଛି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୁରୀ ଜିଲ୍ଲାରେ କାୟାକଳ୍ପରେ ପ୍ରଥମ ହୋଇଛି । ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜିଲ୍ଲାରେ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରାଜ୍ୟରେ ୫୦ତମ ସ୍ଥାନରେ ରହିଛି । ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲ୍ଲାରେ ତୃତୀୟ ସ୍ଥାନରେ ରହିଥିବା ବେଳେ ରାଜ୍ୟରେ ୮୫ତମ ସ୍ଥାନରେ ରହିଛି । ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ଜିଲ୍ଲାରେ ୪ମ ସ୍ଥାନରେ ଥିବାବେଳେ ରାଜ୍ୟରେ ୯୮ତମ ସ୍ଥାନରେ ରହିଛି । ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍ ପରିଦର୍ଶନରେ ଆସିଥିବା ବେଳେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ସାମନ୍ତରାୟ କର୍ମଚାରୀ, ରୋଗୀ କଲ୍ୟାଣ ସମିତି ସଭ୍ୟ ସଦସ୍ୟମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । କାର୍ଯ୍ୟକ୍ରମରେ ଡଃ ସରୋଜା ଲକ୍ଷ୍ମୀ ଦାଶ ଅଭିନନ୍ଦନ ମହାପାତ୍ର, ମହେଶ ପ୍ରସାଦ ମହାପାତ୍ର, ଶବିନାରାୟଣ ନନ୍ଦ, ଆଶୁତୋଷ ମିଶ୍ର ସମସ୍ତ ନର୍ସିଂ ଅଫିସର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ପାରାଦୀପ ବନ୍ଦରରେ ଷ୍ଟିମ କୋଇଲା ପରିଚାଳନା କରି କେଆଇସିଟିପିପିଏଲ୍‌ର ସର୍ବକାଳୀନ ରେକର୍ଡ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦରକୁ ୧୫୩.୭୩୦ ମେଟ୍ରିକ ଟନ୍ ଷ୍ଟିମ କୋଇଲା ନେଇ ଆସିଥିବା ଏକ ବୃହତ ଜାହାଜ ଏମ୍‌ଭି ଇଣ୍ଡିଆନ ପାର୍ଟନରସିପ ଜାହାଜରୁ ୨୪ ଘଣ୍ଟାରେ କଲିଙ୍ଗ ଇଣ୍ଟରନ୍ୟାସନାଲ କୋଲ ଟର୍ମିନାଲ ପାରାଦୀପ ପ୍ରାଇଭେଟ ଲିମିଟେଡ୍ (କେଆଇସିଟିପିପିଏଲ) ଦ୍ୱାରା ପଣ୍ୟ ଖଲାସ କରାଯାଇ ଏକ ରେକର୍ଡ ସୃଷ୍ଟି କରିବା ସହ ଇତିହାସ ରଚିଛି । ପୂର୍ବରେ ଏହି ପଣ୍ୟ ଖଲାସ କରିବାର ରେକର୍ଡ ଥିଲା ୭୦,୯୧୫ ମେଟ୍ରିକ ଟନ । ଏହି ଜାହାଜର ଲମ୍ବ ୨୯୨ ମିଟର, ଓସାର ୪୫ ମିଟର ଏବଂ ଡ୍ରାଫ୍ଟ ୧୬.୩ ମିଟର । ତେବେ ପାରାଦୀପ ବନ୍ଦରର ପୋତାଶ୍ରୟ ଗୁଡିକରେ ଯାନ୍ତ୍ରିକ ପଣ୍ୟ ପରିଚାଳନା ବ୍ୟବସ୍ଥା ଯୋଗୁଁ ବନ୍ଦରର ପରିଚାଳନାର କ୍ଷମତା ବୃଦ୍ଧି ପାଇଥିବା ବେଳେ ୨୦୪୭ ମସିହା ରେକର୍ଡ ପଣ୍ୟ ପରିଚାଳନା ଲକ୍ଷ୍ୟ ରେ ପହଞ୍ଚିବାକୁ ଅଗ୍ରସର ହେଉଛି ।

## କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗରେ ମୁଖ୍ୟ କିରାଣି ନିଲମ୍ବିତ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମୋଟୁ ତହସିଲ କାର୍ଯ୍ୟାଳୟରେ ଗତ ୨୫ ତାରିଖ ଦିନ ପ୍ରଦୀପ କୁମାର ମହାପାତ୍ର ସେକ୍ସନ ଅଫିସର କାର୍ଯ୍ୟାଳୟ ଭିତରେ ଜଣେ କର୍ମଚାରୀଙ୍କୁ ଦିବାଙ୍ଗ ରାଜସ୍ୱ ନିରୀକ୍ଷକଙ୍କୁ ଦୁର୍ବ୍ୟବହାର କରିବା ସହ ଚପଲରେ ମାରିବାକୁ ମଧ୍ୟ ପଛାଇ ନଥିଲେ । ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେବାପରେ ଗତକାଲି ମାଲକାନଗିରି ଜିଲ୍ଲାପାଳଙ୍କ ନିକଟକୁ ଶ୍ରୀ ମହାପାତ୍ରଙ୍କ ନାମରେ ମୋଟୁ ତହସିଲଦାରଙ୍କ ପକ୍ଷରୁ କାର୍ଯ୍ୟାଳୟ ଚିଠି ସଂଖ୍ୟା ୭୩୧/୨୫ ରେ ଏକ ଅଭିଯୋଗ ଆସିଥିଲା । ବିଭାଗୀୟ ଅଧିକାରୀ, ତହସିଲ କାର୍ଯ୍ୟାଳୟ, ମୋଟୁ ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ ୧୯୫୯ କୁ ଉଲ୍ଲଂଘନ, ଅସଭ୍ୟ ଭାଷା ବ୍ୟବହାର କରି ଟଙ୍କା ମାଗିବା ଦ୍ୱାରା ସରକାରୀ କର୍ମଚାରୀଙ୍କୁ ଅସଦାଚରଣ ଏବଂ ଅବମାନ ହୋଇଛି । ଆଜି ମାଲକାନଗିରି ଜିଲ୍ଲାପାଳ କାର୍ଯ୍ୟାଳୟ ଚିଠି ସଂଖ୍ୟା ୧୪୯୧/୨୦୨୫ ରେ ଓସିଏସ (ସିସିଏ) ନିୟମ ୧୯୬୨ର ଅଧ୍ୟ ନିୟମ -୧ (ଆଈ) ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗରେ, ପ୍ରଦିପ କୁମାର ମହାପାତ୍ରଙ୍କୁ ଚାକିରିରୁ ନିଲମ୍ବନ ନିର୍ଦ୍ଦେଶ ଦେଇଛନ୍ତି ଓ ଏହା ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ ନିଲମ୍ବନ ଅବଧି ସମୟରେ ଶ୍ରୀ ମହାପାତ୍ର, ବିଭାଗୀୟ ଅଧିକାରୀ, ତହସିଲ କାର୍ଯ୍ୟାଳୟ, ମୋଟୁ ତହସିଲ ପରିବର୍ତ୍ତେ କାଲିମେଲା ତହସିଲ କାର୍ଯ୍ୟାଳୟ ରେ କାର୍ଯ୍ୟ କରିବା ପାଇଁ ସ୍ଥିର ହୋଇଛି ଏବଂ କର୍ତ୍ତୃପକ୍ଷଙ୍କ ଅନୁମତି ନ ପାଇ ସେ ଛୁଟି ନେଇ କାର୍ଯ୍ୟାଳୟ ଛାଡି ଯାଇପାରିବେ ନାହିଁ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ମହିଳା କଲେଜ ଗେଟ୍ ନିକଟରୁ ଛାତ୍ରୀଙ୍କୁ ଉଠାଇ ନେଲେ ଦୁର୍ବୃତ୍ତ

ନିମାପଡା(ଭାସ୍କର ନ୍ୟୁଜ): ଦିନ ଦ୍ୱିପ୍ରହରେ ଚାରିଛକ ମହିଳା କଲେଜ ଗେଟ୍ ସମ୍ମୁଖରୁ କେତେଜଣ ଯୁବକ ଜଣେ ନାବାଳିକା ଛାତ୍ରୀଙ୍କୁ ଉଠାଇ ନେଇଥିବା ଛାତ୍ରୀଙ୍କ ମା' ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ୍ ମାମଲା ରୁଜୁ କରି ସଂପୃକ୍ତ ଅପହରଣକାରୀକୁ ଗିରଫ କରିବା ପାଇଁ ଚଢଉ ଜାରି ରଖିଛି । ପୂର୍ବରୁ ମଧ୍ୟ ଏହି ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଓ ଅପହରଣକାରୀ କବଳରୁ ପୋଲିସ୍ ଉଦ୍ଧାର କରିଥିବା ଛାତ୍ରୀଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ଗୋପ ଥାନା ଇଶାନପୁର ଅଂଚଳର ଜଣେ ନାବାଳିକା ଛାତ୍ରୀ ଚାରିଛକ ମହିଳା କଲେଜରେ ଅଧ୍ୟୟନ କରନ୍ତି । ଗତ ୨୭ ତାରିଖ ଦିନ ଦ୍ୱିପ୍ରହରେ ଛାତ୍ରୀ ଜଣକ ପରୀକ୍ଷା ଦେଇ ବାହାରକୁ ବାହରିବା ସମୟରେ କନ୍ତିଲୋ ଗ୍ରାମର ରାଜକିଶୋର ଦାସ ଓ ତାଙ୍କର ସହଯୋଗୀମାନେ ଛାତ୍ରୀଙ୍କୁ ଜବରଦସ୍ତ ଅପହରଣ କରିନେଇଥିବା ଛାତ୍ରୀଙ୍କ ମା' ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ୍ ମାମଲା ରୁଜୁ କରି ଚଢଉ ଜାରି ରଖିଥିଲେ ମଧ୍ୟ ଛାତ୍ରୀଙ୍କ ସନ୍ଧାନ ମିଳିପାରିନାହିଁ । ଅନେକ ରୋମିଓ କଲେଜ ଗେଟ୍ ନିକଟରେ ବସିରହିବା ସହ ପଇଁତରା ମାରି ରାସ୍ତାରେ ଯାତାୟାତ କରୁଥିବା ଛାତ୍ରୀମାନଙ୍କୁ ଅଶ୍ଳିଳ ଇଙ୍ଗିତ ପ୍ରଦର୍ଶନ କରିବା ଦେଖିବାକୁ ମିଳିଛି । ଏହି ଘଟଣା ଉପରେ ପୋଲିସ୍ ଦୃଷ୍ଟିଦେଇ ଛାତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ଦାବି ହୋଇଛି ।

**'ଓଡିଶା ଭାସ୍କର'ର ମହାପ୍ରଭାବ**

# ଖବର ପ୍ରସାରଣ ପରେ ବିଦ୍ୟାଳୟରେ ଲାଗିଲା ରଙ୍ଗ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଅଧୀନରେ ନିଆଳି ହାଇସ୍କୁଲ ଉନ୍ନତିକରଣ ନିମନ୍ତେରଙ୍ଗ ଲଗାଇବା ନିମନ୍ତେ ୩ ଲକ୍ଷ, ଗୃହ ମରାମତି ନିମନ୍ତେ ୪ ଲକ୍ଷ ଓ ପଡିଆ ଉନ୍ନତିକରଣ ନିମନ୍ତେ ୫ ଲକ୍ଷ ଟଙ୍କା ମୋଟ ୧୨ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏହି କାମଟି ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ଥିବାବେଳେ ଏହାକୁ ସ୍ଥାନୀୟ କିଛି କୁଜିନେତା କରୁଛନ୍ତି । କିନ୍ତୁ ସମ୍ପୃକ୍ତ କୁଜିନେତା ଅଧିକ ଲାଭ ଆଶାରେ ଶିଉଳି ନା ଛଡାଇ ପ୍ରାଇମର ଲଲଗାଇ ରଙ୍ଗ ମାରିଥିଲେ । ଏହି ଘଟଣାକୁ ନେଇ ଲୋକମାନେ ବିରୋଧ କରିଥିଲେ । ୨୭ ତାରିଖ ଦିନ 'ଓଡ଼ିଶା ଭାସ୍କର' ଖବରକାଗଜରେ ଏହି ଖବର ପ୍ରକାଶ ପାଇଥିଲା । ଖବର ପ୍ରସାରଣର ୨୪ ଘଣ୍ଟା ମଧ୍ୟରେ ବିଦ୍ୟାଳୟର କୋଠରୀଗୁଡିକ ସଫା କରାଯାଇ ପ୍ରାଇମର ମରାଯାଇଛି । ଏଠାରେ ସୂଚନାଥାଉ କି ୧ ବର୍ଷ ତଳେ ୫-ଟି ଅଧୀନରେ ଲକ୍ଷାଧିକ ଟଙ୍କା ବ୍ୟୟବରାଦ କରାଯାଇ ନିଆଳି ସ୍କୁଲର ଉନ୍ନତିକରଣ କରାଯାଇଥିଲା । ଏଥିରେ ରଙ୍ଗ କାମ ମରାମତି ଓ ନୂତନ ଗୃହ ମଧ୍ୟ ନିର୍ମାଣ ହୋଇଛି । ଏହି ବିଦ୍ୟାଳୟଗୁଡିକର ଗୃହ ଓ ରଙ୍ଗ ଭଲ ଥିବାବେଳେ କାହିଁକି ତରବରିଆ ଭାବେ ରଙ୍ଗ ମରାଯାଉଛି ।

**ସୋରଡ଼ା ଏନ୍ଏସି, ବ୍ଲକ୍‌ରେ ଚାଲିଥିବା ପ୍ରକଳ୍ପର ଫଳକ ଅଛି, ସୂଚନା ନାହିଁ**

# ଅନ୍ଧାରରେ ଅଞ୍ଚଳବାସୀ, ତଦନ୍ତ ଦାବି

ସୋରଡ଼ା(ଭାସ୍କର ନ୍ୟୁଜ): ସୋରଡ଼ା ଏନଏସି ଅଞ୍ଚଳ, ବ୍ଲକର ପ୍ରତ୍ୟକ ଗ୍ରାମ ପଞ୍ଚାୟତରେ କୋଟି କୋଟି ଟଙ୍କାର ବ୍ୟୟ ବିଭିନ୍ନ ପ୍ରକଳ୍ପ ମାନ ରାସ୍ତା, ବନ୍ଧ, ଆଲୋକ ସଜା, ଦୋକାନ ଗୃହ ଆଇ.ଟି ପାର୍କ ବିଜୁ ପଟ୍ଟନାୟକ ପାର୍କ, ମନ୍ଦିର, ମସଜିଦ, କଲ୍ୟାଣ ମଣ୍ଡପ ପାନୀୟ ଜଳ ଯୋଗାଣ, ବୃକ୍ଷ ରୋପଣ, ବର୍ଜ୍ୟବସ୍ତୁ ପ୍ରକଳ୍ପ ନିର୍ମାଣ, ମାର୍କେଟ କମ୍ପ୍ଲେକ୍ସ, ପିକନିକ ସ୍ପଟ, ଯାନବାହାନ କିଣିବା ପ୍ରକଳ୍ପ, ସିସିଡିଭି ପ୍ରକଳ୍ପ ଯୋଜନା, ଅଙ୍ଗନବାଡ଼ି ଗୃହ ନିର୍ମାଣ, ଆହାର କେନ୍ଦ୍ର, ରୋଷେଇ ସାଲ ନିର୍ମାଣ, ଅବକାରୀ ଥାନା ନିର୍ମାଣ ଓ ଅନ୍ୟାନ ପ୍ରକଳ୍ପମାନ ମାଳ ମାଳ ଉଦଘାଟଣ କରାଯାଇଛି । କିନ୍ତୁ କିଛି କାଉନ୍‌ସିଲରମାନେ ଆମ ପ୍ରତିନିଧିଙ୍କୁ କହିଛନ୍ତି ଯେ ଆମ ୱାର୍ଡ ମାନଙ୍କରେ ଲକ୍ଷ ଲକ୍ଷ, କୋଟି କୋଟି ଟଙ୍କାର ପ୍ରକଳ୍ପମାନ ଉଦ୍‌ଘାଟନ କରାଯାଇଛି । ଫଳକରେ କେବଳ ସେମାନଙ୍କର ନାମ ସହିତ ଇ.ଓ, ପିଡିଡୁତା ଥିବାବେଳେ କିନ୍ତୁ ସେମାନଙ୍କ ଅଜଣାରେ ପ୍ରକଳ୍ପ ଟଙ୍କା ଖର୍ଚ ହୋଇଛି । ମାତ୍ର ସେମାନଙ୍କ ଅଜଣାରେ ସବୁକାମ ଚାଲିଛି ଏବଂ ଉକ୍ତ ପ୍ରକଳ୍ପ ମାନ କିଛି ମହିଳା ଆତ୍ମ ସହାୟିକା ସଂଘ ମାନରେ କାର୍ଯ୍ୟାଦେଶ କରାଯାଇ ସେମାଙ୍କୁ ସନ୍ତୁଷ୍ଟ କରି ୧୦୦୦୦ରୁ ୨୦୦୦୦ ମଧ୍ୟରେ ଟଙ୍କା ଦେଇ ସଭା ନେତ୍ରୀ ସମ୍ପାଦକ ବ୍ୟତୀତ ଅନ୍ୟ ସଭ୍ୟମାନଙ୍କ ଅଜାଣରେ ଟଙ୍କା ଦେଇ ଲକ୍ଷ ଲକ୍ଷ ଟଙ୍କାର ବିଲ କରିନେଇଥିବା ତଦନ୍ତରୁ ଜାଣିପାରିବେ । ତେଣୁ ଏପରି ସନ୍ତୁଷ୍ଟ ଯୋଗୁଁ ପରିଷଦ ବୈଠକ ମଧ୍ୟ ଆଜକୁ କିଛି ମାସ ହେବ ବସିପରୁନାହିଁ କାରଣ ଅସନ୍ତୁଷ୍ଟ କାରଣମାନେ ବୈଠକରେ ଯୋଗଦେବାରୁ ଅନିଚ୍ଛା ପ୍ରକାଶ କରି ଆସୁନଥିବା ସହରବାସୀଙ୍କୁ ଅଛପା ନାହିଁ । ସେପରି ପଂଚାୟତଗୁଡିକର ପ୍ରକଳ୍ପ କଥା ନ କହିବା ଭଲ, କାରଣ ଅଧିକାଂଶ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତ ସଭ୍ୟସଭ୍ୟା ମାନେ ଆଦିବାସୀ ସମ୍ପ୍ରଦାୟର ଏବଂ ମହିଳା ସେମାନଙ୍କ କାର୍ଯ୍ୟ ମାନ ଏବଂ ଦେଖାରେଖା ତାଙ୍କର ଜଣେ ଚତୁର ପ୍ରତିନିଧି କରିଥାନ୍ତି । ତାଙ୍କର ଅଜ୍ଞାତର ସୁଯୋଗ ନେଇ ଏପରି ଚଳାଇଛି କାଗଜ ପତ୍ରରେ ପ୍ରକଳ୍ପ କାମ ଓ ଉନ୍ନୟନ କାମ । ଫଳରେ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି ଆବଦରେ ଚାଲିଛି । ଅବଶ୍ୟ ସମସ୍ତ ପ୍ରକଳ୍ପ ମାନ ହେଉଛି ମାତ୍ର ଜନସାଧାରଣ ଜାଣିଦେବା ଭୟରେ ଫଳକ ଲାଗୁଚି । କିନ୍ତୁ ସୂଚନା ଲେଖା ଯାଉନଥିବା ଆଉ ଏକ କାରଣ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି । ଫଳକରେ ନିୟମ ଅନୁଯାଇ ସୂଚନା ଫଳକ ଲଗାଇବା ଅନିର୍ବାଯ୍ୟ ଅଟେ । ଫଳକରେ ପ୍ରକଳ୍ପ କାର୍ଯ୍ୟର ନାମ, କେଉଁ ବିଭାଗ କରୁଛି, କେତେ ଟଙ୍କା ବ୍ୟୟ ଅଟକଳ ଜରାଯାଉଛି, କାର୍ଯ୍ୟ ଆରମ୍ଭ ଓ କାର୍ଯ୍ୟ ଶେଷ ସମୟ କେଉଁ ଆର୍ଥିକ ବର୍ଷ ବ୍ୟୟ ଅଟକଳ ହୋଇଛି, ପ୍ରକଳ୍ପର କୋର୍ଡ ଠିକାଦାରଙ୍କ ବିବରଣି ଦେବା ନିୟମ ରହିଛି । କିନ୍ତୁ ବ୍ଲକ, ଏନଏସିରେ ଚଳାଇଥିବା ଅଧିକାଂଶ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଥିବା ଫଳକ ମାନଙ୍କରେ ସେ ସମ୍ପର୍କିତ ସୂଚନା ଉଲ୍ଲେଖ କରାଯାଇନାହିଁ । କାର୍ଯ୍ୟାରମ୍ଭ ପୂର୍ବରୁ ଏହା ଲଗାଇବା ବଦଳରେ ଅଞ୍ଚଳରେ ଏହାର ବ୍ୟତିକ୍ରମ ହେଉଛି । ଏତାଦୃଶ୍ୟ କାର୍ଯ୍ୟରେ ସନ୍ଦେହ ଥିବାରୁ କାର୍ଯ୍ୟ କରିଥିବା ସଂସ୍ଥା ଭିଭାଗ କତ୍ତୁର୍ପାକ୍ଷ ଓ ଠିକାଦାରଙ୍କ ବିରୁଧରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ କରିବାରୁ ସୋରଡ଼ା ପ୍ରେସ କ୍ଲବର ଆଡ଼ଭାଇଜର ଆରପାଲି ସାରଥି ଦାବି କରିଛନ୍ତି ।

## ଆର୍ଟ ଅଫ ଲିଭିଂ ପକ୍ଷରୁ ପାରାଦୀପ ବନ୍ଦର କର୍ମଚାରୀଙ୍କ ପାଇଁ ସୁଦର୍ଶନ କ୍ରିୟା ପଦ୍ଧତି ପ୍ରଶିକ୍ଷଣ କର୍ମଶାଳା



ପାରାଦୀପ(ଭାସ୍କର ନ୍ୟୁଜ): ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କରଙ୍କ ଦ ଆର୍ଟ ଅଫ୍ ଲିଭିଂ ଆନୁକୂଲ୍ୟରେ ପାରାଦୀପ ବନ୍ଦର ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତତ୍ତ୍ୱାବଧାନରେ ବନ୍ଦରର କର୍ମଚାରୀମାନଙ୍କ ଶାରୀରିକ ସୁସ୍ଥତା । ଓ ଦୈନନ୍ଦିନ ଜୀବନରେ ବହୁ ପ୍ରକାର ଚିନ୍ତାର ନିରାକରଣ ଏବଂ ଚାପ ପରିଚାଳନା ପାଇଁ ଏକ ତିନିଦିନିଆ କର୍ମଶାଳା ଆୟୋଜନ କରାଯାଇଥିଲା । ଏହି କର୍ମଶାଳାରେ ୧୮୦ଟିରୁ ଊର୍ଦ୍ଧ୍ୱ ଦେଶରେ ଚାଲିଥିବା ଶ୍ରୀଶ୍ରୀଙ୍କ ଦ୍ୱାରା ପ୍ରଣୀତ ପଦ୍ଧତି ଓ ସୁଦର୍ଶନ କ୍ରିୟା ଶିକ୍ଷା ଯାଇଥିଲା । ଏହି କର୍ମଶାଳାକୁ ପରିଚାଳନା କରିଥିଲେ ଆର୍ଟ ଅଫ ଲିଭିଂର ପ୍ରଶିକ୍ଷକ ଦେବ ଜ୍ୟୋତି ଓ ତାଙ୍କୁ ସହଯୋଗ କରିଥିଲେ ଓଡ଼ିଶା ସୁପରିଚିତ ଯୋଗ ଗୁରୁ, ଜ୍ୟୋତିର୍ବିଦ, ପ୍ରବକ୍ତା ତଥା ଆର୍ଟ ଅଫ ଲିଭିଂର ପ୍ରଶିକ୍ଷକ ତାପସ ରଞ୍ଜନ ପତି ।

## ବର୍ଷେ ନ ପୂରୁଣୁ ଭାଙ୍ଗିଲା ଲକ୍ଷ୍ମୀ ବସଷ୍ଟାଣ୍ଡ



ନିଆଳି (ଭାସ୍କର ନ୍ୟୁଜ): ନିଆଳି ଲକ୍ଷ୍ମୀ ବସଷ୍ଟାଣ୍ଡ ପାଖରେ ହୋଇଥିବା ସୌନ୍ଦର୍ଯ୍ୟ କରଣ ଓ ଲଗାଯାଇଥିବା ଗଛ ଉପରେ ବୋଲଡଜର ଚଢାଇ ନଷ୍ଟ କରିଦିଆ ଯାଇଛି । ଏହି ସୌନ୍ଦର୍ଯ୍ୟ କରଣ କୁ ବର୍ଷେ ପୁରିନଥିବା ବେଳେ ଏହାକୁ ନିର୍ମାଣ ନିମନ୍ତେ ରାଜ୍ୟ ରାଜକୋଷ ରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା । ସ୍କୁଲ ପାଚେରୀ ଭାଙ୍ଗି ସହ ଲକ୍ଷ୍ମୀ ବସ ଷ୍ଟାଣ୍ଡ ସୌନ୍ଦର୍ଯ୍ୟ କରଣ ଉପରେ ବୋଲଡଜର ଚଢାଇ ସ୍କୁଲ ପଡିଆ ପାଖରେ ପାର୍କ ନିର୍ମାଣ କରାଯାଉଛି । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସ୍କୁଲ ପାଚେରୀ ଭାଙ୍ଗିବା ଓ ଲକ୍ଷ୍ମୀ ବସ ଷ୍ଟାଣ୍ଡ ଭାଙ୍ଗିବାକୁ କିଏ ଦେଇଥିଲା ଅନୁମତି । ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି ।

# ସର୍ବନିମ୍ନ ୩ ହଜାର ଟଙ୍କା ଭତ୍ତା ବୃଦ୍ଧି ନେଇ ଦାବିପତ୍ର



ପାରାଦୀପ(ଭାସ୍କର ନ୍ୟୁଜ): ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ସର୍ବନିମ୍ନ ଭତ୍ତା ତିନି ହଜାର ଟଙ୍କା ବୃଦ୍ଧି କରିବା ଦାବିରେ 'ଭତ୍ତା ବୃଦ୍ଧି ଅଭିଯାନ' ସଂଗଠନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ରେ ପାରାଦୀପରେ ଏକ ଶୋଭାଯାତ୍ରା ଓ ଗଣଧାରଣା ଆୟୋଜିତ ହୋଇଯାଇଛି । ଏଥିରେ ପାରାଦୀପ ପୌରାଞ୍ଚଳର ବିଭିନ୍ନ ୱାର୍ଡର ସଂଖ୍ୟାଧିକ ହିତାଧିକାରୀ କପିଳମୁନି ଆଶ୍ରମ ଠାରେ ଏକତ୍ରିତ ହୋଇ ଏକ ବିରାଟ ଶୋଭାଯାତ୍ରାରେ ବାହାରି ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ଗଣଧାରଣରେ ବସିଥିଲେ । ଏହାପରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ବୃନ୍ଦାବନ ଦାସ ଆଜାଦ, ରାଜ୍ୟ କାର୍ଯ୍ୟକାରିଣୀ ଓ ଜଗତସିଂହପୁର ଜିଲ୍ଲା ସଂଯୋଜକ ସୁଶାନ୍ତ ଶେଖର ସ୍ୱାଇଁ, ରାଜ୍ୟ ମହିଳା ସଭାନେତ୍ରୀ ପ୍ରେମଲତା ବାରିକ, ପାରାଦୀପ ଶାଖା ସଂଯୋଜକ ରବିନାରାୟଣ କର ଓ ସୁଧାଂଶୁ ବାଇ ପ୍ରମୁଖ ସାମିଲ ହୋଇଥିଲେ ।

# ରମଜାନ ଓ ଇଦ୍ ପାଇଁ କାକଟପୁର ଚଳଚଞ୍ଚଳ



କାକଟପୁର(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲାର ପ୍ରମୁଖ ଅଞ୍ଚଳ ହେଉଛି କାକଟପୁର ଓ ଗତ ମାସେ ଧରି ଚାଲିଥିବା ରମଜାନ ପାଇଁ କାକଟପୁର ବଜାର ଚଳଚଞ୍ଚଳ ହୋଇ ଉଠିଛି । ମେଡିକାଲ ଛକ ଓ ବିଭିନ୍ନ ଦୋକାନରେ ଡ୍ରାଏଫ୍ରୁଟସ ଅତର ଠାରୁ ଆରମ୍ଭ କରି କେଶର , ଲଚ୍ଛା ପ୍ରଭୃତି ଖାଦ୍ୟ ସାମଗ୍ରୀ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଛି । ଲଚ୍ଛା ଓ ବିଭିନ୍ନ କିସମର ଖଜୁରି ବିକ୍ରି ହେଉଛି । ଆରବୀୟ ଦେଶରୁ ଆମଦାନି ଅଜୁଆ ଖଜୁରୀର ଚାହିଦା ମାତ୍ରାଧିକ ରହିଛି । ସେହିପରି ଗୋଲାପ ରୁ ପ୍ରସ୍ତୁତ ରୁହ-ଅଫଜା ସର୍ବତ, ଅଖରୋଟ୍ , ଅଞ୍ଜିର, ଚେରୀ ଆଦି ଡାଏଫ୍ରୁଟ ଓ ସିମେଇ ଭଳି ଖାଦ୍ୟ ସାମଗ୍ରୀ ବିକ୍ରି ହେଉଛି ।ସେହିପରି ଜାନମାଜ୍ ?(ଆସନ) ମିସୱାକ୍(ଦାନ୍ତକାଠି)ର ମଧ୍ୟ ପସରା ଖୋଲିଛି । ଇଦ୍ ପ୍ରସ୍ତୁତି ପାଇଁ ଲୁଗା ଦୋକାନ ଓ ମନୋହରୀ ଦୋକାନରେ ଭିଡ଼ ଜମୁଛି ।ମୁସଲିମ ଯୁବତିମାନେ ଲୁଗା ଦୋକାନରେ ନୂଆ ନୂଆ ଡିଜାଇନର ବୁରକା କିଣିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ।ବ୍ୟୁଟି ପାର୍ଲର ଓ କିଛି ମହିଳା ଆର୍ଟିଷ୍ଟ ବୁଲି ବୁଲି ମେହେନ୍ଦୀ ଲଗାଉଛନ୍ତି । ବଜାରରେ ବୟସ୍କଙ୍କ ପାଇଁ ଚାନ୍ଦ ମାର୍କା ଲୁଙ୍ଗିର ବହୁତ ଚାହିଦା ରହିଛି । ଅନଲାଇନ୍ ସପିଂ ସାଇଟରେ ଇଦ୍ ଧମାକା ଅଫର ସବୁ ମିଳୁଛି । ଗତକାଲି ଗୁରୁବାର ରାତିରୁ ରାତି ତମାମ ଉଜାଗର ରହି ଲୈଲତୁଲ କଦ୍ର ପଢ଼ିବା ପରେ ଅଲବିଦାୟୀ ଜୁମ୍ମା(ରମଜାନର ଶେଷ ଶୁକ୍ରବାର)କୁ ବିଦାୟ ଜଣାଇବା ପାଇଁ ମସଜିଦରେ ବିଶେଷ ସମାଗମ ଓ ଆଲୋଚନାକୁ ନେଇ ସମସ୍ତଙ୍କ ମନରେ ବିଶେଷ ଆଗ୍ରହ ଦେଖା ଦେଇଛି । ଇଦ ଉଲ ଫିତର ପ୍ରସ୍ତୁତି ଓ ସ୍ୱାଗତ ପାଇଁ ଆଖପାଖ ଗ୍ରାମରେ ବିଶେଷ ତୋରଣ ଓ ଆଲୋକ ସଜ୍ଜା ଇଦ୍‌ର ଖୁସିକୁ ଦିଗୁଣିତ କରିଛି ।ରମଜାନ ସରି ସରି ଆସୁଥିବା ବେଳେ ଭାଇଚାରାର ଏହି ଅଞ୍ଚଳରେ ହିନ୍ଦୁ ମୁସଲିମ ମିଶି 'ଇଫତାର ପାର୍ଟି' ବା ଦାୱତେ ଇଫତାରର ଆୟୋଜନ ପରିବେଶକୁ ବେଶ ଆକୃଷ୍ଟ କରିଛି । ଦେଶ ବିଦେଶରେ ରହୁଥିବା ଯୁବକମାନେ ଖୁସିରେ ଇଦ ପାଳନ ପାଇଁ ଘରକୁ ପହଞ୍ଚୁ ଥିବା ବେଳେ ବଜାରରେ ନୂଆ ନୂଆ ବାଇକ୍ କିଣିବାରେ ବିଶେଷ ଆଗ୍ରହ ପ୍ରକାଶ କରିଛନ୍ତି ।

## ଆକ୍ସନ ମୁଡ୍‌ରେ ତହସିଲ୍‌ଦାର, ସରକାରୀ ଜାଗାରୁ ହେଉଛି ଉଚ୍ଛେଦ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ତହସିଲଦାର ଲିଲନ୍ ପ୍ରସାଦ ସାହୁ ଆକ୍ସନ ମୁଡରେ। ନିଆଳି ତହସିଲ ଅଧିନରେ ଜବର ଦଖଲ କରି ଦୀର୍ଘଦିନ ହେବ ମୂଲ୍ୟବାନ ଜମିକୁ ମାଡି ବସି ରଖିଥିବା ଲୋକଙ୍କୁ ଚିହ୍ନଟ କରି ଉଚ୍ଛେଦ କରୁଛନ୍ତି । ଏହି ପରିପ୍ରେକ୍ଷୀରେ କସରଦାରୁ ବୋତାଖାଲ ଛକ, ପହଙ୍ଗା ଛକ, ଜଲ୍ଲାରପୁର ଛକ, କୁଳ ଜଲ୍ଲାରପୁର ଛକ, ଶୋଭନେଶ୍ୱରରୁ ହାଟସାହି, ଏବେ ନିଆଳି ବଜାରର ପଡ଼ିଛି ପାଳି । ସ୍କୁଲ ପାଚେରି ପାର୍ଶ୍ୱରେ ଥିବା ଜବର ଦଖଲକାରୀଙ୍କୁ ହଟେଇବା ପରେ ଏବେ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି ପାର୍ଶ୍ୱରେ ଥିବା ଦୋକାନ ଗୃହ ଆଗରେ ଦୋକାନ ଗୃହକୁ ଉଚ୍ଛେଦ କରିବା ନିମନ୍ତେ ନୋଟିସ ଜାରି ହୋଇଛି । ଆଗକୁ ବହୁ ସରକାରୀ ଜାଗା ଜବରଦଖଲକାରୀକୁ ହଟାଜିବ ବୋଲି ତହସିଲଦାର ଲିଲନ୍ ପ୍ରସାଦ ସାହୁ ସୁଚନା ଦେଇଛନ୍ତି । ନିଆଳି ତହସିଲଦାର ଲିଲନ୍ ପ୍ରସାଦ ସାହୁ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ, ଏଏସଆଇ ରାଜିବ ଲୋଚନ ଦାସ, ଆରଆଇ ଦେବବ୍ରତ ବିଶ୍ୱାଳ, ନିଆଳି ବଜାରରେ ଥିବା ସରକାର ଜାଗା ଚିହ୍ନଟ କରିଛନ୍ତି ।

# କାମରେ ଆସିଲାନି ରାସ୍ତା, ୨ ଲକ୍ଷ ଟଙ୍କା ପାଣିରେ ପଡିଲା




ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ସାଧାରଣରେ କୁହାଯାଏ ସରକାରୀ କା ମାଲ ଦରିଆ ମେଁ ଡାଲ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମ ପଂଚାୟତରେ । ଅସୁରେଶ୍ୱର ଗ୍ରାମପଂଚାୟତ କେନ୍ଦିଲୋ ବାବା ତାରକଚନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଯିବା ଆସିବା ନିମନ୍ତେ କୌଣସି ସରକାରୀ ରାସ୍ତା ନଥିଲା । ବର୍ଷାଦିନେ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ସର୍ବୋପରି ଅଭିଭାବକମାନେ ଗମନା ଗମନ କରିବା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିଲେ । ଏସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା । ଏହି ବିଦ୍ୟାଳୟକୁ ଯିବା ଆସିବା ନିମନ୍ତେ ସରକାରଙ୍କ ତରଫରୁ ୨ଲକ୍ଷ ଟଙ୍କା ରାସ୍ତା ନିର୍ମାଣ ପାଇଁ ମଞ୍ଜୁର କରାଯାଇଥିଲା । ବିଭାଗୀୟ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା । ୧୦୦ମିଟର ରାସ୍ତାରେ ନାମକୁ ମାତ୍ର ମେଂଟାଲ ଓ ମୋରମ ପକାଯାଇଥିଲା । ଏହି ରାସ୍ତାରେ ରୋଲର ଦ୍ୱାରା ରୋଲିଂ କରାଯାଇନଥିଲା । ନିଶ୍ଚିନ୍ତକୋଇଲି ବ୍ଲକ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା । ତେବେ ବିଭାଗୀୟ ଅଧିକାରୀ ମନଇଚ୍ଛା ଏହି ରାସ୍ତା ନିର୍ମାଣ କରିଥିବାର ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣ ଅଟକଳ ଅନୁଯାଇ କରାଯାଇନଥିଲା ବେଳେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଂଚକତା କରାଯାଇଥିବାର ଅଭିଯୋଗ ହୋଇଛି । ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାର ଅଭିଯୋଗ ହୋଇଛି । ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଏହି ରାସ୍ତାରେ ଯାନ ବାହାନ ଗମନା ଗମନ କରିବା ତ ଦୂରର କଥା ଏପରିକି ଖାଲି ପାଦରେ ଚାଲିକି ଯିବା କାଠିକର ପାଠ ଅଟେ । ତେବେ ଏହି ରାସ୍ତା ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାରୁ ମେଂଟାଲ ଓ ଗୋଡି ବାହାରିଯାଇ ରାସ୍ତା ସାରା ବିକ୍ଷିପ୍ତ ହୋଇ ପଡିଥିବାର ଅଭିଯୋଗ ହୋଇଛି । ଫଳରେ ଏହି ରାସ୍ତାଦେଇ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ ଓ ଅଭିଭାବକମାନେ ଯାଇଆସି ପାରୁନଥିବାର ଅଭିଯୋଗ ହୋଇଛି । ଏହାର ତଦନ୍ତ ଦାବି ହୋଇଛି ।

MANAPPURAM FINANCE LTD.
CIN : L65910KL1992PLC006623
Registered Office: W - 4/ 638A, Manappuram House, P.O. Valapad, Thrissur - 680 567, Kerala, India

ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 16.04.2025 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବଳିଦାର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ ।

ବନ୍ଧକ ସୂଚୀ :

ଅନୁଗୁଳ, ଆଠମଲିକ, 138810700007626, 138810730008320, ବଥଁରପାଳ, 136160700020495, ବାଇ ପାସ୍ ଛକ, ତାଳଚେର, 133420730033549, 3660, 3689, 133420750000224, ସଙ୍କର ସିନେମା ରୋଡ୍, 110850700061082, 1124, 1136, 1176, 1190, 1229, ବଲାଙ୍ଗିର , ବଲାଙ୍ଗୀର, ଓଡ଼ିଶା, 127480730019221, ପଟ୍ନାଗଡ଼, 138760730053336, ଟିଟ୍‌ଲାଗଡ଼, 137970730021985, ବାଲେଶ୍ୱର, ଏଫ୍.ଏମ୍. କଲେଜ୍ ରୋଡ୍, ବାଲେଶ୍ୱର, 132010700037448, 7451, 7511, 132010730030219, 132010750000124, ଜଳେଶ୍ୱର, 134990700035841, 134990730047063, 7143, 7332, 7393, 134990780000235, ଜାନୁଗଞ୍ଜ, ଓଡ଼ିଶା, 133310700024495, 133310730033169, ମୋତିଗଞ୍ଜ ବଜାର, ବାଲେଶ୍ୱର, 134530700031390, 1440, 134530730028348, 134530750000221, ନୀଳଗିରି ସନତ, ଓଡ଼ିଶା, 126810700051679, 1680, 126810730047816, 7818, ପୋଲିସ୍ ଲାଇନ୍ ଛକ, 112340700074820, 4870, 4879, 4926, 4968, ସୋରୋ ଷ୍ଟେସନ୍ ରୋଡ୍, 137580730030758, 137580750000113, ବରଗଡ଼, ବରଗଡ଼, ଅତାବିରା, 139130700007180, ଭାଟଲି ଛକ, ବରଗଡ଼, ଓଡ଼ିଶା, 133440700046099, 6113, 6150, 6184, 6218, 6228, 133440750000196, 0230, ଭଦ୍ରକ, ଅଗରପଡ଼ା, ଭଦ୍ରକ, 139330700007629, 139330730029634, 9647, ବାସୁଦେବପୁର, 137600730048961, ଚାନ୍ଦବାଲି, ଭଦ୍ରକ, 139320700007426, 139320780000292, ଚରମ୍ପା, ଭଦ୍ରକ ଟାଉନ୍, 134600700043384, 134600750000266, ଧାମନଗର, 137440700010701, 137440730036010, କଚେରୀ ବଜାର, 111990700098536, 8630, 8673, 111990730076637, 6811, 111990750000245, 0276, କଟକ, ବକ୍ସିବାଟି ରୋଡ୍, 109360700054696, 4788, ବାଙ୍କି, 137530750000126, ଚଣ୍ଡି ମନ୍ଦିର, ଓଡ଼ିଶା, 119790700046249, ଚୌଦ୍ୱାର, କଟକ, 121520700055361, କେନ୍ଦ୍ରାପଡ଼ା, 114570700056363, 6386, 6417, ଲକ୍ଷ୍ମୀସାଗର ଛକ, ଭୁବନେଶ୍ୱର, 120460700048916, 8941, 8959, 120460730073366, 120460780001445, ମହାନଦୀ ବିହାର, 131580700026140, 131580730038512, ନୟାବଜାର, କଟକ, 118530700040175, 0225, ନିଆଳୀ, 135000700049003, 9026, 9058, 9099, 9142, 9160, 9183, 9187, ନୂଆପାଟଣା, 113820700032273, ସାଲେପୁର, 115650700051465, 1466, ଢେଙ୍କାନାଳ, କାମାକ୍ଷା ନଗର, 138910700007387, କାଞ୍ଚନ ବଜାର, 116110700047372, 7417, 7425, 7438, 7450, 116110730083812, 116110750000136, ଗଞ୍ଜାମ, ଆସ୍କା ରୋଡ୍, 110540700050901, 0908, 0936, 0975, 0983, ବ୍ରହ୍ମପୁର 1, 108500700049019, 108500730059240, ବ୍ରହ୍ମପୁର ପୁରୁଣା ବସ୍ ଷ୍ଟାଣ୍ଡ, 109090700048290, 8406, 109090730075601, 109090750000480, ବିଗ୍ ବଜାର, 108910700042648, ଛତ୍ରପୁର, ଓଡ଼ିଶା, 128060700047821, 7871, 7887, ଗୋସାଣିଗାଁ, ଓଡ଼ିଶା, 129230700047046, 7120, ଜଗତସିଂହପୁର, ଦୁର୍ଗା ବଜାର, 111100700095812, 5821, 111100730114786, 4929, ଜଗମରା, ଓଡ଼ିଶା, 133300700040161, 0173, 0196, 0286, 133300730043288, 133300750000212, ଜଗତସିଂହପୁର ବସ୍ ଷ୍ଟାଣ୍ଡ, 138530700006293, 6455, ଜଗତସିଂହପୁର, ଓଡ଼ିଶା, 126530700047911, 126530730050009, 0071, 126530750000230, ମଣିଜଙ୍ଗା, ପାରାଦୀପ, 139120700005703, ପାରାଦୀପ, 137120700008750, ଯାଜପୁର, ଚଣ୍ଡିଖୋଲ, ଓଡ଼ିଶା, 116880700049769, 9772, 9828, ଢୁବୁରୀ, ବ୍ୟାସନଗର, 139340700003833, ଯାଜପୁର ରୋଡ୍, 115520700071839, 1853, 1867, 1874, 1950, 1984, 2000, 115520730124410, 4497, 4561, 4675, 115520750000403, ଯାଜପୁର ଟାଉନ୍, ଓଡ଼ିଶା, 119780700058299, 8328, 8352, ଯାଜପୁର, ହରିପୁର, 138580700005482, 5726, 5728, 5735, 5739, 5750, 5755, 5783, 5784, ଝାରସୁଗୁଡ଼ା, ବ୍ରଜରାଜନଗର, 137150700019434, 9485, ଝାରସୁଗୁଡ଼ା, 119440700089015, 9127, 9172, 119440730065165, 119440750000379, କେନ୍ଦ୍ରାପଡ଼ା, କାକଟ ଛକ, କେନ୍ଦ୍ରାପଡ଼ା, 127860730085650, କେଶପୁର ବଜାର, କେନ୍ଦ୍ରାପଡ଼ା, 138450700005164, 5185, 5197, ପଟ୍ଟାମୁଣ୍ଡାଇ, ଓଡ଼ିଶା, 128180700048532, କେନ୍ଦୁଝର, ଆନନ୍ଦପୁର, 138250700006956, 6960, 6965, 6982, 6985, 138250730049225, ବରବିଲ, 138410700005352, ଯୋଡ଼ା (ଜୋଡ଼ା), 138380700006239, 6242, 6243, 6245, 138380730012475, କେନ୍ଦୁଝର, 137430730046480, 6738, 137430780000239, ଖୋର୍ଦ୍ଧା, ଅଶୋକ ନଗର, ଓଡ଼ିଶା, 112130700035693, 112130730037454, 7880, ବାଲୁଗାଁ, ଓଡ଼ିଶା, 126000700056140, ବାଣପୁର, 138210730063507, ବାପୁଜୀ ନଗର ଭୁବନେଶ୍ୱର, 127030730075037, 5071, 5072, 127030750000109, 0151, ଜଟଣୀ, ଖୋର୍ଦ୍ଧା, 118650700071674, 1687, 118650750000164, ଖଣ୍ଡଗିରି ଛକ, ଓଡ଼ିଶା, 128380700061534, 1537, 1542, 1606, 1659, 1692, 1728, 1730, 1740, 128380780001654, ଖୋର୍ଦ୍ଧା, 111850730107711, 7712, 7718, 7877, 111850780002372, 2400, ଖୋର୍ଦ୍ଧା ମେନ୍ ରୋଡ୍, 138090700007357, 138090730062662, ନୟାପଲ୍ଲୀ, 111050700088987, 111050730114194, 4201, 4231, 4265, 4306, 4332, 4462, 4529, ପଟିଆ, ଭୁବନେଶ୍ୱର, 138540700006429, ରସୁଲଗଡ଼ ଛକ, ଭୁବନେଶ୍ୱର, 119030700050311, 119030730124236, 119030750000283, 0288, ସହୀଦ ନଗର, 111430700065168, 5180, 5193, 5212, 111430730076693, 6787, 6788, 111430750000269, 111430780000271, କୋରାପୁଟ, କୋରାପୁଟ, 139070700007329, 7380, ମୟୂରଭଞ୍ଜ, ଜଶିପୁର, 139220700004384, 4406, 4418, କରଞ୍ଜିଆ, 138180700007458, 7468, କେସି ସର୍କଲ୍, 111710700036231, 8232, ଷ୍ଟେଶନ୍ ରୋଡ୍ ବାରିପଦା, 135290700027405, 7447, 7451, 7459, 7465, 7476, 7490, 135290730041795, ଉଦଳା, 137550700006933, 7622, 9377, 137550730019301, 9434, ନୟାଗଡ଼, ପିଡବଲ୍ଲିଡି ରୋଡ୍, ନୟାଗଡ଼, 128560700038693, 8707, 128560750000164, ରାଣପୁରଗଡ଼ା, 139000730055121, ଫୁଲବାଣି, ଫୁଲବାଣି, 137890700007220, 137890730014612, 4681, ପୁରୀ, ଡେଲାଙ୍ଗ, 137720700014122, 137720750000210, ଜଟଣୀ ରୋଡ୍, ପିପିଲି, 137420700010836, 0839, 0852, 137420750000139, ନିମାପଡ଼ା, 137570700008403, 8410, 8422, ନିମାପଡ଼ା, ପୁରୀ, 129180700078271, 8294, 8422, 8432, 129180730101082, 1321, 1414, 129180750000321, ପିପିଲି, ଓଡ଼ିଶା, 121150730057610, ପୁରୀ, ଅଠରନଳା, 137950700009346, 9371, 9377, 137950780000110, ପୁରୀ, ଓଡ଼ିଶା, 115180700073914, 4074, 115180730113299, 3593, ରାୟଗଡ଼ା, ନାଲ୍‌କୋ ଛକ, ଅନୁଗୁଳ, 139310730012901, ଷ୍ଟେଶନ୍ ରୋଡ୍, ଗୁଣୁପୁର, 138900700005204, 5230, 5237, 138900730008368, 138900750000231, ସମ୍ବଲପୁର, ଅଇଁଠାପଲ୍ଲୀ, ସମ୍ବଲପୁର, 129150700044430, 129150780000236, ଧନୁପାଲି, ସମ୍ବଲପୁର, 128210700046032, 6112, ସୁନ୍ଦର ଗଡ , ଫର୍ଟିଲାଇଜର୍ ଟାଉନ୍ ରାଉରକେଲା, 138260700010351, 0424, 138260730011213, 138260750000207, କୋୟେଲ୍ ନଗର୍, ଓଡ଼ିଶା, 123590700065353, 5401, 5489, 123590730049383, 9427, 123590750000304, 0349, ରାଉରକେଲା, ଓଡ଼ିଶା, 122490700078682, 8695, 8778, 122490730042595, 122490750000227, ଭେଦବ୍ୟାସ, ରାଉରକେଲା, 139460730006607,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 8089292353 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ମଣପ୍ପୁରମ୍ ଫାଇନାନ୍ସ ଲିମିଟେଡ ଉଦ୍ଦେଶ୍ୟରେ



କଟକ(ଭାସ୍କର ନ୍ୟୁଜ୍): ନୟାଗଡ ଜିଲ୍ଲା ଜଙ୍ଗଲ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଜଙ୍ଗଲ ଜମି ହଡପ କରିଥିବା ନେଇ ହାଇକୋର୍ଟରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ରୁଜୁ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଆସନ୍ତା ମାସ ୯ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନୟାଗଡ ଜିଲ୍ଲା ଜଙ୍ଗଲ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଜଙ୍ଗଲ ଜମି ହଡପ କରିଥିବା ନେଇ ହାଇକୋର୍ଟରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି । ଆବେଦନକାରୀଙ୍କ ପକ୍ଷରୁ ଉକ୍ତ ସରକାରୀ ଅଧିକାରୀଙ୍କ ବେଆଇନ କାର୍ଯ୍ୟ ସମ୍ପର୍କରେ ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଇବାକୁ ପ୍ରାର୍ଥନା କରାଯାଇଛି । ଶ୍ରୀମତୀ ଷଡ଼ଙ୍ଗୀଙ୍କ ସ୍ୱାମୀ ବେନିୟମ ଭାବେ ନିଜ ଇଚ୍ଛା ମୁତାବକ ଜଙ୍ଗଲ ଦୁଇ କିସମ ଜମିରେ ବାସ ଗୃହ ନିର୍ମାଣ କରିଛନ୍ତି ବୋଲି ରୁଜୁ ମାମଲାରେ ଦର୍ଶାଯାଇଛି । ଉକ୍ତ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ, ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରାର୍ଥନା କରାଯାଇଛି । ଆବେଦନକାରୀ ଭାରତୀୟ ବିକାଶ ପରିଷଦ ସଂଗଠନ ପକ୍ଷରୁ ଏହି ମାମଲାରେ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ଓଡିଶା, ଚ଼ିଫ କଞ୍ଜରଭେଟର ଓଡିଶା, ରାଜ୍ୟ ଭିଜିଲାନସ୍ ନିର୍ଦ୍ଦେଶକ, ନୟାଗଡ ଜିଲ୍ଲାପାଳ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି ।

### ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ‘ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର’




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର । ବିଜ୍ଞାନର ଉପଯୋଗ ସାଧାରଣ ଜନତାଙ୍କ ସୁବିଧା ସୁଯୋଗକୁ ଆଖି ଆଗରେ ରଖି ସ୍ଥାୟୀ ପରିବର୍ତ୍ତନ ଆଣିବାରେ ନିୟୋଜିତ ହେବା ଉଚିତ । ଏଥିପାଇଁ ତୃଣମୂଳ ସ୍ତରରେ ଗବେଷଣା ହେବା ସହିତ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣି ଅର୍ଥନୈତିକ ଓ ପ୍ରଗତିର ଶୀର୍ଷ ସ୍ଥାନରେ ଆମ ରାଜ୍ୟକୁ ପହଞ୍ଚାଇବା ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନ କନଭେନସନ ସେଂଟର ଠାରେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଆୟୋଜିତ ‘ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ-୨୦୨୩’ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆମକୁ ଅନ୍ତର୍ଜାତୀୟ ସ୍ତରରେ ଆଗକୁ ବଢିବାକୁ ହେଲେ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନକୁ ବ୍ୟବହାର କରି ମାନବ ସମାଜର ବିକାଶ ପାଇଁ ଦୀର୍ଘସ୍ଥାୟୀ ଯୋଜନା କରିବାକୁ ପଡ଼ିବ । ବିଜ୍ଞାନ ଏବଂ କାରିଗରୀର ଉନ୍ନତି ସହିତ ଆମକୁ କୃଷି, ସ୍ୱାସ୍ଥ୍ୟ, ଶକ୍ତି, ଶିକ୍ଷା ଓ ପରିବେଶ ବିଷୟରେ ଉନ୍ନତ ଜ୍ଞାନ କୌଶଳ ତଥା ଯନ୍ତ୍ରପାତି ଉଦ୍ଭାବନ ଉପରେ ମନୋନିବେଶ କରି ବିକାଶର ଗତିକୁ ଆହୁରି କ୍ରିୟାଶୀଳ କରିବାକୁ ପଡ଼ିବ । ଆଉ ଏଥିପାଇଁ ବୈଜ୍ଞାନିକଙ୍କ ପ୍ରଚେଷ୍ଟା ହିଁ ଆମକୁ ସଫଳ କରାଇବ । ବର୍ତ୍ତମାନ ସମୟରେ ବୈଜ୍ଞାନିକ ଗବେଷଣା ଏକ ନୂତନ ଦିଗ୍‌ଦର୍ଶନ ଯୋଗାଇପାରିଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଜିର ସମୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସ୍ତରକୁ ଆହୁରି ଉନ୍ନତ କରି ପାରିଛି । ଭାରତୀୟ ବିଜ୍ଞାନ ମଧ୍ୟ ଆଜି ବିଶ୍ୱ ସ୍ତରରେ ଖୁବ ନାଁ କରିଛି । ଆମ ରାଜ୍ୟରେ ମଧ୍ୟ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳର ଅଭିବୃଦ୍ଧି ଏବଂ ଉନ୍ନତି ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ଆମର ଡିପ୍ ଟେକ୍ ଏବଂ ଫ୍ରଂଟିୟର ଟେକ୍ନୋଲୋଜି ପ୍ରୟାସର ଏକ ଅଂଶ ଭାବରେ, ଆମେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ବ୍ଲକ ଚେନ୍, ରୋବୋଟିକ୍ସ ଏବଂ କ୍ୱାଂଟମ୍ କମ୍ପ୍ୟୁଟିଂ ଭଳି ଅଭିନବ ପ୍ରୟାସ ଉପରେ ବିଶେଷ ଧ୍ୟାନ ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜ୍ଞାନ ଓ କାରିଗରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ, ଦିନକୁ ଦିନ ବିଜ୍ଞାନ ପ୍ରତି ଲୋକଙ୍କ ଆଗ୍ରହ ବଢ଼ି ଚାଲିଛି କାରଣ ଆଜି ଆମମାନଙ୍କର ଜୀବନଶୈଳୀ, ବିଜ୍ଞାନ ଉପରେ ଅନେକ ମାତ୍ରାରେ ନିର୍ଭରଶୀଳ ହୋଇଅଛି । ଏଣୁ ଯିଏ ବିଜ୍ଞାନରେ ଶକ୍ତିଶାଳୀ ହେବ, ପ୍ରକୃତରେ ସେ ଶକ୍ତିଶାଳୀ । ଇତ୍ୟବସରରେ, ମୁଖ୍ୟମନ୍ତ୍ରୀ ପ୍ରଫେସର ରାଜ କିଶୋର ପରମଗୁରୁ, ଡ଼କ୍ଟର ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରଫେସର କୃଷ୍ଣ ଚନ୍ଦ୍ର ମହାନ୍ତି, ଡକ୍ଟର ରଘୁପତ୍ନି ଭୀମା ରାଓ, ପ୍ରଫେସର ମଳୟ କୁମାର ମିଶ୍ର ପ୍ରମୁଖଙ୍କୁ ବରିଷ୍ଠ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରିଥିବା ବେଳେ, ପ୍ରଫେସର କ୍ଷୀରୋଦ କୁମାର ଜେନାଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଭାବରେ ରବୀନ୍ଦ୍ରନାଥ ମାଝୀ ଓ ତୁଳସୀ ସ୍ୱାଇଁଙ୍କୁ ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପୁରସ୍କାର ଦିଆଯାଇଥିବା ବେଳେ ଡକ୍ଟର ସଙ୍ଘମିତ୍ରା ସାମନ୍ତରାୟ, ଡକ୍ଟର ବେଦାଙ୍ଗଦାସ ମହାନ୍ତି, ପ୍ରଫେସର ସୁବ୍ରତ କୁମାର ପଣ୍ଡା, ପ୍ରଫେସର ପିନାକି ଦତ୍ତଙ୍କୁ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର ଓ ଯୁବ ବୈଜ୍ଞାନିକ ପୁରସ୍କାରରେ ଡକ୍ଟର ସରିତ ଶେଖର ପଟ୍ଟନାୟକ, ଡକ୍ଟର ଅପ୍ରମିତା ଚାନ୍ଦ, ଡକ୍ଟର ରାଜେଶ କୁମାର ପୃଷ୍ଟି ଓ ଡକ୍ଟର ସଞ୍ଜୟ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ପ୍ରମୁଖ ଶାସନ ସଚିବ, ଚିତ୍ରା ଆରୁମୁଗମ ଯୋଗଦେଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ, ପ୍ରଫେସର ଆଶିଷ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ ।



ରାଜଭବନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଜାମ୍ମୁ-କାଶ୍ମୀରର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା ।

## ଡ. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଡା. ରମନ ସିଂହ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଛତିଶଗଡର ପୂର୍ବ ମୁଖ୍ୟମନ୍ତ୍ରୀ ଏବଂ ବର୍ତ୍ତମାନରେ ଛତିସଗଡ ବିଧାନସଭାର ବାଚସ୍ପତି ଡା. ରମନ ସିଂହ ଶୁକ୍ରବାର ଭୁବନେଶ୍ୱରରେ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ବାସଭବନକୁ ଆସି ତାଙ୍କର ସ୍ୱର୍ଗୀୟ ପିତା, ପୂର୍ବ କେନ୍ଦ୍ରୀୟ ମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କର ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ଡା. ରମନ ସିଂହ, ଦିବଙ୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି, କହିଛନ୍ତି ଯେ, ଡା. ଦେବେନ୍ଦ୍ର ପ୍ରଧାନଙ୍କର ସମ୍ପୂର୍ଣ୍ଣ ଜୀବନ ସମାଜ ଓ ରାଷ୍ଟ୍ରର ସେବା ପାଇଁ ସମର୍ପିତ ଥିଲା । ତାଙ୍କର ଚିନ୍ତାଧାରା, କର୍ତ୍ତବ୍ୟବୋଧ ଓ ଜନସେବାର ଆଦର୍ଶ ଆଗାମୀ ପିଢ଼ିଙ୍କ ପାଇଁ ଅବିସ୍ମରଣୀୟ ପ୍ରେରଣା ହିସାବରେ ରହିବ । ଡ. ସିଂହ ଦେବେନ୍ଦ୍ର ପ୍ରଧାନଙ୍କ ଦେହାନ୍ତ ପରେ ଶୋକସନ୍ତପ୍ତ ପରିବାରକୁ ଏହି କଷ୍ଟ ସମୟରେ ଧୈର୍ଯ୍ୟ ପ୍ରଦାନ କରିବାକୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

## କଟକ ଜିଲ୍ଲା ପରାମର୍ଶାତ୍ମକ ସମିତି ବୈଠକ

କଟକ(ଭାସ୍କର ନ୍ୟୁଜ୍): ଶୁକ୍ରବାର ଦିନ କଟକ ଜିଲ୍ଲା ପରାମର୍ଶାତ୍ମକ ସମିତି ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉ ସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସରକାରୀ ପ୍ରଯୋଜନାମାନଙ୍କର କ୍ରିୟାନ୍ୱୟନ ଓ ପ୍ରାଥମିକତା ଖାତିରରେ ବ୍ୟାଙ୍କମାନଙ୍କର କାର୍ଯ୍ୟଦକ୍ଷତା ବିଷୟରେ ଆଲୋକପାତ କରି ଜିଲ୍ଲାପାଳ ଏହି ବୈଠକରେ ସମସ୍ତ ବ୍ୟାଙ୍କର କାର୍ଯ୍ୟଦକ୍ଷତା ସମୀକ୍ଷା କରିଥିଲେ । ଏଥିସହିତ ଅଧିକ ଋଣ ବିତରଣ ଓ ଉତ୍ପାଦନାତ୍ମକ ଶ୍ରେଣୀରେ ଉଡ ଅନୁପାତ ବୃଦ୍ଧି କରିବାରେ ଗୁରୁତ୍ୱ ଦେଇଥିଲେ । ଲିଡ୍ ବ୍ୟାଙ୍କ ମ୍ୟାନେଜର ରମଣି ରନ ମଲ୍ଲିକ ଯୋଗଦେଇ ପରାମର୍ଶାତ୍ମକ ସମିତି ବୈଠକ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ପ୍ରାଥମିକତା ଖାତିର ଲକ୍ଷ୍ୟର ୯୩% ସାଧନ କରାଯାଇଥିବା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ନିମ୍ନଲିଖିତ ସରକାରୀ ଯୋଜନାଗୁଡିକରେ ଋଣ ବିତରଣ ବୃଦ୍ଧି କରିବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।

## ହୃଦୟ-ଫୁସ୍‌ଫୁସୀୟ ପୁନର୍ଜୀବନ ପ୍ରଶିକ୍ଷଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶୁକ୍ରବାର ଭୁବନେଶ୍ୱର ଶ୍ରୀସତ୍ୟସାଇ ମହିଳା ମହାବିଦ୍ୟାଳୟ ପକ୍ଷରୁ ଯୁବ ରେଡ଼କ୍ରସ, ଓଡ଼ିଶା ରାଜ୍ୟ ଶାଖା ଦ୍ୱାରା ପ୍ରାୟୋଜିତ ହୃଦୟ, ଫୁସ୍‌ଫୁସୀୟ ପୁନର୍ଜୀବନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ (ସିପିଆର୍)ଟି ସାଇ ସମୁଦାୟିକ କେନ୍ଦ୍ର, ସାଇଜନନୀ, ଖାରବେଳ ନଗର, ୟୁନିଟ-୩ ରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ ଦେବଯାନୀ ସିଂ ସ୍ୱାଗତ ସମ୍ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ରାଜ୍ୟ ସଭାପତି ଡ଼ଃ ସତ୍ୟ ସ୍ୱରୂପ ପଟ୍ଟନାୟକ ଉଦ୍ଘାଟନୀ ଭାଷଣରେ ସ୍ୱାସ୍ଥ୍ୟ ଏବଂ ବିଜ୍ଞାନର ଉପାଦେୟତା ସମ୍ପର୍କରେ ଅଲୋକପାତ କରିଥିଲେ । ଆଇଏଏସ୍ ଅଧିକାରୀ, ଆଇଆର୍‌ସିଏସ୍, ଓଏସ୍‌ବି ତଥା କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଗଣେଶଚନ୍ଦ୍ର ପାତ୍ର ଯୋଗଦେଇ କାର୍ଡ଼ିଓ ପଲ୍ମୋନାରୀ ରସୁସିଟେସନ ସମ୍ବନ୍ଧରେ ଅଲୋଚନା ସହ ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟକୁ ଅବଗତ କରାଇଥିଲେ । ଓଡ଼ିଶା ରାଜ୍ୟ ଶାଖାର ଯୁବ ରେଡ଼କ୍ରସ ଅଧିକାରୀ ଡ଼ଃ ରମେଶଚନ୍ଦ୍ର ବେହେରା ପ୍ରେରଣାପ୍ରଦ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ଜିଲ୍ଲା ସଭାପତି ପ୍ରତାପଚନ୍ଦ୍ର ପଣ୍ଡା ସିପିଆର୍ ପ୍ରଶିକ୍ଷଣରେ ଲୋକଙ୍କ ଜୀବନ ରକ୍ଷା ନିମନ୍ତେ ବିବିଧ ରଣନୀତି, ସାଧାରଣ ଆପାତକାଳୀନ ଜୀବନ ସୁରକ୍ଷା କୌଶଳ, ପୁନଃଜୀବନ ପ୍ରୟାସରେ ସଙ୍ଗଠନର ସମନ୍ୱୟ ଶୃଙ୍ଖଳା ଉପରେ ବାର୍ତ୍ତା ପ୍ରଦାନ କରିଥିଲେ ।

## ବାଣୀବିହାର ଓଭରବ୍ରିଜ୍‌ରେ ଦୁର୍ଘଟଣା, ଅଳ୍ପକେ ବର୍ତ୍ତିଲେ କାର ଡ୍ରାଇଭର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶୁକ୍ରବାର ରାତିରେ ବାଣୀବିହାର ଓଭରବ୍ରିଜ୍‌ରେ ଏକ ଦୁର୍ଘଟଣା ଘଟିଛି । ଏକ ଟ୍ରକ୍‌କୁ ଓଭରଟେକ୍ କରିବାକୁ ଯାଇ ଏକ କାର ପଛରୁ ପିଟିବାରୁ କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ତେବେ ସେଫ୍ଟି ବେଲୁନ୍ ବାହାରି ପଡ଼ିବାରୁ ଡ୍ରାଇଭର ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ଡକ୍ଟର ହିମନ୍ତ ବିଶ୍ୱଶର୍ମା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବାଚସ୍ପତି ସୁରମା ପାଢ଼ୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଛତିଶଗଡ଼ ବାଚସ୍ପତି ଡକ୍ଟର ରମଣ ସିଂ ।

## କୃଷି ବିଦ୍ୟାନିଧି ଯୋଜନାରେ ୫୩.୫୭ କୋଟି ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ

### ଚଳିତବର୍ଷ ୧୩୯୨୩ ଛାତ୍ରଛାତ୍ରୀ ଉପକୃତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ସିଏମ କିସାନ ଯୋଜନା ଅଧୀନରେ ରାଜ୍ୟର ଚାଷୀ ମାନଙ୍କୁ ସଶକ୍ତ କରିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛିଏବଂ ସେମାନଙ୍କ ପୁଅ ଝିଅଙ୍କ ଉଚ୍ଚଶିକ୍ଷା ପାଇଁ ମଧ୍ୟ ସରକାର ଅତ୍ୟନ୍ତ କଲ୍ୟାଣକାରୀ ‘କୃଷି ବିଦ୍ୟା ନିଧି’ ଯୋଜନା ପ୍ରଣୟନ କରିଛନ୍ତି । ଯୋଜନା ଅନ୍ତର୍ଗତ ବୈଷୟିକ ଓ ବୃତ୍ତିଗତ ବିଷୟରେ ଉଚ୍ଚଶିକ୍ଷା ପାଇଁ ସିଏମ୍ କିସାନ ହିତାଧିକାରୀ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ ଭାଇଙ୍କ ପୁଅଝିଅଙ୍କୁ ବାର୍ଷିକ ଟ୍ୟୁସନ ଫିସ୍ ବା ପଢା ଖର୍ଚ୍ଚ ଓଡ଼ିଶା ସରକାରଙ୍କ କୃଷି ବିଭାଗ ତରଫରୁ ଯୋଗାଇ ଦିଆଯାଉଛି । କେବଳ ପଢାଖର୍ଚ୍ଚ ନୁହେଁ ହଷ୍ଟେଲ ଖର୍ଚ୍ଚ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ଯୋଜନା ଅନୁଯାୟୀ ସରକାରୀ, ବେସରକାରୀ ତଥା ଜାତୀୟସ୍ତରର ଶିକ୍ଷାନୁଷ୍ଠାନ ମାନଙ୍କରେ ଡାକ୍ତରୀ, ଇଞ୍ଜିନିୟରିଂ, ନର୍ସିଂ, ଡିପ୍ଲୋମା ଇଞ୍ଜିନିୟରିଂ, ବିବିଏ, ବିସିଏ ଭଳି ବୃତ୍ତିଗତ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ସରକାରୀ ଅନୁଷ୍ଠାନ ପାଇଁ ପ୍ରକୃତ ଫିସ୍‌କୁ ଛାତ୍ରବୃତ୍ତି ଆକାରରେ ଦିଆଯାଉଥିବା ବେଳେ ଘରୋଇ ଶିକ୍ଷାନୁଷ୍ଠାନ ପିନ ସର୍ବାଧିକ ବାର୍ଷିକ ରାଶି ସ୍ଥିର କରାଯାଇଛି ଯେପରିକି, ବି ଟେକ୍ ଇଞ୍ଜିନିୟରିଂ ପାଇଁ ବାର୍ଷିକ ୬୦ ହଜାର, ଏମ୍ ଟେକ୍ ଇଞ୍ଜିନିୟରିଂ ପାଇଁ ବାର୍ଷିକ ୬୬ ହଜାର, ଏମବିଏ ପାଠ୍ୟକ୍ରମ ପାଇଁ ୬୫ ହଜାର, ୪ରୁ ୫ ବର୍ଷିଆ ଡାକ୍ତରୀ ଶିକ୍ଷା ନିମନ୍ତେ ବାର୍ଷିକ ୩୭,୯୫୦ ଟଙ୍କା ସ୍କଲାରସିପ୍, ୪ବର୍ଷିଆ ବି ଫାର୍ମ ନିମନ୍ତେ ବାର୍ଷିକ ୩୫ ହଜାର, ନର୍ସିଂଶିକ୍ଷା ପାଇଁ ୧୯ ହଜାର ୪୫୦ ଟଙ୍କା, ଦୁଇବର୍ଷିଆ ଡାକ୍ତରୀ ଶିକ୍ଷାରେ ସ୍ନାତକ ପାଇଁ ବାର୍ଷିକ ୫୮ ହଜାର, ଆର୍କିଟେକ୍ଟ ପାଠ୍ୟକ୍ରମ ପାଇଁ ୬୦ ହଜାର ଟଙ୍କା ଇତ୍ୟାଦି ପ୍ରଦାନ କରାଯାଉଛି । ପାଠ୍ୟକ୍ରମ ଶେଷ ପର୍ଯ୍ୟନ୍ତ ଜଣେ ଶିକ୍ଷାର୍ଥୀ ଏହାର ସୁବିଧା ପାଉଛନ୍ତି । ଚଳିତବର୍ଷ କୃଷି ବିଦ୍ୟାନିଧି ଯୋଜନାରେ ସମୁଦାୟ ୧୩୯୨୩ ଛାତ୍ରଛାତ୍ରୀ ଉପକୃତ ହୋଇଥିବା ବେଳେ ୫୯୨ ମେଡିକାଲ, ୪୫୯୨ ଇଞ୍ଜିନିୟରିଂ, ୪୫୭୪ ପଲିଟେକନିକ, ୧୪୧୭ ନର୍ସିଂ, ୫୧୦ ଏମସିଏ, ୧୭୪ କୃଷି ଓ ଆନୁସଙ୍ଗିକ ଶିକ୍ଷାର୍ଥୀ ସାମିଲ୍ ଅଛନ୍ତି । ୫୫ ଏନଆଇଟି ଓ ଆଇଆଇଏମ୍ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଟନ୍ତି । ଏଥିନିମନ୍ତେ ରାଜ୍ୟ ସରକାର ଚଳିତ ବର୍ଷ ୫୩,୫୭,୯୪,୪୦୫ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି ।

## ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟ ହାସଲ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକ ଉଲ୍ଲେଖନୀୟ ସଫଳତାରେ, ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ଶେଷ ହେବାର ୧୦ ଦିନ ପୂର୍ବରୁ ୨୫୦ କୋଟି ଟଙ୍କାର ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟକୁ ସଫଳତାର ସହ ଅତିକ୍ରମ କରିଛି । ରେଳବାଇ ବୋର୍ଡ ଦ୍ୱାରା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨୫୦ କୋଟି ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟକୁ ୨୧ ମାର୍ଚ୍ଚ, ୨୦୨୫ ରେ ହାସଲ କରାଯାଇଥିଲା । ଏହି ତାରିଖ ସୁଦ୍ଧା, ପୂର୍ବତଟ ରେଳପଥ ମୋଟ ୨୬୫.୬୨ କୋଟି ଟଙ୍କାର ସ୍କ୍ରାପ୍ ବିକ୍ରୟ ରେକର୍ଡ କରିଛି, ଯାହା ମୂଳ ଲକ୍ଷ୍ୟକୁ ଅତିକ୍ରମ କରିଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସ୍କ୍ରାପ୍ ବିକ୍ରୟ ପ୍ରକ୍ରିୟାରେ ସାମିଲ ଥିବା ସମଗ୍ର ଦଳକୁ ସେମାନଙ୍କର ଉଲ୍ଲେଖନୀୟ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ପ୍ରମୁଖ ମୁଖ୍ୟ ଭଣ୍ଡାର ପ୍ରବନ୍ଧକ ଶ୍ରୀ ପ୍ରେମ ନାରାୟଣଙ୍କ ଦ୍ୱାରା ସ୍କ୍ରାପ୍ ବିକ୍ରୟ ବ୍ୟବସ୍ଥାର ସଠିକ ମାର୍ଗଦର୍ଶନ ଏବଂ ନିରନ୍ତର ସମୀକ୍ଷା ଯୋଗୁଁ ଏହି ମାଇଲଖୁଣ୍ଟ ସମ୍ଭବ ହୋଇପାରିଛି ।

## ରାଜ୍ୟରେ କମୁଛି ଡ୍ରପ୍ ଆଉଟ୍ ହାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଡ୍ରପ ଆଉଟ ହାର କମିବାରେ ଲାଗିଛି । ପ୍ରାଥମିକ ସ୍ତରରେ ଡ୍ରପଆଉଟ ହାର ଶୂନ ରହିଥିବା ବେଳେ ଉଚ୍ଚ ପ୍ରାଥମିକ ସ୍ତରରେ ୨ ପ୍ରତିଶତ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ୧୨.୮ ପ୍ରତିଶତ ଡ୍ରପ ଆଉଟ ହାର ରହିଛି । ଜାତୀୟ ହାରଠୁ ମଧ୍ୟ ରାଜ୍ୟର ଡ୍ରପ ଆଉଟ ହାର କମ୍ ରହିଛି । ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଲିଖିତ ଉତର ମାଧ୍ୟମରେ ଏହା ଜଣାଇଛନ୍ତି ।

### ବେନିନ୍‌ରେ ଓଡିଆ ଶ୍ରମିକ ମୃତ

## ମରଶରୀର ଆଣିବା ପାଇଁ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ବେନିନରେ ମୃତ ଓଡିଆ ଯୁବକ ପ୍ରତାପ ମଲ୍ଲିକଙ୍କ ମରଶରୀର ଭାରତ ଫେରାଇ ଆଣିବାପାଇଁ ବେନିନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ନିବେଦନ କରିଛନ୍ତି । ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର କ୍ଷିରୋଦ ମଲ୍ଲିକଙ୍କ ପୁଅ ପ୍ରତାପ ମଲ୍ଲିକ ବେନିନର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ । ସେଠାରେ କୌଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଥବା କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ । ପ୍ରତାପଙ୍କ ପିତା ମରଶରୀରକୁ ଅନ୍ତିମ ସଂସ୍କାର ପାଇଁ ତାଙ୍କ ଗ୍ରାମକୁ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ । ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ମରଶରୀରକୁ ଭାରତ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବା ସହ ବକେୟା ପ୍ରାପ୍ୟ ଯୋଗାଇଦେବାକୁ ନିବେଦନ କରିଛନ୍ତି ।

## ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ଦ୍ୱାଦଶାହରେ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ । ସେମାନଙ୍କ ମଧ୍ୟରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ବିଜେପି ସଂଗଠନ ସମ୍ପାଦକ ବି.ଏମ୍. ସନ୍ତୋଷ, ବିହାର ରାଜ୍ୟପାଳ ଆରିଫ ମହମ୍ମଦ ଖାଁ, ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି.ଆନନ୍ଦ ବୋଷ, ମଧ୍ୟପ୍ରଦେଶ ବିଧାନସଭା ବାଚସ୍ପତି ନରେନ୍ଦ୍ର ସିଂ ତୋମାର, ଯୋଗଗୁରୁ ରାମଦେବଙ୍କ ସମେତ ଅନ୍ୟମାନେ ସାମିଲ ହୋଇ ସ୍ୱର୍ଗତ ପ୍ରଧାନଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।


## ମତ୍ସ୍ୟ ବିଭାଗ ପକ୍ଷରୁ ମହାନଦୀରେ ଛଡାଗଲା ସାଢେ ୭ ଲକ୍ଷ ଯାଆଁଳ


କଟକ(ଭାସ୍କର ନ୍ୟୁଜ୍): ମତ୍ସ୍ୟ ସମ୍ପଦ ଉତ୍ପାଦନ ବୃଦ୍ଧି ନିମନ୍ତେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଆଜି ମହାନଦୀର ମୁଣ୍ଡୁଳି ବ୍ୟାରେଜ ଏବଂ ଗଡଗଡିଆ ଘାଟଠାରେ ମତ୍ସ୍ୟ ଯାଆଁଳ ଛଡାଯାଇଛି । ଏହି ଅବସରରେ ବାରଙ୍ଗ ବ୍ଲକର ନାରାୟଣ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଏବଂ କଟକ ପୌରପାଳିକାର ଯୋବ୍ରା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । କଟକ ମହାନଗର ନିଗମ ମେୟର, ସୁବାସ ଚନ୍ଦ୍ର ସିଂହ, ଜିଲ୍ଲା ପରିଷଦ ସ୍ଥାୟୀ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, ବାରଙ୍ଗ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳେଇ, ଉପ ମତ୍ସ୍ୟ ନିର୍ଦ୍ଦେଶକ ନୀଳାମ୍ବର କିଲାକା ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ଏହି ଅବସରରେ ଓଡ଼ିଶା ସମବାୟ ବିକାଶ ନିଗମ ଦ୍ୱାରା ମହାନଦୀରେ ସମୁଦାୟ ୭.୫୦ ଲକ୍ଷ ଉନ୍ନତମାନର ରୋହୀ, ଭାକୁର, ମିରିକାଳୀ ଅଙ୍ଗୁଳିକା ଯାଆଁଳ ଛଡାଯାଇଛି । ମୁଣ୍ଡଳୀ ବ୍ୟାରେଜରେ ୫ ଲକ୍ଷ ଯାଆଁଳ ଛଡାଯାଇଥିବାବେଳେ ଗଡଗଡିଆ ଘାଟରେ ୨.୫୦ ଲକ୍ଷ ଯାଆଁଳ ଛଡାଯାଇଛି । ବିଭିନ୍ନ ବ୍ଲକ ତଥା ଜିଲ୍ଲା କାର୍ଯ୍ୟାଳୟର ସହକାରୀ ମତ୍ସ୍ୟ ଅଧିକାରୀ ଉପସ୍ଥିତ ରହି ମତ୍ସ୍ୟ ସମ୍ପଦ ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସମ୍ବନ୍ଧରେ ଆଲୋଚନା କରିଥିଲେ । ଉପ ମତ୍ସ୍ୟ ନିର୍ଦ୍ଦେଶକ ବବିତା ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବାରଙ୍ଗ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାରୀଙ୍କୁ ନ୍ୟାୟ ଓ ସୁରକ୍ଷା ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ଚୁପ୍ ବସିବ ନାହିଁ: ଭକ୍ତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ମହିଳାଙ୍କ ସ୍ଥିତି ଅତ୍ୟନ୍ତ ଲଜ୍ୟାଜନକ ଓ ସଂଗୀନ । ଗତ ୯ ମାସ ଭିତରେ ୬୦ ଜଣ ମହିଳାଙ୍କୁ ଧର୍ଷଣ ଓ ଗଣଧର୍ଷଣ କରାଯାଇଛି । ଡବଲ ଇଞ୍ଜିନ ବିଜେପି ସରକାର ପାଇଁ ଏହା ଏକ ବଡ଼ ପ୍ରସଙ୍ଗ ନୁହଁ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଏବଂ ଦଳର ନେତା ବିଧାୟକ ଏକଥା କହୁଛନ୍ତି । ଏହାଠାରୁ ବଡ଼ ଅପମାନ ଓ ଲଜ୍ଜାଜନକ କଥାବ କ’ଣ ହୋଇପାରିବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ରାଜ୍ୟ କଂଗ୍ରେସ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ଗତକାଲି କରିଥିଲା । ଘେରାଉ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ରୂପେ ଗଣତାନ୍ତ୍ରିକ ଓ ଶାନ୍ତିପୂର୍ଣ୍ଣ ଚାଲିଥିଲା । ଏପରିକି ସେ ନିଜେ ତାଙ୍କ ଭାଷଣ ଆରମ୍ଭ କରିବା ସମୟରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ, କର୍ମଚାରୀ ଲାଠି ଚାର୍ଜ ଆରମ୍ଭ କଲେ । ବିଜେପି ଦଳର ଷଡ଼ଯନ୍ତ୍ର ଯୋଗୁଁ କିଛି ଅସମାଜିକ ତତ୍ୱ ଏହି କାଣ୍ଡକୁ ଭିଆଇଥାଇପାରନ୍ତି । ଆମର କୌଣସି ନେତା, କର୍ମୀ, ପଥର ଫୋପାଡ଼ି ନାହାନ୍ତି । ଲାଠି ସବୁବେଳେ ଅଣ୍ଟା ବାଡେଇବା କଥା କିନ୍ତୁ ମୁଣ୍ଡକୁ, ଛାତିକୁ ଓ ପେଟକୁ ମାରିବା ପାଇଁ କିଏ ଏମାନଙ୍କୁ ନିର୍ଦ୍ଦେଶ ଦେଇଥିଲା । ପୋଲିସ ଓଡ଼ିଶାର ଜନସାଧାରଣଙ୍କ ସୁରକ୍ଷା ପାଇଁ କିନ୍ତୁ ସରକାରୀ ଦଳର ହାତବାରିସି ହୋଇ ଜନତାଙ୍କୁ ସମସ୍ତ ନିତି ଆଇନକୁ ଉଲଘଂନ କରି ଜନତାଙ୍କୁ ମରଣାନ୍ତକ ଆକ୍ରମଣ କରିବା କ’ଣ ଆଇନ୍ ସମ୍ମତ କି ? ପୋଲିସି ଡିଜି ସରକାରୀ ଦଳର ହାତବାରିସି ହୋଇ କୌଣସି କାର୍ଯ୍ୟ କରିବା ଅନୁଚିତ । ପୁଲିସ ଆକ୍ରମଣରେ କଂଗ୍ରେସ ୪୦ରୁ ଅଧିକ କର୍ମୀ ଓ ନେତୃବର୍ଗ ଆଘାତ ହୋଇଛନ୍ତି । ୧୦ ଜଣ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଅଛନ୍ତି । କେନ୍ଦ୍ରପଡ଼ା ଜିଲ୍ଲାର ମହିଳା ସଭାନେତ୍ରୀ ସସ୍ମିତା ପଣ୍ଡାଙ୍କର ମହିଳା ପୋଲିସ ମାଡରେ କାନର ଗିରି ଫାଟି ଯାଇଛି । ସେ ଅତ୍ୟନ୍ତ ସଂଗୀନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ପୋଲିସ ଯଦି ଅନ୍ୟାୟ ଉପାୟରେ ଦମନ ଲିଳା ଆରମ୍ଭ କରେ ତାହାଲେ ଏହା ଉଗ୍ରରୂପ ଧାରଣ କରିବ । ଏହାକୁ ଏ ସରକାର ସହ୍ୟ କରିପାରିବ ନାହିଁ । ଅଖିଳ ଭାରତ କଂଗ୍ରେସ କମିଟିର ଗଣମାଧ୍ୟମ ବିଭାଗର ମୁଖ୍ୟ ପଓ୍ୱନ ଖେରା କହିଥିଲେ ଯେ ମୁଁ ଅତି ଗୁରୁତ୍ୱର ଭାବରେ ଆଘାତ ପ୍ରାପ୍ତ ହୋଇଥିବା କଂଗ୍ରେସ କର୍ମୀମାନଙ୍କୁ ଭେଟିଲି । ସେମାନଙ୍କ ସ୍ଥିତି ଅତ୍ୟନ୍ତ ଗୁରୁତର । ରାଜ୍ୟ କଂଗ୍ରେସ ଗତକାଲି ଯେଉଁ ବିଧାନସଭା ଘେରାଉ କରିଥିଲା, ତାହା ରାଜ୍ୟ ପାଇଁ ଏକ ବଡ଼ ପ୍ରସଙ୍ଗ ଥିଲା । ଓଡ଼ିଶାରେ ବିଜେପି ସରକାର ଏହି ପ୍ରସଙ୍ଗ ପରେ ବିଧାନସଭାରେ ଆଲୋଚନା ନ କରିବା ଏବଂ ଗୃହ କମିଟି ଗଠନ କରିବା ଦାବିକୁ ଗ୍ରହଣ ନ କରିବା ଅତ୍ୟନ୍ତ ନିନ୍ଦନୀୟ । ଯଦି ଏହାକୁ ଗ୍ରହଣ କରାଯାଇଥାଆନ୍ତା ତାହାଲେ କଂଗ୍ରେସ କେବେ ହେଲେ ରାଜରାସ୍ତାକୁ ଓହ୍ଲାଇ ନଥାନ୍ତା । ମହିଳାଙ୍କ ସୁରକ୍ଷା ପାଇଁ ରାଜ୍ୟ କଂଗ୍ରେସ ସହିତ ଜାତୀୟ କଂଗ୍ରେସ ଏକ ସ୍ୱରରେ ଲଢ଼େଇ ଜାରିରଖିବ । ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଏଆଇସିସି ସହ ପ୍ରଭାରୀ ରୋଜାଲିନୀ ତିର୍କି ଓ ବିଧାୟିକା ସୋଫିଆ ଫିର୍‌ଦୋଷ ଉପସ୍ଥିତ ଥିଲେ ।



“ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।”
-ଆଦି ଶଙ୍କରାଚାର୍ଯ୍ୟ



“ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।”
-ବି.ଆର୍ ଆମ୍ବେଦକର




## ଶ୍ୱେତପତ୍ରରେ ମିଶ୍ରିତ ଚିତ୍ର

# ବଢ଼ୁଛି ସାଇବର ଠକେଇ, କମୁଛି ମାଓହିଂସା

ବିଧାନସଭାର ବଜେଟ୍ ଅଧିବେଶନରେ ତିନିଦିନ ପୂର୍ବେ ଉପସ୍ଥାପିତ ହୋଇଥିବା ଗୃହ ବିଭାଗର ଶ୍ୱେତପତ୍ରରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଓ ଅପରାଧ ପରିସଂଖ୍ୟାନ ନେଇ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି। ଗତବର୍ଷ ଅର୍ଥାତ୍ ୨୦୨୪ ମସିହାରେ ଓଡ଼ିଶାରେ ଅପରାଧିକ ମାମଲା ସଂଖ୍ୟା ଦୁଇଲକ୍ଷକୁ ଟପି ଯାଇଥିବାର ଏଥିରେ ଦର୍ଶାଯାଇଛି। ୨୦୨୩ ବର୍ଷରେ ଏହି ସଂଖ୍ୟା ୧ଲକ୍ଷ ୯୯ ହଜାର ଥିବାସ୍ଥଳେ ୨୦୨୪ରେ ଏହା ୨ଲକ୍ଷ ୧୪ ହଜାରରେ ପହଞ୍ଚିଛି। ତେବେ ଏଥିମଧ୍ୟରୁ ୧ଲକ୍ଷ ୩୯ ହଜାର ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି। ଗତବର୍ଷ ରାଜ୍ୟରେ ମୋଟ ୩ହଜାର ୫୪ଟି ଦୁଷ୍କର୍ମ (ବଳାତ୍କାର) ମାମଲା ରୁଜୁ ହୋଇଥିବା ସ୍ଥଳେ ସେଥିମଧ୍ୟରୁ ୨୯୮୬ ମାମଲା ସତ୍ୟ ବୋଲି ସରକାର ସ୍ୱୀକାର କରିଛନ୍ତି। ମାତ୍ର ଦୁଷ୍କର୍ମ ମାମଲାରେ ଚାର୍ଜସିଟ୍ ଦାଖଲ ହାର ସେତେଟା ଆଶାଜନକ ନହୋଇ ୬୪ ପ୍ରତିଶତରେ ସୀମିତ ରହିଛି। ଅନ୍ୟ ଅର୍ଥରେ ସତ୍ୟ ପ୍ରମାଣିତ ୨୯୮୬ ମାମଲାରୁ ମାତ୍ର ୧୯୪୮ଟିରେ ପୋଲିସ ଚାର୍ଜସିଟ୍ ଦାଖଲ କରିଛି। ଶ୍ୱେତପତ୍ରରେ ଦର୍ଶାଯାଇଥିବା ତଥ୍ୟକୁ ଅନୁଧ୍ୟାନ କଲେ ସ୍ପଷ୍ଟ ହେଉଛି ଯେ ରାଜ୍ୟରେ ପ୍ରତିଦିନ ୮ରୁ ଅଧିକ ଦୁଷ୍କର୍ମ ମାମଲା ନଜରକୁ ଆସୁଛି। ଗତବର୍ଷ ଆମ ରାଜ୍ୟରେ ୧୨୮୫ଟି ହତ୍ୟା ମାମଲା ପୋଲିସର ଦୃଷ୍ଟିକୁ ଅଣାଯାଇଥିଲା ଓ ସେଥି ଭିତରୁ ୧୨୧୫ଟି ସତ ବୋଲି ଜଣାପଡିଲା। ମାତ୍ର ପୋଲିସ ପକ୍ଷରୁ କେବଳ ୫୪୨ଟି ଅର୍ଥାତ୍ ୪୫ ପ୍ରତିଶତ ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି। ସେହିପରି ଦଙ୍ଗା ଓ ଗଣ୍ଡଗୋଳ ଘଟାଇବା ମାମଲାରେ ମଧ୍ୟ କେବଳ ୪୩ ପ୍ରତିଶତରେ ଚାର୍ଜସିଟ୍ ଦାଖଲ ହୋଇଛି। ଶ୍ୱେତପତ୍ରର ତଥ୍ୟ ଅନୁଯାୟୀ ଗତବର୍ଷ ଓଡ଼ିଶାରେ ଲୋକଙ୍କ ଠାରୁ ସମୁଦାୟ ୩୩୩କୋଟି ୯୮ଲକ୍ଷ ଟଙ୍କା ଚୋରି ହୋଇଥିଲା ବେଳେ ସେଥିମଧ୍ୟରୁ ମାତ୍ର ୫୧ କୋଟି ୧୮ଲକ୍ଷ ଟଙ୍କା ଉଦ୍ଧାର କରିବାକୁ ପୋଲିସ ସକ୍ଷମ ହୋଇଛି। ୨୦୨୪ରେ ରାଜ୍ୟରେ ମୋଟ ୧୨ ହଜାର ୩୭୫ଟି ସଡ଼କ ଦୁର୍ଘଟଣା ଘଟିଥିବା ସ୍ଥଳେ ଏଯାବତ୍ ମାତ୍ର ୫୦ ପ୍ରତିଶତ ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି। ତେବେ ଯେଉଁ କ୍ଷେତ୍ରରେ ସରକାର ବିଶେଷ ସଫଳତା ହାସଲ କରିପାରିଛନ୍ତି, ତାହା ହେଉଛି ମାଓବାଦୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣାଧୀନ କରିବା। ଶ୍ୱେତପତ୍ରରେ ଦର୍ଶାଯାଇଥିବା ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ଓଡ଼ିଶାରେ ମାଓବାଦୀଙ୍କ ଦ୍ୱାରା ୯ଟି ହିଂସାକାଣ୍ଡ ଘଟାଯାଇଥିବା ସ୍ଥଳେ ୨୦୨୪ରେ ସେହି ସଂଖ୍ୟା ୪କୁ ଖସି ଆସିଥିଲା। ସେହିପରି ୨୦୨୩ରେ ମାଓହିଂସାରେ ୩ଜଣ ନିରୀହ ଲୋକ ପ୍ରାଣ ହରାଇଥିବା ସ୍ଥଳେ ୨୦୨୪ରେ କେବଳ ଜଣଙ୍କର ମୃତ୍ୟୁ ଘଟିଛି। ପୋଲିସର ପାଲଟା କାର୍ଯ୍ୟାନୁଷ୍ଠାନରେ ଗତବର୍ଷ ୬ଜଣ ମାଓବାଦୀ କ୍ୟାଡରଙ୍କ ମୃତ୍ୟୁ ଘଟିଥିବା ସ୍ଥଳେ ୮ଜଣଙ୍କୁ ଗିରଫ କରାଯାଇଥିଲା। ବର୍ଷକ ଭିତରେ ମୋଟ ୨୪ଜଣ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ। ଗତବର୍ଷ ବିଭିନ୍ନ ସମୟରେ ଓ ବିଭିନ୍ନ ଘଟଣାରେ ପୋଲିସ ପକ୍ଷରୁ ୧୪ଥର ଗୁଳିଚାଳନା କରାଯାଇଥିବାର ଶ୍ୱେତପତ୍ରରେ ଉଲ୍ଲେଖ ରହିଛି। ତେବେ ଶ୍ୱେତପତ୍ରର ସବୁଠାରୁ ଚିନ୍ତାଜନକ ତଥ୍ୟଟି ହେଉଛି, ଓଡ଼ିଶାରେ ସାଇବର ଅପରାଧର ଉର୍ଦ୍ଧ୍ୱମୁଖୀ ଧାରା। ଗତବର୍ଷ ରାଜ୍ୟରେ ୨୫୦୦୧ଟି ସାଇବର ଅପରାଧ ମାମଲା ପୋଲିସର ଦୃଷ୍ଟିକୁ ଅଣାଯାଇଥିଲା। ମାତ୍ର ସେଥିମଧ୍ୟରୁ କେବଳ ୨୭୨ଟି ଅର୍ଥାତ୍ ୧୧ ପ୍ରତିଶତ ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି। ଅପରାଧୀମାନେ ଏବେ ବି ପୋଲିସ ଆଖିରେ ଧୂଳି ଦେଇ ଖସି ବୁଲୁଛନ୍ତି। ୨୦୨୩ ମସିହାରେ ରାଜ୍ୟରେ ସାଇବର ଅପରାଧ ସଂଖ୍ୟା ୨୩୪୮ ଥିବା ସ୍ଥଳେ ପ୍ରତିବର୍ଷ ତାହା ବଢ଼ି ଚାଲିବା ନିଶ୍ଚିତ ଭାବରେ ଉଦ୍‌ବେଗର ବିଷୟ। ଏହି ଅପରାଧର ଚେର କେବଳ ଓଡ଼ିଶା ବା ଭାରତ ଭିତରେ ସୀମିତ ନୁହେଁ, ବିଦେଶରୁ ମଧ୍ୟ ଲମ୍ବିଥିବାର ଜଣାପଡ଼ୁଛି। ଖୋଦ୍ ସରକାରଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟକୁ ବିଶ୍ଳେଷଣ କଲେ ରାଜ୍ୟ ପୋଲିସ ଅଧିକ ଦକ୍ଷ ଓ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ଅନୁଭୂତ ହେଉଛି।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ସ୍ୱାଧୀନ ଭାରତର ତାରା-ଲକ୍ଷ୍ମଣ ନାୟକ




**ଅକ୍ଷୟ କୁମାର ରାଉତ**
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ:୯୯୩୭୬୯୧୪୭୫

ପୁଣ୍ୟ ଭୂମି ଭାରତବର୍ଷ ବହୁ ପ୍ରାଚୀନ କାଳରୁ ନିଜର ଜ୍ଞାନ-ବିଜ୍ଞାନ, ସଂସ୍କୃତି, ସଭ୍ୟତା, ଧର୍ମ-କର୍ମ ଓ ଦର୍ଶନ ପାଇଁ ପୃଥିବୀରେ ଅର୍ଜନ କରିଛି ସୁଖ୍ୟାତି। ଏହି ଭୂମିର ମୂଳରେ ରହିଛି ଯୋଗଜନ୍ମା, ମହାମାନବ, ମହାପୁରୁଷ ଓ ମନୀଷୀମାନଙ୍କର ମହତ୍ ଅବଦାନ। ସାଂପ୍ରତିକ ପୃଥିବୀରେ ସ୍ୱାଧୀନ ଭାରତର ଏକ ସ୍ୱତନ୍ତ୍ର ସ୍ଥିତି ଓ ମର୍ଯ୍ୟାଦା ରହିଛି, ମାତ୍ର ସ୍ୱାଧୀନତା ପ୍ରାପ୍ତିର ପୂର୍ବ ସମୟ ଥିଲା ଭାରତ ପାଇଁ ଦୁର୍ବିସହ ଦୁଃଖଦୁର୍ଦ୍ଦଶା ଓ ଯନ୍ତ୍ରଣାର ଦିନ। ବର୍ଷ ବର୍ଷ ପରାଧୀନତା ଓ ଦାସତ୍ୱ ଶୃଙ୍ଖଳରେ ଛଟପଟ ହେଉଥିଲା ପୁଣ୍ୟ ଭୂମିର ମଣିଷ। ଜନତାର ଦୁଃଖ କଷ୍ଟ, ଶୋଷଣ ପେଷଣ, ଅତ୍ୟାଚାର ଓ ନିର୍ଯ୍ୟାତନାକୁ ନୀଳକଣ୍ଠ ପରି ପାନ କରି ଯେଉଁ ମହାପୁରୁଷମାନେ ଦେଶକୁ ଦେଲେ ସୁଖ, ଶାନ୍ତି ଓ ସ୍ୱାଧୀନତାର ଅମୃତଧାରା ସେମାନଙ୍କ ମଧ୍ୟରୁ ଲକ୍ଷ୍ମଣ ନାୟକ ହେଉଛନ୍ତି ଜଣେ।

ଅବିଭକ୍ତ କୋରାପୁଟ ଜିଲ୍ଲାର ବଣ ପାହାଡ଼ଘେରା ମାଲକାନଗିରି, ତା' ଭିତରେ ଆଦିବାସୀ ଗାଆଁ ତେନ୍ତୁଳିଗୁମ୍ମା। ଅଗନାଅଗନି ବନସ୍ତର ସେହି ଗାଁରେ ୧୮୯୯ ମସିହା ନଭେମ୍ବର ୨୨ ତାରିଖ ମାର୍ଗଶୀର କୃଷ୍ଣ ପଞ୍ଚମୀ ବୁଧବାର ବିଛା ୮ ଦିନ କୁଆଁକୁଆଁ ରାବ ଦେଇ ପଦଲମ୍ ନାୟକଙ୍କ ଘରେ ଜନ୍ମ ନେଲେ ଲକ୍ଷ୍ମଣ ନାୟକ। ପଦ୍‌ଲମ୍‌ଙ୍କର ତିନିପୁଅ ମଧ୍ୟରେ ଲକ୍ଷ୍ମଣ ନାୟକ ମଝିଆଁ। ଜୟପୁର ଗଡ଼ଜାତ ରାଜ୍ୟର ରାଜା ପଦ୍‌ଲମ୍‌ଙ୍କୁ ଚାରୋଟି ଗାଁର ଭଲ ମନ୍ଦ ବୁଝିବାକୁ ଦାୟିତ୍ୱ ଦେଇଥିଲେ। ତାଙ୍କ ପରିବାର ଧାନ, ମାଣ୍ଡିଆ ଚାଷ କରିବା ସଙ୍ଗେ ସଙ୍ଗେ ଗୋରୁଗାଈ ପାଳନ ଓ ଶୀକାର କରି ଚଳୁଥିଲେ। ଲକ୍ଷ୍ମଣ ପିଲାଦିନ ବାପାଙ୍କ ଠାରୁ ଅକ୍ଷର ଲେଖି ଶିଖିଥିଲେ। ସେ ପାଖରେ ଥିବା କୋଲାବ ନଈରେ ସାଙ୍ଗସାଥିଙ୍କ ସହିତ ମାଛ ଧରିବା ଓ ପାହାଡ଼ ଜଙ୍ଗଲରେ ଶୀକାର କରିବା ଥିଲା ତାଙ୍କର ନିତିଦିନିଆ ଅଭ୍ୟାସ।

ଲକ୍ଷ୍ମଣ ଉଣେଇଶି ବର୍ଷ ହେଲାବେଳେ ସାନଗୁମ୍ମା ଗାଁର ଘାସୀ ଭୂମିଆଙ୍କ ଝିଅ ମଙ୍ଗୁଲିଙ୍କୁ ବିବାହ କରିଥିଲେ। ଆଦିବାସୀ ନୀତିରେ ଲକ୍ଷ୍ମଣଙ୍କ ପିତା ଝିଅ ଘରକୁ ଯୌତୁକ ଦେଇଥିଲେ। ଦେଢ଼ବର୍ଷରେ ତାଙ୍କର ଗୋଟିଏ ପୁଅ ହେଲା ତା'ର ନାମ ରଘୁନାଥ। ପଦଲମ ନାୟକ ବୁଢ଼ା ହୋଇଯିବାରୁ ଲକ୍ଷ୍ମଣଙ୍କୁ ଲୋକଙ୍କର ହାନିଲାଭ ବୁଝିବା ପାଇଁ ମୁଖିଆ ଦାୟିତ୍ୱ ଦେଇଥିଲେ। ଲକ୍ଷ୍ମଣ ଗାଁ ମୁଖିଆ ଭାବରେ ଗାଁ ଗଣ୍ଡାର ଉନ୍ନତିରେ ମନଦେଲେ। ଲକ୍ଷ୍ମଣ ଗୁଣି ଗାରେଡ଼ି, ଚେରମୂଳି ଚିକିତ୍ସା ଓ ପୂଜା କରିବାରେ ସେ ଅଞ୍ଚଳରେ ଜଣାଶୁଣା ହୋଇଗଲେ। କୃଷିର ଉନ୍ନତି, ଗ୍ରାମ ପୁନର୍ଗଠନ, ରାସ୍ତାଘାଟ ଉନ୍ନତି ମୁସ୍ତାଦା ଲକ୍ଷ୍ମଣ ନାୟକ ହାତକୁ ନେଲେ। ପ୍ରତିଦିନ ସଞ୍ଜରେ ଗାଁ ଚଉପାଢ଼ିରେ ନ୍ୟାୟ ନିଶାପ, ଗୀତନାଚ ଚାଲେ। ଆଖପାଖ ଗାଁ ଗଣ୍ଡାର ମୁଖିଆମାନେ ଆସି ଲକ୍ଷ୍ମଣଙ୍କ ସହିତ ବିଭିନ୍ନ ବିଷୟରେ ପରାମର୍ଶ ଲୋଡ଼ନ୍ତି।

ଲକ୍ଷ୍ମଣ, ସୀତା ରାମ ରାଜୁଙ୍କ ସହିତ ଥିବା ଯୁବକ ଚନ୍ଦ୍ରକୁଟିଆଙ୍କ ସହିତ ପରିଚିତ ହୋଇ ବନ୍ଧୁକ ମାରିବା ଶିକ୍ଷା ପାଇଥିଲେ। ନୀଳକଣ୍ଠ ପାତ୍ରଙ୍କ ସହିତ ଲକ୍ଷ୍ମଣ ପରିଚିତ ହୋଇ ସ୍ୱାଧୀନତା ଆନ୍ଦୋଳନ ବିଷୟରେ ଆଲୋଚନା କଲେ। ଆମ ରାଜ୍ୟର ବଡ଼ଲାଟ ହବାକ ସାହେବ କୋରାପୁଟ ଆସିବା ସମୟରେ କର୍ମଚାରୀମାନେ ଲୋକମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କଲେ। ଏହି ଖବର ନୀଳକଣ୍ଠ ପାତ୍ର "ସମାଜ"ରେ ବାହାର କରିଦେବାରୁ ସରକାର ଲୋକଙ୍କର କ୍ଷତି ପୂରଣ ଦେଲେ। ୧୯୩୬ ମସିହାରେ କଂଗ୍ରେସ ନେତା ରାଧାକୃଷ୍ଣ ବିଶ୍ୱାସରାୟଙ୍କ ପ୍ରେରଣାରେ ଲକ୍ଷ୍ମଣ ନାଏକ କଂଗ୍ରେସରେ ଯୋଗଦେଲେ, ଖଦଡ଼ ବସ୍ତ୍ର ପରିଧାନ କରି ରାମଧୂନ୍ ଗାନକଲେ। "କାଟି ପିନ୍ଧ ଓ କୁଟି ଖାଅ" ବାର୍ତ୍ତାକୁ ତାଙ୍କ ଦେଶୀୟ ଭାଷାରେ ପ୍ରଚାର କଲେ। ସ୍ୱରାଜ ଆନ୍ଦୋଳନ ବନନିଆଁ ପରି ମାଡିଗଲା। କୋରାପୁଟର ଆଗୁଆ ନେତା ହୋଇ ବାହାରିଲେ ରାଧାକୃଷ୍ଣ ବିଶ୍ୱାସରାୟ, ନୀଳକଣ୍ଠ ପାତ୍ର, ସଦାଶିବ ତ୍ରିପାଠୀ ଓ ଲକ୍ଷ୍ମଣ ନାୟକ।





୧୯୪୨ ଅଗଷ୍ଟ ୨୧ ତାରିଖରେ "କର ବା ମର" ଡାକରା ଆସିଲା। ଗାନ୍ଧିଜୀଙ୍କ ସହିତ ବଡ଼ ବଡ଼ ନେତାଙ୍କୁ ଇଂରେଜ ସରକାର ଜେଲ୍‌ରେ ରଖିଲେ। ଲକ୍ଷ୍ମଣଙ୍କ ଡାକରାରେ ହଜାର ହଜାର ଲୋକ ପଟୁଆର କରି ମାଥିଲି ଥାନା ଘେରାଉ କଲେ। ମାଥିଲି ଥାନା ଉପରେ ତ୍ରିରଙ୍ଗା ପତାକା ଉଡାଇବାକୁ ସତ୍ୟାଗ୍ରହୀମାନେ ମାଡ଼ି ଚାଲିଲେ। ପୋଲିସଙ୍କ ଲାଠିମାଡ଼ରେ ଲକ୍ଷ୍ମଣଙ୍କର ବାରମ୍ବାର ଚେତା ଯାଉଥାଏ। ଏହି ସମୟରେ ଜଣେ ପୋଲିସ ତାଙ୍କ ନିଶ ପୋଡିଦେଲେ। ଲକ୍ଷ୍ମଣ ଯନ୍ତ୍ରଣାରେ ଛଟପଟ ହେଉଥାନ୍ତି। ଲିଙ୍ଗ ଭୂମିଆ ଓ ନକୁଳ ମାଡ଼କାମୀ ତ୍ରିରଙ୍ଗା ପତାକା ଛାତ ଉପରେ ଉଡାଇବା ସମୟରେ ପୋଲିସ ଗୁଳିରେ ଶହୀଦ ହୋଇଗଲେ। ତା'ପରେ ସମରାୟ ନାୟକ, ଗୋପ ପୂଜାରୀ, କେଣ୍ଡେ ସୁନାଝରିଆ, ଗୁରୁ କୋଟିଆ, ବଳରାମ ଭୂମିଆ, ଉଦୟନାଥ ଓଡି, ନରସିଂହ ଡମ୍ବ, ଅର୍ଜୁନ କାଟିଆ ପ୍ରଭୃତି ପୋଲିସ ଗୁଳି ମାଡ଼ରେ ଜୀବନ ଦେଲେ। ପୋଲିସ ମାଡ଼ରେ ଭୁଲ୍ ବଶତଃ ଜଙ୍ଗଲ ଜଗୁଆଳୀ ରାମାୟା ମରିଯିବାରୁ ପୋଲିସ ପ୍ରଚାର କରିଦେଲେ ଲକ୍ଷ୍ମଣଙ୍କ ମାଡ଼ରେ ଜଗୁଆଳୀ ମରିଗଲା। ଥାନାବାବୁ ହୁକୁମ ଦେଲେ ଲକ୍ଷ୍ମଣଙ୍କୁ ପାଚିରୀ କଡ଼ ନାଳରେ ପିଙ୍ଗିଦିଅ। ଦୁଇଜଣ ଚେତା ନଥିବା ସଂଗ୍ରାମୀଙ୍କ ଠାରୁ ପୋଲିସ ଖଣ୍ଡେ ଲେଖାଏଁ ଧଳା ଅଲେଖା କାଗଜରେ ଟିପ ଚିହ୍ନ ନେଇ ସେଥିରେ ଲେଖିଦେଲା ଆମେ ଲକ୍ଷ୍ମଣ ନାୟକ କଥାରେ ପଡ଼ି ମାଥିଲି ଥାନା ପୋଡ଼ିବାକୁ ଯାଇଥିଲୁ ପୋଲିସ ଗୁଳିମାରିବାରୁ ଆମେ ପଡିଗଲୁ। ଏଣେ ଲକ୍ଷ୍ମଣ ନାୟକ ଚେତା ଫେରିପାଇ ଭୀଷଣ ଯନ୍ତ୍ରଣାରେ ଛୋଟେଇ ଛୋଟେଇ ଅଗଷ୍ଟ ୨୨ ତାରିଖ ରାତିରେ ଜୟପୁରରେ ପହଞ୍ଚିଲେ। ଶୂନ୍‌ଶାନ୍ ସହରଟା ଦେଖିଲେ କଂଗ୍ରେସ ଅଫିସ୍ ଆଗରେ ତାଲା। ଲକ୍ଷ୍ମଣର ଶବ ନଥିବାରୁ ପୋଲିସ୍ ମାଥିଲି ଥାନା ପୋଡି ଘଟଣାରେ ହୁଲିଆ ଜାରି କରିଛି। ଜଣେ କଂଗ୍ରେସ କର୍ମୀ ଏହି ଖବର ଲକ୍ଷ୍ମଣକୁ ଦେବାରୁ ସେ ନିଜ ଗାଁ ରାମଗିରି ପାହାଡକୁ ଚାଲିଗଲେ। ସେଠାରେ ଫଳମୂଳ ଖାଇ ପେଟର ଭୋକ ଓ ଦେହର ଦରଦ କମାଇଲେ ସିନା ମନରେ ତାଙ୍କର ଜଳିଲା ରାଗରୋଷର ନିଆଁ।

ଲକ୍ଷ୍ମଣ ନଥିବାରୁ ଗାଁରେ ପୋଲିସର ପ୍ରବଳ ଅତ୍ୟାଚାର। ଆଠ ଦିନ ପରେ ଜଙ୍ଗଲରୁ ଲକ୍ଷ୍ମଣ ଗାଁକୁ ଫେରିଲେ। ସମସ୍ତଙ୍କ ମନରେ ଆନନ୍ଦର ଲହରି ଖେଳିଗଲା। ସୂତାକଟା, ରାମଧୂନ୍, ସ୍ୱରାଜ ଲଢ଼େଇ ସବୁ କାମ ଚାଲିଲା। ତିନିଦିନ ପରେ ପୋଲିସ୍ ଗାଁ ଚାରିପଟେ ଘେରାଉ କଲେ। ଲକ୍ଷ୍ମଣଙ୍କ ଭାରିଜା ମଙ୍ଗୁଳି ଗିନାରେ ଯାଉଟିକେ ଦେବା ସମୟରେ ପୋଲିସ୍ ଲକ୍ଷ୍ମଣଙ୍କୁ ହାତ କଡ଼ା ପକାଇ ଗାଁ ଦାଣ୍ଡରେ ଚଲାଇ ଚଲାଇ ନେଇଗଲେ।

ଲକ୍ଷ୍ମଣ ପରେ ତାଙ୍କର ପୁଅ ରଘୁନାଥକୁ ମଧ୍ୟ ମାଥିଲି ଥାନାରେ ବନ୍ଦୀ କରି ରଖାଗଲା। ମଙ୍ଗୁଳି ଦୁଇଟି ଛେଳି ବିକି ପୋଲିସ୍ ବାବୁଙ୍କୁ ପଇସା ଦେବାରୁ ରଘୁନାଥ ଥାନାରୁ ମୁକୁଳିଲେ। ଥାନାରେ ଚାଲିଲା ଚିହ୍ନଟ ପ୍ରକ୍ରିୟା। ହାଟ ଦଣ୍ଡିଆ ଓ ମଦ ଦୋକାନୀ ଚିହ୍ନଟ ଦେଲେ। ୫୪ ଜଣଙ୍କୁ ରାଜଦ୍ରୋହ ଅପରାଧରେ କୋରାପୁଟ ଜେଲକୁ ପଠାଗଲା। ୧୯୪୨ ମସିହା ଅକ୍ଟୋବର ମାସରୁ ଲକ୍ଷ୍ମଣଙ୍କ ବିରୁଦ୍ଧରେ ବିଚାର ଆରମ୍ଭ ହେଲା। ସରକାରଙ୍କ ତରଫରୁ ତେତିଶି ଜଣ ସାକ୍ଷୀ ଦେଲେ। ଜଙ୍ଗଲ ଜଗୁଆଳୀ ରାମାୟାକୁ ଲକ୍ଷ୍ମଣ ଓ ବଳରାମ ଠେଙ୍ଗାରେ ପିଟି ପିଟି ମାରିଦେଲେ। ବିଚାରପତି ୩୩ ଜଣଙ୍କ ଠାରୁ ସାକ୍ଷୀନେଇ ୧୯୪୨ ମସିହା ନଭେମ୍ବର ୧୩ ତାରିଖ ଦିନ ରାୟ ଘୋଷଣା କଲେ। ଥାନା ପୋଡ଼ି, ସରକାରୀ ଖଜଣା ଲୁଟ୍ ଓ ସରକାରୀ କର୍ମଚାରୀଙ୍କୁ ମାରିଦେବା ଘଟଣାକୁ ନେଇ ବିଚାରପତି ନେତୃତ୍ୱ ନେଉଥିବା ଲକ୍ଷ୍ମଣ ନାୟକଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଫାଶୀ ଖୁଣ୍ଟରେ ଝୁଲାଇବାକୁ ରାୟ ଦେଲେ। ଲକ୍ଷ୍ମଣଙ୍କୁ କୋରାପୁଟ ଜେଲରୁ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରାଗଲା। ସେଠାରେ ଲକ୍ଷ୍ମଣ ସଦାଶିବ ତ୍ରିପାଠୀ ଓ ରାଧାକୃଷ୍ଣ ବିଶ୍ୱାସରାୟଙ୍କୁ ଦେଖି ବହୁତ ଖୁସି ହେଲେ। କଂଗ୍ରେସର ବଡ଼ ବଡ଼ ନେତା ଲକ୍ଷ୍ମଣଙ୍କ ବିଚାର ଉପର କୋର୍ଟରେ କରିବାକୁ ଦାବି କଲେ।

ପାଟଣା ହାଇକୋର୍ଟରେ ଲକ୍ଷ୍ମଣଙ୍କ ବିଚାର ଚାଲିଲା। ଲକ୍ଷ୍ମଣଙ୍କ ଓକିଲ ରାଧାଚରଣ ଦାସ, ମୋକଦ୍ଦମା ବୁଝାବୁଝି କଲେ। ଓକିଲ ପିତାମ୍ବର ମିଶ୍ର ମଧ୍ୟ ଲକ୍ଷ୍ମଣଙ୍କ ସପକ୍ଷରେ ଯୁକ୍ତି କରିଥିଲେ, କିନ୍ତୁ ଉଭୟ ବିଚାରପତି ତଳ କୋର୍ଟର ଦଣ୍ଡକୁ କାଏମ ରଖି ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଯିବ ବୋଲି ରାୟ ପ୍ରଦାନ କଲେ। ମାର୍ଚ୍ଚ ୨୮ ତାରିଖରେ ସବୁ ରାଜବନ୍ଦୀ ଲକ୍ଷ୍ମଣ ନାୟକଙ୍କୁ ଶେଷ ସାକ୍ଷାତ୍ କଲେ। ସଦାଶିବ ତ୍ରିପାଠୀ ପଚାରିବାରୁ ଲକ୍ଷ୍ମଣ ନାୟକ କହିଲେ "ସ୍ୱରାଜ ପାଇଁ ଆମେ ସକଳେ ଲଢୁଥିଲୁ। ମୁଁ ସେତକ ଏ ଜୀବନରେ ଦେଖି ପାରିଲି ନାହିଁ। ସେତିକି ଦୁଃଖ ରହିଗଲା। ହେଲେ ତୁମେମାନେ ଦେଖିବ, ମୋ ପିଲାମାନେ ଦେଖିବେ, ସେଥିରେ ମୁଁ ଖୁସି। ମୋ ପୁଅ ଝିଅକୁ ବାହା କରାଇଦେବ"। ଜଣେ ବନ୍ଧୁ ଜେଲକୁ ଆସିଥିଲେ ଦେଖା କରିବାକୁ ତାଙ୍କୁ ସେ କହିଲେ ଗାନ୍ଧିଜୀଙ୍କ ତପସ୍ୟାର ଫଳ ଦିନେ ଦେଶ ସ୍ୱାଧୀନ ହେବ। ତୁମ୍ଭେ ସମସ୍ତେ ମିଳିମିଶି ସ୍ୱାଧୀନତା ଉପଭୋଗ କରିବ।

ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲ୍‌ରେ କଏଦୀମାନେ "ବନ୍ଦେ ମାତରମ୍", "ମହାତ୍ମା ଗାନ୍ଧିଜୀ ଜୟ" ଲକ୍ଷ୍ମଣ ନାୟକ ଜୟ" ଧ୍ୱନି ଦେଲେ। ଭୋର ୫ଟାରେ ଗୀତାପାଠ ସାରି ବୀର ଦର୍ପରେ ଲକ୍ଷ୍ମଣ ଆଗେଇ ଚାଲିଲେ ଫାଶୀଖୁଣ୍ଟ ପାଖକୁ, ସେତେବେଳେ ସେ ଗାଉଥିଲେ ରଘୁପତି ରାଘବ ରାଜାରାମ...। ଶେଷ ଇଚ୍ଛା ପ୍ରକାଶ କରିବାକୁ ଜେଲବାବୁ କହିବାରୁ ଲକ୍ଷ୍ମଣ କହିଥିଲେ- ସୂର୍ଯ୍ୟ, ଚନ୍ଦ୍ର ପରି ସତ୍ୟ ଭାରତ ମାତା ସ୍ୱାଧୀନ ହେବ।

ଫାଶୀ ପରେ ତାଙ୍କ ଜ୍ଞାତିକୁଟୁମ୍ବଙ୍କୁ ଖବର ଦିଆଯାଇ ନଥିଲା। ଇଂରେଜମାନେ ତାଙ୍କର ମୃତଦେହକୁ ସେହି ଜେଲ ଭିତରେ ପୋତି ଦେଇଥିଲେ। ସରକାର ଢୋଲ ବଜାଇ ଲକ୍ଷ୍ମଣ ନାୟକ ଫାଶୀ ପାଇଲେ ବୋଲି ଲୋକମାନଙ୍କୁ ଜଣାଇ ଦେଲେ। ପୁଅ ରଘୁନାଥ ପିତାଙ୍କ ମୃତ୍ୟୁ ସମ୍ବାଦ ଢୋଲ ବାଜିବାରୁ ଜାଣିବାକୁ ପାଇଲେ। ସେଦିନ ସମସ୍ତ ବନ୍ଦୀ ଉପବାସ ପାଳନ କଲେ। ସନ୍ଧ୍ୟା ସମୟରେ ଏକ ଶୋକ ସଭାରେ ଜାତୀୟ କବି ବୀରକିଶୋରଙ୍କ ରଚିତ ଗୀତ ଗାନ କରାଗଲା।

ଲକ୍ଷ୍ମଣ ଭାଇରେ ଲକ୍ଷ୍ମଣ ଭାଇ
ମୁକତି ଲଢେଇ ଡାକରା ପାଇ
ଫାଶୀରେ ଚଢ଼ିଲୁ ଆମରି ପାଇଁ
ଆଗଭର ହୋଇ ଆସିଲୁ ଧାଇଁ...

ଫାଶୀ ପୂର୍ବରୁ ଲକ୍ଷ୍ମଣ ନାୟକଙ୍କ ଧରିତ୍ରୀ ଓ ମହାତ୍ମା ଗାନ୍ଧୀ ଥିବା ପୁନା ସହରକୁ ପ୍ରଣାମ ଜଣାଇ ଏହି ଗୀତ ଗାଇଥିଲେ -

ମରିନାହିଁ କେବେ ମରିବିନାହିଁ
ମୋ ପାଇଁ ଭାବନା କରିବ ନାହିଁ
.... .... .... ...
ମନରେ ଏତିକି ଆଜି ମୋର ଖୁସି
କିବା ଦୋଷେ ଭାଇ ପିନ୍ଧିଲି ମୁଁ ଫାଶୀ
ପୁନା ସହରକୁ ପ୍ରଣାମ କରି ମୁଁ
ଦେଲି ମୋର ପ୍ରାଣ ପୃଥିବୀ ପାଇଁ।

ଭାରତ ମାତା ତା'ର ଜଣେ ବୀର ସୁଯୋଗ୍ୟ ସନ୍ତାନକୁ ହରାଇଲା। ନିଃସ୍ୱାର୍ଥପର, ନିର୍ଭିକ, ଜନନାୟକ ଲକ୍ଷ୍ମଣ ନାୟକ ଆମ୍ଭ ନିକଟରେ ଚିରସ୍ମରଣୀୟ ହୋଇ ରହିବେ। ସେଥିପାଇଁ ପିଲାମାନେ ଗାଆନ୍ତି।

ଲକ୍ଷ୍ମଣ ନାଏକ ହେ ଲକ୍ଷ୍ମନ ନାଏକ
ଦେଶ ଲାଗି ଫାଶୀ ଖୁଣ୍ଟେ ଝୁଲାଇଲ ବେକ
ରଖିଗଲ ଓଡ଼ିଶାର ଟେକ।

# ଚୈତ୍ର ନବରାତ୍ରୀରେ ନବଦୁର୍ଗାଙ୍କ ଉପାସନା



**ଅଲେଖ ଚନ୍ଦ୍ର ସାମଲ**
ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର
ଯାଜପୁର, ମୋ: ୯୪୩୭୨୫୭୧୨୩

ଦେବୀ ପୁରାଣରେ ରହିଥିବା ବର୍ଣ୍ଣନା ଅନୁଯାୟୀ ସୃଷ୍ଟି ଆରମ୍ଭରୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡରେ ଅନ୍ଧକାର ବିରାଜମାନ କରୁଥିଲା। ସେହି ସମୟରେ ଆଦିଶକ୍ତିଙ୍କ ମନରେ ସୃଷ୍ଟି ନିର୍ମାଣ ଇଚ୍ଛା ପ୍ରକଟ ହେଲା। ଆଦିଶକ୍ତି, ଦେବୀ କୁଷ୍ମାଣ୍ଡାଙ୍କ ରୂପରେ ପୂର୍ବ ସୃଷ୍ଟିର ଅନ୍ତ ପୂର୍ବରୁ ହିଁ ବନସ୍ପତି ଏବଂ ସୃଷ୍ଟିର ରଚନା ନିମନ୍ତେ ଆବଶ୍ୟକ ସାମଗ୍ରୀ ସାଇତି ରଖି ସୂର୍ଯ୍ୟ ମଣ୍ଡଳର ମଧ୍ୟଭାଗରେ ବିରାଜମାନ କରିଥିଲେ। ସୃଷ୍ଟି ରଚନାର ସମୟ ଆସିବା ମାତ୍ରେ ସେ ବ୍ରହ୍ମା, ବିଷ୍ଣୁ ଏବଂ ଭଗବାନ ଶିବଙ୍କୁ ପ୍ରକଟ କଲେ। ଏହାପରେ ସତ୍ତ୍ୱ, ରଜ ଓ ତମୋ ଗୁଣ ସମ୍ପନ୍ନ ତ୍ରୀଦେବୀ ସରସ୍ୱତୀ, ଲକ୍ଷ୍ମୀ ଏବଂ କାଳୀଙ୍କୁ ପ୍ରକଟ କଲେ। ସୃଷ୍ଟି ପରିଚାଳନାରେ ସହାୟତା ପ୍ରଦାନ କରିବା ନିମନ୍ତେ ଆଦି ଶକ୍ତି ବ୍ରହ୍ମାଙ୍କୁ ଦେବୀ ସରସ୍ୱତୀ, ବିଷ୍ଣୁଙ୍କୁ ଦେବୀ ଲକ୍ଷ୍ମୀ ଏବଂ ମହାଦେବଙ୍କୁ ଦେବୀ କାଳୀ ପ୍ରଦାନ କଲେ। ଆଦିଶକ୍ତିଙ୍କ କୃପାରୁ ବ୍ରହ୍ମଦେବ ସୃଷ୍ଟିର ରଚୟିତା ହେଲେ। ବିଷ୍ଣୁ ପାଳନ କର୍ତ୍ତା ଏବଂ ମହାଦେବ ହେଲେ ସଂହାରକର୍ତ୍ତା। ଶାସ୍ତ୍ରରେ ଥିବା ବର୍ଣ୍ଣନା ଅନୁଯାୟୀ, ଯେଉଁଦିନ ବ୍ରହ୍ମଦେବ ସୃଷ୍ଟି ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ ସେଦିନ ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ଥିଲା। ସେଥିପାଇଁ ଭାରତୀୟ ନବବର୍ଷର ଆରମ୍ଭ ଏହି ଦିନ ଠାରୁ ହୋଇଥାଏ। ଦେବୀଙ୍କ କୃପାରୁ ବ୍ରହ୍ମଦେବ ସୃଷ୍ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରିଥିବା ଯୋଗୁଁ ଏହି ଦିନ ଠାରୁ ନଅ ଦିନ ପର୍ଯ୍ୟନ୍ତ ଆଦିଶକ୍ତିଙ୍କ ନଅଟି ରୂପର ପୂଜା କରାଯାଇଥାଏ। ଯାହା ଚୈତ୍ର ନବରାତ୍ରୀ ପର୍ବ ଭାବେ ପ୍ରସିଦ୍ଧ। ସୃଷ୍ଟି ନିର୍ମାଣର କାର୍ଯ୍ୟ ସଫଳ ହେବା ପରି ନବବର୍ଷ ମଧ୍ୟ ସମସ୍ତଙ୍କ ପାଇଁ ସଫଳତା ଆଣୁ ବୋଲି ଏହି ଅବସରରେ ଦେବୀଙ୍କ ନିକଟରେ ପ୍ରାର୍ଥନା କରାଯାଇଥାଏ।

ମାତା ଶୈଳପୁତ୍ରୀ : ନବରାତ୍ରୀର ପ୍ରଥମ ଦିନରେ ମା' ଶୈଳପୁତ୍ରୀଙ୍କ ଉପାସନା କରାଯାଇଥାଏ। ମାର୍କଣ୍ଡେୟ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ପର୍ବତରାଜ ହିମାଳୟଙ୍କ ପୁତ୍ରୀ ରୂପରେ ଜନ୍ମ ନେଇଥିବାରୁ ଦେବୀଙ୍କ ନାମ ଶୈଳପୁତ୍ରୀ ହୋଇଥିଲା। ହିମାଳୟ ହେଉଛନ୍ତି ଶକ୍ତି, ଦୃଢ଼ତା, ଆଧାର ଏବଂ ସ୍ଥିରତାର ପ୍ରତୀକ। ଏହି କାରଣରୁ ମା'ଶୈଳପୁତ୍ରୀଙ୍କୁ ଅଖଣ୍ଡ ସୌଭାଗ୍ୟର ପ୍ରତୀକ ଭାବେ ବିବେଚନା କରାଯାଇଥାଏ। ନବରାତ୍ରୀର ପ୍ରଥମ ଦିନରେ ଯୋଗୀ ଜନମାନେ ନିଜ ଶକ୍ତିକୁ ମୂଳାଧାରରେ ସ୍ଥିର କରି ଯୋଗ ସାଧନା କରିଥାନ୍ତି। ମନୁଷ୍ୟ ଜୀବନରେ ଦୃଢ଼ତା, ସ୍ଥିରତା ଏବଂ ଆଧାରର ବିଶେଷ ମହତ୍ତ୍ୱ ରହିଛି। ଏଣୁ ଏହି ଦିନରେ ନିଜ ସ୍ଥାୟିତ୍ୱ ବଜାୟ ରଖିବା ତଥା ଶକ୍ତି ହାସଲ କରିବା ନିମନ୍ତେ ମାତା ଶୈଳପୁତ୍ରୀଙ୍କ ପୂଜା କରାଯାଇଥାଏ। ମାତାଙ୍କ ଆରାଧନା ଦ୍ୱାରା ଜୀବନରେ ସ୍ଥିରତା ଆସିଥାଏ। ହିମାଳୟଙ୍କ ପୁତ୍ରୀ ହୋଇଥିବା କାରଣରୁ ଦେବୀଙ୍କୁ ପ୍ରକୃତିସ୍ୱରୂପା କୁହାଯାଏ। ତାଙ୍କର ପୂଜା ଶ୍ରେଷ୍ଠ ଏବଂ ମଙ୍ଗଳକାରୀ ହୋଇଥାଏ। ପ୍ରତିପଦା ବା ନବରାତ୍ରୀର ପ୍ରଥମ ଦିନ ମାତା ଶୈଳପୁତ୍ରୀଙ୍କୁ ଘିଅ ଅର୍ପଣ କରି ଭୋଗ ଲଗାନ୍ତୁ। ଏହି ଉପାୟ ଦ୍ୱାରା ରୋଗ କଷ୍ଟରୁ ମୁକ୍ତି ମିଳିଥାଏ ଏବଂ ଶରୀର ନିରୋଗ ହୋଇଥାଏ।

ମାତା ବ୍ରହ୍ମଚାରିଣୀ : ନବରାତ୍ରୀର ଦ୍ୱିତୀୟ ଦିନରେ ମା' ବ୍ରହ୍ମଚାରିଣୀଙ୍କ ପୂଜା ହୋଇଥାଏ। ଦେବୀ ବ୍ରହ୍ମଚାରିଣୀ ବ୍ରହ୍ମ ଶକ୍ତି ଅର୍ଥାତ୍ ତପଶକ୍ତିର ପ୍ରତୀକ। ଏହାଙ୍କ ଆରାଧନା ଦ୍ୱାରା ଭକ୍ତ ଠାରେ ତପ ଶକ୍ତି ବୃଦ୍ଧି ହୋଇଥାଏ। ଏଥିସହିତ ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ। ମା'ବ୍ରହ୍ମଚାରିଣୀ ସମଗ୍ର ସଂସାରକୁ ତପସ୍ୟାର ଶିକ୍ଷା ଦେଇଥାନ୍ତି। କଠିନ ତପସ୍ୟା ଅର୍ଥାତ୍ ପରିଶ୍ରମ ବିନା ସଫଳତା ପ୍ରାପ୍ତ କରିବା ଅସମ୍ଭବ। ବିନା ପରିଶ୍ରମରେ ସଫଳତା ଆଶା କରିବା ଈଶ୍ୱରଙ୍କ ବିଧିର ବୀପରିତ। ଏଣୁ ବ୍ରହ୍ମଶକ୍ତି ବୁଝିବା ଏବଂ ତପସ୍ୟା କରିବା ନିମନ୍ତେ ମାତା ବ୍ରହ୍ମଚାରିଣୀଙ୍କ ଉପାସନା କରିବା ଜରୁରି। ଯୋଗ ଶାସ୍ତ୍ରରେ ବ୍ରହ୍ମଶକ୍ତି ସ୍ୱାଧୀଷ୍ଠାନ ଚକ୍ରରେ ନିହିତ ରହିଛି। ଏଣୁ ସମସ୍ତ ଧ୍ୟାନ ସ୍ୱାଧିଷ୍ଠାନ ଚକ୍ରରେ ସ୍ଥିର କରି ଏହ ଦିନରେ ଦେବୀ ବ୍ରହ୍ମଚାରିଣୀଙ୍କ ଆରାଧନା କରିବା ଆବଶ୍ୟକ। ନବରାତ୍ରୀର ଦ୍ୱିତୀୟ ଦିନରେ ମାତା ବ୍ରହ୍ମଚାରିଣୀଙ୍କୁ ଚିନିଭୋଗ ଲଗାନ୍ତୁ ତଥା ଦାନ କରନ୍ତୁ। ଏହାଦ୍ୱାରା ସାଧକଙ୍କୁ ଲମ୍ବା ଆୟୁ ପ୍ରାପ୍ତ ହୋଇଥାଏ।

ମାତା ଚନ୍ଦ୍ରଘଣ୍ଟା : ନବରାତ୍ରୀର ତୃତୀୟ ଦିନରେ ମାତା ଚନ୍ଦ୍ରଘଣ୍ଟାଙ୍କ ଉପାସନା କରାଯାଇଥାଏ। ଏହି ଦେବୀଙ୍କୁ ଶକ୍ତି ମାତାଙ୍କ ଶିବଦୂତୀ ସ୍ୱରୂପ କୁହାଯାଏ। ମାତାଙ୍କ ମସ୍ତକରେ ଘଣ୍ଟା ଆକାରର ଅର୍ଦ୍ଧଚନ୍ଦ୍ର ରହିଛି। ଏହି କାରଣରୁ ସେ ଦେବୀ ଚନ୍ଦ୍ରଘଣ୍ଟା ହୋଇଛନ୍ତି। ଅସୁରଙ୍କ ସହ ଯୁଦ୍ଧ ସମୟରେ ଦେବୀଙ୍କ ଚନ୍ଦ୍ରଘଣ୍ଟାର ଟଙ୍କାରରେ ଅସୁରଙ୍କ ନିପାତ ହୋଇଥିଲା। ନବରାତ୍ରୀର ତୃତୀୟ ଦିନରେ ଏହି ଦେବୀଙ୍କୁ ଉପାସନା କରାଯାଇଥାଏ। ଦେବୀ ପୂଜା ଦ୍ୱାରା ସାଧକର ମଣିପୁରଚକ୍ର ଜାଗ୍ରତ ହୋଇଥାଏ। ଫଳରେ ମନୁଷ୍ୟ ସ୍ୱୟଂ ସିଦ୍ଧି ପ୍ରାପ୍ତ କରି ସାଂସାରିକ କଷ୍ଟରୁ ମୁକ୍ତି ପ୍ରାପ୍ତ କରିଥାଏ। ନବରାତ୍ରୀର ତୃତୀୟା ତିଥିରେ ମାତାଙ୍କୁ କ୍ଷୀର ଚଢ଼ାଇ ଭୋଗ କରନ୍ତୁ ଏବଂ କ୍ଷୀର ଦାନ କରନ୍ତୁ। ଏହାଦ୍ୱାରା ସମସ୍ତ ପ୍ରକାର ଦୁଃଖରୁ ମୁକ୍ତି ମିଳିଥାଏ।

ଦେବୀ କୁଷ୍ମାଣ୍ଡା : ନବରାତ୍ରୀର ଚତୁର୍ଥ ଦିନରେ ଦେବୀ କୁଷ୍ମାଣ୍ଡାଙ୍କ ପୂଜା କରାଯାଇଥାଏ। ଦେବୀ କୁଷ୍ମାଣ୍ଡା ରୋଗରୁ ତୁରନ୍ତ ମୁକ୍ତି ଦେଇଥାନ୍ତି। ତାଙ୍କୁ ରୋଗ ନଷ୍ଟ କରିବାର ଦେବୀ ରୂପରେ ପୂଜା କରାଯାଇଥାଏ। ଦେବୀଙ୍କ ପୂଜା କରୁଥିବା ଶ୍ରଦ୍ଧାଳୁ ଧନଧାନ୍ୟ ଲାଭ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିଥାଏ। ମା'ଦୁର୍ଗାଙ୍କ ଏହି ଚତୁର୍ଥ ରୂପ କୁଷ୍ମାଣ୍ଡା ନିଜ ଉଦରରୁ ଅଣ୍ଡ ତଥା ବ୍ରହ୍ମାଣ୍ଡର ଉତ୍ପନ୍ନ କରିଥିଲେ ବୋଲି ପୁରାଣରେ ବର୍ଣ୍ଣନା ରହିଛି। ସେଥିପାଇଁ ଦେବୀଙ୍କ ନାମ କୁଷ୍ମାଣ୍ଡା ହୋଇଛି। ନବରାତ୍ରୀର ଚତୁର୍ଥ ଦିନରେ ଦେବୀ କୁଷ୍ମାଣ୍ଡାଙ୍କ ପୂଜା କରିବା ଦ୍ୱାରା ମନୁଷ୍ୟ ଶରୀରରେ ଅନାହତ ଚକ୍ର ଜାଗ୍ରତ ହୋଇଥାଏ। ତାଙ୍କ ଉପାସନା ଦ୍ୱାରା ସମସ୍ତ ରୋଗ ଏବଂ ଶୋକ ଦୂର ହୋଇଥାଏ। ଏଥିସହିତ ଭକ୍ତକୁ ଆୟୁ, ଯଶ, ବଳ ଏବଂ ଆରୋଗ୍ୟ ପ୍ରାପ୍ତି ହୋଇଥାଏ। ଭକ୍ତ ଭୌତିକ ଏବଂ ଆଧ୍ୟାତ୍ମିକ ସୁଖ ପ୍ରାପ୍ତି କରିଥାଏ। ନବରାତ୍ରୀର ଚତୁର୍ଥୀ ତିଥିରେ ଦେବୀ କୁଷ୍ମାଣ୍ଡାଙ୍କୁ ମାଲପୁଆ ବାଢ଼ନ୍ତୁ ଏବଂ ଗରିବଙ୍କୁ ଦାନ କରନ୍ତୁ। ଏହାଦ୍ୱାରା ଜୀବନର ସମସ୍ତ ସମସ୍ୟା ସ୍ୱତଃ ସମାପ୍ତ ହୋଇଯିବ।

ସ୍କନ୍ଦମାତା : ନବରାତ୍ରୀର ପଞ୍ଚମ ଦିନରେ ସ୍କନ୍ଦମାତାଙ୍କ ପୂଜା କରାଯାଇଥାଏ। ସ୍କନ୍ଦମାତା ଭକ୍ତଗଣଙ୍କୁ ସୁଖ-ଶାନ୍ତି ପ୍ରଦାନ କରିଥାନ୍ତି। ଦେବାସୁର ସଂଗ୍ରାମରେ ଭଗବାନ ସ୍କନ୍ଦ (କାର୍ତ୍ତିକେୟ) ଦେବତାମାନଙ୍କ ସେନାପତି ହୋଇଥିଲେ। ତାଙ୍କ ମାତା ହୋଇଥିବା କାରଣରୁ ଦେବୀ ଦୁର୍ଗାଙ୍କୁ ସ୍କନ୍ଦମାତା କୁହାଯାଏ। ପଞ୍ଚମ ଦିନରେ ଏହି ଶକ୍ତିସ୍ୱରୂପିଣୀଙ୍କ ଉପାସନା ଭକ୍ତକୁ ଅଶେଷ ସିଦ୍ଧି ପ୍ରଦାନ କରିଥାଏ। ଦେବାସୁର ସଂଗ୍ରାମ ଭଳି ଜୀବନରେ ଭଲ ଏବଂ ମନ୍ଦ ମଧ୍ୟରୁ ମନୁଷ୍ୟଙ୍କୁ ସର୍ବଦା ଭଲର ପକ୍ଷରେ ରହିବା ଉଚିତ। ସ୍କନ୍ଦମାତାଙ୍କ ଆରାଧନା ଦ୍ୱାରା ମନୁଷ୍ୟ ସତ୍‌ମାର୍ଗରେ ଅଗ୍ରସର ହୋଇଥାଏ। ଦେବୀଙ୍କ ଉପାସନା ମାଧ୍ୟମରେ ମନୁଷ୍ୟର ମନ ବିଶୁଦ୍ଧଚକ୍ରରେ ଅବସ୍ଥିତ ହୋଇଥାଏ। ଏହାଦ୍ୱାରା ଧ୍ୟାନ ଅଧିକ ଏକାଗ୍ର ହୁଏ। ଫଳରେ ମନୁଷ୍ୟ ପରମ ସୁଖ ଏବଂ ଶାନ୍ତି ଅନୁଭବ କରିଥାଏ। ନବରାତ୍ରୀର ପଞ୍ଚମ ଦିନରେ ମାତା ଦୁର୍ଗାଙ୍କୁ କଦଳୀ ଭୋଗ ଲଗାନ୍ତୁ ଏବଂ ଗରିବ ଲୋକମାନଙ୍କୁ କଦଳୀ ଦାନ କରନ୍ତୁ। ଏହାଦ୍ୱାରା ପରିବାରରେ ସୁଖ-ଶାନ୍ତି ବିରାଜମାନ କରିଥାଏ।

ମା'କାତ୍ୟାୟିନୀ : ନବରାତ୍ରୀର ଷଷ୍ଠ ଦିନରେ ଆଦିଶକ୍ତି ଶ୍ରୀଦୁର୍ଗାଙ୍କ ଷଷ୍ଠ ସ୍ୱରୂପ ମା'କାତ୍ୟାୟିନୀଙ୍କ ପୂଜା କରାଯିବାର ନିୟମ ରହିଛି। ମହର୍ଷି କାତ୍ୟାୟନଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ଆଦିଶକ୍ତି ତାଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କରିଥିଲେ। ସେଥିପାଇଁ ଦେବୀଙ୍କୁ କାତ୍ୟାୟିନୀ ରୂପରେ ପୂଜା କରାଯାଏ। ନବରାତ୍ରୀର ଷଷ୍ଠ ଦିନରେ ଦେବୀ କାତ୍ୟାୟିନୀଙ୍କ ପୂଜା କରିବା ଦ୍ୱାରା ଆଜ୍ଞା ଚକ୍ର ଜାଗ୍ରତ ହୋଇଥାଏ। ଏହାର ଫଳସ୍ୱରୂପ ସାଧକ ସ୍ୱୟମେବ ପ୍ରାପ୍ତ କରିଥାଏ। ଏହି ସିଦ୍ଧି ପ୍ରାପ୍ତ କରିବା ଦ୍ୱାରା ମନୁଷ୍ୟ ଇହଲୋକରେ ରହି ମଧ୍ୟ ଅଲୌକିକ ତେଜ ଏବଂ ପ୍ରଭାବଯୁକ୍ତ ହୋଇଯାଇଥାଏ। ଏହାଦ୍ୱାରା ମନୁଷ୍ୟ ରୋଗ, ଶୋକ, ସନ୍ତାପ, ଭୟ ଆଦି ନଷ୍ଟ ହୁଏ। ଷଷ୍ଠୀ ତିଥିରେ ମାତା ଦୁର୍ଗାଙ୍କୁ ମହୁ ଭୋଗ ଲଗାନ୍ତୁ ଏବଂ ମହୁ ଦାନ କରନ୍ତୁ। ଏହି ଉପାୟ ଦ୍ୱାରା ଧନ ଆଗମନର ଯୋଗ ହୋଇଥାଏ।

ଦେବୀ କାଳରାତ୍ରୀ : ମହାଶକ୍ତି ମା'ଦୁର୍ଗାଙ୍କ ସପ୍ତମ ସ୍ୱରୂପ ହେଉଛି କାଳରାତ୍ରୀ। ମାତା କାଳରାତ୍ରୀ କାଳର ନାଶ କରିଥାନ୍ତି। ଏହି କାରଣରୁ ତାଙ୍କ ନାମ କାଳରାତ୍ରୀ ହୋଇଛି। ନବରାତ୍ରୀର ସପ୍ତମ ଦିନରେ ଦେବୀ କାଳରାତ୍ରୀଙ୍କର ପୂଜା କରାଯାଇଥାଏ। ମାତା କାଳରାତ୍ରୀଙ୍କ ଆରାଧନା ସମୟରେ ଭକ୍ତର ମନ ଭାନୁଚକ୍ରରେ କେନ୍ଦ୍ରିତ ହୋଇଥାଏ। ଏହି ଭାନୁ ଚକ୍ର ଲଲାଟ ଅର୍ଥାତ୍ ମସ୍ତିଷ୍କର ମଧ୍ୟ ଭାଗରେ କେନ୍ଦ୍ରୀତ ହୋଇଥାଏ। ଦେବୀଙ୍କ ଆରାଧନାର ଫଳସ୍ୱରୂପ ଭାନୁଚକ୍ରର ଶକ୍ତି ଜାଗ୍ରତ ହୋଇଥାଏ। ମା'କାଳରାତ୍ରୀଙ୍କ ଭକ୍ତି ଦ୍ୱାର ମନରୁ ସମସ୍ତ ପ୍ରକାରର ଭୟ ନଷ୍ଟ ହୋଇଯାଇଥାଏ। ଜୀବନର ପ୍ରତ୍ୟେକ ସମସ୍ୟା କ୍ଷଣିକେ ଦୂରେଇ ଯାଇଥାଏ। ଶତ୍ରୁ ନାଶ କରୁଥିବା ଦେବୀ କାଳରାତ୍ରୀ ନିଜ ଭକ୍ତକୁ ସମସ୍ତ ପ୍ରକାରର ପରିସ୍ଥିତିରୁ ମୁକ୍ତି ଦେଇଥାନ୍ତି। ନବରାତ୍ରୀର ସପ୍ତମୀ ତିଥିରେ ମାତାଙ୍କୁ ଗୁଡ଼ରେ ପ୍ରସ୍ତୁତ ଭୋଗ ଲଗାନ୍ତୁ ତଥା ଦାନ ମଧ୍ୟ କରନ୍ତୁ। ଏହାଦ୍ୱାରା ଦରିଦ୍ରତା ନାଶ ହୋଇଥାଏ।

ଦେବୀ ମହାଗୌରୀ : ନବରାତ୍ରୀର ଅଷ୍ଟମ ଦିନରେ ମାତା ମହାଗୌରୀଙ୍କୁ ପୂଜା କରାଯାଇଥାଏ। ଆଦିଶକ୍ତି ଶ୍ରୀଦୁର୍ଗାଙ୍କ ଅଷ୍ଟମ ସ୍ୱରୂପ ହେଉଛନ୍ତି ମହାଗୌରୀ। ମହାଗୌରୀଙ୍କ ବର୍ଣ୍ଣ ଅତ୍ୟନ୍ତ ଗୌର ହୋଇଥିବାରୁ ତାଙ୍କୁ ମହାଗୌରୀ ନାମରେ ଉପାସନା କରାଯାଇଥାଏ। ନବରାତ୍ରୀର ଅଷ୍ଟମ ଦିନରେ ମା'ଗୌରୀଙ୍କ ଉପାସନା ଦ୍ୱାରା ଶରୀରର ସୋମ ଚକ୍ର ଜାଗ୍ରତ ହୋଇଥାଏ। ଏହି ଚକ୍ର ଉର୍ଦ୍ଧ୍ୱ ଲଲାଟରେ ଅବସ୍ଥିତ। ଅଷ୍ଟମ ଦିନରେ ସାଧନା ପୂର୍ବକ ଏହି ଚକ୍ରରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ। ସୋମ ଚକ୍ରରେ ଧ୍ୟାନ କେନ୍ଦ୍ରିତ କରି ମହାଗୌରୀଙ୍କ ଉପାସନା ଦ୍ୱାରା ଶ୍ରଦ୍ଧାଳୁ ଏହି ଚକ୍ର ସମ୍ବନ୍ଧୀୟ ସମସ୍ତ ଶକ୍ତି ପ୍ରାପ୍ତ କରିଥାଏ। ଏଥିସହିତ ମହାଗୌରୀଙ୍କ ଭକ୍ତି ଦ୍ୱାରା ମନ ଶାନ୍ତ ହୋଇଥାଏ। ନବରାତ୍ରୀର ଅଷ୍ଟମ ତିଥିରେ ମାତାଙ୍କୁ ନଡ଼ିଆ ଅର୍ପଣ କରି ଭୋଗ ଲଗାନ୍ତୁ। ନଡ଼ିଆ ଦାନ କରନ୍ତୁ। ଏହାଦ୍ୱାରା ଶାନ୍ତି ଏବଂ ସୁଖ-ସମୃଦ୍ଧି ପ୍ରାପ୍ତ ହେବ।

ମାତା ସିଦ୍ଧିଦାତ୍ରୀ : ଚୈତ୍ରମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଦେବୀ ଦୁର୍ଗାଙ୍କ ନବଦିନାତ୍ମକ ଉପାସନା ଶେଷ ହୋଇଥାଏ। ଏହି ଅନ୍ତିମ ଦିବସରେ ମାତା ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଇଥାଏ। ମାତା ସିଦ୍ଧିଦାତ୍ରୀ ଭକ୍ତମାନଙ୍କୁ ସମସ୍ତ ସିଦ୍ଧି ପ୍ରଦାନ କରିଥାନ୍ତି। ଅନ୍ତିମ ଦିନରେ ଭକ୍ତମାନଙ୍କୁ ପୂଜା ସମୟରେ ନିଜର ସମସ୍ତ ଧ୍ୟାନ ନିର୍ବାଣ ଚକ୍ରରେ କେନ୍ଦ୍ରିତ କରିବାକୁ ହୋଇଥାଏ। ଏହି ଚକ୍ର କପାଳର ମଧ୍ୟ ଭାଗରେ ରହିଛି। ତେବେ ଏହି ଚକ୍ରରେ ଧ୍ୟାନ କେନ୍ଦ୍ରିତ କରିବାକୁ ହେଲେ ଅଧିକ ଦିନର ଅଭ୍ୟାସ ଆବଶ୍ୟକ। ଏପରି କରିବା ଦ୍ୱାରା ଦେବୀ ସିଦ୍ଧିଦାତ୍ରୀଙ୍କ ସମସ୍ତ ଶକ୍ତି ସ୍ୱତଃ ଭକ୍ତକୁ ପ୍ରାପ୍ତ ହୋଇଥାଏ। ସିଦ୍ଧିଦାତ୍ରୀଙ୍କ ଉପାସନା ଦ୍ୱାରା ଶ୍ରଦ୍ଧାଳୁ ପକ୍ଷେ କୌଣସି କାର୍ଯ୍ୟ ଅସମ୍ଭବ ରହିନଥାଏ। ଶ୍ରଦ୍ଧାଳୁ ସୁଖ-ସୁବିଧା ପ୍ରାପ୍ତ କରିଥାଏ। ନବମୀ ତିଥିରେ ମାତା ସିଦ୍ଧିଦାତ୍ରୀଙ୍କୁ ଶସ୍ୟ ଅର୍ପଣ କରନ୍ତୁ ଏବଂ ଯଥାଶକ୍ତି ଗରିବଙ୍କୁ ଶସ୍ୟ ଦାନ କରନ୍ତୁ। ଏହି ପୁଣ୍ୟ ବଳରେ ଇହଲୋକ ଏବଂ ପରଲୋକରେ ଆନନ୍ଦ ଏବଂ ବୈଭବ ମିଳିବା ସମ୍ଭବପର ହୋଇପାରିବ।

ନବଦୁର୍ଗାଙ୍କ ଅବତାରର କାରଣ : ସଂସାରରେ ଶୁମ୍ଭନିଶୁମ୍ଭଙ୍କ ଅତ୍ୟାଚାର ବଢ଼ି ବଢ଼ି ଚାଲିଥିଲା। ଦେବଗଣ ତ୍ରୀଦେବଙ୍କ ଶରଣାପନ୍ନ ହେବାରୁ ସେମାନଙ୍କ ଅନୁରୋଧକ୍ରମେ ଆଦିଶକ୍ତି ଦେବୀ ଦୁର୍ଗାଙ୍କ ସ୍ୱରୂପ ଧାରଣ କରିଥିଲେ। ଦେବୀ ଦୁର୍ଗାଙ୍କ ଦିବ୍ୟ ସ୍ୱରୂପ ଦେଖି ଦେବାସୁର ସମସ୍ତେ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ। ଦେବୀ ଦୁର୍ଗାଙ୍କ ରୂପ ବିଷୟରେ ଆଭାସ ପାଇ ଶୁମ୍ଭ-ନିଶୁମ୍ଭ ବିବାହ ପ୍ରସ୍ତାବ ଦେଇ କିଛି ଦୂତଙ୍କୁ ପଠାଇଲେ। ରାକ୍ଷସ ଦୂତ ଯାଇ ଶୁମ୍ଭ-ନିଶୁମ୍ଭଙ୍କ ବିବାହ ପ୍ରସ୍ତାବ ଦେବୀଙ୍କୁ ଦେଲେ। ମାତ୍ର ଦେବୀ କହିଲେ, ମୁଁ ପ୍ରତିଜ୍ଞା କରିଛି ଯେ ଯିଏ ମୋତେ ଯୁଦ୍ଧରେ ପରାସ୍ତ କରିବ, ତାକୁ ହିଁ ମୁଁ କେବଳ ବିବାହ କରିବି। ଏହାଶୁଣି ଶୁମ୍ଭ-ନିଶୁମ୍ଭ କ୍ରୋଧିତ ହୋଇ ଧୂମ୍ରଲୋଚନ ନାମକ ରାକ୍ଷସକୁ ଦେବୀଙ୍କ ନିକଟକୁ ପଠାଇଲେ। ଧୂମ୍ରଲୋଚନ ୬୦ ହଜାର ରାକ୍ଷସଙ୍କୁ ନେଇ ଦେବୀଙ୍କ ସହ ଯୁଦ୍ଧ କରିବାକୁ ଆସିଲା। ଦେବୀଙ୍କ ହୁଁ ଶବ୍ଦ ଶୁଣି କ୍ଷଣିକେ ଧୂମ୍ରଲୋଚନର ନିପାତ ହେଲା। ଏହାର କିଛି କ୍ଷଣ ମଧ୍ୟରେ ଦେବୀ ସମସ୍ତ ରାକ୍ଷସଙ୍କୁ ନିପାତ କଲେ। ଏହାଜାଣି ଶୁମ୍ଭ-ନିଶୁମ୍ଭ ଅନ୍ୟ ଦୁଇ ରାକ୍ଷସ ଚଣ୍ଡ ଏବଂ ମୁଣ୍ଡଙ୍କୁ ଦେବୀଙ୍କ ସହ ଯୁଦ୍ଧ ନିମନ୍ତେ ପଠାଇଲେ। ମାତ୍ର ଦେବୀ ଦୁର୍ଗତିନାଶିନୀ ଚାମୁଣ୍ଡା ରୂପ ଧାରଣ କରି ଚଣ୍ଡ-ମୁଣ୍ଡଙ୍କ ବିନାଶ କଲେ। ଶେଷରେ ଶୁମ୍ଭ ଏବଂ ନିଶୁମ୍ଭ ସମସ୍ତ ରାକ୍ଷସ ସେନାଙ୍କୁ ଏକତ୍ର କରି ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ କରିବାକୁ ଆଗେଇ ଆସିଲେ। ଏହା ଜାଣିବା ପରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସମସ୍ତ ଦେବଗଣ ଦେବୀଙ୍କୁ ନିଜ ନିଜର ଶକ୍ତି ପ୍ରଦାନ କରିଥିଲେ। ସେହି ଶକ୍ତିରୁ ଦେବୀ ଦୁର୍ଗାଙ୍କ ନଅଟି ସ୍ୱରୂପ ପ୍ରକଟ ହୋଇ ଶୁମ୍ଭ-ନିଶୁମ୍ଭଙ୍କ ବିନାଶ କରିଥିଲେ।

ଦେବୀ ମାହାତ୍ମ୍ୟ : ଦେବୀ ମାହାତ୍ମ୍ୟରେ ଦେବୀ ଦୁର୍ଗାଙ୍କ ମହିମା ବିଷୟରେ ବର୍ଣ୍ଣନା ରହିଛି। ଏହି ଗ୍ରନ୍ଥରେ ଦେବୀ ମହିଷାସୁର ନାମକ ରାକ୍ଷସର ବଧ କରିଥିବା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଦେବୀ ମାହାତ୍ମ୍ୟ ହେଉଛି ମାର୍କଣ୍ଡେୟ ପୁରାଣର ଏକ ଅଂଶବିଶେଷ। ଏଥିରେ ମୋଟ ୭୦୦ଟି ଶ୍ଳୋକ ରହିଛି। ଏହାକୁ ଦୁର୍ଗା ସପ୍ତଶତି ମଧ୍ୟ କୁହାଯାଏ। ଏହି ଗ୍ରନ୍ଥରେ ସୃଷ୍ଟିର ପ୍ରତିକାତ୍ମକ ବ୍ୟାଖ୍ୟା କରାଯାଇଛି। ଏଥିରେ ଥିବା ବର୍ଣ୍ଣନା ଅନୁଯାୟୀ ଜଗତର ସମସ୍ତ ଶକ୍ତିର ଦୁଇଟି ସ୍ୱରୂପ ରହିଛି। ଗୋଟିଏ ସଞ୍ଚିତ ଶକ୍ତି ଏବଂ ଅନ୍ୟଟି କ୍ରିୟାତ୍ମକ ଶକ୍ତି। ନବରାତ୍ରୀ ସମୟରେ ଏହି ମହାନଗ୍ରନ୍ଥର ପାଠ କରାଯାଇଥାଏ। ଏଥିରେ ସୃଷ୍ଟି କର୍ତ୍ତା ବ୍ରହ୍ମଦେବ ଦେବୀଙ୍କ ଦୁର୍ଗାଙ୍କ ଉଦ୍ଦେଶ୍ୟରେ କରିଥିବା ସ୍ତୁତି ଅତି ଚମତ୍କାର ଢ଼ଙ୍ଗରେ ବର୍ଣ୍ଣନା କରାଯାଇଛି। ଦେବୀମହାତ୍ମ୍ୟରେ ରହିଥିବା ଶ୍ଳୋକର କାବ୍ୟିକ ସୁଷମା ଏବଂ ଦାର୍ଶନିକତା ଏହାର ମହାନତାକୁ ବର୍ଣ୍ଣନା କରିଥାଏ। ଦେବୀ ମହାତ୍ମ୍ୟରେ ଦେବୀଙ୍କ ଦ୍ୱାରା ମହିଷାସୁର ଏବଂ ଶୁମ୍ଭ-ନିଶୁମ୍ଭ ନାମକ ରାକ୍ଷସର ବଧ କଥା ବର୍ଣ୍ଣନା କରାଯାଇଛି।



କେନ୍ଦୁଝର,(ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ,ପୁଟୁଳିଆସ୍ଥିତଏସ୍‌ସି ମହାକୁଡ଼ ମେମୋରିଆଲ ଟ୍ରଷ୍ଟ ପରିଚାଳିତ ଡ୍ରିମଲ୍ୟାଣ୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଡ୍ରିମ୍ ଫେଷ୍ଟ - ୧୪' ଅନୁଷ୍ଠାନ ପ୍ରାଙ୍ଗଣରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ପ୍ରଶାନ୍ତ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରମନ୍ ଛୁରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଶିକ୍ଷା ପଦ୍ଧତିରେ ବିଦ୍ୟାଳୟ, ଶିକ୍ଷକ ଏବଂ ଅଭିଭାବକଙ୍କ ଦାୟିତ୍ୱ ଉପରେ ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିବାବେଳେ ସାମ୍ବାଦିକ ନିର୍ମଳ ଚନ୍ଦ୍ର ବାରିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସଂସ୍କାର ଯୁକ୍ତ ଶିକ୍ଷା ହିଁ ଉତ୍ତମ ମଣିଷ ଗଢିଥାଏ ଏବଂ ଏଥିପାଇଁ ବିଦ୍ୟାଳୟ ଦ୍ୱିତୀୟ ଏକ୍ତିଶାଳ ବୋଲି କହିଥିଲେ। ଅବସରପ୍ରାପ୍ତ ସହକାରୀ ବ୍ଲକ ଶିକ୍ଷାଧିକାରୀ ଉଜ୍ଜ୍ୱଳ ଚନ୍ଦ୍ର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଗୁଣାତ୍ମକ ଶିକ୍ଷା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବଡ ଠାକୁରଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ ଓ ସ୍ୱର୍ଗତ ସାଧୁ ଚରଣ ମହାକୁଡ଼ଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଉତ୍ସବର ଉଦଘାଟନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଗୋପବନ୍ଧୁ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଶିକ୍ଷୟିତ୍ରୀ ଗାୟତ୍ରୀ ମହାନ୍ତି ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କ୍ରମରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବିଦ୍ୟାଳୟର ଛାତ୍ର ଓମ୍ ଶ୍ରୀ ମହାନ୍ତଙ୍କୁ 'ଷ୍ଟୁଡେଣ୍ଟ୍ ଅଫ୍ ଦି ଇୟର' ଏବଂ ଶୁଭମ୍ କୁମାର ନାଏକଙ୍କୁ 'ଚମ୍ପିୟାନ' ଭାବେ ପୁରସ୍କୃତ କରାଯାଇଥିଲା ।

# ମହାଦେଇଯୋଡ଼ାରେ ଜଙ୍ଗଲୀ ହାତୀ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ବନଖଣ୍ଡରେ ୧୬୫ ବଣୁଆ ହାତୀ ଙ୍କ ଆତଙ୍କରାଜ । ତା ମଧ୍ୟରୁ କେନ୍ଦୁଝର ବିଜେପି ରେଞ୍ଜ ରେ ଏକ ୧୮ ଟିକିଆ ହାତୀପଲଙ୍କ ଗତ ୪ ଦିନ ଧରି ଉପଦ୍ରବ ଚଳାଇଛନ୍ତି । ଗତ ବୁଧବାର ବିଳମ୍ବିତ ରାତି ରେ କୁସୁମିତା ଓ ମହାଦେଇଯୋଡ଼ା ନିକଟରେ ଏହି ୧୮ ଟିକିଆ ହାତୀପଲଙ୍କୁ ଦେଖି ଲୋକମାନେ ଭୟଭୀତ ହୋଇ ପଡ଼ିଥିଲେ । ହାତୀପଲ କାଳେ ଜନବସତି ମୁହାଁ ହେବେ ଏବଂ ଚାଷୀଙ୍କର ଫସଲ ନଷ୍ଟ କରିବେ, ସେହି ଭୟରେ ଲୋକମାନେ ହାତୀ ଘଉଡ଼ାଇବାକୁ ରାତିସାରା ଉଦ୍ୟମ ଚଳାଇଥିଲେ । ଏହି ଅଞ୍ଚଳରେ ବ୍ୟାପକ ପନିପରିବା ଚାଷ ହେଉଥିବା ବେଳେ, କିଛି ଦିନ ହେବ ହାତୀପଲ ପନିପରିବା ଖାଇବା ସହ, ପାଦରେ ଦଳି ଚକଟି ନଷ୍ଟ କରିବା ସହ ଆମ୍ବଡହରା ଗାଁ ସ୍କୁଲ ର ଝରକା ଭାଙ୍ଗି ମଧ୍ୟାହ୍ନ ଚାଉଳ ଡାଲି ଆଦି ଖାଇଯିବା ସହ ଅଣ୍ଡା ଓ ଆସବାପତ୍ର ପାଦରେ ଦଳି ଚକଟି ନଷ୍ଟ କରି ପକାଇଥିଲେ । ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ବା ବିଜେପି ରେଞ୍ଜ ର ଶୁଆକାଟି ରୁ ଆସିଥିବା ୧୮ ଟିକିଆ ହାତୀପଲ ପୁନର୍ବାର ଶୁଆକାଟି ଜଙ୍ଗଲକୁ ଫେରି ଯାଇଥିବା ଡିଏଫଓ ସୂଚନା ଦେଇଛନ୍ତି । ଏହା ସହ ହାତୀ ଙ୍କ ଦ୍ୱାରା କ୍ଷୟକ୍ଷତିର ଆକଳନ କରାଯାଇ ତୁରନ୍ତ କ୍ଷତି ପୂରଣ ଦିଆଯିବା ସହ ହାତୀ ଙ୍କ ଗତିବିଧି ଉପରେ ନଜର ରଖାଯାଇଛି ।

# ପରଜଙ୍ଗରୁ ପୁରୀକୁ ଗଲା ରଥକାଠ

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ବନଖଣ୍ଡ ମହାବୀରୋଡ଼ ରେଞ୍ଜ ଅଧୀନ ଡିହଡୋଲ ସେକ୍ସନ ର ପୃଥକ ପୃଥକ ୨ ଟି ଗାଁରୁ ରଥ ପ୍ରସ୍ତୁତି ପାଇଁ ଫାଶୀଗଛ କାଠ ଶୁକ୍ରବାର ଦିନ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାଇଥିବା ଦେଖିବାକୁ ମିଳିଛି । ବ୍ଲକର କନ୍ଦରସିଂହା ଗ୍ରାମର ସୁଧାକର ବିଶ୍ୱାଳଙ୍କ ବାଡ଼ିରେ ଥିବା ୨ ଟି ଫାସି ଗଛ ଓ କୁମୁସି ଗ୍ରାମର ସ୍ୱର୍ଗତ ଗୌରହରି ପଣ୍ଡାଙ୍କ କାମନାଘର ନିକଟ ବାଡ଼ିରେ ରହିଥିବା ୩ ଟି ଫାସିଗଛର କାଠ ରଥ ନିର୍ମାଣ ପାଇଁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାଇଥିବା ଜଣାପଡିଛି । ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟରେ ଗଛର କାଠ ବ୍ୟବହାର କରିବା ପାଇଁ ଏ ସମ୍ବନ୍ଧେ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ ମାଗିଥିଲେ । ଯାହା



ଫଳରେ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ମହାବିରୋଡ ରେଞ୍ଜର ହରେଶ ଚନ୍ଦ୍ର କିଷାନଙ୍କ ତତ୍ତ୍ୱାବଧାନରେ ଗୁରୁବାର ଦିନ ୫ ଟି ଯାକ ଗଛ କଟାଯାଇ ଏଥିରୁ ୧୧ ଟି କାଠ ଗଣ୍ଡି ସଂଗୃହୀତ କରାଯାଇଥିଲା । ଏହି କାଠଗଣ୍ଡି ପୁରୀ ଯିବା ପାଇଁ ଶୁକ୍ରବାର ଦିନ ବନ ବିଭାଗ ପକ୍ଷରୁ ସବୁ ପ୍ରକାର ଉଦ୍ୟମ ଜାରି ରହିଥିଲା । କାଠକୁ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା, ନାମ ସଙ୍କୀର୍ତ୍ତନ କରାଯାଇ ଥିବାବେଳେ ହରିବୋଲ ହୁଳହୁଳିରେ ଉଭୟ ଗାଁ ପରିବେଶ ଉତ୍ସବ ମୁଖର ହୋଇପଡ଼ିଥିଲା। କାଠକୁ ପୂଜାର୍ଚ୍ଚନା କରିସାରିବା ପରେ ଜେସିବି ମେସିନ ସାହାଯ୍ୟରେ କାଠ ଗଣ୍ଡି କୁ ଆଜ୍ଞାମାଳ ପିନ୍ଧାଇ ଟ୍ରକ ଉପରକୁ ଉଠାଯାଇ ଯନ୍ତ୍ର ସହ କାଠ ବୋଝେଇ ଟ୍ରକ ପୁରୀ ଅଭିମୁଖେ ଯାଇଥିଲା । କନ୍ଦରସିଂହା ଓ କୁମୁସି ଗ୍ରାମବାସୀଙ୍କ ସହଯୋଗ ରହିଥିବା ବେଳେ ବହୁଳ ସଂଖ୍ୟାରେ ଆଖପାଖ ଅଞ୍ଚଳରୁ ଦର୍ଶକ ମାନଙ୍କ ଭିଡ ଓ ଉତ୍ସାହ ଦେଖାଯାଇଥିଲା ।

# ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ବାରୁଣୀ ବୁଡ଼



ଖଇରପୁଟ(ଭାସ୍କର ନ୍ୟୁଜ୍): ମାଥିଲି ବ୍ଲକ ମେକ୍ସା ପଞ୍ଚାୟତ କାଳିଆଗୁଡ଼ା ବାରୁଣୀ ଶ୍ରୀକ୍ଷେତ୍ର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ମହାବାରୁଣୀ ତିଥିରେ ସାବେରୀ, ପାଙ୍ଗମ ଏବଂ ବାକଲି ଯୋଡ଼ି ସଙ୍ଗମରେ ସ୍ନାନ କରି ଜଗତରନାଥଙ୍କ ପୂଜାର୍ଚ୍ଚନା କରିଛନ୍ତି। ପିତୃପୁରୁଷଙ୍କୁ ପିଣ୍ଡଦାନ, ଅସ୍ଥି ବିସର୍ଜନ, ପିଲାଙ୍କ ମୁଣ୍ଡନ ଏବଂ ଅସହାୟଙ୍କୁ ଦାନ ଦେଇଛନ୍ତି। ଏହାଦ୍ୱାରା ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି। ଘର, ଗାଁର ମଙ୍ଗଳ ସହ ଭଲ ଫସଲ ହୁଏ ବୋଲି ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ଗତ ୨୫ ତାରିଖରେ ଆରମ୍ଭ ହୋଇଥିଲା ଯାତ୍ରା । ପ୍ରଥମ, ଦ୍ୱିତୀୟ ଦିନ ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା କରାଯାଇଥିଲା। ଆଜି ଶ୍ରଦ୍ଧାଳୁମାନେ ବୁଡ଼ ପକାଇ ଅସ୍ଥି ବିସର୍ଜନ କରିଥିଲେ । ପିଣ୍ଡ ଦାନ ସହ ଅନ୍ୟାନ୍ୟ ସାମାଜିକ କାମ କରାଯାଇଥିଲା । ରାତିରେ ଭଜନ ସନ୍ଧ୍ୟା ଏବଂ ଦେଶିଆ ନାଟ ପରିବେଷଣ କରାଯାଇଥିଲା । ପୂଜା କମିଟି ପକ୍ଷରୁ ସମସ୍ତଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। କମିଟି ସଭାପତି ଡମ୍ବରୁଧର ପେରମା, ଉପସଭାପତି ପଦ୍ମ ନାୟକ, ବଳରାମ । ଅନୁଗୁଳିଆ, ସମରା ନାୟକ, ନାୟକ, ମଙ୍ଗଳା ଖୁର୍ମୀ, ସମାରୁ ନାୟକ, ତ୍ରିନାଥ ଭୂମିଆ, ମୁନିରାମ ଭୂମିଆ, ବଳରାମ ନାୟକ, ବାସୁଦେବ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂର୍ଯ୍ୟନାରାୟଣ ପାଢି, ଶିବପ୍ରସାଦ ପରିଚ୍ଛା ଜଗନ୍ନାଥ ମନ୍ଦିର ପୂଜାର୍ଚ୍ଚନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫୋର୍ସ ମୁତୟନ କରାଯାଇଥିଲା। ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ଏବଂ ଅନ୍ୟ ଅଫିସରମାନେ ସହଯୋଗ କରିଥିଲେ।

# ବିବାହିତା ମହିଳାଙ୍କୁ ପ୍ରେମକରି ଜେଲ୍‌ଗଲେ ଯୁବକ



ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ଥ ନିଆଳି ହାଟ ସାହିର ଜଣେ ଯୁବକ ନିଜ ଘରେ ଭଡ଼ା ଥିବା ଜଣେ ବିବାହିତ ମହିଳାକୁ ବିବାହର ପ୍ରତିଶ୍ରୁତି ଦେବା, ଶାରୀରିକ ସମ୍ପର୍କ ରଖିବା ଓ ତାର ଗର୍ଭ ନଷ୍ଟ କରିବା, ପରବର୍ତ୍ତୀ ସମୟରେ ଘରୁ ବାହାର କରିଦେବା ଭଳି ସଂଗୀନ ଅଭିଯୋଗ ହୋଇଛି ନିଆଳି ଥାନାରେ। ମିଳିଥିବା ସୂଚନା ଅନୁଯାୟୀ ଜଗତସିଂପୁର ଜିଲ୍ଲା କୁଜଙ୍ଗ ଥାନା ଚକୁଳିଆ ଗ୍ରାମର କୃଷ୍ଣଚନ୍ଦ୍ର ଭୋଳ ଙ୍କ ଝିଅ ସସ୍ମିତା ଭୋଳ, ବୟସ ୪୫ ନିଆଳି ଥାନା ଅଧୀନସ୍ଥ ନିଆଳି ବଜାର ହାଟ ସାହିରେ ରତନାକର ସାହୁ ଙ୍କ ଘରେ ଭଡ଼ା ରହି ଏକ ଘରୋଇ ସ୍କୁଲରେ ପାଠ ପଢ଼ାଉ ଥିଲେ। ରତ୍ନାକର ସାହୁଙ୍କ ପୁଅ ଲୋକନାଥ ସାହୁ ( ୨୫ ) ବିବାହ ର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ତା ଗର୍ଭ ନଷ୍ଟ କରି ଘରୁ ବାହାର କରିଦେବା ଭଳି ନିଆଳି ଥାନା ରେ ଅଭିଯୋଗ କରିଛନ୍ତି ସସ୍ମିତା। ଅଭିଯୋଗ ପରେ ନିଆଳି ପୋଲିସ ୧୨୭/୨୫ ରେ ମାମଲା ରୁଜୁ କରି ଲୋକନାଥ ସାହୁ ଗିରଫ କରି କୋଟ ଚାଲାଣ କରିଥିବା ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ୍ କହିଛନ୍ତି।

### ।।। ମୋ ଉପକାରୀ ବଗିଚା ।।।

# ଚାରାଗଛ ସବୁ ଗଲା କୁଆଡ଼େ ?

ନିଆଳି (ଭାସ୍କର ନ୍ୟୁଜ୍): ଗ୍ରୀଷ୍ମ ଋତୁରେ ଲେମ୍ବୁର ଆବଶ୍ୟକତା ସ୍ୱାଭାବିକ ଭାବେ ଅଧିକ ହୋଇଥିବାରୁ ଏହାର ଚାହିଦା ଅଧିକ ରହିଛି। କଟକ ଜିଲ୍ଲା ନିଆଳି ବଜାରରେ ଯୋଗାଣ କମ ଓ ଚାହିଦା ଅଧିକ କାରଣରୁ ଲେମ୍ବୁ ଗୋଟେ ପ୍ରତି ୫ ଟଙ୍କା ଦରରେ ବିକ୍ରି ହେଉଛି। ଏବେ ଯେଉଁ ଲେମ୍ବୁ ବଜାରରେ ମିଳିଛି ତାହାର ଗୁଣାତ୍ମକ ମାନ ସୁଗନ୍ଧଯୁକ୍ତ ହୋଇଥିବାରୁ ଏହାର ଦାମ ୬-୮ ଟଙ୍କା ଦାମ ରେ ବିକ୍ରି ହେଉଛି। ଲେମ୍ବୁ ସହ କଦଳୀ, ସଜନା ଛୁଇଁ, ଅମୃତ ଭଣ୍ଡା ପ୍ରତ୍ୟେକ ପରିବା ର ଆବଶ୍ୟକତା ରହିଛି। ଏହି ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାର ମୋ ଉପକାରୀ ବଗିଚା ଯୋଜନା କାର୍ଯ୍ୟକାରୀ କରି ହଜାର ହଜାର ପରିବାରକୁ ଆର୍ଥିକ ଓ ବୈଷୟିକ ସମନ୍ୱୟରେ ରଖିବା ପାଇଁ ଯୋଜନା ଆରମ୍ଭ କରିଥିଲେ। ଏଥିପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀମାନେ ଉନ୍ନତ କିସମର ଲେମ୍ବୁ, କଦଳୀ, ସଜନା ଛୁଇଁ ଓ ଅମୃତଭଣ୍ଡା ଚାରା ଉତ୍ପାଦନ କରି ହିତାଧିକାରୀଙ୍କୁ ଯୋଗାଇଦେଇଥିଲେ। ଉଦ୍ୟାନ ବିଭାଗର ଏହି ଯୋଜନା ୬ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟକାରୀ ହୋଇଛି। ଏହି ଚାରାଗୁଡିକ ହାଇବ୍ରିଡ଼ଚାରା ହୋଇଥିବାବେଳେ ରୋପଣ କରାଯାଇଥିବା ଚାରା ଗଛରୁ ସଂଘନ ଉତ୍ପାଦନ ହେବା କଥା ମାତ୍ର କଟକ ଜିଲ୍ଲା ନିଆଳି ବଜାରରେ ଲେମ୍ବୁ ଅନ୍ୟାନ୍ୟ ଜିଲ୍ଲା ଏପରିକି ଜିଲ୍ଲା ବାହାର ରାଜ୍ୟରୁ ଆସୁଛି। ଏଥିସହିତ କଦଳୀ ପାଇଁ ଆନ୍ଧ୍ର ଉପରେ ମଧ୍ୟ ଆମେ ନିର୍ଭରଶୀଳ। ହିତାଧିକାରୀ ପରିବାର ପନିପରିବା ଆବଶ୍ୟକତା ପାଇଁ ବଜାର ଉପରେ ନିର୍ଭରଶୀଳ ହ୍ରାସ ପାଇଁ ରାଜ୍ୟ ସରକାର ମୋ ଉପକାରୀ ବଗିଚା ଆରମ୍ଭ କରିଥିଲେ। ମାତ୍ର ଯୋଜନା ପ୍ରଣୟନ ପୂର୍ବରୁ ବଜାର ଅବସ୍ଥା ଯାହା ଥିଲା ଏବେ ମଧ୍ୟ ସେହି ଅବସ୍ଥା। ଉଦ୍ୟାନ ବିଭାଗ ଓ ଏସଓଜି ମାନେ ରୋପଣ କରିଥିବା ଚାରାଗଛ ସବୁ ଗଲା କୁଆଡେ ? ଫଳ ଫଳିବା ତ ଦୂରର କଥା ଯେଉଁ ଜାଗାରେ ଚାରାରୋପଣ କରାଯାଇଥିଲା ସେ ଜାଗାର ଚିହ୍ନବର୍ଣ୍ଣ ନାହିଁ।

## ଆଇପିଏଲ ମ୍ୟାଚକୁ ନେଇ ଚଳଚଞ୍ଚଳ ଅସ୍ତରଙ୍ଗ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ଆଇପିଏଲ କ୍ରିକେଟ ମ୍ୟାଚରେ ଚଳଚଞ୍ଚଳ ଯୁବବର୍ଗ। ଅନୁଷ୍ଠିତ ମ୍ୟାଚଦେଖିବା ସହିତ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଗାଁରେ ଯୁବବର୍ଗ ମୋବାଇଲ୍‌ଫୋନ୍ ମାଧ୍ୟମରେ ସ୍ୱତନ୍ତ୍ର ଆପ୍ ଜରିଆରେ ବେଟିଂ ଲଗାଉଥିବା ଦେଖିବାକୁ ମିଳୁଛି। ଅନଲାଇନ୍ ବେଟିଂ ବିଭିନ୍ନ ଦଳ ସପକ୍ଷରେ କିମ୍ବା ବ୍ୟାଟ୍ସ ମ୍ୟାନ, ବୋଲର ସପକ୍ଷରେ ଲଗାଉଛନ୍ତି। ପୂର୍ବରୁ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ହେଉ ଅବା ଛକରେ ଏହି ବେଟିଂ ବ୍ୟବସ୍ଥା ଜାରୀ ରହୁଥିବାରୁ ଟଙ୍କା ନେଣଦେଣ ଦେଖିବାକୁ ମିଳୁଛି। ହେଲେ ବର୍ତ୍ତମାନ ଅନଲାଇନ୍ ବେଟିଂ ଆରମ୍ଭ ହେବା ପରେ ଯୁବକ ମାନେ କେତେ ଟଙ୍କା ବେଟିଂରେ ଲଗାଉଛନ୍ତି ତା,

**ବେଟିଂରେ ମାତୁଛନ୍ତି ଯୁବବର୍ଗ ଟେରପାଉନି ପୋଲିସ**

ଜାଣିବା ପାଇଁ ପୋଲିସ ପକ୍ଷରେ ମୁସ୍କିଲ ହୋଇ ପଡୁଛି। ଆଇପିଏଲ ମ୍ୟାଚରେ ଯେଉଁ ଟିମ୍ ସପକ୍ଷରେ ଥିବା ଲୋକେ ପ୍ରଥମ ଇନିଂସ ପୂର୍ବେ ୧୦୦ଟଙ୍କାରେ ୨୩୦ଟଙ୍କା ଦେଉଥିବା ବେଳେ ଏବେ ପ୍ରଥମ ଇନିଂସ୍ ପରେ ପ୍ରତି ୧୦୦ଟଙ୍କାରେ ୪୩୦ଟଙ୍କା ଦେଇଥିଲେ। ଏହିଭଳି ଭଲ ବ୍ୟାଟ୍ସମ୍ୟାନ୍‌ମାନେ ବ୍ୟାଟିଂ ପରେ ୧୦୦ଟଙ୍କା ୧୮ଶହ ରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଯାଉଛି। କିଛି ଯୁବକ ଓଭର ରୁ ଓଭର ବେଟିଂ ଅନଲାଇନ୍‌ରେ କରୁଥିବା ଦେଖିବାକୁ ମିଳୁଛି। ତେବେ, ଅନ୍ୟ ପକ୍ଷରେ ମ୍ୟାଚ ଦେଖିବା ପାଇଁ ଅନେକ ଯୁବବର୍ଗ ଓ ଖେଳପ୍ରେମୀ ସ୍ୱତନ୍ତ୍ର ପ୍ରୋଜେକ୍ଟ ଲଗାଉଛନ୍ତି । ସେଇଠାରେ ବେଟିଂ ଲଗାଉଛନ୍ତି ଅନଲାଇନ୍‌ରେ। ଅନେକ ଯୁବବର୍ଗ ବେଟିଂରେ ହଜାର ହଜାର ଟଙ୍କା ହାରି ନିରାଶ ହେଉଥିବା ବେଳେ କିଛି ଯୁବକ ବେଟିଂରେ ଜିତି ଉତ୍ସବ ମନାଉଛନ୍ତି।

## କୃଷ୍ଣ ଗୋପାଳ ସାଂସ୍କୃତିକ ପରିଷଦର ବିଶ୍ୱ ନାଟ୍ୟ ଦିବସ

# 'ଭଲ ନାଟକ ଦର୍ଶକର ଅନ୍ତର୍ଜଗତକୁ ଆଚ୍ଛନ୍ନ କରେ'




କେନ୍ଦୁଝର(ଭାସ୍କର ନ୍ୟୁଜ୍): କୃଷ୍ଣ ଗୋପାଳ ସମାଜ ତରଫରୁ କୃଷ୍ଣ ଗୋପାଳ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ବିଶ୍ୱନାଟ୍ୟ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ଶିକ୍ଷାବିତ ତଥା ନାଟ୍ୟକାର ଭାଗୀରଥି ଗିରି । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ତଥା ପ୍ରାଧ୍ୟାପକ ଡକ୍ଟର କୁଳମଣି ପ୍ରଧାନ ଯୋଗଦେଇ ବିଶ୍ୱ ନାଟ୍ୟ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇ କହିଥିଲେ ଯେ ବିଶ୍ୱ ନାଟ୍ୟ ଦିବସ ଆନ୍ତର୍ଜାତୀୟ ନାଟ୍ୟ ଅନୁଷ୍ଠାନ ଦ୍ୱାରା ପ୍ରତିବର୍ଷ ମାର୍ଚ୍ଚ ମାସ ୨୭ତାରିଖ ପାଳନ କରାଯାଏ। ୧୯୬୧ ମସିହାରେ ଅର୍ଭି କିଭିମା ବିଶ୍ୱ ନାଟ୍ୟ ଦିବସ ପାଳନ ପାଇଁ ପ୍ରସ୍ତାବ ରଖିଥିଲେ ଏବଂ ୧୯୬୨ ମସିହାରୁ ବିଶ୍ୱର ଜଣେ ପ୍ରଖ୍ୟାତ ବ୍ୟକ୍ତିତ୍ୱ ପ୍ରଥମେ ଫ୍ରାନ୍ସ ର ଜିନ କକେଟ୍ୟୁ ସନ୍ଦେଶ ପ୍ରଦାନ କରିଥିଲେ । ଚଳିତ ବର୍ଷ ବିଶ୍ୱ ନାଟକ ଦିବସର ବାର୍ତ୍ତା ପ୍ରଦାନ କରିଛନ୍ତି ଇଟାଲୀର ପ୍ରଖ୍ୟାତ ନାଟ୍ୟକାର, ନିର୍ଦ୍ଦେଶକ, ମଞ୍ଚ କଳାକାର ତଥା ନୋବେଲ ବିଜେତା ଡରିଓ ଫୋ । ନାଟକ ଓ ଶାନ୍ତିର ସଂସ୍କୃତି ଉପରେ ବାର୍ତ୍ତା ଦେଇ ସଫଳ ନାଟକ ମାଧ୍ୟମରେ ମଣିଷ ର ଶାନ୍ତି କାମନା କରିଛନ୍ତି । ସଫଳ ନାଟକ ହିଁ ଦର୍ଶକ ର ଅନ୍ତର୍ଜଗତ କୁ ଅଚ୍ଛନ୍ନ କରି ତାକୁ ଭାବିବା ପାଇଁ ଆଗ୍ରହ ସୃଷ୍ଟି କରେ ଓ ନାଟ୍ୟମନସ୍କ କରାଇଥାଏ। ତେଣୁ ବିଭିନ୍ନ ବର୍ଗର ଦର୍ଶକ ପାଇଁ ମୌଳିକ ନାଟକର ଆବଶ୍ୟକତା ରହୁଛି । ମୁଖ୍ୟ ଅତିଥି ଭାବେ ଗିରିଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇ କହିଥିଲେ ଯେ ଜନ ଜୀବନର ବାସ୍ତବ କଥା କହେ ନାଟକ । ତେଣୁ ନାଟକ ଆମର ଆଦର୍ଶ । ବିଶିଷ୍ଟ ଅତିଥି ଭାବେ ହରିଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ଭରତ ଙ୍କ ନାଟ୍ୟଶାସ୍ତ ଠାରୁ ବର୍ତ୍ତମାନ ର ମଞ୍ଚ ନାଟକ ର ବିଶ୍ଳେଷଣ କରି ନାଟକ ପ୍ରତି ଶ୍ରଦ୍ଧା କରିବାକୁ ବକ୍ତବ୍ୟ ଦେଇଥିଲେ ଓ ନାଟକ ମାଧ୍ୟମରେ ଜୀବନ ର ବୈଚିତ୍ର୍ୟକୁ ଉପଲବ୍ଧି କରିହୁଏ ବୋଲି କହିଥିଲେ ଏବଂ ଆମ ସମାଜର ଏକ ନାଟକ ପ୍ରସ୍ତୁତି ପାଇଁ ପ୍ରସ୍ତାବ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଟ୍ୟପ୍ରେମୀ ଯଶୟ ହେମ୍ବ୍ରମ ଯୋଗଦେଇ ମଞ୍ଚ ନାଟକର ଅସ୍ତିତ୍ୱ ଉପରେ ଆଲୋଚନା କରି କହିଥିଲେ ଯେ ନାଟକ ମଣିଷ କୁ ସତମାର୍ଗ ରେ ଯିବାପାଇଁ ହୃଦୟ ପରିବର୍ତ୍ତନ କରିପାରେ ଓ ସବୁବେଳେ ନାଟକର ଆଦର ରହିଛି । ସଭାପତି ତାଙ୍କ ବକ୍ତବ୍ୟ ରେ କହିଥିଲେ ଯେ ନାଟକ ହେଉଛି ସମାଜ ର ପ୍ରତିଛବି । ଜୀବନର ବାସ୍ତବ ଘଟଣା ନାଟକ ଦେଖାଇପାରେ। ଆଜିର ମଞ୍ଚ ନାଟକ ନିଜର ପରିଚୟ ଖୋଜି ପାଇବାରେ ସକ୍ଷମ ହୋଇଛି । ଅଭିନେତା ବିଜୟାନନ୍ଦ ଗିରି ଯୋଗ ଦେଇ ନିଜର ଅନୁଭୂତି ନାଟକ ସମ୍ପର୍କରେ ଅଭିମତ ପ୍ରଦାନ କରିଥିଲେ । କାଯ୍ୟକ୍ରମକୁ ପରିଚାଳନା ଓ ସହଯୋଗ କରିଥିଲେ ବିଦ୍ୟାଧର ପ୍ରଧାନ, ହୃଦାନନ୍ଦ ପ୍ରଧାନ, ବିଚିତ୍ରାନନ୍ଦ ଗିରି, ବିଷ୍ଣୁ ଚରଣ ଗିରି, ଦୀପକ କୁମାର ଗିରି, ଜୟଦେବ ଗିରି କ୍ଷଶେଷରେ କିଶୋର ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଟବଲ ପର୍ଯ୍ୟବେକ୍ଷକ ସୁନୀଲ ମିତ୍ରଙ୍କ ଉମରକୋଟ ଗସ୍ତ



ଉମରକୋଟ(ଭାସ୍କର ନ୍ୟୁଜ) : ଏପ୍ରିଲ ୨ତାରିଖରୁ ଆରମ୍ଭ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଫୁଟବଲ କପ୍ କିଭଳି ସୁଚାରୁ ରୂପେ ସମ୍ପନ ହେବ ଏଥିପାଇଁ କେତୋଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଫୁଟବଲ ପଡିଆର ସ୍ଥିତି ଏବଂ ଖେଳାଳିମାନଙ୍କ ରହିବା, ଖାଇବା କିଭଳି ସଠିକ ଭାବେ ପରିଚାଳନା ହେବ ତଦାରଖ କରିବା ପାଇଁ ରାଜ୍ୟ ଫୁଟବଲ ସଂଘ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ସୁନୀଲ ମିତ୍ର ଆସି ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ପହଞ୍ଚି ଫୁଟବଲ ପଡିଆ ତଦାରଖ କରିବା ସହ ଫୁଟବଲ ଟୁର୍ଣ୍ଣାମେଣ୍ଟ କିଭଳି ସୂଚାରୁ ରୂପେ ପରିଚାଳନା ହେବ ଉପସ୍ଥିତ ଆୟୋଜକ କମିଟି ସହ ଆଲୋଚନା କରିଥିଲେ । କମିଟି ର ସଦସ୍ୟ ଓ ସଦସ୍ୟା ପର୍ଯ୍ୟବ୍ୟକ୍ଷକ ଶ୍ରୀ ମିତ୍ର ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି ସମୟରେ ଟୁର୍ଣ୍ଣାମେଣ୍ଟ କମିଟି ର ସପନ ବୈରାଗୀ, ଏମ. ବିଜୟ କୁମାର, ଦୁର୍ଯ୍ୟ ହରିଜନ, ଜିଲ୍ଲା ମହିଳା କ୍ରୀଡା ସଂଯୋଜିକା ଇଂ. ଚନ୍ଦନା ମଲ୍ଲିକ, ହକି ସମ୍ପାଦକ ଦୁର୍ଗା ପ୍ରସାଦ ମଲ୍ଲିକ, ଜିମ ଦାୟିତ୍ୱରେ ଥିବା କୋଚ ମନୋଜ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ପର୍ଯ୍ୟବେକ୍ଷକ ଶ୍ରୀମିତ୍ରଙ୍କୁ ନବରଙ୍ଗପୁର ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଏମ. ଲାଲାକ୍ରିଷ୍ଣା ରାଓ, ସହସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ କୁମାର ନାୟକ ପ୍ରମୁଖ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଲ୍ୟାମ୍ପ୍ ଅଧିକାରୀ ଓ ଚାଷୀଙ୍କୁ ନେଇ ବୈଠକ

ମାଲକାନଗିରି(ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲାର ବ୍ଲକ ମାନଙ୍କରେ ଥିବା ବିଭିନ୍ନ ଲ୍ୟାମ୍ପସ ଏବଂ କେସିସି ବ୍ୟାଙ୍କ ପରିଚାଳକ ଓ ଚାଷୀମାନଙ୍କୁ ନେଇ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ପୋଟେରୁ(ଶିଖପାଲ୍ଲି) ଲ୍ୟାମ୍ପସ ପରିସରରେ ଶିଖପାଲୀ ଲ୍ୟାମ୍ପ ସଭାପତି ଅରକ୍ଷିତ ନାୟକଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ମାଲକାନଗିରି କେସିସି ବ୍ୟାଙ୍କ ପରିଚାଳକ ଦୀପକ କୁମାର ଖରା ଉପସ୍ଥିତ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ କେସିସି ବ୍ୟାଙ୍କ ନିର୍ଦ୍ଦେଶକ ଉଦୟନାଥ ମାଦ୍ରି, ନୃସିଂହ ଚରଣ ମହାନ୍ତି, ବଦଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଦୀନବନ୍ଧୁ ମାଡି, ଲ୍ୟାମ୍ପସ ଉପସଭାପତି ମାଳତି କବାସୀ, ମାଲକାନଗିରି ଲ୍ୟାମ୍ପ୍ସ ସଭାପତି ଉଦୟ ବୁରୁଦାଙ୍କ ସହ ଜିଲ୍ଲାର ସମସ୍ତ ଲ୍ୟାମ୍ପ୍ସର ନିର୍ଦ୍ଦେଶକ ଓ ଚାଷୀ ଉପସ୍ଥିତ ଥିଲେ। ବିଶେଷ କରି ଚାଷୀମାନେ କେସିସି ବ୍ୟାଙ୍କ ଓ ଲ୍ୟାମ୍ପସ ଦ୍ୱାରା କିପରି ଉପକୃତ ହୋଇପାରିବେ ଆଲୋଚନା ହୋଇଥିଲା । ଚାଷୀମାନେ କି କି ସୁବିଧା ପାଇ ପାରିବେ, କିପରି ସୁବିଧାରେ କୃଷିଋଣ ମିଳି ପାରିବ, ଉକ୍ତ ଋଣ ସେମାନେ କିପରି ସୁବିଧାରେ ସୁଝି ପାରିବେ, ଏଥିସହ ଚାଷ ଉପରେ ସରକାରଙ୍କ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଥିବା ବେଳେ ଏହି ଯୋଜନାରୁ ଚାଷୀକୁଳ କିପରି ଉପକୃତ ହେବେ ଅତିଥିମାନେ କହିଥିଲେ ।



# ଏପ୍ରିଲ ୪ରେ ସନାତନୀ ସେନାର ସାଧୁସନ୍ଥ ସମ୍ମିଳନୀ



ଫୁଲନଖରା (ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତର ମା ଥାନପତି ମନ୍ଦିର ପ୍ରାଙ୍ଗଣରେ ସନାତନୀ ସେନା ଆନୁକୂଲ୍ୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବାସନ୍ତିକ ଦୁର୍ଗାପୂଜା ଅବସରରେ ଏପ୍ରିଲ ୪ ତାରିଖରେ ଏହି ଥାନପତି ମନ୍ଦିର ପ୍ରାଙ୍ଗଣରେ ଏକ ବିରାଟ ସାଧୁସନ୍ଥ ସମାବେଶ ଅନୁଷ୍ଠିତ ହେବ । ସନାତନୀ ସେନା ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରମୁଖ ମଠ ଓ ଆଶ୍ରମ ର ଶତାଧିକ ମହନ୍ତ ସାଧୁ ଓ ସନ୍ଥ ମାନେ ଯୋଗ ଦେବେ ବୋଲି ସେନାର ରାଜ୍ୟ ସଭାପତି ସମୀର କୁମାର ପଣ୍ଡା ସମ୍ମିଳନୀରେ ଘୋଷଣା କରିଛନ୍ତି। ରଣେଷଣ୍ଡ ମନ୍ଦିର ନିକଟରୁ ଥାନପତି ମନ୍ଦିର ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାରେ ସାଧୁସନ୍ଥମାନଙ୍କୁ ସ୍ୱାଗତ କରାଯିବାର ବ୍ୟବସ୍ଥା କରାଯାଇଛି । ରାଷ୍ଟ୍ର ନିର୍ମାଣରେ ସନ୍ଥଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ମଧ୍ୟ କରାଯାଇଛି। ଏହାଛଡା ବୁଦ୍ଧିଜୀବୀ ଓ ସନ୍ଥ ମାନେ ହିନ୍ଦୁ ସଂସ୍କୃତି ର ଜାଗରଣ ପାଇଁ ମଧ୍ୟ ସେନାର ଆଭିମୁଖ୍ୟ ଓ କାର୍ଯ୍ୟଧାରା ଘୋଷଣା କରାଯିବ ବୋଲି ଅନ୍ୟତମ ସେନାକର୍ମୀ ରଘୁନାଥ ଚୌଧୁରୀ କହିଥିଲେ। ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା, ଗୋହତ୍ୟା ବନ୍ଦ କରିବା, ଭାଗବତ ଗୀତାର ପ୍ରଚାର, ସାଧୁସନ୍ଥ ମାନଙ୍କର ସୁରକ୍ଷା ଓ ସମ୍ମାନ ଦେବା ଇତ୍ୟାଦି ସମ୍ବଳିତ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ଜରିଆରେ ପ୍ରଦାନ କରାଯିବ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରବେଶ ରାଉତ,ଅନିଲ ଦାସ,ଅସୀମ ଦାସ, ଅମର ଦାଶ,ଅର୍ଜୁନ ଦାଶ, ରସାନନ୍ଦ ବେହେରା ,ସନ୍ତୋଷ ସାହାଣୀ, ଯୁବରାଜ ପଣ୍ଡା,ତାପସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ ।

## 'ଆମ ସଂସ୍କୃତି, ଆମ ଖେଳନା' କର୍ମଶାଳା

# ପ୍ରତିଭାକୁ ପ୍ରୋତ୍ସାହିତ କରେ ପୁରସ୍କାର




ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ସମଗ୍ର ଶିକ୍ଷା ଅଭିଯାନ, ପୁରୀଙ୍କ ନିର୍ଦ୍ଦେଶକ୍ରମେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଆଳଙ୍ଗପୁର ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଦିନ 'ଆମ ସଂସ୍କୃତି ଆମ ଖେଳନା' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କୁନି କୁନି ପିଲାମାନଙ୍କୁ ଖେଳନା ମାଧ୍ୟମରେ ପାଠ ପଢ଼ାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ସମାଜସେବୀ ପବିତ୍ର ସ୍ୱାଇଁ, ମୁଖ୍ୟବକ୍ତା ସୁଧାଂଶୁବାଳା ଶତପଥୀ, ସମ୍ମାନିତ ଅତିଥି ସାଧନ ସଂଯୋଜକ ସନ୍ତୋଷ ସ୍ୱାଇଁ, ସମାଜସେବୀ ପ୍ରଶାନ୍ତ ଭୋଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୈକେୟୀ ମ୍ୟାଡମ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ଛାତ୍ରୀଙ୍କ ପାଠପଢାକୁ ଆନନ୍ଦ ଦାୟକ, ଆଗ୍ରହପୂର୍ଣ୍ଣ କରିବା ସହ ପିଲାମାନେ କିପରି ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେବେ ସେଥିପାଇଁ କିପରି ସ୍ୱଳ୍ପ ମୂଲ୍ୟରେ ଓ ବିନା ମୂଲ୍ୟରେ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତ କରାଯାଇ ପାରିବ ସେ ସମ୍ପର୍କରେ ଏହି କର୍ମଶାଳାରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ ଯୋଗଦେଇ କହିଥିଲେ ସଂସ୍କୃତି ଓ ପରମ୍ପରାକୁ ନେଇ ଶୈକ୍ଷିକ ଖେଳନା ପ୍ରସ୍ତୁତି ବାବଦରେ ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୩୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀଙ୍କ ସହ ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ତାଳଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଲିପଡ଼ାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗୁଡୁବଣି ପ୍ରାଥମିକ ବିଦ୍ୟାଳୟରେ ମଧ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର
ପୃଷ୍ଠା-ଖ
Page-B
ଭୁବନେଶ୍ୱର
Bhubaneswar
୨୯.୦୩.୨୦୨୫
29.03.2025



ଉମରକୋଟ, (ଭାସ୍କର ନ୍ୟୁଜ) : ଉମରକୋଟ ସ୍ଥିତ ଫକୀରମୋହନ ପଠନଶାଳା ଓ ବାଲେଶ୍ୱର ଜିଲ୍ଲାରୁ ପ୍ରକାଶିତ ଦୈନିକ ଖବରକାଗଜ 'ଅପରାହ୍ନ'ର ମିଳିତ ସହଯୋଗରେ ଅଲେଖ ମହିମା ମହାବିଦ୍ୟାଳୟ, ଧୋଡ୍ରା ଠାରେ ନବରଙ୍ଗପୁର ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ-୨୦୨୫ ଅନୁଷ୍ଠିତ ହୋଇ ଯାଇଛି। ଓଡିଆ ସାହିତ୍ୟର ବିକାଶରେ ଖବରକାଗଜ ଓ କ୍ଷୁଦ୍ର ପତ୍ର ପତ୍ରିକାର ଭୂମିକା ବିଷୟ ଉପରେ ଆୟୋଜିତ ଆଲୋଚନା ଚକ୍ରରେ ଫକୀରମୋହନ ପଠନଶାଳାର ସଂପାଦକ ପ୍ରଫୁଲ୍ଲ କୁମାର ରାଉତ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡ଼େମୀ ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟ ବକ୍ତା ଭାବେ ନାରାୟଣ ପଣ୍ଡା, ବରେଣ୍ୟ ଅତିଥି ଭାବେ ବଂଶୀଧର ଜେନା ସମ୍ପାଦକ ଅପରାହ୍ନ ଖବରକାଗଜ, ସମ୍ମାନିତ ଅତିଥି ଭାବେ ଭାବେ ସର୍ବଶ୍ରୀ ଅଧ୍ୟାପକ ପରୀକ୍ଷିତ ସାହୁ, ଦୁର୍ଗା ପ୍ରସାଦ ପାଢୀ, ମହାନନ୍ଦ ମହାଲିକ, ଶ୍ରୀନିବାସ ପଟ୍ଟନାୟକ ଓ ଲକ୍ଷ୍ମୀ ପ୍ରିୟା ଦାସ ପ୍ରକାଶିକା ଅପରାହ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସେଠୀ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ମିନତୀ ନାୟକ ଧନ୍ୟବାଦ ଦେଇଥିଲେ। ନବରଙ୍ଗପୁର ଜିଲ୍ଲାର ଦଶଟି ବ୍ଲକ୍‌ରୁ ଶତାଧିକ ସାହିତ୍ୟିକ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ନବରଙ୍ଗପୁର ଜିଲ୍ଲାରେ ଓଡିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାରରେ ବ୍ରତୀ ଥିବା ବହୁ ସାରସ୍ୱତ ସାଧକ ସାଧିକା ମାନଙ୍କୁ ମାନପତ୍ର ଓ ଉପାୟନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା।

## ନକ୍ସଲଙ୍କ ଷଡ଼ଯନ୍ତ୍ର ପଣ୍ଡ
## ୪୫ କିଗ୍ରା ଓଜନର ଆଇଇଡିକୁ ନିଷ୍କ୍ରିୟ କଲେ ଯବାନ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟର ବିଜାପୁର ଜିଲ୍ଲା ଗଙ୍ଗାଲୁର ଥାନା ଅଞ୍ଚଳରେ ଶୁକ୍ରବାର ସକାଳେ ସୁରକ୍ଷାବାହିନୀର ସତର୍କତା ଏବଂ ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ବଡ଼ ଧରଣର ଅଘଟଣକୁ ଏଡାଇ ପାରିଛନ୍ତି। ସୁରକ୍ଷାବାହିନୀକୁ ଟାର୍ଗେଟ କରିବା ପାଇଁ ମାଓବାଦୀମାନେ ଯେଉଁ ୪୫ କିଗ୍ରା ଆଇଇଡି ଯବାନଙ୍କ ଯିବା ରାସ୍ତାରେ ଖଞ୍ଜିଥିଲେ। ତାହା ସଠିକ ସମୟରେ ଯବାନମାନେ ଠାବ କରି ନିଷ୍କ୍ରିୟ କରିଛନ୍ତି। କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ ବାଟାଲିୟନ ନଂ-୨୨୨ର ଯବାନ ମାନେ ପାଲାନାର ଶିବିରରୁ ଏରିଆ ଡୋମିନେସନ୍ ଡିଉଟି ପାଇଁ ବାହାରିଥିଲା। ଯବାନମାନେ ସକାଳ ୮:୦୦ ରୁ ୮:୩୦ ସମୟ ମଧ୍ୟରେ ଚେରପାଲ – ପାଲାନାର ରାସ୍ତା ଦେଇ ଫେରୁଥିବା ବେଳେ ଚେରପାଲ ଠାରୁ ପ୍ରାୟ ୨ କିଲୋମିଟର ଦୂରରେ ରାସ୍ତା କଡରେ ସନ୍ଦେହଜନକ କିଛି ଦେଖିବାକୁ ମିଳିଥିଲା। ସତର୍କ ହୋଇ ଯବାନ ମାନେ ଅଞ୍ଚଳକୁ ଯାଞ୍ଚ କରି ବିସ୍ଫୋରକ ସାମଗ୍ରୀର ସଠିକ ଠିକଣା ଚିହ୍ନଟ କରିଥିଲେ। ଆଇଇଡିଟି ଅତ୍ୟନ୍ତ ଶକ୍ତିଶାଳୀ ଥିଲା। ଏହା ଏକ କମାଣ୍ଡ ସ୍ୱିଚ୍ ସହିତ ସଂଯୁକ୍ତ ଥିଲା। ଉଦ୍ଧାର ହୋଇଥିବା ଆଇଇଡି ସୁରକ୍ଷା ବାହିନୀର ଗାଡ଼ିକୁ ଟାର୍ଗେଟ କରିବା ଲକ୍ଷ୍ୟରେ ମାଓବାଦୀମାନେ ପ୍ଲାଣ୍ଟ କରିଥିଲେ। ଏହି ଆଇଇଡି ଏକ କମାଣ୍ଡ ସ୍ୱିଚ୍ ସିଷ୍ଟମ ସହିତ ଯୋଡ଼ା ହୋଇଥିଲା। ଯାହାର ସ୍ୱିଚ୍ ପ୍ରାୟ ୧୫୦ ମିଟର ଦୂରରେ ଲୁଚାଇ ରଖାଯାଇଥିଲା। ସୁରକ୍ଷାବାହିନୀର ଯେକୌଣସି ଯାନବାହନ ସେହି ବାଟ ଦେଇ ଯିବା ବେଳେ ଏହି ଆଇଇଡିକୁ ବିସ୍ଫୋରଣ କରିବା ସହଜ ହୋଇଥାନ୍ତା। ଆଇଇଡି ମିଳିବା ସମ୍ପର୍କରେ ସୂଚନା ପାଇବା ପରେ, ବିଜାପୁର ଜିଲ୍ଲାର ବୋମା ନିଷ୍କ୍ରିୟକାରୀ ଦଳ (ବିଡିଏସ୍) ଏବଂ ସିଆରପିଏଫ ବାଟାଲିୟନ ନଂ:- ୨୨୨ର ବୋମା ନିରୋଧି ଦଳ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସତର୍କତାର ସହ ତଦନ୍ତ ଏବଂ ରଣନୀତି ପରେ ସେହି ଶକ୍ତିଶାଳୀ ଆଇଇଡିକୁ ସୁରକ୍ଷିତ ଭାବେ ନିଷ୍କ୍ରିୟ କରିଛନ୍ତି।

## ଜଙ୍ଗଲରେ ଜଳାଭାବ: ଗାଁ ମୁହାଁ ତୃଷାର୍ତ୍ତ ବନ୍ୟପ୍ରାଣୀ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବନାଞ୍ଚଳ ଏବେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ଗ୍ରୀଷ୍ମ ପ୍ରଭାବରେ ଜଙ୍ଗଲ ମଧ୍ୟରେ ଥିବା ଛୋଟ ଛୋଟ ପୋଖରୀ, ନିକଟରେ ବହିଯାଇଥିବା ନଦୀନାଳ ସବୁ ସୁଖୀଯାଇଥିବାରୁ ଦେବୀ ନଦୀ ନିକଟରେ ଥିବା ଜଙ୍ଗଲରେ ପାଣି ମୁନ୍ଦାଏ ପାଇଁ ବନ୍ୟପ୍ରାଣୀ ମାନେ ଡହଳ ବିକଳ ହେଉଛନ୍ତି। ଶେଷରେ ତୃଷାର୍ତ୍ତ ବନ୍ୟପ୍ରାଣୀ ମାନେ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ବନ୍ୟପ୍ରାଣୀ ମାନେ ପାଣି ଅନ୍ୱେଷଣରେ ଜଙ୍ଗଲର ତଳି ଅଞ୍ଚଳକୁ ଆସୁଥିବାରୁ ଗାଁ ଗହଳି ମଧ୍ୟରେ ପ୍ରବେଶ କରୁଥିବାର ଦେଖିବାକୁ ମିଳୁଛି। ସେହିପରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବରେ ବନ୍ୟପ୍ରାଣୀ ମାନେ ଗାଁ ଗହଳିକୁ ପ୍ରବେଶ କରିବା ସହ ଗତ ବର୍ଷ ମଧ୍ୟ ବିଭିନ୍ନ ଗାଁ ପ୍ରବେଶ କରି ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ନଜିର ରହିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ ବିଭାଗ ଅଧୀନରେ ଥିବା ଜଙ୍ଗଲରେ ହରିଣ, ବାରହା, କୁଟୁରା ଭଳି ଅନେକ ବନ୍ୟପ୍ରାଣୀ ସହିତ ବିଭିନ୍ନ ପ୍ରଜାତିର ପକ୍ଷୀ ମଧ୍ୟ ରୁହନ୍ତି। ଜଙ୍ଗଲରେ ଖାଦ୍ୟ ଓ ପାନୀୟ ଜଳ ସମସ୍ୟା ଚରମ ସୀମାରେ ପହଁଚିଛି। ଗ୍ରୀଷ୍ମ ଋତୁ ଆରମ୍ଭ ନ ହେଉଣୁ ଜଙ୍ଗଲ ଭିତରେ ଥିବା ନଦୀ, ନାଳ, ଛୋଟ ଛୋଟ ପୋଖରୀ ଶୁଖିଗଲାଣି। ଏଭଳି ସ୍ଥିତିରେ ପିଇବା ପାଣି ଟୋପାଏ ପାଇଁ ବନ୍ୟପ୍ରାଣୀ ମାନେ ଆଉଟପାଉଟୁ ହେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବିଲୁଆମଣ୍ଡୁଳି ଗ୍ରାମରେ ବୁଧବାର ଦିନ ପୂର୍ବାହ୍ନ ୧୦ଘ ୩୦ମିନିଟ ସମୟରେ ଏକ ହରିଣ ଜଣେ ବ୍ୟକ୍ତିଙ୍କ ଘରେ ପ୍ରବେଶ କରିଥିବା ବେଳେ ଖବର ପାଇଁ ବନବିଭାଗ ଟିମ୍ ଉକ୍ତ ହରିଣକୁ କାବୁ କରି ଜଙ୍ଗଲରେ ଛାଡିଥିଲେ। ଅନେକ ସ୍ଥାନରେ ଜଙ୍ଗଲ ସଫା ହେବା ଯୋଗୁଁ ଭୟଭୀତ ହୋଇ ବନ୍ୟପ୍ରାଣୀ ମାନେ ଗାଁ ମୁହାଁ ହେଉଛନ୍ତି। ସରକାର ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବିଭିନ୍ନ ଯୋଜନାରେ ବାର୍ଷିକ ଲକ୍ଷାଧିକ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ସେ ସବୁରେ ଅନିୟମିତତା କରାଯାଉଥିବାରୁ ଏଭଳି ସ୍ଥିତି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ବନ୍ୟପ୍ରାଣୀ ମାନଙ୍କ ପାଇଁ ଜଙ୍ଗଲର ନିର୍ଦ୍ଦିଷ୍ଟ ସ୍ଥାନ ମାନଙ୍କରେ କୁଣ୍ଡ କରି କିମ୍ବା କୌଣସି ଉପାୟରେ ପାଣି ରଖିଲେ ସେମାନଙ୍କ ତୃଷା ମେଣ୍ଟିପାରିବ। ଯାହାକି ବନ୍ୟପ୍ରାଣୀ ମାନେ ପାଣି ବିନା ଗାଁ ମୁହାଁ ହେବେ ନାହିଁ।

## ମିଳୁନି ବାଲି, ଅଟକିଛି ଜିଲ୍ଲାର ବହୁ ନିର୍ମାଣ କାର୍ଯ୍ୟ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ବାଲି ଚୋରା ଚାଲାଣ ଫଳରେ ମାଲକାନଗିରି ଜିଲ୍ଲାର ପ୍ରାୟ ଅଞ୍ଚଳରେ ବାଲିର ଅଭାବ ଦେଖାଦେଇଛି। ମାଲକାନଗିରି ଜିଲ୍ଲାର ପ୍ରାୟ ବ୍ଲକ୍ ଗୁଡ଼ିକର ଅଧିକାଂଶ ଆବାସ ହିତାଧିକାରୀ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। କିଏ ନିମ୍ବ୍ତାଲ ପର୍ଯ୍ୟନ୍ତ ତ ଆଉ କିଏ ଫାଉଣ୍ଡେସନ୍ ପର୍ଯ୍ୟନ୍ତ ଘର କାମ ସାରି ଛାତ ପକାଇବା ପାଇଁ ସେଣ୍ଟ୍ରି ବାନ୍ଧି ବସି ରହିଛନ୍ତି । ହେଲେ ବାଲି ମିଳୁ ନ ଥିବାରୁ ଛାତ କିମ୍ବା ଅନ୍ୟକିଛି କାମ କରାଇ ପାରୁନାହାନ୍ତି ବୋଲି ଜିଲ୍ଲାର ହିତାଧିକାରୀ ମାନେ କହିଛନ୍ତି। କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ବାଲି ପାଇଁ ଅସୁବିଧା ଭୋଗୁଛନ୍ତି । ଫଳରେ କେତେଜଣ ଲୋକ ଘର ଓ ଅନ୍ୟାନ୍ୟ କାର୍ଯ୍ୟ ବନ୍ଦକରି ଦେଇଥିବା ଦେଖିବାକୁ ମିଳୁଛି। ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଗଲା ପରେ ଶ୍ରମିକମାନେ କାମଧନ୍ଦା ନ ପାଇ ହଇରାଣ ହେଉଛନ୍ତି। ଏନେଇ ଅଞ୍ଚଳର ମାଇନିଙ୍ଗ ଅଫିସର/ ତହସିଲଦାରଙ୍କୁ ପଚାରିବାରୁ ରାଜ୍ୟ ସରକାର ବାଲି ପାଇଁ ନୂଆ ଏସ୍‌ଓପି ଆଣିଛନ୍ତି। ସେଥିପାଇଁ କିଛିଦିନ ସମୟ ଲାଗିପାରେ ବୋଲି କହିଛନ୍ତି।



## ଏକାଠି ଜଳିଲା ଦାଦା ଓ ପୁତୁରାଙ୍କ ଜୁଇ





ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଅୟର ପଞ୍ଚାୟତର ମୁରୁଣିଆ ଗ୍ରାମର ରମେଶଚନ୍ଦ୍ର ଲେଙ୍କା ଓ ତାଙ୍କ ପୁତୁରା ସୁଦର୍ଶନ ଲେଙ୍କାଙ୍କ ମୃତ୍ୟୁ ଘଟିଛି। ଏକ ଘଣ୍ଟାର ବ୍ୟବଧାନରେ ଦାଦା ଓ ପୁତୁରାଙ୍କ ମୃତ୍ୟୁ ଖବରକୁ ପରିବାର, ବନ୍ଧୁବର୍ଗ, ଗାଁ'ର ସାହିପଡ଼ିଶା ନିୟତିର ଏହି ତିକ୍ତ ନିର୍ଦ୍ଦେଶକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି। ଆତ୍ମୀୟ ସ୍ୱଜନଙ୍କ କାନ୍ଦ ବୋବାଳିରେ ମୃତାନ୍ତ ପରିବେଶ କାରୁଣ୍ୟମୟ ବୋଧ ହେଉଛି। ଅତ୍ୟନ୍ତ ଶାନ୍ତ, ଧୀର ଏବଂ ପରୋପକାରି ସ୍ୱଭାବର ଉଭୟ ଦାଦା ଏବଂ ପୁତୁରାଙ୍କୁ ଅଞ୍ଚଳବାସୀ ଭଲ ଭାବରେ ଜାଣନ୍ତି। ଉଭୟ ଅଲଗା ଅଲଗା ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମୟରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଦାଦାଙ୍କ ମୃତ୍ୟୁର ଏକ ଘଣ୍ଟା ବ୍ୟବଧାନରେ ପୁତୁରା ସୁଦର୍ଶନଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପାଖରେ ପୁତ୍ର ଦେବୀପ୍ରସାଦ ଉପସ୍ଥିତ ଥିଲେ। ସୁଦର୍ଶନଙ୍କ ମୃତ୍ୟୁ ଶର୍ଯ୍ୟା ପାଖରେ ପୁତ୍ର ସୁଜିତ୍, ସ୍ୱୟଂଜିତ୍ ଓ ତାଙ୍କ ପତ୍ନୀ ଛବିରାଣୀ ଏବଂ ସାନଭାଇ ଉଦୟନାଥ ଉପସ୍ଥିତ ଥିଲେ। ଉଭୟ ଦାଦା ପୁତୁରାଙ୍କୁ ଗୋଟିଏ ଜୁଇରେ ଦାହ ସଂସ୍କାର କରାଯାଇଛି।

## ଦୁଇଟି ଟ୍ରେନ୍ ବାତିଲ

କୋରାପୁଟ, (ଭାସ୍କର ନ୍ୟୁଜ) : ପୂର୍ବତଟ ରେଲୱେର ୱାଲଟିୟାର ଡିଭିଜନ ଅନ୍ତର୍ଗତ କେକେ ଲାଇନରେ ଡାର୍ଲିପୁଟ ଓ ପାଡୁଆ ଷ୍ଟେସନ ମଧ୍ୟରେ ପ୍ରି-ନନ୍ ଇଣ୍ଟରଲକିଂ ଏବଂ ଇଣ୍ଟରଲକିଂ ଆଦି ଦୋହରୀକରଣ କାର୍ଯ୍ୟ ଯୋଗୁଁ ଦୁଇଟି ଟ୍ରେନ୍ ବାତିଲ ହୋଇଛି। ବିଶାଖାପାଟଣା-କିରଣ୍ଡୁଲ ପାସେଞ୍ଜର (ଟ୍ରେନ୍ ନଂ ୫୮୫୦୧) ଓ କିରଣ୍ଡୁଲ-ବିଶାଖାପାଟଣା (ଟ୍ରେନ ନଂ ୫୮୫୦୨) ଅସନ୍ତା ଏପ୍ରିଲ ୨ରୁ ୧୦ତାରିଖ ପର୍ଯ୍ୟନ୍ତ କିରଣ୍ଡୁଲ ପର୍ଯ୍ୟନ୍ତ ଚଳାଚଳ କରିବ ନାହିଁ । ଉଭୟ ଟ୍ରେନ ଆରକୁ ଯାଏ ଚଳାଚଳ କରିବ। ଏପ୍ରିଲ ୧୧ ତାରିଖ ଦିନ ଟ୍ରେନ ଚଳାଚଳକୁ ବାତିଲ କରାଯାଇଛି । ବିଶାଖାପାଟଣାରୁ ଛାଡୁଥିବା ବିଶାଖାପାଟଣା-କିରଣ୍ଡୁଲ ପାସେଞ୍ଜର ଟ୍ରେନ୍ (୫୮୫୦୧) ଏପ୍ରିଲ ୨ରୁ ୧୦ ତାରିଖ ପର୍ଯ୍ୟନ୍ତ ଆରକୁ ଯାଇ ଯାତ୍ରା କରିବ। ସେହିପରି କିରଣ୍ଡୁଲ-ବିଶାଖାପାଟଣା (୫୮୫୦୨) ଆସନ୍ତା ଏପ୍ରିଲ ୨ରୁ ୧୦ତାରିଖ ଯାଏ କିରଣ୍ଡୁଲ ବଦଳରେ ଆରକୁରୁ ବାହାରି ବିଶାଖାପାଟଣା ଅଭିମୁଖେ ଯାତ୍ରା କରିବ । ଏପ୍ରିଲ ୧୧ ତାରିଖ ଦିନ ଉଭୟ ଟ୍ରେନ ଚଳାଚଳ ବନ୍ଦ ରହିବ ବୋଲି ଡିଭିଜନ ବରିଷ୍ଠ ବାଣିଜ୍ୟ ପ୍ରବନ୍ଧକ କେ ସନ୍ଦୀପ ଜଣାଇଛନ୍ତି ।

## ମର୍ଣ୍ଣିଙ୍ଗ ମିଟ ପକ୍ଷରୁ ସମାଜସେବୀ ଅକ୍ଷୟ ଲେଙ୍କାଙ୍କ ୫୦ତମ ଜନ୍ମଜୟନ୍ତୀ ପାଳିତ



ଫୁଲନଖରା, (ଭାସ୍କର ନ୍ୟୁଜ୍ ) : ଓଡ଼ିଶାର ଅଗ୍ରଣୀ ସାମାଜିକ ସଂଗଠନ ମର୍ଣ୍ଣିଙ୍ଗ ମିଟ ପକ୍ଷରୁ ଅନୁଷ୍ଠାନର ସଭାପତି ସମାଜସେବୀ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ବିଶିଷ୍ଟ ବ୍ୟବସାୟୀ ଓ ଅକ୍ଷୟ ଲେଙ୍କା, ସମାଜ ସେବୀ ସଭାପତି ପାହାଳ ରସଗୋଲା ଫାଉଣ୍ଡେସନ ସଭାପତି ରାଜ୍ୟସ୍ତରୀୟ ପାଲା ମହାମଞ୍ଚ, ପୂର୍ବତନ ସଭାପତି ସେବା ସମବାୟ ସମିତି, ନିର୍ଦ୍ଦେଶକ ଭୁବନେଶ୍ୱର ହୋଲସେଲ ଭଣ୍ଡାର (ଅଳକା)ଙ୍କ ୫୦ତମ ଜନ୍ମଜୟନ୍ତୀ ଫୁଲନଖରା ଠାରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭ୍ୟ ସଭ୍ୟ ହେମନ୍ତ ସାହୁ, ସୁଧୀର ପଟ୍ଟନାୟକ, ଦୀଲିପ ତ୍ରିପାଠୀ, ଯୁଗଳ କିଶୋର ସାହୁ, ଟିଟନ ସାହୁ, ଗଗନ ପାଢ଼ୀ, ବିନୟ ଜେନା, ଅମୂଲ୍ୟ ବାରିକ, କରିମ୍ ସାହା, ଗିରିଶ ବାରିକ, ପ୍ରଦୀପ୍ତ କୁମାର ଦାସ, ପ୍ରଣବ କୁମାର ଦାସ ପ୍ରମୁଖ ଯୋଗ ଦେଇ ଅକ୍ଷୟ ଲେଙ୍କାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିବା ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମଟିକୁ ଅନୁଷ୍ଠାନର ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ।

## ଶକ୍ତି ସଂରକ୍ଷଣ ଓ ପରିବେଶ ସନ୍ତୁଳନ ଶୀର୍ଷକ ଆଲୋଚନାଚକ୍ର




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଟାଉନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହ ଠାରେ ଏନର୍ଜି କ୍ଲବ ଦ୍ୱାରା ଶକ୍ତି ସଂରକ୍ଷଣ ଓ ପରିବେଶ ସନ୍ତୁଳନ ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟପ୍ରକାଶ ରାଉତ ଅଧ୍ୟକ୍ଷତା କରି ଶକ୍ତି ସଂଚୟ ପାଇଁ ଆହ୍ୱାନ ଦେଇଥିଲେ। ଷଷ୍ଠ ରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଥିବା ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀମାନେ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସହକାରୀ ଶିକ୍ଷକ ଅଜ୍ଞାନ କୁମାର ଚାନ୍ଦଙ୍କ ସଂଯୋଜନାରେ ତଥା ଅରୁଣ କୁମାର ପୃଷ୍ଟିଙ୍କ ସହଯୋଗରେ ସେମିନାରଟି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ଫଟୋରେ ମୁଖ୍ୟବକ୍ତା ଭକ୍ତବତ୍ସଳ ମହାନ୍ତି ଓ ମୁଖ୍ୟ ଅତିଥି ସୂର୍ଯ୍ୟସିଂ ସୋରେନ ଅର୍ଘ୍ୟ ଧୂପଦୀପ ଦେଇ ସେମିନାରକୁ ଉଦ୍ଘାଟନ କରିଥିଲେ । କେନ୍ଦୁଝର ସିଟିଜେନ ଫୋରମର ବରିଷ୍ଠ ସଦସ୍ୟ, ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ତଥା କେନ୍ଦୁଝର ଶିଶୁ ଅଧିକାର ସୁରକ୍ଷା ପରିଷଦର ଆବାହକ ଭକ୍ତବତ୍ସଳ ମହାନ୍ତି କହିଲେ ବାୟୁ ମଣ୍ଡଳର ପରିବର୍ତ୍ତନ ଯୋଗୁଁ ପରିବେଶର ଅସନ୍ତୁଳିତ ହୋଇଗଲାଣି । କେନ୍ଦୁଝର ସହର ଓ ଗ୍ରାମାଞ୍ଚଳରେ ଭୂତଳ ଜଳ ଧିରେ ଧିରେ କମିଯାଉଛି । ଖଣିଖାଦାନ ଯୋଗୁଁ ତୀବ୍ର ତାପମାତ୍ରାର ଜଙ୍ଗଲର ଅବକ୍ଷୟ ଦେଖାଦେଇଛି । ଜୈବ ବିବିଧତା ପ୍ରତି ଭୟଙ୍କର ଭାବରେ ବିପଦ ମାଡିଆସୁଛି । ଶକ୍ତି ସଂଚୟ ପାଇଁ ସୌର ଶକ୍ତିର ବ୍ୟବହାର, ବର୍ଷା ଜଳ ସଂରକ୍ଷଣ, ଜଳର ସଠିକ୍ ପରିଚାଳନା, ଗ୍ରାମାଞ୍ଚଳରେ ଜଳ ସଂରକ୍ଷଣ ନିମନ୍ତେ ଅଧିକରୁ ଅଧିକ କୂପ, ପୋଖରୀ ଖନନ ଓ ଜଳ ଅମଳ ପ୍ରକଳ୍ପ କରିବାକୁ ହେବ। ସଘନ ବୃକ୍ଷରୋପଣ ଜଳବାୟୁକୁ ନିୟନ୍ତ୍ରଣ ସହ ପରୋକ୍ଷରେ ଶକ୍ତି ସଂଚୟ କରିବା ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟିର ଦଳପତି ସୂର୍ଯ୍ୟ ସିଂଙ୍ଗ ସୋରେନ କହିଲେ ଜଙ୍ଗଲ ନିଆଁକୁ ରୋକିବା, ଜଙ୍ଗଲକୁ ସୁରକ୍ଷା ଦେବା, ପ୍ରାକୃତିକ ସମ୍ବଳ ସଠିକ୍ ପରିଚାଳନା କଲେ ଶକ୍ତି ସଞ୍ଚୟ ହୋଇପାରିବ। ଯୁବ ସାମ୍ବାଦିକ ରୁଦ୍ରନାରାୟଣ ଲୋହାର ବିଦ୍ୟୁତ ଶକ୍ତି ସଠିକ୍ ପରିଚାଳନା ପାଇଁ ବୁଝାଇଥିଲେ । ଶେଷରେ ଛାତ୍ରୀମାନଙ୍କ ମଧ୍ୟରେ ଜଳ ସଂରକ୍ଷଣ, ଶକ୍ତି ସଞ୍ଚୟ ଉପରେ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ସୁଶ୍ରୀ ଡେବାଲିନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ଅଂଶୁଘାତ ମୁକାବିଲା ନେଇ ପ୍ରସ୍ତୁତି ବୈଠକ



କୋରାପୁଟ, (ଭାସ୍କର ନ୍ୟୁଜ) : ଅଂଶୁଘାତ ମୁକାବିଲା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ପ୍ରସ୍ତୁତି ବୈଠକ ହୋଇଥିବା ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପାନୀୟ ଜଳ ସମସ୍ୟା ଅଭିଯୋଗ ମିଳିବାର ୨୪ଘଣ୍ଟା ମଧ୍ୟରେ ସମାଧାନ ଓ ନଳକୂପ ନଥିବା ସ୍ଥାନରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ହେବ ବୋଲି କହିଛନ୍ତି । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜଳଛତ୍ର ଖୋଲାଯିବ । ଚିକିତ୍ସାଳୟ ଗୁଡିକରେ ହିଟୱେଭ୍ ୱାର୍ଡ ଖୋଲାଯିବ, ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ କୋଠରି ରହିବ । ଅଂଶୁଘାତ ସୂଚନା ପାଇଁ ପ୍ରତି ବ୍ଲକ ଏବଂ ଜିଲ୍ଲାରେ କଣ୍ଟ୍ରୋଲ ରୁମ ଖୋଲାଯିବ । ଦିନ ୧୧ରୁ ଅପରାହ୍ନ ୫ଟା ଓ ରାତି ୯ଟାରୁ ସକାଳ ୬ଟା ଯାଏଁ ଅତ୍ୟନ୍ତ ଜରୁରୀ ନହେଲେ ବିଦ୍ୟୁତ କାଟ ହେବ ନାହିଁ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ମାଣ କାମ ବନ୍ଦ ରହିବ। ନିର୍ମାଣ କାମ ସ୍ଥାନରେ ସେଡ୍ ସହ ପାନୀୟ ଜଳ ରଖିବା ବାଧ୍ୟତା ମୂଳକ । ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ସହ ଗାଁର ନଳକୂଅ ଗୁଡିକରେ ଅବସ୍ଥା ଯାଂଚ କରି ରିପୋର୍ଟ ଦେବାକୁ ଡିଇଓ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ବସରେ ଓଆରଏସ୍ ଓ ଥଣ୍ଡା ପାଣିର ବ୍ୟବସ୍ଥା କରିବେ। ପଞ୍ଚାୟତ କାର୍ଯ୍ୟାଳୟ ଓ ଭତ୍ତା ବିତରଣ କେନ୍ଦ୍ରରେ ବି ସ୍ୱତନ୍ତ୍ର ବ୍ୟବସ୍ଥା କରିବେ। କୋଲାବ ଜଳଭଣ୍ଡାର ଜଳସ୍ତର କମିଲେ ବିଭାଗୀୟ କର୍ତ୍ତୁପକ୍ଷ ଜନସ୍ୱାସ୍ଥ୍ୟ ବିଭାଗକୁ ପୂର୍ବରୁ ଅବଗତ କରିବେ । ଯାହାଫଳରେ ପାନୀୟ ଜଳ ପାଇଁ ଅନ୍ୟ ବ୍ୟବସ୍ଥା କରାଯିବ। ଆଶ୍ରମ ବିଦ୍ୟାଳୟ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅଘୋଷିତ ବିଦ୍ୟୁତ କାଟ୍ ନକରିବାକୁ ଟାଟା ପାୱାରକୁ କୁହାଯାଇଛି । ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ । ପୌରାଞ୍ଚଳ ବାଟୋଇ ଓ ବାଇକ ଚାଳକଙ୍କ ପାଇଁ ସ୍ୱତନ୍ତ୍ର ସେଡ୍ ନିର୍ଣାମ କରାଯିବ । ଏଥିପାଇଁ ଜନସ୍ୱାସ୍ଥ୍ୟ ବିଭାଗ, ପୌର କାର୍ଯ୍ୟ ନିର୍ବାହି ଅଧିକାରୀ, ବିଡିଓ, ତହସିଲଦାର, ବିଦ୍ୟୁତ ବିଭାଗ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, ବନ ବିଭାଗ, ଆଞ୍ଚଳିକ ପରିବହନ ଅଧିକାରୀ, ଘରୋଇ ବସ୍ ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁବ୍ରତ ସାହୁ ଉପସ୍ଥିତ ଥିଲେ ।

## କନ୍ଧମାଳ ମହୁଲ ଫୁଲ ଯୋଗାଉଛି ରୋଜଗାର



କନ୍ଧମାଳ/ବାଲିଗୁଡା, (ଭାସ୍କର ନ୍ୟୁଜ୍ ): କନ୍ଧମାଳ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ମହୁଲ ଗୋଟାଳିକୁ ରୋଜଗାର ଯୋଗାଉଛି ମହୁଲ ଫୁଲ। ଏହି କ୍ଷେତ୍ରରେ ଓଡ଼ିଶା ଅବକାରୀ ବିଭାଗ ପାଇଁ ମହୁଲ ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ। କାରଣ ସରକାରଙ୍କ ବିନା ଅନୁମତିରେ ଏହି ମହୁଲ ଫୁଲ ବିକ୍ରି ବଟା କରିବା ଏକ ଆଇନ ଗତ ଅପରାଧ ଅଟେ। କିନ୍ତୁ କନ୍ଧମାଳ ଜିଲ୍ଲା ଏକ ବଣ ପାହାଡ଼ ଘଞ୍ଚ ଜଙ୍ଗଲ ପରିବେଶ ଘେରା ସହିତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏହି ଦିଗରେ କନ୍ଧମାଳ ଅଞ୍ଚଳ ପାଇଁ ମହୁଲ ଏକ ରୋଜଗାର ପୂର୍ବ ଦ୍ରବ୍ୟ ହୋଇଥିବାରୁ ଏହି ମହୁଲ ଫୁଲ କାହିଁ ପୂର୍ବ ପୁରୁଷ ଧରି ଆଦିମ କାଳରୁ କନ୍ଧମାଳ ସଂସ୍କୃତି ସହିତ ଜଡିତ। କାରଣ ମହୁଲ ଦ୍ୱାରା ଯେଉଁ ଦେଶୀ ମହୁଲି ରନ୍ଧା ଯାଇ ମଦ ପ୍ରସ୍ତୁତି ହୋଇଥାଏ ତାହା କନ୍ଧମାଳ ଜିଲ୍ଲାର ଜାତି ଏବଂ ଜନଜାତିଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଦକ ଦ୍ରବ୍ୟ ଯାହାକି ପରମ୍ପରା ରିତିନିତି ନିୟମ ଅନୁଯାୟୀ ପ୍ରକୃତି ପୂଜାରେ ଏହି ମାଦକ ଦ୍ରବ୍ୟ ବ୍ୟବହାର ହୋଇ ଆସୁଥିବା ନଜିର ରହିଛି। ଏହା ଛଡ଼ା ମହୁଲକୁ ଶୁଖାଇ, ତାକୁ ଭାଜି, ଏବଂ ସିଝାଇ ଖାଇଲେ ସ୍ୱାଦିଷ୍ଟ ଲାଗେ। ଏହି ମହୁଲ ଦ୍ୱାରା ନିର୍ମିତ ମାଦକ ଦ୍ରବ୍ୟ ଉପଯୁକ୍ତ ବ୍ୟବହାର କଲେ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି କନ୍ଧମାଳ ଜିଲ୍ଲା ବାସୀଙ୍କର ଆଦ୍ୟ କାଳରୁ ବିଶ୍ୱାସ ରହିଛି । କନ୍ଧମାଳ ଜିଲ୍ଲା ଏକ ଏକ ପାହାଡ ପର୍ବତ ଘେରା ହୋଇଥିବାରୁ ଏହି ଅଞ୍ଚଳରେ ମହୁଲ ଗଛ ଗୁଡ଼ିକ ଅଧିକ ମାତ୍ରାରେ ଦେଖା ଯାଇଥାଏ। ଫେବୃଆରୀ ଶେଷ ଅର୍ଥାତ ପତ୍ରଝଡା ଆରମ୍ଭ ହେବା ପରେ ପରେ ମହୁଲ ଫୁଲ ଫୁଟିବା ଆରମ୍ଭ ହୋଇ ମାର୍ଚ୍ଚ ଶେଷ କିମ୍ବା ଅପ୍ରେଲ ଆରମ୍ଭ ପର୍ଯ୍ୟନ୍ତ ମହୁଲ ଫୁଲ ତଳେ ପଡ଼ିଥାଏ। ଏହି ସମୟରେ କନ୍ଧମାଳର ଲୋକମାନେ ଏହି ମହୁଲ ଫୁଲକୁ ଗୋଟାଇ ପୁଣି ତାକୁ ଶୁଖାଇ ବଜାରରେ ବିକ୍ରୟ କରି ଅର୍ଥ ଉପାର୍ଜନ କରିଥାନ୍ତି। ଏକ ମାସ ଧରି ଏହି ମହୁଲ ସଂଗ୍ରହ ପାଇଁ ପ୍ରାୟ ସମସ୍ତେ ଖାଦ୍ୟ ଧରି ସକାଳୁ ଜଙ୍ଗଲକୁ ଯାଇ ଅପରାହ୍ନ ଦୁଇ ଘଣ୍ଟିକାରେ ଫେରିଥାନ୍ତି। ବର୍ତ୍ତମାନ ଏହି ଅଞ୍ଚଳରେ ମହୁଲ ଗୋଟାଇବା କାର୍ଯ୍ୟକୁ ସରକାରୀ ପ୍ରୋତ୍ସାହନ ମିଳୁଥିବାରୁ ମହୁଲର ଚାହିଦା ଆହୁରି ବଢ଼ିଛି। ମହୁଲ ଅବକାରୀ ବିଭାଗ ଅଧୀନରେ ଯାଉଥିବାରୁ ଏହାର ବଜାର ମୂଲ୍ୟ କେଜିକୁ ୫୦ଟଙ୍କା ବେଳେ ପୁରୁଣା ହେଲେ ଏହାର ଅଧିକ ଚାହିଦା ବଢ଼ିଥାଏ। ମହୁଲ ଗୋଟାଇବା କାମ ଟିକାବାଲି, ଦାରିଙ୍ଗବାଡି, ବାଲିଗୁଡ଼ା ଆଦି ବ୍ଲକର ବିଭିନ୍ନ ଅଞ୍ଚଳରେ ଏକ ଟ୍ରେଣ୍ଡ ପାଲିଟି ଥିବାବେଳେ, ଗୋଟିଏ ଦିନରେ ଗୋଟିଏ ପରିବାରରେ ଏକ ହଜାରରୁ ଅଧିକ ମୂଲ୍ୟର ମହୁଲ ସଂଗ୍ରହ ହେଉଥିବା ଲୋକେ କହୁଛନ୍ତି। ତେଣୁ ଏହି ଏକମାସ ମଧ୍ୟରେ ମହୁଲ କାମରୁ ଅତି କମରେ ୨୫ରୁ ୩୦ ହଜାର ଟଙ୍କା ରୋଜଗାର ହେଇ ପାରିବ ବୋଲି ଅଞ୍ଚଳର ଲୋକମାନେ କହିଛନ୍ତି।

## ତୁରୁଞ୍ଜା ଶୁଖିଲା ମାଛ କେଜି ୪ ହଜାର



ଜିଲ୍ଲାରେ ଲୋପ ପାଉଛି ଚୂନା ମାଛ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ବହୁଳ ରାସାୟନିକ ସାର ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲୋପ ପାଇବାରେ ଲାଗିଛି ଚୁନାମାଛ। ବିଶେଷକରି ମହୁରଳି, ଜଲ୍‌ହା, କେରାଣ୍ଡି, ବାଉଁଶପତ୍ରି, ଖଣ୍ଡିତୁଡ଼ି, ତାଡ଼ି, ତୁରୁଞ୍ଜା, କଣ୍ଟିଆ ଆଦି ଚୁନା ମାଛ ଏବେ ବଜାରରେ ଦେଖିବାକୁ ସ୍ୱପ୍ନ ଭଳି ଲାଗୁଛି। କେବେ କେମିତି ନଦୀ ନାଳରୁ ମିଳିଗଲେ ... ଏହାର ମୂଲ୍ୟ ବଡ଼ ... ମାଛ ଠାରୁ ବି ବହୁତ ଅଧିକ ରହୁଛି। ସ୍ୱାଦିଷ୍ଟ ତୁରୁଞ୍ଜା ମାଛ କେଜି ୨ ହଜାର ହୋଇଥିବା ବେଳେ ଏହାର ଶୁଖୁଆ କେଜି ୪ହାଜର ଟଙ୍କାରେ ବିକ୍ରି ହେଉଛି। ଜିଲ୍ଲାରେ ଆଗରୁ ନଦୀ, ନାଳ, ପୋଖରୀ, ଚାଷ ଜମିରୁ ପ୍ରଚୁର ଚୁନାମାଛ ଓ ତୁରୁଞ୍ଜା ମାଛ ସଂଗ୍ରହ ହେଉଥିଲା। ଚୁନା ମାଛ ପାଇଁ କୌଣସି ଟଙ୍କା ପଇସା ଖର୍ଚ୍ଚ କରିବାକୁ ପଡୁ ନଥିବାରୁ ମାଛ ଧରାଳିଙ୍କ ଠାରୁ ବଡ଼ ମାଛ କିଣିଲେ ତା'ସାଙ୍ଗରେ ମାଗଣାରେ ଚୁନା ମାଛ ଏପରି କି ତୁରୁଞ୍ଜା ମାଛ ଅଳ୍ପ ତା ସାଥିରେ ଦେଉଥିଲେ। ଏବେ ଚୁନା ମାଛ ସ୍ୱପ୍ନ ପାଲଟି ଯାଇଛି। ଏହା ସହଜରେ ଉପଲବ୍ଧ ହେଉଥିବାରୁ ଦର ମଧ୍ୟ କମ୍ ଥିଲା। ଗ୍ରାହକଙ୍କୁ ସୁହାଉ ଥିଲା । ଆଞ୍ଚଳିକ ଭାଷାରେ ଏହି ମାଛକୁ ତୁରୁଞ୍ଜି ବୋଲି କୁହାଯଉଛି। ଏହା ଏତେ ପରିମାଣରେ ମିଳୁଥିଲା ଯେ ବଳକା ରହୁଥିବା ଚୁନାମାଛକୁ ଲୋକେ ନିଆଁ ବାମ୍ଫରେ ଶୁଖାଇ ସାଇତି ରଖୁଥିଲେ। ସିନ୍ଧରିମାଳ ପଞ୍ଚାୟତ ବନ୍ଧଗୁଡା, ଦୋରାଗୁଡା ଗାଁର ନାରାୟଣ ମାଡକମୀ, ରାମ ମାଡକାମୀ, ସୁବୋଧ ମଣ୍ଡଳ ପ୍ରମୁଖ ମାଛଧରାଳି ମାନେ କହିଛନ୍ତି, ପୂର୍ବରୁ ଚାଷ ଜମିରେ ଗୋବର ଖତ ବା ଜୈବିକ ପଦ୍ଧତିରେ ଚାଷ ହେଉଥିଲା। ପୋଖରୀରେ ମାଛ ଚାଷ କଲେ ମଧ୍ୟ ମାଛଙ୍କୁ ଖାଦ୍ୟ ଭାବେ ଗୋବର, ଅଟା ଗୋଳା, ଭାତ ଦିଆଯାଉଥିଲା। ଏବେ ପୋଖରୀ ଗୁଡିକରେ ମାଛ ବଡ଼ ହେବା ପାଇଁ ବିଭିନ୍ନ ପ୍ରକାର ରାସାୟନିକ ଖାଦ୍ୟର ପ୍ରୟୋଗ କରାଯାଉଥିବାରୁ ଚୁନାମାଛ ଗୁଡିକ ପ୍ରାୟତଃ ମରିଯାଉଛି। ଆଧୁନିକ ଧାନ ଚାଷ, ଜମିରେ ରାସାୟନିକ ସାର, କୀଟନାଶକ ପ୍ରୟୋଗ ଯୋଗୁ ବିଲବାଡ଼ି ପୋଖରୀରୁ ଚୁନାମାଛ ଲୋପ ପାଇବାରେ ଲାଗିଛି। ଚୁନାମାଛ ପାଟିକୁ ଯେମିତି ସ୍ୱାଦିଷ୍ଟ ଦେହ ପାଇଁ ମଧ୍ୟ ହିତକର। ତୁରୁଞ୍ଜି ଶୁଖୁଆ କିଣିବା ପାଇଁ ଲୋକଙ୍କ ଆଗ୍ରହ ଥିଲେ ମଧ୍ୟ ତାହା ଉପଲବ୍ଧ ହୋଇପାରୁନାହିଁ । ତୁରୁଞ୍ଜି ଶୁଖୁଆ ବିକୁଥିବା ଦୋରଗୁଡା ଗାଁର ଗାୟତ୍ରୀ ମାଟାମ କହନ୍ତି, ସେମାନେ ସତୀଗୁଡା ଡ୍ୟାମରୁ ଚୁନାମଛ ଏବେ ବି ଧରୁଛନ୍ତି। କିନ୍ତୁ ଏବେ ବହୁତ କମ ମିଳୁଥିବା ଜଣା ପଡୁଛି ।



ଫୁଲନଖରା (ଭାସ୍କର ନ୍ୟୁଜ) : କଟକ ସଦର ବୟାଳିଶମୌଜା ଝାରକଟା ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଜିତେନ କୁମାର ଦାଶଙ୍କ ସଭାପତିତ୍ୱରେ ସରକାରଙ୍କ 'ରା' କାର୍ଯ୍ୟକ୍ରମ ଆଧାରରେ ବିଜ୍ଞାନ ଓ ଗଣିତ କ୍ଲବ ଗଠନ କରାଯାଇ କୁଇଜ୍ ତଥା ପ୍ରକଳ୍ପ ପ୍ରଦର୍ଶନୀ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଏସ୍‌ଏମ୍‌ସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ବେହେରା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର ମୂଲ୍ୟାୟନ କରିବା ସହ କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଉଭୟ ଅତିଥି ଛାତ୍ରଛାତ୍ରୀମାନଙ୍କୁ ଦୈନନ୍ଦିନ ଜୀବନରେ ବିଜ୍ଞାନ ଓ ଗଣିତର ଆବଶ୍ୟକତା ବିଷୟରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଜିତେନ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଳକା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ଶିକ୍ଷକ ଆଲୋକ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅନେକ ବିଜ୍ଞାନ ଭିତ୍ତିକ ତଥ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଏସ୍‌ଏମ୍‌ସିର ସଦସ୍ୟ/ସଦସ୍ୟା ତଥା ଅନେକ ଅଭିଭାବକ ସମ୍ମିଳିତ ହୋଇଥିଲେ ।

# ଶ୍ରମିକ ବଦଳରେ ମେସିନ୍ କରୁଛି କାମ



## ମନରେଗା ଟଙ୍କାରେ ଦଲାଲ ମାଲେମାଲ୍

କୋରେଇ (ଭାସ୍କର ନ୍ୟୁଜ) : ସାରା କୋରେଇ ବ୍ଲକରେ ବର୍ତ୍ତମାନ ସମସ୍ତ ପଞ୍ଚାୟତରେ ମନରେଗା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ମନରେଗା ନିୟମର ପାଳନ କରାଯାଉ ନଥିବା ଦେଖିବାକୁ ମିଳିଛି । ଗାଁରେ ମୂଲ ମଜୁରୀ କରି ଜୀବନ ଅତିବାହିତ କରୁଥିବା ସାଧାରଣ ଲୋକଙ୍କ ପେଟରେ ଲାତ ମାରୁଛନ୍ତି ବିଭାଗୀୟ ଠିକାଦାର । କେନ୍ଦ୍ର ସରକାର ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତି ଦେବା ପାଇଁ ମନରେଗା ମାଧ୍ୟମରେ ଖସଡ଼ା ପ୍ରସ୍ତୁତ କରିଥିବାବେଳେ କେବଳ କାଗଜପତ୍ରରେ ଲୋକ କାର୍ଯ୍ୟ କରୁଥିବା ଦର୍ଶାଇ ପ୍ରକୃତ ଉଦ୍ଦେଶ୍ୟ ସରକାରଙ୍କର ଦିଗହରା ହେଉଛି । ସରକାର ଗ୍ରାମୀଣ ଲୋକଙ୍କ ପାଇଁ ମନରେଗାରେ ନିଜ ଗାଁରେ ବିଭିନ୍ନ କାର୍ଯ୍ୟରେ କର୍ମନିଯୁକ୍ତି ଦେବା ପାଇଁ ଯେଉଁ ମହତ୍ ଉଦ୍ଦେଶ୍ୟ ରଖିଛନ୍ତି ତାକୁ ବ୍ଲକ ପ୍ରଶାସନର ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ କୌଣସି କାର୍ଯ୍ୟର ତଦାରଖ କରୁନଥିବା ଅଭିଯୋଗ ହେଉଛି । ପ୍ରତିଦିନ କାର୍ଯ୍ୟ ସମୟରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ଫଟୋକୁ ଉଠାଇବା ଦାୟିତ୍ୱରେ ଥିବା ଇ.ଡି.ଓମାନେ ଗୋଟିଏ ଫଟୋକୁ ଅନ୍ୟଏକ ଫୋନ୍ ମାଧ୍ୟମରେ ଉଠାଇ ଅପଲୋଡ଼ କରି ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହେଉଛି । କୋରେଇ ବ୍ଲକର ପାଣିକୋଇଲି, ପଥରପଦା, କରଦା, ବରୁଣ୍ଡେଇ, ତାରାକୋଟ, ଗୌରପୁର, ରଣପୁର, ଅସନଝର, ତୁଲତି, ଯହ୍ନା, ପାଟରଙ୍ଗା, କଚରାସାହି ଆଦି ପଞ୍ଚାୟତରେ ମନରେଗାରେ ପୋଖରୀ ଖୋଳା କାର୍ଯ୍ୟ ହେଉଥିବା ବେଳେ ସବୁଠି ମଣିଷ ବଦଳରେ ମେସିନ୍ ଦ୍ୱାରା କାର୍ଯ୍ୟ ହେଉଥିବା ଦେଖିବାକୁ ମିଳୁଛି । ସରକାରୀ ନିୟମ ଅନୁଯାୟୀ ପୋଖରୀରୁ ଯେଉଁ ମାଟି ଖୋଳାଯିବ ପୋଖରୀ ହୁଡ଼ାରେ ପଡ଼ିବା କଥା କିନ୍ତୁ ମାଟିକୁ ଟ୍ରାକ୍ଟର ଲଗାଇ ଶହ ଶହ ଟ୍ରିପ ବିକ୍ରି କରାଯାଉଥିବା ମଧ୍ୟ ଦେଖିବାକୁ ମିଳୁଛି । ଏହାକୁ ରୋକିବାକୁ ସରକାରୀ ସ୍ତରରେ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ, ଯାହାର ଫାଇଦା ନେଇ କିଛି ଗାଁ ଟାଉଟର ନିଜ ପକେଟ ଗରମ କରୁଥିବା ମଧ୍ୟ ଜଣାଯାଉଛି । ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତର କିଛି ଦଲାଲ କାର୍ଯ୍ୟ କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ସରପଞ୍ଚମାନେ ମନରେଗା କାର୍ଯ୍ୟର ତଦାରଖ କରିବା ସହ ଲୋକମାନେ କାର୍ଯ୍ୟ କରୁଛନ୍ତି କି ନାହିଁ ଦେଖିବା କଥା କିନ୍ତୁ ତା' ବଦଳରେ ମେସିନ୍ କାର୍ଯ୍ୟକୁ ଘଣ୍ଟ ଘୋଡାଇବା ପାଇଁ କିଛି ସରପଞ୍ଚ ସେଥିରୁ ପିସି ନେଉଥିବା କଥା ଶୁଣିବାକୁ ମିଳୁଛି । ପ୍ରତ୍ୟେକ ମନରେଗା କାର୍ଯ୍ୟ ଗୁଡ଼ିକ ପଞ୍ଚାୟତ ଅଧିକାରୀଙ୍କ ନାଁରେ ଥିବାବେଳେ ପ୍ରତ୍ୟକ୍ଷରେ ସରପଞ୍ଚ ନିଜେ ଠିକାଦାର ସାଜି ବିଭିନ୍ନ କାର୍ଯ୍ୟର ଫାଇଲ ଧରୀ ବ୍ଲକର ବିଭିନ୍ନ ବିଭାଗରେ ବସି ବିଲ୍ କରିଥିବା ଦେଖିବାକୁ ମିଳୁଛି । ଏ ସମସ୍ତ କାର୍ଯ୍ୟକୁ ରୂପରେଖ ଦେଇ ନିଜର ପକେଟ ଗରମ କରିବା ସହ ସରକାରୀ ବାବୁଙ୍କ ପ୍ୟାକେଟ ଗରମ କରି ସରକାରୀ ଅର୍ଥ ହଡ଼ପ କରିବାର ମୁଖ୍ୟ ରୂପେ କାର୍ଯ୍ୟ କରୁଥିବା ଚର୍ଚ୍ଚା ହେଉଛି । ମନରେଗା ମାଟି କାର୍ଯ୍ୟ କରିବାର ଅବଧି ଆଉ ଦୁଇ ମାସ ପରେ ସରିଆସୁଥିବାରୁ ତରବରିଆ ଭାବେ ଅଧିକ ଅଧିକ ଟଙ୍କା ରୋଜଗାର କରିବା ପାଇଁ ସରପଞ୍ଚଙ୍କ ସମେତ ସମସ୍ତ ବ୍ଲକ ସରକାରୀ କର୍ମଚାରୀମାନେ ଲାଗି ପଡ଼ିଥିବା ଦେଖିବାକୁ ମିଳୁଛି । ତେଣୁ କୋରେଇର ମନରେଗା କାର୍ଯ୍ୟ ଉପରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେବା ସହ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇପାରିବ ବୋଲି ଅଞ୍ଚଳର ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି ।

## ଦୋବଲ ବଜାରର ଡ୍ରେନ ନିର୍ମାଣ କାମ ନିମ୍ନମାନର

# କାର୍ଯ୍ୟରେ ମନ୍ଥରତା, ବିପଦରେ ସ୍ଥାନୀୟ ବାସିନ୍ଦା



ଧାମନଗର (ଭାସ୍କର ନ୍ୟୁଜ) : ଧାମନଗର ବ୍ଲକରେ ବିଭିନ୍ନ ଗ୍ରାମ୍ୟ ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଠିକାଦାର ଓ ଯନ୍ତ୍ରୀଙ୍କ ମନ ମାନିରେ କାମ ଚାଲିଥିବାରୁ ଏପରି ଅବସ୍ଥା ଦେଖିବାକୁ ମିଳିଛି । ପ୍ରକାଶ ଥାଉକି ଧାମନଗରରୁ କ୍ଷେତ୍ରପୁର ଭାୟା ଦୋବଲ ରାସ୍ତାର କିଛି ଅଂଶ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଦୁଇ ବର୍ଷହେବ ଉକ୍ତ ରାସ୍ତା ମରାମତି ଓ ନିର୍ମାଣ ଚାଲୁଥିବା ମଧ୍ୟ ଏଯାଏ କାମ ସରୁନାହିଁ । ଫଳରେ ସାଧାରଣ ଜନତା ଯିବାଆସିବାରେ ନାକେଦମ ହୋଇ ପଡ଼ୁଛନ୍ତି । ଦେବପୁର ଛକରୁ କ୍ଷେତ୍ରପୁର ରାସ୍ତା ଏମିତି ବିପର୍ଯ୍ୟସ୍ତ ହୋଇଛି ଯେ ଗାଡ଼ି ନେଇ ଯିବା କଥା ଛାଡ଼ନ୍ତୁ ଚାଲିକି ଯିବା ମଧ୍ୟ କଷ୍ଟକର ହୋଇପଡ଼ୁଛି । ଠିକାଦାର କିଛିଦିନ କାମ କରିବା ପରେ କାମ ବନ୍ଦ କରି ଚାଲିଯାଉଥିଲେ ଏବେ ପୁଣି କାର୍ଯ୍ୟ ମନ୍ଥରତା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଉଛି । ଧାମନଗରରୁ କ୍ଷେତ୍ରପୁର ଭାୟା ଦୋବଲ ରାସ୍ତାଟି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଦାୟିତ୍ୱରେ ରହିଛି । ରାସ୍ତାଟି ଦୀର୍ଘଦିନ ହେଲା ଖରାପ ହୋଇ ରହିବାରୁ ଏ ନେଇ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ତେବେ ଖୁବଶୀଘ୍ର କାର୍ଯ୍ୟ ଶେଷ ହେବବୋଲି ମନ୍ତ୍ରୀ କହିଥିଲେ । ସୂଚନା ଥାଉକି ପ୍ରଥମ ପର୍ଯ୍ୟାୟରେ ଧାମନଗର କଲେଜ ପାଖରୁ ଦୋବଲ ଘୋଡ଼ାଗଡ଼ିଆ ନାଳଯାଏ କଂକ୍ରିଟ ରାସ୍ତା ହୋଇଥିଲା । ସେଠାରେ ମଧ୍ୟ କାମ ଅଧା ହୋଇ ପଡିରହିଛି । ଆଉ ଦୋବଲରୁ କ୍ଷେତ୍ରପୁର ମଝିରେ ରାସ୍ତାର କିଛି ଅଂଶ ତିଆରି ହୋଇଥିଲେ ବି କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଯାହା ବି କାମ ହୋଇଛି ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ନିମ୍ନମାନର କାର୍ଯ୍ୟ ହୋଇଛି । ଏବେ ଦୋବଲ ବଜାରର କାଳୀବଜାର ଠାରୁ ଦଶଷଣ୍ଢ ଯାଏ କାର୍ଯ୍ୟ ଆରମ୍ଭ ହୋଇଛି, ପ୍ରଥମେ ଡ୍ରେନ କାର୍ଯ୍ୟ ଆରମ୍ଭ ହୋଇଛି ମାତ୍ର ତାହା ନିମ୍ନମାନର ହେଉଛି । ଯାହାକି ଦୂରଦୃଷ୍ଟି ଅଭାବରୁ ସ୍ଥାନୀୟ ଲୋକଙ୍କ କିଛି ଲାଭ ହେବନି ବରଂ ରାସ୍ତା ସମସ୍ୟା ବଢ଼ିବ । ପ୍ରକାଶ ଥାଉକି ଉକ୍ତ ରାସ୍ତା କରବଟଖଲ ଥିବାରୁ ନିକଟରେ ତହସିଲଦାରଙ୍କ ଦ୍ୱାରା ବଜାର ମାପ କରାଯାଇ ଜାଗା ବାହାର କରାଯାଇଥିଲା । ରାସ୍ତାର ଫୁଟେ ଛାଡି ଡ୍ରେନ ତିଆରି ହେବ । ମାତ୍ର ଠିକାଦାର ନିଜମର୍ଜିରେ ରାସ୍ତାର କଂକ୍ରିଟ୍‌କୁ ଲଗାଇ ଡ୍ରେନ କରୁଛି, ଯାହାଦ୍ୱାରା ରାସ୍ତା ମଧ୍ୟ ପୁଣି ସଙ୍କୁଚିତ ହେଉଛି । ଅପରପକ୍ଷରେ ଯେଉଁ ଡ୍ରେନ ଖୋଲା ଯାଉଛି ତାହା ଏବେ ବିପଦପୂର୍ଣ୍ଣ ରହିଛି, ରାସ୍ତା ଖୋଳି ଦେଇଥିଲେ ମଧ୍ୟ କାର୍ଯ୍ୟ ବିଳମ୍ବ ହେଉଛି । ଖୋଲା ଯାଉଥିବା ଡ୍ରେନ ନିକଟରେ କିଛି ସୁରକ୍ଷା ଚିହ୍ନ ଦିଆଯାଇ ନାହିଁ ଫଳରେ ପାଦଚଲା ଲୋକ ଓ ଯାନବାହନ ଦୁର୍ଘଟଣାର ଶିକାର ହେବେ । କାରଣ ରାସ୍ତାଟି ଚାରିଟି ପଞ୍ଚାୟତର ଜୀବନରେଖା । ପ୍ରାୟ ୪୦ ହଜାର ଲୋକଙ୍କ ମୁଖ୍ୟରାସ୍ତା । ଅଫିସ ଟାଇମ ହୋଇଗଲେ ପ୍ରାୟ ୧୦ ହଜାର ଲୋକ ଏ ବାଟେ ଯାଆସ କରନ୍ତି । ଏସବୁକୁ ଦେଖିଲେ ରାସ୍ତାଟି ବିପଦପୂର୍ଣ୍ଣ ଥିବାରୁ ତୁରନ୍ତ ସ୍ଥାୟୀ ସମାଧାନ ପାଇଁ ମଧ୍ୟ ଧାମନଗର ବ୍ଲକ କଂଗ୍ରେସ ନେତା ଅଭିଷେକ ରାଉତ, ପ୍ରଭାତ ପଣ୍ଡା, ରାଜ କିଶୋର ସାହୁ, ସେକ ହାଜିମ, ସଂଜୟ ମିଶ୍ର, ସେକ ତାରୀମ, ଅଭୟ ସାହୁ, କେଶବ ନାୟକ ଦାବି କରିଛନ୍ତି । ଏ ସଂପର୍କରେ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ନିଶ୍ଚିତ ଭାବରେ ଡ୍ରେନ ନିକଟରେ ସୁରକ୍ଷା ଚିହ୍ନ ଲଗାଇବା କଥା ତେବେ ଖୁବଶୀଘ୍ର ଉକ୍ତ ସମସ୍ୟାର ସମାଧାନ କରାଯିବ ।

# ପାଞ୍ଚଦିନିଆ 'ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା' ଉଦ୍‌ଯାପିତ



କରଞ୍ଜିଆ (ଭାସ୍କର ନ୍ୟୁଜ) : କରଞ୍ଜିଆ ବନଖଣ୍ଡ ଆନୁକୂଲ୍ୟରେ ରାଜ୍ୟ ଔଷଧୀୟ ବୃକ୍ଷ ସଂସ୍ଥା ଓ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହଯୋଗରେ ମାର୍ଚ୍ଚ ୨୩ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଚାଲିଥିବା ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଓଡ଼ିଶା ରାଜ୍ୟ ବନୌଷଧି ବିଶେଷଜ୍ଞ ମହାସଂଘ ସଭାପତି ହରେକୃଷ୍ଣ ମହାନ୍ତ, ସମ୍ପାଦକ ବଳରାମ ପ୍ରସାଦ ସିଂଦେଓ, କରଞ୍ଜିଆ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ସେଠୀ, ଶିମିଳିପାଳ ବନ୍ୟପ୍ରାଣୀ ବନଖଣ୍ଡ ସହକାରୀ ବନ ସଂରକ୍ଷକ ଫାଲଗୁନୀ ବେହେରା, କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ଯୋଗଦାନ କରି ପ୍ରାରମ୍ଭରେ ଜଗତର ନାଥ ଜଗନ୍ନାଥ ଓ ମା' ତାରିଣୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । କାର୍ଯ୍ୟକ୍ରମରେ କରଞ୍ଜିଆ ସହକାରୀ ବନ ସଂରକ୍ଷକ ମଦନମୋହନ ମହାନ୍ତ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ରସମତଳା ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ ହୋଇଥିଲା । ପ୍ରଥମ ଥର ପାଇଁ କରଞ୍ଜିଆ ଠାରେ ଅନୁଷ୍ଠିତ ଏହି ମେଳା ସମ୍ପୂର୍ଣ୍ଣ ରୂପେ ସଫଳ ହୋଇପାରିଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଲୋକମାନେ ଆସି ଆୟୁର୍ବେଦିକ ଔଷଧ ସୁଗନ୍ଧିତ ବୃକ୍ଷ ବିଭିନ୍ନ ହର୍ବାଲ ଔଷଧର ବିଷୟରେ ଜ୍ଞାନ ଆହରଣ କରିବା ସହ ସୁଲଭ ମୂଲ୍ୟରେ ଏହି ସମସ୍ତ ପଦାର୍ଥକୁ କିଣୁଥିବା ଦୃଶ୍ୟମାନ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ବୈଦ୍ୟରାଜ ହରେକୃଷ୍ଣ ମହାନ୍ତ ବଳରାମ ପ୍ରସାଦ ସିଂଦେଓ, ଭାଗବତ ମହାନ୍ତ, ପଦ୍ମଚରଣ ମହାନ୍ତ, ତାପସ କୁମାର ମହାନ୍ତ, ବୈକୁଣ୍ଠ ମହାନ୍ତ, ଜଗଦୀଶ ପସାୟତ, ସୁବାସ ଚନ୍ଦ୍ର ମହାନ୍ତଙ୍କୁ ପୁଷ୍ପ ଗୁଚ୍ଛ ଉତ୍ତରୀୟ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଶେଷରେ ବନରକ୍ଷୀ ଗଦାଧର ମହାନ୍ତ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀରାମ ଚରିତ ପାରାୟଣ ନେଇ ପ୍ରସ୍ତୁତି ବୈଠକ

ଫୁଲନଖରା (ଭାସ୍କର ନ୍ୟୁଜ) : କଟକ-ଭୁବନେଶ୍ୱର ଜାତୀୟ ରାଜପଥ ମଧ୍ୟସ୍ଥଳୀ ନଖରା ଗ୍ରାମସ୍ଥ ଶ୍ରୀରାମ ମନ୍ଦିର ପରିସରରେ ଚଳିତବର୍ଷ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ସୁପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗତ ୨୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟିର ସଭାପତି ଗଣେଶ ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହେବା ସହିତ ଚଳିତବର୍ଷ ପବିତ୍ର ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ମହାଯଜ୍ଞର ସୁପରିଚାଳନା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରାଯିବା ସହ କର୍ମକର୍ତ୍ତାଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି । ଉକ୍ତ ପାରାୟଣର ଶୁଭାଧିବାସ ୨୮ ତାରିଖ ସନ୍ଧ୍ୟାରେ ହେବା ସହ ଆସନ୍ତା ମାସ ୬ ତାରିଖ ଶ୍ରୀରାମନବମୀ ତିଥିରେ ସମାପ୍ତ ହେବ । ଉକ୍ତ ବୈଠକରେ ବରିଷ୍ଠ ସଭ୍ୟ ସତ୍ୟବ୍ରତ ଲେଙ୍କା, ଜୟନ୍ତ କୁମାର ଲେଙ୍କା, ଗୁଣନିଧି ପଟ୍ଟନାୟକ, ବଂଶୀଧର ଭୋଳ, ବିଚିତ୍ରା ନନ୍ଦ ଦଲାଇ, କିଶୋର ଚନ୍ଦ୍ର ବରାଳ, ଗଣେଶ ଚନ୍ଦ୍ର ମହାନ୍ତି, ଗନ୍ଧର୍ବଗିରି, ମନ୍ଦିରର ପୂଜକ ତ୍ରିନାଥ ମହାପାତ୍ର, ଦିଲ୍ଲୀପ କୁମାର ମିଶ୍ର ଓ ପୂଜକ ସୋମନାଥ ମହାପାତ୍ର ପ୍ରମୁଖ ଭାଗ ନେଇଥିଲେ ।

# ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ




ବୋଲଗଡ (ଭାସ୍କର ନ୍ୟୁଜ) : ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ସଂପୁର ସ୍ଥିତ ହରିରାଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସରକାରୀ ହରିରାଜପୁର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସବିତା ସୁବୁଦ୍ଧିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନମୋହନ ରାୟ, ସମ୍ମାନୀତ ଅତିଥି ଭାବେ ସମିତିସଭ୍ୟା ବିନୋଦିନୀ ଦତ୍ତ, ନୂଆସାହି କ୍ଲଷ୍ଟରର ସିଆର୍‌ସିସି ଚନ୍ଦ୍ରଶେଖର ନାୟକ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ କମିଟିର ସଭାପତି ନିରଞ୍ଜନ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତ୍ରିଲୋଚନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ଚିତରଞ୍ଜନ ସାହୁ ନିମନ୍ତ୍ରିତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ ବଳରେ ହିଁ ସଫଳତା ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷା ସହିତ ଶାରୀରିକ ଶିକ୍ଷାର ଯଥେଷ୍ଟ ଆବଶ୍ୟକତା ଅଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅନୁରୂପ ଭାବେ ସରକାରୀ ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ଆମ ସଂସ୍କୃତି ଆମ ଖେଳନା କର୍ମଶାଳା ଓ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି, ସମିତି ସଭ୍ୟା ବିନୋଦିନୀ ଦତ୍ତ ସମାଜସେବୀ ତଥା ସାମ୍ବାଦିକ ନିରଞ୍ଜନ ନାୟକ, ଅବସର ପ୍ରଧାନଶିକ୍ଷକ ଲୋକନାଥ ମହାନ୍ତି, ନବକିଶୋର ନାୟକ, ପଞ୍ଚସଖା ଶିକ୍ଷାସେତୁ କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ଲେଙ୍କା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାଧବ ଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ । ନାଉପଡ଼ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ କୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ କର୍ମଚାରୀମାନେ ପୂର୍ଣ୍ଣମାତ୍ରାରେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପରିଶେଷରେ ଅତିଥିମାନଙ୍କ ଦ୍ୱାରା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ୭ଦିନିଆ ଭାଗବତ ପାରାୟଣ ଉଦ୍‌ଯାପିତ

ପରଜଙ୍ଗ (ଭାସ୍କର ନ୍ୟୁଜ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପଞ୍ଚାୟତ ଅଧିନସ୍ଥ ଖଣ୍ଡୁଆଳମୁଣ୍ଡା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ୭ଦିନ ବ୍ୟାପୀ ଗ୍ରାମ ଚଉପାଢି ପ୍ରାଙ୍ଗଣରେ ଚାଲିଥିବା ଭାଗବତ ପାରାୟଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଗ୍ରାମର ଭାଗବତ ପାରାୟଣର ମୁଖ୍ୟ ପ୍ରତିଷ୍ଠାତା ଭାଗବତ ଭୂଷଣ ସ୍ୱର୍ଗତ ପଣ୍ଡିତ ବିକ୍ରମ ପଣ୍ଡା ଓ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଚଳିତ ମାସ



୨୧ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଭାଗବତ ପାରାୟଣ କାର୍ଯ୍ୟକ୍ରମ ପରିବେଷଣ ହୋଇଯାଇଛି । ୨୧ ତାରିଖରୁ ଭାଗବତ ପାରାୟଣ ଶୁଭାରମ୍ଭ କରାଯାଇ ୨୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟା ୭ ଘଟିକାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଶତାଧିକ ଶ୍ରୋତା ଉପଭୋଗ କରିଥିଲେ । ପାଟରପଦା ବାଙ୍କ ବିହାରୀ ସେବାଶ୍ରମର ବ୍ରହ୍ମଚାରୀ କରୁଣାକର ଦାସ, ଖୋର୍ଦ୍ଧା ଜିଲ୍ଲାର ଗୁରୁପ୍ରସାଦ ମହାପାତ୍ର, ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳର ରବୀନ୍ଦ୍ର କୁମାର ଦାସ ପ୍ରମୁଖ ପ୍ରବଚକ ଓ ନିଜର ସହଯୋଗୀମାନଙ୍କୁ ଧରି ପ୍ରବଚନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଭାଗବତ ପାରାୟଣର ଉଦ୍ୟୋକ୍ତା ପବିତ୍ର ଦେହୁରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବାବେଳେ ପୂଜକ ଘନଶ୍ୟାମ ପଣ୍ଡା ପ୍ରତ୍ୟେକ ଦିନ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ଗ୍ରାମର ପ୍ରଫୁଲ୍ଲ ବେହେରା, ବିଜନ ଖିଲାର, ହୃଦାନନ୍ଦ ବେହେରା, ନିରାକାର ବେହେରା, ବାଉରୀବନ୍ଧୁ ଖିଲାର, ଦୋଲଗୋବିନ୍ଦ ଖିଲାରଙ୍କ ତତ୍ତ୍ୱାବଧାନରେ ପ୍ରତିବର୍ଷ ପରି ଚଳିତ ବର୍ଷ ଭାଗବତ ପାରାୟଣ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଗ୍ରାମବାସୀ, ବୋଲବମ୍ କମିଟି ଓ ଯୁବକମାନଙ୍କ ସହଯୋଗ ଦେଖିବାକୁ ମିଳିଥିଲା ।

# ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରିତା ନେଇ ସନ୍ଦେହ !

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ସମାଜର ଆର୍ଥିକ ଅନଗ୍ରସରଙ୍କ ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯକାରୀ କରିଛନ୍ତି ରାଜ୍ୟ ସରକାର । ଗତ ୧ତାରିଖରେ ଉକ୍ତ ଯୋଜନାର ଏକ ମାର୍ଗଦର୍ଶିକା ସମ୍ପର୍କିତ ଚିଠିକୁ ସରକାର ବିଭିନ୍ନ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ପ୍ରେରଣ କରିଛନ୍ତି । ତଦାନୁସାରେ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇ ଦିଆଯିବ । ଇତିମଧ୍ୟରେ ଯେଉଁମାନେ ସରକାରୀ ଘର ପାଇଁ ଆବେଦନ କରିଛନ୍ତି ଏବଂ ଯେଉଁମାନଙ୍କର ପକ୍କାଘର ନାହିଁ ସେମାନଙ୍କୁ ଚିହ୍ନଟ କରି ଏକ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତା'ଛଡା ଉକ୍ତ ତାଲିକାରୁ ଯେଉଁମାନେ ପ୍ରକୃତ ଯୋଗ୍ୟ ହିତାଧିକାରୀ ସେମାନଙ୍କୁ ଚିହ୍ନଟ କରି ସରକାରଙ୍କୁ ଜଣାଇବାକୁ କୁହାଯାଇଛି । ଅପରପକ୍ଷେ ଏହି ଯୋଜନାରେ ସ୍ପଷ୍ଟ ମାର୍ଗଦର୍ଶିକା ଜାରୀ ହେବା ସତ୍ତ୍ୱେ ଆଦ୍ୟାବିଧି ୧୯୯୯ ମହାବାତ୍ୟା ପରେ ଯେଉଁମାନେ ଇନ୍ଦିରା



ଆବାସ ପାଇଥିଲେ ସେମାନଙ୍କୁ ସାନି ଅନ୍ତ୍ୟୋଦୟ ଗୃହ ଯୋଜନା କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ କି ନାହିଁ ସେନେଇ ନିଷ୍ପତି ନେବାରେ ପ୍ରଶାସନ ଥତମତ ହେଉଥିବା ଲକ୍ଷ୍ୟ କରାଯାଉଛି । ନାବାଳକ ସନ୍ତାନ ଥିବା ବିଧବା ମହିଳା, ପରିବାର ମୁଖ୍ୟ ଉପାର୍ଜନକାରୀ ଭିନ୍ନକ୍ଷମ, ବିଭିନ୍ନ ଗୁରୁତର ରୋଗରେ ଆକ୍ରାନ୍ତ ଥିବା ପରିବାର, କୁଷ୍ଠରୋଗରୁ ମୁକ୍ତି, ମୁକ୍ତ ଗୋତି ଶ୍ରମିକ, ଶହୀଦ ପରିବାର, ପ୍ରାକୃତିକ କିମ୍ବା ମନୁଷ୍ୟକୃତ ଭାବେ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ପରିବାର ବା ପୀଡିତାଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି । କେବଳ ସେତିକି ନୁହେଁ ସରକାରୀ ପ୍ରକଳ୍ପ ନିର୍ମାଣରେ ବିସ୍ଥାପିତ ହୋଇ ଯେଉଁମାନେ ଜଙ୍ଗଲରେ ବସବାସ କରୁଥିବେ, ଅସହାୟ ବ୍ୟକ୍ତି ବିଶେଷ ବା ହିତାଧିକାରୀଙ୍କ ନିମନ୍ତେ ଏହି ଯୋଜନା ଉଦ୍ଦିଷ୍ଟ । ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଏହା ଉପରେ ତର୍ଜମା କରିବେ । ଯେମିତିକି କେହି ଯୋଗ୍ୟ ପରିବାର ଏଥିରୁ ବାଦ ନପଡ଼ିବେ । ଏଥି ନେଇ ଯୋଜନାର ପ୍ରଚାର ପ୍ରସାର ପାଇଁ ବ୍ଲକକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାସ୍ତରରୁ ମଧ୍ୟ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଉଛି ବୋଲି କୁହାଯାଉଥିଲେ ସୁଦ୍ଧା ଏ କ୍ଷେତ୍ରରେ ସେତେଟା ତତ୍ପରତା ଥିବା ମନେ କରାଯାଉ ନାହିଁ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଗୋଟି ପଞ୍ଚାୟତ ହୋଇଥିବା ବେଳେ ସରକାର ପ୍ରତି ପଞ୍ଚାୟତରୁ ୧୫ଜଣ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ବିଡ଼ିଓମାନଙ୍କୁ ନିର୍ଦ୍ଦେଶ ଦେଇ ସାରିଛନ୍ତି । ଏ ପଟେ ୧୯୯୯ ମହାବାତ୍ୟା ପରେ ଇନ୍ଦିରା ଆବାସ ପାଇଥିବା ବହୁ ହିତାଧିକାରୀ ଆର୍ଥିକ ଅଭାବ କାରଣରୁ ସମ୍ପୂର୍ଣ୍ଣ କରିପାରିନାହାନ୍ତି । ଫଳରେ ବର୍ତ୍ତମାନ ସମୟରେ ସରକାରୀ କାଗଜପତ୍ରରେ ଏମାନଙ୍କ ଇନ୍ଦିରା ଆବାସ କୋଠା ଥିବା ଉଲ୍ଲେଖ ରହୁଥିଲେ ସୁଦ୍ଧା ବାସ୍ତବ ପକ୍ଷେ ଏମାନେ ଚାଳ କୁଡ଼ିଆକୁ ଆଦରି ପଡ଼ି ରହିଛନ୍ତି । ସେ ଦୃଷ୍ଟିରୁ ଏହି ବର୍ଗର ଗରିବ, ଅସହାୟମାନେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ହୋଇପାରିବେ କି ନାହିଁ ସେ ସମ୍ପର୍କରେ ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ ସମ୍ଭବ ହୋଇନଥିଲା । ଯାହା ସୂଚନା ମିଳିଛି ବିଡ଼ିଓମାନଙ୍କ ତଦନ୍ତ ତଥା ସର୍ଭେ ଉପରେ ନିର୍ଭର କରେ । ତଥାପି ମାର୍ଗଦର୍ଶିକା ଅନୁସାରେ ଏହି ଶ୍ରେଣୀବର୍ଗର ଅସହାୟ, ଗରିବମାନେ ଉକ୍ତ ଯୋଜନାରେ ଘର ପାଇବା ପାଇଁ ଦରଖାସ୍ତ କରିପାରିବେ । ପୋର୍ଟାଲରେ ଏହା ଅପଲୋଡ଼ ହେବ । ତେଣିକି ସରକାର ଯାହା ନିଷ୍ପତି ନେବେ । ଅର୍ଥାତ ଏବେ ଯାଏଁ ପ୍ରଶାସନ ମଧ୍ୟ ଦ୍ୱନ୍ଦ୍ୱରେ ରହିଥିବା ବାରି ହୋଇଯାଉଛି ।

# ଉଉରାସ ସ୍କୁଲ ପାଚେରୀ ଓ ଗେଟ୍ ନିର୍ମାଣରେ ହରିଲୁଟ ଅଭିଯୋଗ



କରଞ୍ଜିଆ (ଭାସ୍କର ନ୍ୟୁଜ) : ମୟୂରଭଞ୍ଜ ଜିଲ୍ଲା ଯଶିପୁର ବ୍ଲକରେ ହୋଇଥିବା ଅନେକ ଦୁର୍ନୀତି ବିରୋଧରେ ପ୍ରଶାସନ କିମ୍ବା ସରକାରଙ୍କ ତରଫରୁ ଆଜି ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ । ଯାହାଫଳରେ ଦୁର୍ନୀତିଖୋର ଅଧିକାରୀମାନେ ପରୋକ୍ଷରେ ଉତ୍ସାହିତ ହୋଇ ମିଥ୍ୟା ବିଲ୍ କରିବାକୁ ପଛାଉ ନାହାନ୍ତି । ଏହି କ୍ରମରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧ ଲକ୍ଷ ୮୦ ହଜାର ଟଙ୍କାର ଅର୍ଥ ମଞ୍ଜୁର କରାଯାଇ ଧଳାବଣି ଗ୍ରାମପଞ୍ଚାୟତର ଉଉରାସ ସ୍କୁଲ ପାଚେରୀ ଓ ଗେଟ ନିର୍ମାଣରେ ଆଦୌ କାମ ନହୋଇ ୧ ଲକ୍ଷ ୬୨ ହଜାର ଟଙ୍କା ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସେଠୀଙ୍କ ନାମରେ ବିଲ୍ ପେମେଣ୍ଟ ହେବା ଘଟଣା ଗ୍ରାମବାସୀଙ୍କୁ ବିସ୍ମିତ କରିଛି । ଏହାପୂର୍ବରୁ ସ୍କୁଲ ଗେଟ ନିର୍ମାଣ ଓ ସ୍କୁଲ ମରାମତି କାମ ପାଇଁ ୩ ଲକ୍ଷ ଟଙ୍କାର ଅର୍ଥ ବ୍ୟୟ ହୋଇଥିଲା । ସେହି ସ୍କୁଲରେ ଥିବା ଗେଟ ଓ କୌଣସି ପାଚେରୀ କାମ ନକରି ପୁରୁଣା ପାଚେରୀକୁ ନୂଆ ଦର୍ଶାଇ ଅର୍ଥ ବାଟମାରଣା କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସେଠି, ସରପଞ୍ଚ ତ୍ରିଭୁବନ ଆଲଦା ଓ କନିଷ୍ଠ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ସେଠୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ କରି ମିଥ୍ୟା ବିଲ୍ ଜରିଆରେ ଅର୍ଥ ବାଟମାରଣା

## କାର୍ଯ୍ୟାନୁଷ୍ଠାନ ପାଇଁ ବିଡ଼ିଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ହୋଇଥିବା ଅଭିଯୋଗ ହୋଇଛି । ସରକାରୀ ନିୟମାନୁସାରେ ବିଭାଗୀୟ ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିଲେ ମଧ୍ୟ ଭେଣ୍ଡର ମାଧ୍ୟମରେ ବିଲ୍ ପେମେଣ୍ଟ ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି । ତେବେ ମାତ୍ରାଧିକ ପିସି ପାଇଁ ସରକାରୀ ଆଇନକୁ ବେଖାତିର କରି ପିଇଓଙ୍କ ନାମରେ ପେମେଣ୍ଟ ହୋଇଛି । ପ୍ରଶାସନ ସବୁ ଜାଣି ମଧ୍ୟ ଚୁପ୍ ରହୁଛି । ଏ ସମ୍ପର୍କରେ ଉଉରାସ ଗ୍ରାମବାସୀଙ୍କ ପକ୍ଷରୁ ଚାମୁରୁ ସିର୍କା, ଛୋଟରାୟ ହେମ୍ବ୍ରମ, ଭଞ୍ଜ କିଶୋରେ ବିରୁଆ, ସୁରେନ୍ଦ୍ର ପୂର୍ତ୍ତି, ବାସନ୍ତୀ ହୋ, ଜେନା ହୋ, ବୁଧୁରାମ ହୋ, ଦନାର୍ଦ୍ଦନ ହୋ, ଜଗନ୍ନାଥ ସିଂକୁ, ରେଙ୍ଗ ଜାମୁଦା ପ୍ରମୁଖ ଯଶିପୁର ବିଡ଼ିଓ ମାଧବ ଚନ୍ଦ୍ର ବିରୁଆଙ୍କ ନିକଟରେ ଲିଖିତ ଅଭିଯୋଗ ସହିତ ଏ ସମ୍ପର୍କରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସେଠୀଙ୍କ ମତାମତ ନେବାରୁ ସେ କହିଲେ - 'ମୋ ନାମରେ କାର୍ଯ୍ୟାଦେଶ ଥାଇ ପାଚେରୀ ଓ ଗେଟ୍ ନିର୍ମାଣର ବିଲ୍ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା କରାଯାଇଛି' । ତେଣୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ ପେମେଣ୍ଟ କରାଯିବାରେ କୌଣସି ଅସୁବିଧା ନାହିଁ ବୋଲି ସଫେଇ ଦେଇଛନ୍ତି । କନିଷ୍ଠ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ସେଠୀଙ୍କ ମତାମତ ନେବାରୁ ସେ କହିଲେ 'ସ୍କୁଲ ପାଚେରୀ ଓ ଗେଟ ନିର୍ମାଣ ହୋଇଥିବାରୁ ମୁଁ ବିଲ୍ କରିଛି' । ଇତିମଧ୍ୟରେ କନିଷ୍ଠ ଯନ୍ତ୍ରୀଙ୍କର କରଞ୍ଜିଆ ବ୍ଲକକୁ ବଦଳି ହୋଇଛି । ସରପଞ୍ଚ ତ୍ରିଭୁବନ ଆଲଦାଙ୍କର ମତାମତ ନେବାରୁ- '୨୦୨୩-୨୪ ଆର୍ଥିକ ବର୍ଷ ନିର୍ବାଚନ ସମୟରେ ସ୍କୁଲ ପାଚେରୀ ଓ ଗେଟ ନିର୍ମାଣ ହୋଇଥିବାରୁ ବିଲ୍ ପେମେଣ୍ଟ କରାଯାଇଛି' । କିନ୍ତୁ ସୂଚନା ଫଳକ ପରେ ସ୍କୁଲ ପାଚେରୀରେ ଲେଖାଯିବାରୁ ଗ୍ରାମବାସୀଙ୍କ ଭିତରେ ସନ୍ଦେହ ସୃଷ୍ଟି କରିଛି ବୋଲି କହିଲେ । ବିଡ଼ିଓ ମାଧବ ଚନ୍ଦ୍ର ବିରୁଆଙ୍କ ମତାମତ ଅନୁସାରେ -'ଯଦି ଦୁର୍ନୀତି ହୋଇଥିବାର ପ୍ରମାଣ ମିଳେ ତେବେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ' ବୋଲି କହିଛନ୍ତି ।

# ରାଶିଫଳ

**ଶନିବାର, ୨୯ ମାର୍ଚ୍ଚ ୨୦୨୫**



**ମେଷ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ । ରୋମାନ୍ସ ବୃଦ୍ଧି ପାଇବ, ପ୍ରେମ ଜୀବନ ବିତାଉଥିବା ଲୋକମାନେ ମଧ୍ୟ ଆଜି ଭଲ ଫଳାଫଳ ପାଇବେ ।



**ବୃଷ:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ । ପାରିବାରିକ ଜୀବନ ଖୁସି ହେବ । ଘରୋଇ ଜୀବନରେ ସୁଖ ମିଳିବ । ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ ।



**ମିଥୁନ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ । ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ।



**କର୍କଟ:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ । ଆପଣଙ୍କ ବ୍ୟବସାୟରେ ଲାଭ ହେବ । କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ । ଘର ଜୀବନ ଖୁସି ହେବ । ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ ।



**ସିଂହ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଆୟ ବୃଦ୍ଧି ପାଇବ । ଖର୍ଚ୍ଚ ହ୍ରାସ ପାଇବ । ଘର ଜୀବନ ସ୍ନେହପୂର୍ଣ୍ଣ ହେବ । ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ ।




**କନ୍ୟା:** ଆଜି କେତେକ ସମସ୍ୟା ଆସିପାରେ । ଭାଗ୍ୟ ଉପରେ ନିର୍ଭର କର ନାହିଁ । କଠିନ ପରିଶ୍ରମ କର । ଆୟ ସ୍ୱାଭାବିକ ହେବ । ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ । ସ୍ୱାସ୍ଥ୍ୟ ଭଲ ହେବ । ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ ।



**ତୁଳା:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ । ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ତୁମର ଖାଦ୍ୟର ଯତ୍ନ ନିଅ । କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ । ଆୟ ବୃଦ୍ଧି ପାଇବ ।



**ବିଛା:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ । ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ ।



**ଧନୁ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ । ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ ।



**ମକର:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ । ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ । ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ, ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ ।



**କୁମ୍ଭ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ । ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ । ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ । ଘରୋଇ ଜୀବନରେ ସମସ୍ୟା ହୋଇପାରେ । ଯେଉଁମାନେ ପ୍ରେମ ଜୀବନରେ ଅଛନ୍ତି ସେମାନଙ୍କ ପାଇଁ ଆଜି ଏକ ଭଲ ଦିନ ହେବ ।



**ମୀନ:** ଖର୍ଚ୍ଚ ବୃଦ୍ଧି ପାଇବ । ଆୟ ସ୍ୱାଭାବିକ ହେବ । ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ । ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନ ସାଥୀ କ୍ରୋଧିତ ହୋଇପାରେ । ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ ।



ଶ୍ରୀପତି ଗୁରୁ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ) : ଏପ୍ରିଲ ୨ ତାରିଖ ରୁ ଆରମ୍ଭ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଫୁଟବଲ କପ ଟୁର୍ଣ୍ଣାମେଣ୍ଟ କିଭଳି ସୂଚାରୁ ରୂପେ ସମ୍ପନ୍ନ ହେବ ଏଥି ପାଇଁ ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପ ଲାଇନ କନଫରେନ୍ସ ହଲ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ରେ ନବରଙ୍ଗପୁର ଜିଲ୍ଲା ର ୧୨ ଟି ଫୁଟବଲ ଦଳ ଅଂଶ ଗ୍ରହଣ କରୁଥିବା ବେଳେ, ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ କୁ ଜିଲ୍ଲା କ୍ରୀଡା ସଂଘ ପରିଚାଳନା କରିବ ବୋଲି ମୁଖ୍ୟ ଅତିଥି ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ସୂଚନା ଦେଇଛନ୍ତି । ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଏପ୍ରିଲ ୨ ତାରିଖ ରୁ ଆରମ୍ଭ ହୋଇ ୬ଦିନ ଧରି ଚାଲିବ । ଏହାକୁ ସୁପରିଚାଳନ ପାଇଁ ବିଭିନ୍ନ କମିଟି ଗଠନ କରି ଦାୟିତ୍ୱ ଅର୍ପଣ କରାଯାଇଛି । ଟୁର୍ଣ୍ଣାମେଣ୍ଟ ର ସମସ୍ତ ମ୍ୟାଚ ସାନଭରଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ଆୟୋଜନ କରାଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ରେ ସମସ୍ତ ୧୪ ବର୍ଷ ରୁ କମ ଫୁଟବଲ ଖେଳାଳିମାନେ ଅଂଶଗ୍ରହଣ କରି ପାରିବେ ବୋଲି ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି ଏହାଛଡ଼ା ଏହି ପ୍ରତିଯୋଗିତା ରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ସମ୍ମାନିତ ଅତିଥି ଭାବେ ଉମରକୋଟ ପୌର ପରିଷଦର ଉପାଧ୍ୟକ୍ଷ ସୁଧାଂଶୁ ଦାଶ, ଜିଲ୍ଲା କ୍ରୀଡା ସଂଘର ଯୁଗ୍ମ ସମ୍ପାଦକ କେ. ତନଭୀର ଜିଲାନି, ହକି ସମ୍ପାଦକ ତଥା ହେଲ୍ପ ଲାଇନ ର ନିର୍ଦ୍ଦେଶକ ସମାଜସେବୀ ଦୁର୍ଗା ପ୍ରସାଦ ମଲ୍ଲିକ, ଇଣ୍ଡୋର ସମ୍ପାଦକ ତଥାହେଲ୍ପ ଲାଇନ ସଭାପତି କୃଷ୍ଣ ପ୍ରସାଦ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ କୁମାର ନାୟକ, ଦୁର୍ଯ୍ୟୋ ହରିଜନ, ରବି ସୁନା, ଆଦିତ୍ୟ ମିଦୁଲି, ମଲକି ସୁନା, ଧନୁର୍ଜୟ ହିଆଲ ପ୍ରମୁଖ ଯୋଗଦେଇ ଥିବାବେଳେ, ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ସଂଘର ମହିଳା ସଂଯୋଜିକା ତଥା ହେଲ୍ପ ଲାଇନ ର ଉପସଭାପତି ଇ. ଚନ୍ଦନା ମଲ୍ଲିକ ପରିଚାଳନା କରିଥିଲେ ।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପାଇଁ ପ୍ରଥମ ତାଲିମ ଉଦ୍‌ଘାଟିତ

ମାଲକାନଗିରି(ଭାସ୍କର ନ୍ୟୁଜ) : ତୃଣମୂଳସ୍ତରୀୟ ନିର୍ବାଚନ କାର୍ଯ୍ୟକର୍ତ୍ତାଙ୍କ ପାଇଁ ନିରନ୍ତର, ବ୍ୟବହାରିକ, ପରିସ୍ଥିତି-ଆଧାରିତ ତାଲିମ ଉଦ୍‌ଘାଟିତ ହୋଇଯାଇଛି । ପ୍ରଶିକ୍ଷିତ ବୁଥ୍‌ସ୍ତରୀୟ ଅଧିକାରୀମାନେ ବିଧାନସଭାସ୍ତରୀୟ ମାଷ୍ଟର ଟ୍ରେନର ହୋଇ ଦେଶବ୍ୟାପୀ ବୁଥ୍‌ସ୍ତରୀୟ ଅଧିକାରୀ (ବି ଏଲ ଓ) ମାନଙ୍କର ସାମାଜିକ ସମ୍ପର୍କକୁ ସୁଦୃଢ଼ କରିବେ । ଗୁରୁବାର ନୂଆଦିଲ୍ଲୀ ଆଇଆଇଆଇଡିଇଏମ୍‌ରେ ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର, ଡକ୍ଟର ବିବେକ ଜୋଶୀଙ୍କ ସହ ବୁଥ୍ ସ୍ତରୀୟ ଅଧିକାରୀ (ବି ଏଲ ଓ) ମାନଙ୍କ ପାଇଁ ଆୟୋଜିତ ପ୍ରଥମ ତାଲିମକୁ ଉଦ୍ଘାଟନ କରିଛନ୍ତି । ଆଗାମୀ କିଛି ବର୍ଷ ମଧ୍ୟରେ ପ୍ରାୟ ୧ ଲକ୍ଷ ବୁଥ୍‌ସ୍ତରୀୟ ଅଧିକାରୀ (ବି ଏଲ ଓ), ହାରାହାରି ପ୍ରତି ୧୦ ଟି ମତଦାନ କେନ୍ଦ୍ରରେ ଗୋଟିଏ ବୁଥ୍ ସ୍ତରୀୟ ଅଧିକାରୀ (ବି ଏଲ ଓ) ଙ୍କୁ ଏପରି ତାଲିମ କାର୍ଯ୍ୟକ୍ରମରେ ସୁଶିକ୍ଷିତ କରାଯିବ । ଏହି ସୁପ୍ରଶିକ୍ଷିତ ବୁଥ୍‌ସ୍ତରୀୟ ଅଧିକାରୀ (ବି ଏଲ ଓ) ଗୁଡ଼ିକ ଦେଶବ୍ୟାପୀ ବୁଥ୍ ସ୍ତରୀୟ ଅଧିକାରୀ (ବି ଏଲ ଓ) ମାନଙ୍କର ସମଗ୍ର ସାମାଜିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ବିଧାନସଭା ସ୍ତରୀୟ ମାଷ୍ଟର ଟ୍ରେନର (ଏ ଏଲ ଏମ ଟି)ର ଏକ ସଂଘ ଗଠନ କରିବେ, ଯେଉଁମାନେ ୧୦୦ କୋଟି ଭୋଟର ଏବଂ ନିର୍ବାଚନ ଆୟୋଗ ମଧ୍ୟରେ ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେବ । ଏହି ଅନନ୍ୟ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଜାରି ରହିବ ଏବଂ ପ୍ରଥମେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ଉପରେ ଧ୍ୟାନ ଦିଆଯିବ । ବର୍ତ୍ତମାନ, ବିହାର, ପଶ୍ଚିମବଙ୍ଗ ଏବଂ ଆସାମରୁ ୧୦୯ ଜଣ ବୁଥ୍ ସ୍ତରୀୟ ଅଧିକାରୀ (ବି ଏଲ ଓ) ଏହି ୨-ଦିନିଆ ଆବାସିକ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି । ଏହା ସହିତ ବିହାର, ପଶ୍ଚିମବଙ୍ଗ, ଆସାମ, କେରଳ, ପୁଡୁଚେରୀ ଏବଂ ତାମିଲନାଡୁରୁ ୨୪ ଜଣ ଇ ଆର ଓ ଏବଂ ୧୩ ଜଣ ଡି ଇ ଓ ମଧ୍ୟ ଅଂଶଗ୍ରହଣ କରୁଛନ୍ତି । ଏହି ତାଲିମ କାର୍ଯ୍ୟକ୍ରମର ଯୋଜନା ହେଉଛି ବୁଥ୍ ସ୍ତରୀୟ ଅଧିକାରୀ (ବି ଏଲ ଓ)ମାନଙ୍କୁ ଆରପି ଅକ୍ଟ ୧୯୫୦, ନିର୍ବାଚନ ପଞ୍ଜୀକରଣ ନିୟମ ୧୯୬୦ ଏବଂ ସମୟ ସମୟରେ ଜାରି ହୋଇଥିବା ନିର୍ବାଚନ ଅଧିକାରୀଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ସେମାନଙ୍କର ଭୂମିକା ଏବଂ ଦାୟିତ୍ୱ ସହିତ ପରିଚିତ କରାଇବା ଏବଂ ଭୋଟର ତାଲିକାର ତ୍ରୁଟିମୁକ୍ତ ଅଦ୍ୟତନ ପାଇଁ ପ୍ରାସଙ୍ଗିକ ଫର୍ମ ପୂରଣ କରିବାର ଆବଶ୍ୟକତା ସହ ମଧ୍ୟ ସେମାନଙ୍କୁ ସୁସଜ୍ଜିତ କରାଯିବ । ସେମାନଙ୍କ କାର୍ଯ୍ୟକୁ ସମର୍ଥନ କରିବା ପାଇଁ ଡିଜାଇନ୍ କରାଯାଇଥିବା ଆଇଟି ଆପ୍ଲିକେସନ୍ ସହିତ ମଧ୍ୟ ସେମାନଙ୍କୁ ପରିଚିତ କରାଯିବ । ବୁଥ୍ ସ୍ତରୀୟ ଅଧିକାରୀ (ବି ଏଲ ଓ) ମାନେ ରାଜ୍ୟ ସରକାରଙ୍କ ଅଧିକାରୀ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ)ଙ୍କ ଅନୁମୋଦନ ପରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇ ଆର ଓ)ଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ଭୋଟର ତାଲିକାର ତ୍ରୁଟିମୁକ୍ତ ଅଦ୍ୟତନ ଇଆରଓ ଏବଂ ବିଏଲଓଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ଗୁରୁତ୍ୱାରୋପ କରିଥିଲେ ଯେ ରାଜ୍ୟ ସରକାରମାନେ ଏସଡିଏମସ୍ତରୀୟ କିମ୍ବା ସମକକ୍ଷ ଅଧିକାରୀମାନଙ୍କୁ ସେମାନଙ୍କ ବରିଷ୍ଠତାକୁ ବିଚାର କରି ଇଆରଓ ଭାବରେ ମନୋନୀତ କରିବା ଉଚିତ ବୋଲି କହିଛନ୍ତି ଏବଂ ସେମାନଙ୍କ ଦାୟିତ୍ୱରେ ଥିବା ମତଦାନ କେନ୍ଦ୍ରର ଅନୁଯାୟୀ ଏକ ସାଧାରଣ ବାସିନ୍ଦାକୁ ବିଏଲଓ ଭାବେ ନିଯୁକ୍ତ କରିବା ଉଚିତ । ମୁଖ୍ୟ ନିର୍ବାଚନ ଅଧିକାରୀ ଗୁରୁତ୍ୱାରୋପ କରିଥିଲେ ଯେ ସମ୍ବିଧାନର ଧାରା ୩୨୬ ଏବଂ ଆରପି ଆକ୍ଟ, ୧୯୫୦ ର ଧାରା ୨୦ ଅନୁଯାୟୀ, କେବଳ ୧୮ ବର୍ଷରୁ ଅଧିକ ବୟସର ଏବଂ ସାଧାରଣତଃ ନିର୍ବାଚନମଣ୍ଡଳୀରେ ବାସ କରୁଥିବା ଭାରତର ନାଗରିକମାନେ ଭୋଟର ଭାବରେ ପଞ୍ଜୀକୃତ ହୋଇପାରିବେ । ସେ ସମସ୍ତ ସି ଇ ଓ, ଡିଇଓ, ଇଆରଓ ମାନଙ୍କୁ ସେମାନଙ୍କ ସ୍ତରରେ ସର୍ବଦଳୀୟ ବୈଠକ କରିବା ଏବଂ ଭୋଟର ତାଲିକାର ସଠିକ୍ ଅଦ୍ୟତନ ସମେତ ସେମାନଙ୍କ କ୍ଷେତ୍ରାଧିକାର ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବା ପାଇଁ ତାଙ୍କ ନିର୍ଦ୍ଦେଶକୁ ପୁନଃ ମନେ ପକାଇଥିଲେ । ସେ ଏହା ମଧ୍ୟ ସତର୍କ କରାଇଥିଲେ ଯେ ଇଆର ଓ କିମ୍ବା ବିଏଲଓଙ୍କ ବିରୁଦ୍ଧରେ ଯେ କୌଣସି ଅଭିଯୋଗ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ସେ କହିଥିଲେ ଯେ ଭୋଟର ତାଲିକାର ଅଦ୍ୟତନ ପାଇଁ ଘର ଘର ଯାଞ୍ଚ ସମୟରେ ସମସ୍ତ ବିଏଲଓ ମାନେ ଭୋଟରଙ୍କ ସହିତ ଭଦ୍ର ଭାବରେ ଆଲୋଚନା କରିବା ଉଚିତ । ସେ କହିଥିଲେ ଯେ କମିଶନ ପ୍ରାୟ ୧୦୦ କୋଟି ଭୋଟରଙ୍କ ସହିତ ଠିଆ ହୋଇଥିଲା, ଅଛି ଏବଂ ସର୍ବଦା ରହିବ ।

# ମା'ପାଟଣେଶ୍ୱରୀ ମନ୍ଦିରକୁ ମିଳିଲା ୫ ଲକ୍ଷ ଟଙ୍କା ଅନୁଦାନ



ବଲାଙ୍ଗୀର(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ସାଲେଭଟା ଗ୍ରାମ ଐତିହ୍ୟ ପାଟଣା ଷ୍ଟେଟ ସମୟର ଗୋଟିଏ ଗମ୍ଭିରାରେ ପୂଜା ପାଉଛନ୍ତି ମା' ପାଟଣେଶ୍ୱରୀ ଓ ମା' ସମଲେଶ୍ୱରୀ । କେଉଁ ଆଦିମ କାଳରୁ ଦେବୀ ପୂଜା ପାଇ ଆସୁଥିବା ବେଳେ ପାଟଣା ଷ୍ଟେଟ ସମୟର ଓମ୍ ନଦୀରେ ପ୍ରଭାବିତ ହୋଇଥିବା ସମ୍ବଲପୁର ଓ ପାଟଣା ଷ୍ଟେଟ ୧୫୦୦ ଖ୍ରୀଷ୍ଟାବ୍ଦରେ ମା' ପାଟଣେଶ୍ୱରୀ ପାଟଣାରାଜ୍ୟ ମୁହାଁ ହୋଇଥିବାବେଳେ ମା' ସମଲେଶ୍ୱରୀ ସମ୍ବଲପୁର ମୁହାଁ ହୋଇ ପୂଜା ପାଉଛନ୍ତି । ହମା ଏବଂ ପାଟଣା ଭାଗ ହୋଇ ଚିହ୍ନଟ ହୋଇଥିଲା । ଏହି ମନ୍ଦିର ପାଇଁ ଦେବାଳୟ ସୁରକ୍ଷା କମିଟି ସାଲେଭଟା ଗ୍ରାମବାସୀ ଓ ପାଟଣେଶ୍ୱରୀ ମନ୍ଦିର ଗତ ୭ ଅଗଷ୍ଟ ୨୦୨୪ ରେ ସ୍ଥାନୀୟ ସର୍କିଟ ହାଉସରେ ଡ. ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ କରି ପତ୍ର ସଂଖ୍ୟା ୨୯/୨୦୨୪ ରେ ଦାବି ପ୍ରଦାନ କରାଯାଇଥିଲା । ମନ୍ଦିର ଉନ୍ନତିକରଣ ସକାଶେ ମୁଖ୍ୟମନ୍ତ୍ରୀ ଏସ୍‌ପିଏଫ୍ ଫଣ୍ଡରୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଦେବାଳୟ ସୁରକ୍ଷା କମିଟି ଏବଂ ସାଲେଭଟା ପାଟଣେଶ୍ୱରୀ ମନ୍ଦିର କମିଟି ସୂଚନା ପ୍ରଦାନ କରିଛନ୍ତି ପ୍ରେସ ବିବୃତ୍ତି ଜରିଆରେ ।

# ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ବାରୁଣୀ ବୁଡ଼

ଖଇରପୁଟ(ଭାସ୍କର ନ୍ୟୁଜ): ମାଥିଲି ବ୍ଲକ ମେକ୍କା ପଞ୍ଚାୟତ କାଳିଆଗୁଡ଼ା ବାରୁଣୀ ଶ୍ରୀକ୍ଷେତ୍ର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ । ମହାବାରୁଣୀ ତିଥିରେ ଶାବେରୀ, ପାଙ୍ଗମ ଏବଂ ବାକଲି ଯୋଡ଼ି ସଙ୍ଗମରେ ସ୍ନାନ କରି ଜଗତରନାଥଙ୍କ ପୂଜାର୍ଚ୍ଚନା କରିଛନ୍ତି । ପିତୃପୁରୁଷଙ୍କୁ ପିଣ୍ଡଦାନ, ଅସ୍ଥି ବିସର୍ଜନ, ପିଲାଙ୍କ ମୁଣ୍ଡନ ଏବଂ ଅସହାୟଙ୍କୁ ଦାନ ଦେଇଛନ୍ତି । ଏହାଦ୍ୱାରା ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି । ଘର, ଗାଁର ମଙ୍ଗଳ ସହ ଭଲ ଫସଲ ହୁଏ ବୋଲି ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି । ଗତ ୨୫ ତାରିଖରେ ଆରମ୍ଭ ହୋଇଥିଲା ଯାତ୍ରା । ପ୍ରଥମ, ଦ୍ୱିତୀୟ ଦିନ ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା କରାଯାଇଥିଲା । ଆଜି ଶ୍ରଦ୍ଧାଳୁମାନେ ବୁଡ଼ ପକାଇ ଅସ୍ଥି ବିସର୍ଜନ କରିଥିଲେ । ପିଣ୍ଡ ଦାନ ସହ ଅନ୍ୟାନ୍ୟ ସାମାଜିକ କାମ କରାଯାଇଥିଲା । ରାତିରେ ଭଜନ ସନ୍ଧ୍ୟା ଏବଂ ଦେଶିଆ ନାଟ ପରିବେଷଣ କରାଯାଇଥିଲା । ପୂଜା କମିଟି ପକ୍ଷରୁ ସମସ୍ତଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । କମିଟି ସଭାପତି ଡମ୍ବରୁଧର ପେରମା, ଉପସଭାପତି ପଦ୍ମ ନାୟକ, ବଳରାମ । ଅନୁଗୁଳିଆ, ସମରା ନାୟକ, ନାୟକ, ମଙ୍ଗଳା ଖୁର୍ମୀ, ସମାରୁ ନାୟକ, ତ୍ରିନାଥ ଭୂମିଆ, ମୁନିରାମ ଭୂମିଆ, ବଳରାମ ନାୟକ, ବାସୁଦେବ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂର୍ଯ୍ୟନାରାୟଣ ପାଢ଼ି, ଶିବପ୍ରସାଦ ପରିଚ୍ଛା ଜଗନ୍ନାଥ ମନ୍ଦିର ପୂଜାର୍ଚ୍ଚନା କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫୋର୍ସ ମୁତୟନ କରାଯାଇଥିଲା । ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ଏବଂ ଅନ୍ୟ ଅଫିସରମାନେ ସହଯୋଗ କରିଥିଲେ ।

# ଶିଶୁଶ୍ରୀର 'ପିଲାଙ୍କ ପାଖରେ ପାଠାଗାର' କାର୍ଯ୍ୟକ୍ରମ




ବରଗଡ(ଭାସ୍କର ନ୍ୟୁଜ୍): ଭଲ ପୁସ୍ତକଟିଏ ଜୀବନରେ ଖୁସି ଆଣି ଦେଇଥାଏ । ଜୀବନର ମୋଡ଼ ବଦଳାଇ ବ୍ୟକ୍ତିକୁ ସଠିକ ମାର୍ଗରେ ପରିଚାଳିତ କରିଥାଏ । ପୁସ୍ତକ ପଠନର ଅଭ୍ୟାସ ଛାତ୍ରଛାତ୍ରୀ ମାନଙ୍କ ଏକାଗ୍ରତା ବଢ଼ାଇବା ସହିତ ସୃଜନଶକ୍ତି ବୃଦ୍ଧି ଦିଗରେ ସହାୟକ ହୋଇଥାଏ ବୋଲି ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ଆୟୋଜିତ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ସ୍ଥାନୀୟ ଏ.ଇ. ଏମ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସର ମଧ୍ୟରେ ସଭାପତି ମନୋରଂଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗାନ୍ଧୀ ସ୍ମୃତି ପାଠାଗାରର ସଭାପତି ଅରୁଣ ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତରଣୀସେନ ବୁଧିଆ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ନିର୍ଦ୍ଦେଶକ ଡ଼ ଯଶବୀର ସିଂ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଜୀବନରେ ପୁସ୍ତକର ଉପାଦେୟତା ବିଷୟରେ ବକ୍ତବ୍ୟ ପ୍ରଦାନ କରି ଭଲ ପୁସ୍ତକ ବ୍ୟକ୍ତି ଜୀବନରେ ପ୍ରକୃତ ଆନନ୍ଦ ଆଣିଥାଏ ଓ ଜୀବନର ଗତିପଥ ବଦଳାଇ ଦେଇଥାଏ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ରଜତ ଦାଶ, ବିବେକ ପ୍ରଧାନ, ଶିକ୍ଷୟିତ୍ରୀ ରିଙ୍କି ନନ୍ଦ, ବେବିଲତା ଭୋଇ, ମମତାଜ ଖାତୁନ ପୁସ୍ତକ ଓ ପତ୍ର ପତ୍ରିକା ପଠନ ଦିଗରେ ଯତ୍ନବାନ ହେବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରି 'ଶିଶୁଶ୍ରୀ' ର ଆବାହକ ଡକ୍ଟର ରବିନାରାୟଣ ସାହୁ ପ୍ରତି ମାସରେ ଖଣ୍ଡେ ଶିଶୁ ସାହିତ୍ୟ ଆଧାରିତ ପୁସ୍ତକ ବା ପତ୍ରିକା କିଣିବା ସହିତ ସାଙ୍ଗ ସାଥିଙ୍କ ଜନ୍ମ ଦିନରେ ପୁସ୍ତକ ଉପହାର ଦେବାକୁ ପରାମର୍ଶ ଦେଇଥିଲେ । ପ୍ରଦର୍ଶିତ ପୁସ୍ତକ ମଧ୍ୟରୁ ନିର୍ବାଚିତ ପୁସ୍ତକ ପଠନ କରି ବକ୍ତବ୍ୟ ପ୍ରଦାନ କରିଥିବା ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ଶ୍ରୁତି ଜେନ୍,ଆୟୁଷ ମହାରଣା ଓ ସୌମ୍ୟରଞ୍ଜନ ଦାଶଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ସଦସ୍ୟ ଅଧ୍ୟାପକ ଆଲୋକ ରଂଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପଦର ବନ୍ଧୁ ସାଜିଲେ ଯୁବକ

## ରକ୍ତଦାନ କରି ବଞ୍ଚାଇଲେ ମହିଳାଙ୍କ ଜୀବନ



ଚନ୍ଦାହାଣ୍ଡି(ଭାସ୍କର ନ୍ୟୁଜ) : ରକ୍ତହୀନତାର ଶିକାର ହୋଇଥିବା ଜଣେ ମହିଳାଙ୍କୁ ରକ୍ତଦାନ କରି ବିପଦର ବନ୍ଧୁ ସାଜିଛନ୍ତି ଜଣେ ଯୁବକ । ଯୁବକଙ୍କ ଏଭଳି ସେବା ମନୋବୃତ୍ତି କାର୍ଯ୍ୟ ପାଇଁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଉଛି । ରକ୍ତଦାନ କରିଥିବା ଯୁବକ ହେଉଛନ୍ତି ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଜୁନାପାଣି ଗ୍ରାମର ଲାବଣ୍ୟ ମାଝୀ ଯୁବକ ସଂଘର ଜଣେ ସକ୍ରିୟ ସଦସ୍ୟ ଅର୍ଜୁନ ସିହ୍ନା । ସୂଚନା ଅନୁଯାୟୀ, ପଡୋଶୀ ଛତିଶଗଡ ରାଜ୍ୟ ର ଦେଓଭୋଗ ଲଟାପରା ଗ୍ରାମର ଯଶୋବନ୍ତୀ ବାଘେଲ ଧର୍ମଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ହେଉଥିଲେ । ତତ୍ପରେ ଡାକ୍ତର ତାଙ୍କୁ ରକ୍ତ ଅଭାବ ଅଛି ବୋଲି ପରାମର୍ଶ ଦେଇଥିଲେ । ଧର୍ମଗଡ଼ ରକ୍ତ ଭଣ୍ଡାରରେ ମଧ୍ୟ ରକ୍ତ ସ୍ଥଗିତ ନଥିବାରୁ ନିଜ ବନ୍ଧୁ ବାନ୍ଧବ ଓ ଚିହ୍ନା ପରିଚିତ ଙ୍କୁ ଯୋଗାଯୋଗ କରିଥିଲେ ପରିବାର ଲୋକେ,ହେଲେ ସବୁଆଡୁ ନିରାଶ ହୋଇପଡିଥିଲେ । ତାପରେ ତାଙ୍କ ପରିବାର ବର୍ଗ ଲାବଣ୍ୟ ମାଝୀ ଯୁବକ ସଂଘର ସଦସ୍ୟମାନଙ୍କ ସହ ଯୋଗାଯୋଗ କରି ସବୁ ବୃତାନ୍ତ ଜଣେଇଥିଲେ । ତତ୍ପରେ ସଂଘର ସଦସ୍ୟମାନେ ଜଣାଶୁଣା ରକ୍ତଦାତା ଅର୍ଜୁନ ସିହ୍ନା ସହିତ ଯୋଗାଯୋଗ କଲେ ଏବଂ ରକ୍ତ ଦେବା ପାଇଁ ଅନୁରୋଧ କରିଥିଲେ । ଅର୍ଜୁନ ସକଳ ବୃତାନ୍ତ ଜାଣିବା ପରେ ରକ୍ତଦାନ କରିବା ପାଇଁ ରାଜି ହୋଇଥିଲେ । ପରେ ଅର୍ଜୁନ ନିଜ ଗାଡ଼ି ଯୋଗେ ଯାଇ ରକ୍ତଦାନ କରିଥିଲେ । ବିପଦ ସମୟରେ ରକ୍ତଦାନ କରି ରକ୍ତ ଅଭାବୀଙ୍କୁ ଜୀବନ ବଞ୍ଚାଇଥିବାରୁ ରୋଗୀର ପରିବାର ଲୋକେ ଏବଂ ଲାବଣ୍ୟ ମାଝୀ ଯୁବକ ସଂଘର ସମସ୍ତ କର୍ମ କର୍ତ୍ତା ଅର୍ଜୁନଙ୍କୁ ସାଧୁବାଦ ଜଣାଇଥିଲେ ।ରକ୍ତଦାନ ଏକ ମହତ ଦାନ, ମୋ ଶରୀରର ଆବଶ୍ୟକତାରୁ ଅଧିକ ରକ୍ତ କେବଳ ଅନ୍ୟ ମାନଙ୍କପାଇଁ ଉଦ୍ଦିଷ୍ଟ ,ଲାବଣ୍ୟ ମାଝୀ ଯୁବକ ସଂଘର ସଦସ୍ୟ ମାନେ ଯେତେବେଳେ ଏବଂ ଯେଉଁଠାରେ ମଧ୍ୟ ସଂଘ ସଦସ୍ୟ ରକ୍ତଦାନ କରିବା କୁ ପ୍ରସ୍ତୁତ ଅଛନ୍ତି ବୋଲି ମତବ୍ୟକ୍ତ କରିଥିଲେ ।

# ଦନ୍ତେଶ୍ୱରୀ ମା'ମାଉଲିଙ୍କ ମନ୍ଦିରରେ ରତ୍ନମୁଦ ସ୍ଥାପନ



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଞ୍ଚଳା ଗ୍ରାମରେ ଥିବା ଦନ୍ତେଶ୍ୱରୀ ମା' ମାଉଲି ଭବ୍ୟ ମନ୍ଦିରର ରତ୍ନମୁଦ ଚୂଡାକରଣ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ସାଂସଦ ରମେଶ ମାଝୀ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ ଯୋଗ ଦେଇଥିଲେ । ଏହି ଭବ୍ୟ ମନ୍ଦିର ନିର୍ମାଣ ଆଗରୁ ଏଠାରେ ଏକ ଗୁଡିଟିଏ ଥିଲା । ତତ୍କାଳୀନ ସରକାରଙ୍କ ଆର୍ଥିକ ସହାୟତା ଅନୁଦାନ ଓ ଗ୍ରାମର ସମସ୍ତ ଗ୍ରାମବାସୀମାନଙ୍କ ସହାୟତା ଯୋଗୁଁ ଏହି ଗୁଡିଟି ଗୁଡିରୁ ମନ୍ଦିରରେ ପରିଣତ ହୋଇଛି । ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ଅଞ୍ଚଳାର ସରପଞ୍ଚ ଅର୍ଜୁନ ଭତରା,ସମିତି ସଭ୍ୟ ଗୁଣଧର ଭତରା ଓ ୧୧ ଜଣ ୱାର୍ଡ ମେମ୍ବର ଯୋଗ ଦେଇଥିଲେ । ଏହି ମନ୍ଦିରର ରତ୍ନମୁଦ ଚୂଡାକରଣ ପ୍ରତିଷ୍ଠା ଉତ୍ସବରେ ଗାଉଟିଆ, ଚାଲାଣ , ବିଭିନ୍ନ ଗ୍ରାମରୁ ଆସିଥିବା ଭକ୍ତ ଓ ଗ୍ରାମବାସୀଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମଟି ମହାଆଡମ୍ବର ସହକାରେ ପାଳିତ ହୋଇଥିଲା ।

# ପେଶା ଶିକ୍ଷକତା, ନିଶା ପ୍ରାଣୀ ସୁରକ୍ଷା



ମାଲକାନଗିରି (ଭାସ୍କର ନ୍ୟୁଜ୍): ପେସାରେ ଶିକ୍ଷୟିତ୍ରୀ, ନିଶା ହେଲା ପ୍ରାଣୀଙ୍କୁ ସୁରକ୍ଷା ଯୋଗାଇବା । ସାପଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡିବା ସହ ପକ୍ଷୀଙ୍କ ପାଇଁ ବସା ତିଆରି କରି ଆଶ୍ରୟ ଯୋଗାଉଛନ୍ତି ଶିକ୍ଷୟିତ୍ରୀ ସ୍ନେହାଶ୍ରୀ ସୋରେନ । ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ଶିମିଳିପାଳ ଭିତରେ ମିଲୁଡ଼ିହି ଗାଁରେ ସେ ଜନ୍ମ ହୋଇଥିବା ବେଳେ କର୍ମଭୂମି ପାଲଟିଛି ମାଲକାନଗିରି ଜିଲ୍ଲା ।ମାଲକାନଗିରି ବ୍ଲକ ପଦ୍ମଗିରି ଏସ୍‌ଏସଡ଼ି ଉଚ୍ଚବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟକରୁଛନ୍ତି ସ୍ନେହାଶ୍ରୀ । ତାଙ୍କର ଏଭଳି ନିଶା ସମ୍ପର୍କରେ ପଚାରିବାରୁ କହିଛନ୍ତି, ପିଲାଟି ଦିନରୁ ପକ୍ଷୀ ଓ ସରୀସୃପଙ୍କ ପ୍ରତି ଦୁର୍ବଳତା ଥିଲା । ଗାଁ ଭିତରକୁ ବିଷଧର ସାପ କିମ୍ବା ପକ୍ଷୀ ପଶି ଆସି ବିପଦରେ ପଡ଼ିଥିଲେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡୁଛନ୍ତି । ଲୋପ ପାଉଥିବା ଘରଚଟିଆଙ୍କ ପାଇଁ ନିଜ ଖର୍ଚ୍ଚରେ ବସା ତିଆରି କରି ଖାଦ୍ୟପାନୀୟ ଯୋଗାଉଛନ୍ତି । ତାଙ୍କ ଦ୍ୱାରା ନିର୍ମିତ ମାଟି ଓ ଦୁବଘାସର ବସାରେ ଘରଚଟିଆ ଓ ଅନ୍ୟ ପକ୍ଷୀମାନେ ଆସି ରହୁଛନ୍ତି । ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରିବା ପାଇଁ ସେ ବିଭିନ୍ନ ସ୍ଥାନରେ ଚଢ଼େଇ ବସା ତିଆରି କରିଛନ୍ତି । ଘରଚଟିଆଙ୍କ ପାଇଁ ମାଟିପାତ୍ରଗୁଡ଼ିକୁ ନୂଆ ରୂପ ଦେଇ ସେମାନଙ୍କ ବସାରେ ପରିଣତ କରିଥାନ୍ତି । କଳାକୃତି ଭାବେ ସ୍କୁଲ କରିଡର ଏବଂ ସାର୍ବଜନୀନ ସ୍ଥାନରେ ମାଟିପାତ୍ର ବସାକୁ ଟାଙ୍ଗି ଦେଇଛନ୍ତି । ଯଦ୍ଦ୍ୱାରା ଚଢ଼େଇମାନେ ଆସି ସୁରକ୍ଷିତ ଭାବେ ରହୁଛନ୍ତି । ସ୍ନେହାଶ୍ରୀଙ୍କ ଏଭଳି ପଦକ୍ଷେପ କେବଳ ଚଢ଼େଇଙ୍କ ପାଇଁ ଏକ ପାଳନ ପୋଷଣ ପରିବେଶ ସୃଷ୍ଟି କରିନାହିଁ ବରଂ ଛାତ୍ରଛାତ୍ରୀ ତଥା ସାଧାରଣ ଲୋକେ ପକ୍ଷୀଙ୍କ ବିଷୟରେ ସଚେତନ ମଧ୍ୟ ହେଉଛନ୍ତି । ଘରଚଟିଆଙ୍କ ଅବଦାନ ଏବଂ ବିଲୁପ୍ତ ନହେବା ପାଇଁ ପ୍ରତ୍ୟେକ ଲୋକ ଉଦ୍ୟମ କରିବା ଆବଶ୍ୟକ ବୋଲି ସଦାବେଳେ ସେ କହିଥାନ୍ତି । ନିଜ ଘରେ ପକ୍ଷୀଙ୍କ ସୁରକ୍ଷା ପାଇଁ କୃତ୍ରିମ ବାସ, ଖାଦ୍ୟ ଥଳିର ବ୍ୟବସ୍ଥା କରିବା ଦରକାର । ସେହିପରି ସରୀସୃପଙ୍କୁ ମଧ୍ୟ ସୁରକ୍ଷା ଯେ ଦେବା ପାଇଁ ସମସ୍ତେ ଚେଷ୍ଟା କରିବାକୁ ସ୍ନେହାଶ୍ରୀ ନିବେଦନ କରିଛନ୍ତି । ତାଙ୍କର ଏହି ନିରୁତା କାମକୁ ଅଞ୍ଚଳବାସୀ ପ୍ରଶଂସା କରୁଥିବା ବେଳେ ପ୍ରକୃତିପ୍ରେମୀ ମହିଳା ଭାବେ ଜିଲ୍ଲାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ।

# ନୂତନ ବିଡ଼ିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ବ୍ଲକ କାର୍ଯ୍ୟାଳୟରେ ନୂତନ ବିଡ଼ିଓଙ୍କ ଯୋଗଦାନ । ଏହି ଅବସରରେ ଉମରକୋଟ ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଉକ୍ତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ସଂଖ୍ୟାଲଘୁ ଜିଲ୍ଲା ସଭାପତି ପବିତ୍ର ଗରଡା, ସାଂସଦ ପ୍ରତିନିଧି ବାସନ୍ତୀ ମାଝୀ, ବିଧାୟକ ପ୍ରତିନିଧି ସନା ମାଝୀ, କମଲୁ ମାଝୀ, ହରି ହରିଜନ, ଦିନେଶ ବିଶ୍ୱାସ, ଈଶ୍ୱର ଭତରା, ବୁଦ୍ର ଭତରା ପ୍ରମୁଖ ଉପସ୍ଥିତ ରହି ବିଡ଼ିଓଙ୍କୁ ସ୍ୱାଗତ ଜଣେଇବା ସହ ବ୍ଲକର ବିଭିନ୍ନ ମୌଳିକ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ବିଡ଼ିଓ ମହାଶୟ ମଧ୍ୟ ଅଂଚଳର ସମସ୍ତ ସମସ୍ୟା ଶୁଣି ସାରିବା ପରେ ଆଗାମୀ ଦିନରେ ସମସ୍ତ ସମସ୍ୟା ଗୁଡିକର ସମାଧାନ କରିବା ନେଇ ପ୍ରତିଶୃତି ଦେଇଛନ୍ତି ।

# ଟାୟାର ବିକ୍ରି ଘଟଣାରେ ଟଙ୍କା ଠକେଇ ଅଭିଯୋଗ

## ଜଣେ ଗିରଫ




ବେଲପାହାଡ଼( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୋଲିସ ଟାୟାର ବିକ୍ରି ଘଟଣାରେ ଦୋକାନୀଙ୍କୁ ଟଙ୍କା ଠକେଇ କରି ଫେରାର ଥିବା ଅଭିଯୋଗରେ ପୋଲିସ ସଂପୃକ୍ତ ଜଣେ ଠକ କମ୍ପାନୀର ଅଧିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ଆସାମ ରୋଡ କ୍ୟାରିୟର କମ୍ପାନୀରେ ସାଇଟ୍‌ଇନଚାର୍ଜ ଉତ୍ତମ ଶର୍ମା ବୋଲି ଜଣାପଡ଼ିଛି । ଟାୟାର ଦୋକାନ ମାଲିକ ବେଲପାହାଡ଼ ଆଜାଦ ଛକ ନିବାସୀ ବିଶାଳ ଅଗ୍ରୱାଲ (୨୫) ଏଭଳି ଟଙ୍କା ଠକେଇର ଶିକାର ହୋଇଛନ୍ତି । ବିଶାଳ ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ବେଲପାହାଡ଼ ଜୁନାଡିହିସ୍ଥିତ ଶ୍ରୀ ରାଣୀସତି ଟ୍ରେଡର୍ସର ସେ ମାଲିକ ଅଟନ୍ତି । ବିଶାଳ ପ୍ରଥମେ ଅଭିଯୁକ୍ତ ଉତ୍ତମ ଶର୍ମାଙ୍କୁ ଜାଣିନଥିଲେ । ଡିଏସପିଏଲ କମ୍ପାନୀର ଜିଏମ ଶଶାଙ୍କ ସିଂହଙ୍କ ସୂତ୍ରରୁ ଉତ୍ତମ ଶର୍ମା ପ୍ରଥମେ ମୋବାଇଲ ଯୋଗେ କଥା ହୋଇ ପରିଚୟ ହୋଇଥିଲା । ଉତ୍ତମ ଶର୍ମା ଆସାମ ରୋଡ କ୍ୟାରିୟର କମ୍ପାନୀରେ ସାଇଟ୍ ଇନଚାର୍ଜ ଭାବେ କାର୍ଯ୍ୟ କରୁଥିବା ବିଶାଳଙ୍କୁ କହିଥିଲା । ବିଶାଳ ଏଥିରେ ସମ୍ପୂର୍ଣ୍ଣ ବିଶ୍ୱାସ କରି ଉତ୍ତମ ଶର୍ମାଙ୍କୁ ଆସାମ ରୋଡ କ୍ୟାରିୟର କମ୍ପାନୀ ନାମରେ ୨ ଲକ୍ଷ ୮ ହଜାର ମୂଲ୍ୟର ମୋଟ ଆଠ ଗୋଟି (୧୧.୨୦ ଜେଇଟି ଏମଏଲଏଚଡି) ଜେକେ ଟାୟାର ଦେଇଥିଲେ । ତେବେ ଉତ୍ତମ ଶର୍ମା ଗତ ଡିସେମ୍ବର ଓ ଜାନୁଆରୀ ମାସ ମଧ୍ୟରେ କମ୍ପାନୀ ବନ୍ଦ କରି ସମସ୍ତ ଗାଡ଼ି ଗୁଡ଼ିକୁ ନେଇ କୁଆଡ଼େ ଚାଲିଯାଇଥିବା କଥା ବିଶାଳ ପରେ ଜାଣିବାକୁ ପାଇଥିଲେ । ହେଲେ ଉତ୍ତମ ବିଶାଳଙ୍କ ଠାରୁ ନେଇଥିବା ଟାୟାର ଗୁଡ଼ିକର ପ୍ରାପ୍ୟ ଟଙ୍କା ପ୍ରଦାନ କରିନଥିଲେ । ବିଶାଳ ଉତ୍ତମଙ୍କୁ ମୋବାଇଲ ଯୋଗେ ବାରମ୍ବାର ଯୋଗାଯୋଗ କରିଥିବା ସତ୍ତ୍ୱେ ଉତ୍ତମ କୌଣସି ସମ୍ପର୍କ ରଖିନଥିଲେ । ପରେ ବିଶାଳ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏହିକ୍ରମରେ ଗତ ତା:୨୧/୩/୨୫ ଦିନ ସନ୍ଧ୍ୟା ୫ ଟାରେ ଜୁନାଡ଼ିହି ସ୍ଥିତ ରବି ଶଙ୍କର ଅଟୋ ସେୟାର ପାର୍ଟସ ଦୋକାନର ପାଖରେ ଉତ୍ତମଙ୍କୁ ଦେଖିବା ପରେ ବିଶାଳ ତାଙ୍କୁ ସାକ୍ଷାତ କରିଥିଲେ । ଉତ୍ତମଙ୍କୁ ଟଙ୍କା ସମ୍ପର୍କରେ ପଚାରିବାରୁ ସେ କହିଥିଲା ଚାଲ ଦୋକାନରେ ବସି କଥା ହେବା । ଉତ୍ତମ ଡିଏସପିଏଲ କମ୍ପାନୀର ଜିଏମ ଶଶାଙ୍କ ସିଂହଙ୍କୁ କଲ୍ କରି ଡାକିବାରୁ ବିଶାଳଙ୍କ ଦୋକାନରେ ବିଶାଳ, ଉତ୍ତମ ଓ ଶଶାଙ୍କ ସିଂହଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଆଲୋଚନା କ୍ରମେ ଉତ୍ତମ ଟାୟାର ବାବଦକୁ ବିଶାଳଙ୍କୁ ୧ ଲକ୍ଷ ୬୮ ହଜାର ୩୨୨ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା । ପରେ ଉତ୍ତମ ଆଉ ପ୍ରତିଶ୍ରୁତି ପାଳନ ନକରି କହିଥିଲା ତୁମେ ଯାହା କରିବାର କର ମୁଁ ଟଙ୍କା ଦେବିନାହିଁ ବୋଲି ଧମକ ଦେଇଥିଲେ । ଏପରିକି ଉତ୍ତମ ଟଙ୍କା ହଡ଼ପ କରିବା ପାଇଁ ପାଲଟା ବିଶାଳଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲା । ଏହା ସହ ଉତ୍ତମ ଶର୍ମା ଓଡ଼ିଶା ପୋଲିସ ଡିଜିପି ଓ ଝାରସୁଗୁଡ଼ା ଏସପିଙ୍କୁ ଟ୍ୱିଟ୍ ମାଧ୍ୟମରେ ମିଥ୍ୟା ଅଭିଯୋଗ ମଧ୍ୟ କରିଥିବା ଜଣାପଡ଼ିଛି । ବିଶାଳଙ୍କ ଅଭିଯୋଗ କ୍ରମେ ବେଲପାହାଡ଼ ଥାନା ପୋଲିସ କେସ ନମ୍ବର ୭୪/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଗିରଫ ଅଭିଯୁକ୍ତ ଉତ୍ତମ ଶର୍ମାଙ୍କୁ କୋର୍ଟ ଚାଲାଣ କରିଛି ।

# ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ର ଚଢ଼ାଉ

## ବାଇକ୍ ସହ ଗଞ୍ଜେଇ ଜବତ



ବରଗଡ(ଭାସ୍କର ନ୍ୟୁଜ୍): ବରଗଡ଼ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ୍ ପକ୍ଷରୁ ଜିଲ୍ଲା ଅବକାରୀ ଅଧିକ୍ଷକ ସୁବନ୍ କୁମାର ନାୟକଙ୍କ ନିର୍ଦ୍ଦେଶରେ ବରଗଡ଼ ଜିଲ୍ଲାର ସନ୍ଦିଗ୍ଧ ଅଂଚଳ ଭାଲୁପାଳିରେ ଚଢ଼ାଉ କରାଯାଇ ହିରୋ ସ୍ପ୍ଲେଣ୍ଡର ବାଇକ୍‌ରୁ ୨ କେ.ଜି. ୯୮୦ ଗ୍ରାମ ଗଞ୍ଜେଇ ସହ ସଂଜୀବ ସାହୁ (ସୋନପୁର ଜିଲ୍ଲା) ଧରା ପଡ଼ିଥିବାବେଳେ ମାସରେ ୩୪ଟି ଗଞ୍ଜେଇ କେସ୍ ସହ ୧୮ ହଜାର ୩୮୦ ଗ୍ରାମ ମହୁଲ ପୋଚ୍ ନଷ୍ଟ କରାଯାଇଥିବା ଜଣାପଡ଼ିଛି । ଆଇ.ଡି. ଲିକର୍ ଓ ମୋଟର୍ ସାଇକେଲ ଜବତ୍ ସହ ସ୍ୱତନ୍ତ୍ର ଭାବେ ସାଢ଼େ ୪ କେ.ଜି. ଗଞ୍ଜେଇ, ମଦ ପାଉଚ୍‌ର ଡୁପ୍ଲିକେଟ୍ ସିଲିଙ୍ଗ ମେସିନ୍ ଧରାଯିବା ଏବଂ ଏହାର ମୂଲ୍ୟ ୧୭ ଲକ୍ଷ ବୋଲି ଜଣାପଡ଼ିଛି । ଚଢ଼ାଉରେ ମୋବାଇଲ ଇନ୍ସପେକ୍ଟର ରଶ୍ମିତା ଲାକ୍ରା, ଗୋକୁଳ ଧର, ସବ୍-ଇନ୍ସପେକ୍ଟର ନନ୍ଦ କିଶୋର ପଧାନ, ଶ୍ରୀକାନ୍ତ ସାହୁ, ଅମିତ୍ କୁମାର ଦୀପ୍, କୁନ୍ତଳା ଭୋଏ, ଆଶୁତୋଷ ସ୍ୱାଇଁଙ୍କ ସହ ଅବକାରୀ ଷ୍ଟାଫ୍ ସହଯୋଗ କରିଥିଲେ । ଏ ପ୍ରକାର ଏନ୍.ଟି.ପି.ଏସ୍. କେସ୍-୨ରେ ମୁଦାଲା ଫରୱାର୍ଡ଼ ହୋଇଥିବା ଜଣାପଡ଼ିଛି ।

# ପ୍ରଗତିଶୀଳ ନାଟ୍ୟ ସଂସ୍ଥା 'ତରଙ୍ଗ ରଙ୍ଗ' ପକ୍ଷରୁ ନାଟୁଆ ମେଳା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ବିଶ୍ୱ ନାଟ୍ୟ ଦିବସ ଅବସରରେ ନାଟୁଆ ମେଳା ଆୟୋଜିତ ହୋଇଯାଇଛି । ପ୍ରଗତିଶୀଳ ନାଟ୍ୟ ସଂସ୍ଥା 'ତରଙ୍ଗ ରଙ୍ଗ' ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ବିଜୟ କ୍ଲବ ପରିସରରେ ମଞ୍ଚ କଳାକାରମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆୟୋଜକ ତରଙ୍ଗ ରଙ୍ଗ ଅନୁଷ୍ଠାନ ସଭାପତି ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କ୍ରିଏଟିଭ ଆର୍ଟସ୍ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର ମଞ୍ଚାସୀନ ଥିଲେ । ମଞ୍ଚାସୀନ ଅତିଥି ମାନେ ଓଡ଼ିଆ ଭାଷାକୁ ତଥା ଓଡ଼ିଶାକୁ ପାରଳା ମାଟି ହିଁ ପ୍ରଥମ ରଙ୍ଗମଂଚ ଓ ପ୍ରଥମ ନାଟକ ଦେଇଛି । ରଘୁନାଥ ପରିଚ୍ଛା ହିଁ ପ୍ରଥମ ନାଟ୍ୟକାର ବୋଲି ବିଭିନ୍ନ ପୁସ୍ତକ ରେ ଲେଖା ହୋଇଛି । ତେଣୁ ପାରଳାର ଏହି ଗୌରବକୁ କେହି କେବେ ଭ୍ରମିତ କରିପାରିବେ ନାହିଁ ବୋଲି ମତ ଉପସ୍ଥାପନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ମଞ୍ଚ କଳାକାର ମାନଙ୍କ ମଧ୍ୟରେ 'ଆଗାମୀ ଦିନରେ ନାଟକ ଓ ପରିବେଶ ସୁରକ୍ଷା' ବିଷୟ କୁ ନେଇ ଏକ ସୁନ୍ଦର ଆଲୋଚନା ହୋଇଥିଲା । ଏଥିରେ ବିଶିଷ୍ଟ ନାଟ୍ୟଶିଳ୍ପୀ ମନୋଜ ପାଢ଼ୀ ମଞ୍ଚ ଅଭିନେତା ଏମ. ପୃଥିବୀ ରାଜ, ମାତଙ୍ଗିନୀ ଗୁରୁ, ମମତା ପାଢ଼ୀ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ସତ୍ୟ ପଢ଼ିୟାରୀ ପ୍ରମୁଖ ନିଜ ମତ ଉପସ୍ଥାପନା କରିଥିଲେ । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ମଂଚ ଅଭିନେତା ଆଦର୍ଶ ଦାସ ଚଳିତ ବର୍ଷର ବିଶ୍ୱ ନାଟ୍ୟ ବାର୍ତ୍ତା ପାଠ ସହ ସ୍ୱାଗତ ଭାଷଣ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବାଳକୃଷ୍ଣ ପାଣିଗ୍ରାହୀ, ହରିହର ପଟ୍ଟନାୟକ , ଶିବ ପ୍ରଧାନ, ସୁଜିତ୍ ପାଣିଗ୍ରାହୀ, ହର ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ ।



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ମେକା ପଞ୍ଚାୟତର ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଉତ୍ସାହ ଏବଂ ଉଦ୍ଦୀପନାର ସହ ପାଳନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ନେତା, ଶିକ୍ଷକ ଏବଂ ସମାଜସେବୀମାନେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ଏବଂ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ଉଦବୋଧନ ଦେଲେ। ଉତ୍ସବର ମୁଖ୍ୟ ଅତିଥି ରଞ୍ଜିତା ପୂଜାରୀ (ସରପଞ୍ଚ, ମେକା) ଉଦବୋଧନ ଦେଇ କହିଲେ, ଉଚ୍ଚତମ ଶିକ୍ଷା ଏବଂ ସଂସ୍କୃତିରେ ଗ୍ରାମର ଅଗ୍ରଗତି ଅତ୍ୟନ୍ତ ଆବଶ୍ୟକ। ଏହି ପ୍ରକାର ଆୟୋଜନ ଦ୍ୱାରା ଛାତ୍ରଛାତ୍ରୀମାନେ ଉତ୍ସାହ ଓ ନୂଆ ଅବସର ପାଇବେ। ଏହି ଉତ୍ସବରେ ସମ୍ମାନିତ ଅତିଥିମାନଙ୍କ ମଧ୍ୟରୁ ସମାଜସେବୀ ସଦାଶିବ ପୂଜାରୀ , ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ବାରିକ, ସଭାପତି ଭୀମସେନ ପୂଜାରୀ, ମେକା ସମିତି ସଭ୍ୟ ମୁକ୍ତା ପୂଜାରୀ, ନାଏବ ସରପଞ୍ଚ ପଦ୍ମିନୀ ଦାସା, ଶିକ୍ଷକ କବିରାଜ ପ୍ରଧାନ , ବିଜୟ ପାତ୍ର, କାଶୀ ବିଶ୍ୱନାଥ ସୁନାମୁଦି, ମୋହନ ପାଙ୍ଗି, କ୍ଷୀରୋଦ ମହାନ୍ତି, ପ୍ରସନ ନାୟକ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିକ୍ଷା ଏବଂ ଅଗ୍ରଗତି ଦିଗରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା। ଶେଷରେ, ବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଉତ୍ସବକୁ ଜୀବନ୍ତ କରିଦେଇଥିଲେ।

# ଦାଦନ ଶ୍ରମିକ ହେବା ହେଲା ଅଭିଶାପ



ଆଳି (ଭାସ୍କର ନ୍ୟୁଜ )ନିଜ ପରିବାର କୁ ଭରଣ ପୋଷଣ ନିମନ୍ତେ ରାଜ୍ୟ ବାହାରେ କାମ କରୁଥିବା ବେଳେ ଦୁର୍ଘଟଣା ର ଶିକାର ହୋଇ ବହୁ ବାଧା ବିଘ୍ନ ରେ ଓଡିଶା ଫେରିବା ପରେ ଅସ୍ତ୍ରୋପଚାର କରାଇଲା ପରେ ଡାକ୍ତର ଙ୍କୁ ଦେଖାଇବା ପାଇଁ ସମ୍ବଳ ନ ଥିବା ବେଳେ ୫ବର୍ଷ ହେବ ବିଛଣା ରେ ଅସହାୟ ହୋଇ ସରକାରୀ କିମ୍ବା ବେସରକାରୀ ସହାୟତା ଅପେକ୍ଷାରେ ପଡ଼ି ରହିଛନ୍ତି ଆଳିବ୍ଲକ୍ ବଉଳଯୋଡ଼ି ଡିଆ ଗାଁର ୫୦ ବର୍ଷ ବୟସ୍କ ଦିଲ୍ଲୀପ କୁମାର ସେଠୀ। ସୁଦୂର ହାଇଦ୍ରାବାଦରେ ପାଣିପାଇପ ଶ୍ରମିକ ଭାବେ କାମ କରୁଥିବା ବେଳେ ୫ବର୍ଷ ତଳେ ଆକସ୍ମିକ ଭାବେ ହଠାତ ଛାତରୁ ଖସି ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡିଥିବା ଦିଲିପ ଙ୍କୁ ତତକାଳ ହାଇଦ୍ରାବାଦର ଏକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ପରୀକ୍ଷା ନିରୀକ୍ଷା କରାଯିବା ପରେ ତାଙ୍କ ଅଣ୍ଟାରେ ଗୁରୁତର ଆଘାତ ଲାଗିଥିବା ଜଣାପଡିଥିଲା। ସେଠାକାର ଡାକ୍ତର ଆରୋଗ୍ୟ ହେବା ପାଇଁ ଅସ୍ତ୍ରୋପଚାର ର ଆବଶ୍ୟକ ବୋଲି କହିଥିଲେ କ୍ଷ ହେଲେ ନିଃସହାୟ ଦିଲିପ ଅସ୍ତ୍ରୋପଚାରରେ ଅର୍ଥାଭାବ ବାଧକ ସାଜିଥିଲା ବେଳେ ଅର୍ଥଭାବ କାରଣରୁ ଅସ୍ତ୍ରୋପଚାର ନକରାଇପାରି କଷ୍ଟ ଓ ଯନ୍ତ୍ରଣାକୁ ଧରି ଘରକୁ ଫେରିଆସିଥିଲେ ।ଘରେ ପହଁଚିବା ପରେ ଯନ୍ତ୍ରଣା ଅସହ୍ୟ ହେବାରୁ ଭୁବନେଶ୍ୱରର ଏକ ଘରେଇ ହସ୍ପିଟାଲରେ ଡାକ୍ତରଙ୍କୁ ଦେଖାଇଲା ପରେ ଏଠି ମଧ ଡାକ୍ତର ଅପରେସନ କରିବା ପାଇଁ କହିଲେ ।ଘରେ ଯାହା କିଛି ସଞ୍ଚିତ ଥିଲା ସବୁକିଛି ବିକିଭାଙ୍ଗି ଅପରେସନ କରାଇଲେ ହେଲେ ଅପରେସନ ପରଠାରୁ ୫ ବର୍ଷ ହେବ ଅର୍ଥଭାବ ଯୋଗୁ ଆଉ ଡାକ୍ତର ଦେଖାଇ ପାରିନାହାନ୍ତି। ଫଳରେ ଦିଲିପଙ୍କ ଚିକିତ୍ସାରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି । ରାତିଦିନ ବିଛଣାରେ ପଡିରହି ଯନ୍ତ୍ରଣାରେ ଜୀବନ କାଟୁଛନ୍ତି ଦିଲିପ। ଦିଲିପଙ୍କ ସେବାପାଇଁ ଏକମାତ୍ର ସାହାଭରଷା ପାଲଟିଛନ୍ତି ୭୦ ବର୍ଷୀୟ ବୃଦ୍ଧା ମାଆ। ଖାଇବା ପିଇବା ବାଢ଼ି ଦେବାଠୁ ଆରମ୍ଭ କରି ସବୁକିଛି ସେବା କରୁଛନ୍ତି ଏହି ବୃଦ୍ଧା ମାଆ।ଯେଉଁ ବୟସରେ ମାଆର ସେବା ପୁଅ କରିବା କଥା ସେ ବୟସରେ ପୁଅର ସେବା କରୁଛି ବୁଢ଼ୀ ମାଆ।ଘଟଣା ଅତ୍ୟନ୍ତ ଦୁଃଖଦାୟକ।ଦିଲିପଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବା ବେଳେ ନିଃସହାୟ ଦିଲିପଙ୍କୁ ସରକାରୀ କିମ୍ବା ବେସରକାରୀ ସ୍ତରରେ ଆର୍ଥିକ ସହାୟତା ମିଳିଲେ ହୁଏତ ଦିଲିପ ସୁସ୍ଥ ହୋଇ ସ୍ୱାଭାବିକ ଜୀବନ ଯାପନ କରିପାରନ୍ତେ। ଅସହାୟ ଦିଲିପଙ୍କ ଚିକିତ୍ସା ପାଇଁ ବଦାନ୍ୟ ବ୍ୟକ୍ତି,ସ୍ୱେଚ୍ଛାସେବୀ ସଂଗଠନ ଓ ସରକାର ସହାୟତାର ହାତ ବଢାଇବାକୁ ଦିଲିପଙ୍କ ବୃଦ୍ଧା ମାଆ ଓ ଗ୍ରାମବାସୀ ନିବେଦନ କରିଛନ୍ତି।

# ଚୌଦ୍ୱାରରେ ପାରମ୍ପରିକ ଲଉଡି ନୃତ୍ୟ ଉତ୍ସବ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ): ପବିତ୍ର ବାରୁଣୀ ଦୋଳ ଅବସରରେ ଚୌଦ୍ୱାର ଯାଦବ ମହାସଂଘ ଓ ମା ସରଦେଇ ଯୁବକ ସଂଘର ମିଳିତ ଆୟୋଜନରେ ପାରମ୍ପରିକ ଲଉଡି ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୌରପାଳିକା ୪ନଂ ୱାର୍ଡ ସ୍ଥିତ ସରଦେଇ ମନ୍ଦିର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୯ଟି ଲଉଡି ନୃତ୍ୟ ଦଳ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ଦୀର୍ଘ ୨୭ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ଉତ୍ସବରେ ଯାଦବ ମହାସଂଘର ସଭାପତି କୈଳାଶ ନାୟକ ସଭାପତିତ୍ୱ କରିଥିଲେ। ବିଧାୟକ ସୌଭିକ ବିଶ୍ୱାଳ ଏଥିରେ ଅତିଥି ଭାବେ ଯୋଗଦେଇ ଲଉଡି ନୃତ୍ୟ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ରାଜ୍ୟର ବହୁ ପୁରାତନ ପରମ୍ପରାକୁ ଉଦ୍‌ଜୀବିତ କରି ରଖିବାରେ ଅନୁଷ୍ଠାନର ପ୍ରୟାସକୁ ପ୍ରଶଂସା କରିଥିଲେ । କାଉନସିଲର ଅଜୟ କୁମାର ବେହେରା, ଅଜିନୀ ବେହେରା, ବିମଳ କୁମାର ବେଉରା, ବିଷ୍ଣୁ ଚରଣ ପରିଡା, ରମେଶ କୁମାର ନାୟକ, ସୁଶାନ୍ତ ମହାପାତ୍ର, କଟକ ଜିଲ୍ଲା ଯାଦବ ସଂଘ ସଂପାଦକ ତୀର୍ଥବାସୀ ବେହେରା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ । ଯାଦବ ମହାସଂଘର ଉପସଭାପତି ସୁରେନ ବେହେରା, ଝୁଲେନ୍ଦ୍ର ନାୟକ, ବିଷ୍ଣୁ ଚରଣ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଧୀରଜ କୁମାର ପରିଡା,ସଂଜୟ ବେହେରା,ସୁନିଲ ସାହୁ,ଅଶାନ୍ତ ବେହେରା,କରୁଣାକର ବେହେରା,ଜଗନ୍ନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ ।


## AFFIDAVIT

By virtue of an affidavit sworn before The Notary Public, Sambalpur dated 26.03.2025, I Juleswari Behera, Address: At-Khairpali, Po-Sindurpank,, PS Dhanupali, Dist-Sambalpur, Odisha, PIN-768005, declare that I have changed my name from Gopinath Behera to Juleswari Behera. Henceforth I shall be known as Juleswari Behera for all purposes.

**Sd/-Juleswari Behera**


# ପ୍ରଥମ ବିଟିଏପି ରେକ୍ ସହିତ ଓପିଜିସି ପାୟୋନିୟର୍ସ ସଷ୍ଟେନେବଲ୍ ପାୱାର ପରିବହନ




ତାଳଚେର(ଭାସ୍କର ନ୍ୟୁଜ୍): ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍, ଭାରତୀୟ ରେଳବାଇର ଉଦାରୀକରଣ ସ୍ୱତନ୍ତ୍ର ମାଲ ପରିବହନ ଟ୍ରେନ ଅପରେଟର ଯୋଜନା ଅଧୀନରେ ଏହାର ପ୍ରଥମ ଉତ୍ସର୍ଗୀକୃତ (ବୋଗି ଟ୍ୟାଙ୍କ ଆଲୁମିନା ପାଉଡର) ୱାଗନ୍ ରେକ୍ ଅନ୍ତର୍ଭୁକ୍ତ କରି ସ୍ଥାୟୀ ପାୱାର ବ୍ୟବହାରରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। ଏହା ଓଡ଼ିଶାରେ ପ୍ରଥମ ଥର ପାଇଁ ଏକ ବିଦ୍ୟୁତ୍ ଉତ୍ପାଦକ ଫ୍ଲାଏ ଆସ୍ ପରିବହନ ପାଇଁ ସମ୍ପୂର୍ଣ୍ଣ ଭାବରେ ଆବଦ୍ଧ ୱାଗନ୍ ବ୍ୟବହାର କରୁଛନ୍ତି, ଯାହା ପୂର୍ବରୁ କେବଳ ପ୍ରମୁଖ ଆଲୁମିନାମ୍ ଉତ୍ପାଦକମାନେ ଆଲୁମିନା ପାଉଡର ପରିବହନ ପାଇଁ ବ୍ୟବହାର କରୁଥିଲେ। ଉଦଘାଟନୀ ରେକ୍‌ରେ ଓପିଜିସିର ନିର୍ଦ୍ଦେଶକ (ଅପରେସନ୍ସ) ମାନସ ରଞ୍ଜନ ରାଉତଙ୍କ ଦ୍ୱାରା ବନହରପାଲିସ୍ଥିତ ଆବି ଥର୍ମାଲ ପାୱାର ଷ୍ଟେସନର ମେରି-ଗୋ-ରାଉଣ୍ଡ ସ୍ଥାନରେ ଏକ ପାରମ୍ପରିକ ପୂଜା ସମୟରେ ଆନୁଷ୍ଠାନିକ ଭାବରେ ସାମିଲ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓପିଜିସିର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଉତ୍ସର୍ଗୀକୃତ ବିଟିଏପି ରେକ୍ ଏବେ ଓଡ଼ିଶାର ସୁନ୍ଦରଗଡ଼ରେ ଥିବା ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର ରାଜଗାଙ୍ଗପୁର ପ୍ଲାଣ୍ଟକୁ ଶୁଖିଲା ଫ୍ଲାଏ ପାଉଁଶର ନିରାପଦ ଏବଂ ପ୍ରଦୂଷଣମୁକ୍ତ ପରିବହନକୁ ସକ୍ଷମ କରିବ, ଯାହା ଢଟଏଉର ୧୦୦% ପରିବେଶ-ଅନୁକୂଳ ଫ୍ଲାଏ ପାଉଁଶ ବ୍ୟବହାର ପ୍ରତି ପ୍ରତିଶ୍ରୁତିବଦ୍ଧତାକୁ ସୁଦୃଢ଼ କରିବ।

# ମା'ର ସମ୍ମାନ ଦେଶର ସମ୍ମାନ, ଆମର ସଂକଳ୍ପ ମଦମୁକ୍ତ ଓଡ଼ିଶା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିଶା ହିଁ ବିନାଶର ସମସ୍ତ କାରଣ । ନିଶା ଯୋଗୁଁ ଗାଁ ବିକଶିତ ଓ ଓଡ଼ିଶାର ବିକାଶ ଅସମ୍ଭବ। ମଦ ଦ୍ୱାରା ଆଜି ସମାଜରେ ବିଭିନ୍ନ କୁ-ପ୍ରଭାବ ପଡ଼ିବା ସହିତ ନାରୀ ନିର୍ଯ୍ୟାତନା, ଗଣ ଦୁଷ୍କର୍ମ, ଶିଶୁ କନ୍ୟାଠାରୁ ନେଇ ବୃଦ୍ଧା, ଦୃଷ୍ଟିହୀନ-ଦିବ୍ୟାଙ୍ଗ ପର୍ଯ୍ୟନ୍ତ। ଅପହରଣ, ହତ୍ୟା, ରାହାଜାନି, ସଡ଼କ ଦୁର୍ଘଟଣା, ପାରିବାରିକ ହିଂସା ଦିନକୁ ଦିନ ବଢ଼ିଚାଲିଛି। ଆଜି ମାତୃଶକ୍ତି ଅସୁରକ୍ଷିତ ଓ ଅଭିଶପ୍ତ। ଗାଁରୁ ସହର ସବୁଠି ମଦ ବିକ୍ରି ଚାଲିଛି। ରାଜସ୍ୱ ଆଳରେ ପ୍ରତ୍ୟେକ ପରିବାରକୁ ଛାରଖାର କରିଦିଆ ଯାଉଛି । ଯୁବସମାଜ ପ୍ରଥଭ୍ରଷ୍ଟ ହୋଇପଡ଼ିଛନ୍ତି। ସ୍କୁଲ ଛାତ୍ରୀମାନଙ୍କ ପ୍ରତି ହୋଇଥିବା ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଅତି ଲଜ୍ଜାର ବିଷୟ ବୋଲି ଗୁରୁବାର ବୁଲନ ଭାଇ ସେବା ଭବନ ପରିସରେ ଓଡ଼ିଶା 'ପ୍ରଗତି' ଦଳର ସପ୍ତମ ପ୍ରତିଷ୍ଠା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଦଳର ସଭାପତି ଜନ୍ମେଜୟ ରୋହିଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ଶିକ୍ଷାବିତ୍ ଡଃ ନରେନ୍ଦ୍ର ନାଥ ମିଶ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଉତ୍ସବରେ ଓଡ଼ିଶା 'ପ୍ରଗତି' ଦଳର ରାଜ୍ୟ ସାଧାରଣ ସମ୍ପାଦକ ଲିଙ୍ଗରାଜ ଦାସ, ଦାମୋଦର ଭିତିରିଆ, ପ୍ରଶାନ୍ତ ପଟ୍ଟନାୟକ, ପ୍ରତିମା ପଟ୍ଟନାୟକ, ଭାନୁମତୀ ନାୟକ, ଅପୁରୀ ପଟ୍ଟନାୟକ, ପୂଜାରାଣୀ ସେଠୀ, ମାନିନୀ ସେଠୀ, ପ୍ରିୟମ୍ବଦା ପଟ୍ଟନାୟକ, ଦିଲ୍ଲୀପ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରାଜ୍ୟ ଗଣମାଧ୍ୟମ ଆବାହକ ସୌମ୍ୟ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।


## PUBLIC NOTICE

This Notice is hereby given that my client Mrs.Rekha Shaw has lost the Link Deed of ROR and Sale Deed Having Khata No- 87/136 and Sale Deed no- 1714 dt. 27.04.2004 in the name of Ajay Kumar Bhanja and Pravat Kumar Behera of Mouza- Mulusingh, Po- Siminai, Odapada, Dhenkanal - 759025 and a general diary for the same has been lodged with Dhenkanal Sadar Police station,on 28-03-2025 and the affidavit made in Executive Magistrate having no- 2463 dt. 28.03.2025 . All person/Persons are hereby informed to put in their claims or intrest of objection about the said above referred documents and / or about the said property or any part thereof, within a period of 15 days along with the sufficient evidence from appearance of this notice . If ROR and deed are not found within 15 days, then the certified copy of the documents obtained from the registry office will be considered as the Original documents.

S . K Panda
Advocate
Civil Court, Dhenkanal
Ph:- 9937142857


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦ୍ରୀୟ କର୍ମଚାରୀଙ୍କ..

କେନ୍ଦ୍ରୀୟ୨୭,୫୦୦ଟଙ୍କା ମିଳିବ। ତେବେ ମୁଦ୍ରାସ୍ଫୀତିର ପ୍ରଭାବକୁ ହ୍ରାସ କରିବା ପାଇଁ ସରକାରୀ କର୍ମଚାରୀଙ୍କୁ ମହଙ୍ଗା ଭତ୍ତା ଦିଆଯାଇଥାଏ । ପ୍ରତି ୧୦ବର୍ଷରେ ପେ କମିଶନଦ୍ୱାରା ମୂଳ ଦରମା ସ୍ଥିର କରାଯାଇଥାଏ । କିନ୍ତୁ ପ୍ରତି ୬ ମାସରେ ମହଙ୍ଗାଭତ୍ତା ପରିବର୍ତ୍ତନ ହୁଏ, ଯାହାଦ୍ୱାରା ମୁଦ୍ରାସ୍ଫୀତିର ପ୍ରଭାବ ହ୍ରାସ ପାଇଥାଏ। ଶେଷଥର ପାଇଁ ୨୦୨୪ ଜୁଲାଇରେ ଡିଏ ୫୦ ପ୍ରତିଶତରୁ ୫୩ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। କେନ୍ଦ୍ର ସରକାର କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ମହଙ୍ଗାଭତ୍ତା ବର୍ଷରେ ଦୁଇଥର ବୃଦ୍ଧି ହୋଇଥାଏ। ଗୋଟିଏ ଜୁଲାଇରେ କାର୍ଯ୍ୟକାରୀ ହୋଇଥାଏ ଏବଂ ଅନ୍ୟଟି ଜାନୁଆରୀ ୧ରୁ କାର୍ଯ୍ୟକାରୀ କରାଯାଇଥାଏ ।

### ପ୍ରଦୀପ ଜେନା...

ଶ୍ରୀ ଜେନା ୨୦୨୩ ମାର୍ଚ୍ଚ ୧ରେ ମୁଖ୍ୟ ଶାସନସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏଥିପୂର୍ବରୁ ସେ ସ୍ୱତନ୍ତ୍ର ରିଲିଫ କମିଶନର ଓ ଉନ୍ନୟନ କମିଶନର ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଶାସନସଚିବ ପଦ ସହିତ ଚିଫ୍ ଡେଭଲପମେଣ୍ଟ କମିଶନର ଅଫ୍ ଓଡ଼ିଶା ଦାୟିତ୍ୱରେ ମଧ୍ୟ ରହିଥିଲେ। ଗ୍ରାମୀଣ ବିକାଶ, ପରିବହନ, ସୂଚନା ପ୍ରଯୁକ୍ତିବିଦ୍ୟା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ପଞ୍ଚାୟତିରାଜ, ବିଦ୍ୟୁତ, ଜଳସମ୍ପଦ ପରିଚାଳନା ଏବଂ ବିପର୍ଯ୍ୟୟ ପରିଚାଳନା ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରି ପ୍ରଶଂସିତ ହୋଇଛନ୍ତି। ୧୯୯୯ ମହାବାତ୍ୟା ସମୟରେ ସେ କଟକ ଓ କଳାହାଣ୍ଡିର ଜିଲ୍ଲାପାଳ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ।

### ବିଧାୟକଙ୍କ ଦରମା...

କହିଛନ୍ତି ଯେ, ଯାହାର ଜୀବନ ଦୁଃଖରେ ଗଢା ତାର କି ସୁଖ। ହାଇସ୍କୁଲର ପିଅନ ଠାରୁ ନେଇ କଲେଜ ଅଧ୍ୟାପକ ୫୦ହଜାରରୁ ଲକ୍ଷ ଟଙ୍କା ଯାଏଁ ପାଉଛନ୍ତି। ଆମ କିନ୍ତୁ ଯେତିକି ପାଇବା କଥା ପାଉନେ। ଆମକୁ ଲଜ୍ଜ୍ୟା ଲାଗୁଛି। ମଡ଼େଇ ବାବୁ କମିଟି ବି ଏହାକୁ ଗୁରୁତ୍ୱ ଦେଇ ରିପୋର୍ଟ ପ୍ରଦାନ କରିଛନ୍ତି। ଦୁଃଖ ଓ ପରିତାପର ବିଷୟ ଭାରତ ବର୍ଷର ସବୁ ବିଧାନସଭା ଅପେକ୍ଷା ଆମ ରାଜ୍ୟ ବିଧାନସଭା ସଦସ୍ୟଙ୍କ ଅର୍ଥ କମ୍। ଲୋକଙ୍କ ସବୁ କାର୍ଯ୍ୟରେ ଆମକୁ ଲୋଡ଼ୁଛନ୍ତି। ଆମେ ବି ଭାଗ ନେଇ ତାଙ୍କୁ ପାଖରେ ଠିଆ ହେଉଛୁ। ଯାହା କମିଟି ସୁପାରିସ କରିଛନ୍ତି ତାଙ୍କୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଅନ୍ତୁ ବୋଲି ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି।

### ମାମଲା ରୁଜୁକଲା...

ଆନ୍ଦୋଳନ କରିବା ସହ ବିଧାନସଭା ଘେରାଉ ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ଆନ୍ଦୋଳନକାରୀ ପୋଲିସ ଉପରକୁ ଚେୟାର, ଟେକାପଥର ଓ ଅଣ୍ଡାମାଡ଼ କରିଥିବାର ଅଭିଯୋଗ ହୋଇଥିବାବେଳେ ପୋଲିସ ସ୍ଥିତି ନିୟନ୍ତ୍ରଣ ପାଇଁ ପ୍ରଥମେ ପାଣିମାଡ଼, ପରେ ଲୁହବୁହା ବାଷ୍ପ ଏବଂ ତା ପରେ ଲାଠିଚାଳନା କରିଥିଲା। ଉଭୟପକ୍ଷ ଧସ୍ତାଧସ୍ତି ମଧ୍ୟରେ ୧୫ରୁ ଅଧିକ ପୋଲିସ କର୍ମଚାରୀ ଆହତ ହୋଇଥିବାବେଳେ ବହୁ କଂଗ୍ରେସ କର୍ମୀ ମଧ୍ୟ ଗୁରୁତର ହୋଇଛନ୍ତି। ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ହସ୍ପିଟାଲ ଯାଇ ଆହତ ପୋଲିସ କର୍ମଚାରୀଙ୍କୁ ଭେଟିଥିଲେ। ଏଥିସହ ପୋଲିସ ବର୍ଦ୍ଦିରେ ହାତ ମାରିଥିବା ବ୍ୟକ୍ତିଙ୍କୁ କୌଣସି ସ୍ଥିତିରେ ଛଡ଼ାଯିବ ନାହିଁ ବୋଲି ଚେତାବନୀ ମଧ୍ୟ ଦେଇଥିଲେ। ତେବେ ଶୁକ୍ରବାରଠାରୁ ଅଭିଯୁକ୍ତମାନଙ୍କୁ ଖୋଜିବା ପାଇଁ କମିଶନରେଟ ପୋଲିସ ପ୍ରକ୍ରିୟା ଆରମ୍ଭ କରିଥିବା ସୂଚନା ଦିଆଯାଇଛି।

### ମଇ ୧୫ ସୁଦ୍ଧା...

୧୬ ତାରିଖରୁ ୨୮ ତାରିଖ ଯାଏ ଚାଲୁ ରହିବ। ମଇ ୧୫ ସୁଦ୍ଧା ରେଜଲ୍ଟ ପ୍ରକାଶ ପାଇବ। ତେବେ ଖାତା ଦେଖିବାପାଇଁ ନିୟୋଜିତ ହୋଇଥିବା ମୂଲ୍ୟାୟନକାରୀଙ୍କ ଉପରେ ପରିଷଦ ପକ୍ଷରୁ କଡ଼ା ନଜର ରଖାଯିବ । ପରୀକ୍ଷାଖାତା ମୂଲ୍ୟାୟନ ପାଇଁ ୧୬ହଜାର ଅଧ୍ୟାପକ ଅଧ୍ୟାପିକାଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିପାଇଁ ୭୮ଟି ଅଫ୍‌ଲାଇନ ଓ ୭୦ଟି ଅନଲାଇନ କେନ୍ଦ୍ର ସ୍ଥାପନ କରାଯାଇଛି। ଅତ୍ୟଧିକ ଖରା ଯୋଗୁ ବହୁ ମୂଲ୍ୟାୟନକାରୀ ଆସୁନଥିବାରୁ କେନ୍ଦ୍ର ସଂଖ୍ୟା ବୃଦ୍ଧି ପାଇଛି। ୩୫,୪୦ ଓ ୫୦ ମାର୍କଥିବା ବିଷୟଗୁଡ଼ିକ ପାଇଁ ୩୦ଟି ଖାତା ୫ ଘଣ୍ଟାରେ ଦେଖିବେ ମୂଲ୍ୟାୟନକାରୀ। ସେହିପରି ୭୦ ଓ ୮୦ ମାର୍କ ଥିବା ବିଷୟ ପାଇଁ ମୂଲ୍ୟାୟନକାରୀ ୫ ଘଣ୍ଟାରେ ୨୦ଟି ଖାତା ଦେଖିପାରିବେ। ସୂଚନାଯୋଗ୍ୟ ଯେ ଚଳିତବର୍ଷ ମୋଟ ୩ଲକ୍ଷ ୯୩ହଜାର ୬୧୮ଜଣ ପରୀକ୍ଷାର୍ଥୀ ଯୁକ୍ତଦୁଇ ପରୀକ୍ଷା ଦେଇଛନ୍ତି। ଚଳିତବର୍ଷ ମାଲ ପ୍ରାକ୍ଟିସ ବା ଏମ୍‌ପିରେ ବୁକ୍ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। କୌଣସି ଭୁଲ ନଥାଇ ତ୍ରୁଟିପୂର୍ଣ୍ଣଭାବେ ଏମ୍‌ପିରେ ବୁକ୍ ହୋଇଥିଲେ ସେମାନଙ୍କ ଖାତାକୁ ବିଚାରକୁ ନିଆଯାଇ ପରୀକ୍ଷାଫଳ ସାଧାରଣ ପରୀକ୍ଷାର୍ଥୀଙ୍କ ସହ ଏକସମୟରେ ପ୍ରକାଶ ପାଇବ ବୋଲି ପରୀକ୍ଷା ନିୟନ୍ତ୍ରକ କହିଛନ୍ତି।

### ଭୂକମ୍ପରେ ଧ୍ୱସ୍ତବିଧ୍ୱସ୍ତ

କୁହାଯାଇଛି ଯେ ଶୁକ୍ରବାର ୧୨.୫୦ରେ କେନ୍ଦ୍ରୀୟ ମିଆଁମାରରେ ପ୍ରଥମେ ୭.୭ ଓ ପରେ ୭.୨ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା। ଏଥିରେ ସାରା ମିଆଁମାର ଛିନ୍‌ଛତ୍ର ହୋଇଯାଇଛି। ମିଆଁମାରର ରାଜଧାନୀ ନେପିଡୋରେ ଥିବା ୧୦୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ତେବେ ସେଠାରେ କେତେ ଲୋକଙ୍କର ମୃତ୍ୟୁ ଘଟିଛି ସେ ନେଇ ସ୍ପଷ୍ଟ ସୂଚନା ମିଳିପାରି ନାହିଁ । ତେବେ ବହୁ ଲୋକ ଗୁରୁତର ହୋଇଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ଅଧିକ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅବସ୍ଥା ଏପରି ଅଛି ଯେ ରାସ୍ତାରେ ଗୁରୁତର ଓ ଆହତମାନଙ୍କୁ ଚିକିତ୍ସା କରାଯାଉଛି। ରାସ୍ତା ଉପରେ ଲୋକଙ୍କ ଦେହରେ ସାଲାଇନ ଲଗାଯାଉଛି। ମିଆଁମାରର ବିଭିନ୍ନ ସହରରେ ଆବାସିକ ଅଞ୍ଚଳଠାରୁ ଆରମ୍ଭ କରି ରାସ୍ତାଘାଟ, ବ୍ରିଜ ଧ୍ୱଂସ ପାଇଯାଇଛି। ଥାଇଲାଣ୍ଡରେ ସ୍ଥିତିକୁ ଦୃଷ୍ଟିରେ ରଖି ଏମରଜେନ୍ସି ଜାରି କରାଯାଇଛି। ଅନ୍ୟପକ୍ଷରେ ମିଆଁମାର ଓ ଥାଇଲାଣ୍ଡରେ ହୋଇଥିବା ଭୂମିକମ୍ପକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏ ନେଇ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି। ମିଆଁମାର ଓ ଥାଇଲାଣ୍ଡ ସରକାରଙ୍କ ସହ ଯୋଗାଯୋଗ ରକ୍ଷା କରି ସମସ୍ତ ସହାୟତା ଯୋଗାଇ ଦେବାକୁ ମୋଦୀ ବୈଦେଶିକ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କ ଆଶୁ ଆରୋଗ୍ୟ ମଧ୍ୟ କାମନା କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟ କରି ଏହି ଭୂମିକମ୍ପ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ଭୂମିକମ୍ପରେ ପ୍ରଭାବିତଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା ମଧ୍ୟ କରିଛନ୍ତି। ସେ କହିଛନ୍ତି, ଏଭଳି ସମୟରେ ଉଭୟ ଦେଶର ଜନତାଙ୍କ ସହ ଓଡ଼ିଶା ରହିଛି।


## ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
(ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର)

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଓଡ଼ିଶା ରାଜ୍ୟର ଏନ୍‌ଏଚ୍-୧୬ (ପୁରୁଣା ଏନ୍‌ଏଚ୍-୫)ର ଖୋର୍ଦ୍ଧା ଜିଲ୍ଲାରେ ୩୩୭.୦୦୦ କି.ମି.ରୁ ୪୧୩.୦୦୦ କି.ମି. ପର୍ଯ୍ୟନ୍ତ ସୁନାଖଳା ଠାରୁ ଭୁବନେଶ୍ୱର ସେକ୍ସନ ପାଇଁ ୩୨୩.୬୦୦ କି.ମି.ଠାରେ **ଗୁଡ଼ିପଡ଼ା ଟୋଲ୍ ପ୍ଲାଜାର** ୟୁଜର୍ ଫି ସଂଶୋଧିତ ହୋଇଛି, ଯାହାକି ୦୧.୦୪.୨୦୨୫ (୦୦:୦୦ ଘଟିକା)ଠାରୁ ୩୧.୦୩.୨୦୨୬ ପର୍ଯ୍ୟନ୍ତ ନିମ୍ନଲିଖିତ ଦର ଅନୁସାରେ ଲାଗୁ ହେବ।

| ଯାନଗୁଡ଼ିକର ପ୍ରକାର | ଥରେ ଯାତ୍ରା ପାଇଁ ଦେୟ (ଟଙ୍କା) | ୨୪ଘଣ୍ଟା ଭିତରେ ଫେରିବା ଦେୟ (ଟଙ୍କା) | ମାସିକ ପାସ୍ ପାଇଁ ଦେୟ (ଟଙ୍କା) | ପ୍ଲାଜା ଥିବା ଜିଲ୍ଲା ଭିତରେ ପଞ୍ଜୀକୃତ ବାଣିଜ୍ୟିକ ଯାନର ପ୍ରତି ଥରର ଯାତ୍ରା ପାଇଁ ଦେୟ (ଟଙ୍କା) |
|---|---|---|---|---|
| କାର୍, ଜୀପ୍, ଭ୍ୟାନ୍ କିମ୍ବା ହାଲୁକା ମଟରଗାଡ଼ି | ୧୨୦ | ୧୭୫ | ୩୯୪୦ | ୬୦ |
| ହାଲୁକା ବାଣିଜ୍ୟିକ ଯାନ, ହାଲୁକା ପରିବହନ ଯାନ କିମ୍ବା ମିନି ବସ୍ | ୧୯୦ | ୨୮୫ | ୬୩୬୦ | ୯୫ |
| ବସ୍ କିମ୍ବା ଟ୍ରକ୍ (ଦୁଇ ଆକ୍ସେଲ) | ୪୦୦ | ୬୦୦ | ୧୩୩୩୦ | ୨୦୦ |
| ତିନି ଆକ୍ସେଲ୍ ବାଣିଜ୍ୟିକ ଯାନ | ୪୩୫ | ୬୫୫ | ୧୪୫୪୦ | ୨୨୦ |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା ଏମ୍‌ଏଭି (ଚାରି ରୁ ଛଅ ଆକ୍ସେଲ୍) | ୬୨୫ | ୯୪୦ | ୨୦୯୦୫ | ୩୧୫ |
| ଅତିବଡ଼ ଯାନ (ସାତ କିମ୍ବା ଅଧିକ ଆକ୍ସେଲ) | ୭୬୫ | ୧୧୪୫ | ୨୫୪୫୦ | ୩୮୦ |

**ଦ୍ରଷ୍ଟବ୍ୟ : ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସ୍ଥାନୀୟ ବ୍ୟକ୍ତିଗତ ଯାନ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ଦର ଟ.୩୫୦/- ହେବ।**

ପିଆଇୟୁ-ବ୍ରହ୍ମପୁର, ଏନ୍‌ଏଚ୍‌ଏଆଇ, ଇମେଲ୍: piuberhampur@nhai.org ସ୍ୱା/-
ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ଏକ ରାଷ୍ଟ୍ରର ନିର୍ମାଣ କରୁଛୁ



## ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
(ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର)

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଓଡ଼ିଶା ରାଜ୍ୟର ଏନ୍‌ଏଚ୍-୧୬ (ପୁରୁଣା ଏନ୍‌ଏଚ୍-୫)ର ଗଞ୍ଜାମ ଜିଲ୍ଲାରେ ୩୬୨.୦୦୦ କି.ମି.ରୁ ୪୧୯.୬୦୦ କି.ମି. ପର୍ଯ୍ୟନ୍ତ ସୁନାଖଳା ଠାରୁ ପୁଇଁତୋଳା ସେକ୍ସନ ପାଇଁ ୩୮୯.୬୦୯ କି.ମି.ଠାରେ **ଗୁରାପଲି ଟୋଲ୍ ପ୍ଲାଜାର** ୟୁଜର୍ ଫି ସଂଶୋଧିତ ହୋଇଛି, ଯାହାକି ୦୧.୦୪.୨୦୨୫ (୦୦:୦୦ ଘଟିକା) ଠାରୁ ୩୧.୦୩.୨୦୨୬ ପର୍ଯ୍ୟନ୍ତ ନିମ୍ନଲିଖିତ ଦର ଅନୁସାରେ ଲାଗୁ ହେବ।

| ଯାନଗୁଡ଼ିକର ପ୍ରକାର | ଥରେ ଯାତ୍ରା ପାଇଁ ଦେୟ (ଟଙ୍କା) | ୨୪ଘଣ୍ଟା ଭିତରେ ଫେରିବା ଦେୟ (ଟଙ୍କା) | ମାସିକ ପାସ୍ ପାଇଁ ଦେୟ (ଟଙ୍କା) | ପ୍ଲାଜା ଥିବା ଜିଲ୍ଲା ଭିତରେ ପଞ୍ଜୀକୃତ ବାଣିଜ୍ୟିକ ଯାନର ପ୍ରତି ଥରର ଯାତ୍ରା ପାଇଁ ଦେୟ (ଟଙ୍କା) |
|---|---|---|---|---|
| କାର୍, ଜୀପ୍, ଭ୍ୟାନ୍ କିମ୍ବା ହାଲୁକା ମଟରଗାଡ଼ି | ୧୦୫ | ୧୬୦ | ୩୫୧୦ | ୫୫ |
| ହାଲୁକା ବାଣିଜ୍ୟିକ ଯାନ, ହାଲୁକା ପରିବହନ ଯାନ କିମ୍ବା ମିନି ବସ୍ | ୧୭୦ | ୨୫୫ | ୫୬୬୫ | ୮୫ |
| ବସ୍ କିମ୍ବା ଟ୍ରକ୍ (ଦୁଇ ଆକ୍ସେଲ୍) | ୩୫୫ | ୫୩୫ | ୧୧୮୭୦ | ୧୮୦ |
| ତିନି ଆକ୍ସେଲ୍ ବାଣିଜ୍ୟିକ ଯାନ | ୩୯୦ | ୫୮୫ | ୧୨୯୫୦ | ୧୯୫ |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା ଏମ୍‌ଏଭି (ଚାରି ରୁ ଛଅ ଆକ୍ସେଲ୍) | ୫୬୦ | ୮୪୦ | ୧୮୬୧୫ | ୨୮୦ |
| ଅତିବଡ଼ ଯାନ (ସାତ କିମ୍ବା ଅଧିକ ଆକ୍ସେଲ) | ୬୮୦ | ୧୦୨୦ | ୨୨୬୬୫ | ୩୪୦ |

**ଦ୍ରଷ୍ଟବ୍ୟ : ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସ୍ଥାନୀୟ ବ୍ୟକ୍ତିଗତ ଯାନ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ଦର ଟ.୩୫୦/- ହେବ।**

ପିଆଇୟୁ-ବ୍ରହ୍ମପୁର, ଏନ୍‌ଏଚ୍‌ଏଆଇ, ଇମେଲ୍: piuberhampur@nhai.org ସ୍ୱା/-
ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ଏକ ରାଷ୍ଟ୍ରର ନିର୍ମାଣ କରୁଛୁ



E-Mail I.D.-eepwdcuttack@gmail.com
Tel./ Fax No.(0671)-2304128

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I: CUTTACK**

**GOVERNMENT OF ODISHA** **B-1109**
**('e' PROCUREMENT NOTICE)**
**Bid Identification No. S.E. CTC(R&B)-73 of 2024-25**
**SHORT TENDER CALL NOTICE**

1 The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single cover system** in ONLINE MODE from eligible contractor for Road works as mentioned below.

2. No. of Work :- **01 No.**
3. Nature of work :- **Building works**
4. Class of Contractor :- **"D" & "C" Class**
5. Tender Paper Cost :- **Rs.6000/- (Online)**
6. Available of bid documents in the website :- **From 03/04/2025 to 5PM of 10/04/2025**
7. Date of Opening of Bid :- **11AM of 11/04/2025**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd/-(Er. A.K.Nayak)
Superintending Engineer,
Cuttack (R&B) Division No.I

**OIPR 34091/11/0056/2425**



## କଟକ ଉନ୍ନୟନ କର୍ତ୍ତୃପକ୍ଷ
**ଅରୁଣୋଦୟ ଭବନ,**
**ଲିଙ୍କ୍ ରୋଡ୍ , କଟକ-12**

**CAD-2955**

ସଂଖ୍ୟା ନଂ------------/କଉକ/ତାରିଖ------------

**ସୂଚନା**

ଏତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଟକ ଉନ୍ନୟନ କର୍ତ୍ତୃପକ୍ଷ ଙ୍କ ଅଧିନରେ ଥିବା ପେରି ଫେରି ମାର୍କେଟ୍ କମ୍ପ୍ଲେକ୍ସ, ବକ୍ସି ବଜାର ସ୍ଥିତ ଦୋକାନ ଘର ନଂ-ସି-45 (ପ୍ରଥମ ମହଲା) ଟିକୁ ଶ୍ରୀମତୀ କରୁଣା ବୋଷ ,ସ୍ୱାମୀ- ପ୍ରଶେନ୍ ଜିତ୍ ବୋଷ , ପୋଷ୍ଟ- ଚାନ୍ଦିନୀ ଚୌକ୍, ଥା- ଲାଲ୍ ବାଗ୍ ,ଜିଲ୍ଲା- କଟକ ନାମରେ ଆବଣ୍ଟନ କରାଯାଇଥିଲା , ବର୍ତ୍ତମାନ ଆବଣ୍ଟନଗ୍ରାହୀ ଉକ୍ତ ଦୋକାନ ଗୃହଟିକୁ ତୃତୀୟପକ୍ଷ ସୂତ୍ରରେ ରାମ ଶଙ୍କର ଦାସ , ପିତା- ସ୍ୱର୍ଗତ ତାରାକାନ୍ତ ମହାନ୍ତି , ସା- ବରାହି ଲେନ୍, କେଶରପୁର ପୋଷ୍ଟ- ବକ୍ସି ବଜାର,ଥା- ଦରଘା ବଜାର, ଜିଲ୍ଲା- କଟକ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ।

ଉକ୍ତ ଦୋକାନ ଗୃହ ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନ ର 15 ( ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀ ଙ୍କୁ ଲିଖିତ ଭାବରେ ଜଣାଇବେ , ତପୂରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଦୋକାନ ଗୃହ ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାଇ କରାଯିବ ।

ସ୍ୱା/- ସଚିବ
କଟକ ଉନ୍ନୟନ କର୍ତ୍ତୃପକ୍ଷ

**OIPR 13037/11/0204/2425**



**C-2029**

**CUTTACK MUNICIPAL CORPORATION**

**"e" PROCUREMENT NOTICE**
**Tender Call Notice No. 4334 (PW) Date.28.03.2025**
**Tender ID : 2025_ORULB_111669**
**&**
**Tender ID : 2025_ORULB_111972 (Two Bid)**

Bid Value : **Rs.5.47 Lakhs to Rs.16.45 Lakhs**
&
Bid Value : **Rs.52.93 Lakhs**

Date and Time schedule :

| Start | End | Opening |
|---|---|---|
| 11.00 AM on dt. 29.03.2025 | 5.00 PM on dt.08.04.2025 | 11:00 A.M. on dt.11.04.2025 |

Tender Details : can be seen from the procurement portal : www.tendersorissa.gov.in

**Executive Engineer**
**City Division-II,CMC**

**OIPR 13031/11/0158/2425**



## ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ : ନୟାଗଡ ବନଖଣ୍ଡ ।

ବିଜ୍ଞପ୍ତି : ୨୯୫୫ ତା :୨୬.୦୩.୨୦୨୫ ରିଖ ।

**MM-549**

ପ୍ରାପ୍ତେଷୁ,

ଶ୍ରୀ ମୋହନ ମରାଣ୍ଡି, ବନପାଳ

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୧୪୫ ତା ୨୨.୧୦.୨୦୨୪ରିଖ ଅନୁସାରେ ଆପଣଙ୍କୁ କାର୍ଯ୍ୟରୁ ନିଲମ୍ବିତ କରଯାଇଥିଲା କିନ୍ତୁ ଆପଣଙ୍କୁ ପ୍ରେରିତ ପତ୍ର ସଂଖ୍ୟା -୮୩୦୬ ତା ୨୨.୧୦.୨୦୨୪ରିଖକୁ ବନାଞ୍ଚଳ ଅଧିକାରୀ, ଦଶପଲ୍ଲା ବନାଞ୍ଚଳଙ୍କ ମାଧ୍ୟମରେ ଆପଣଙ୍କୁ ପ୍ରେରିତ କରଯାଇଥିଲା ଯାହାକି ଆପଣ ଗ୍ରହଣ କଲେନାହି କିମ୍ବା କୌଣସି ଉତର ଦେଲେନାହି । ଆପଣ ଗତ ତା.୨୧.୧୦.୨୦୨୪ରିଖ ଠାରୁ ଆପଣଙ୍କ କାର୍ଯ୍ୟସ୍ଥଳରୁ ବିନା ଅନୁମତିରେ ଅନୁପସ୍ଥିତ ଅଛନ୍ତି । ଆପଣ ଜଣେ ଖାକୀ ପୋଷାକ ଧାରୀ ବନବିଭାଗ କର୍ମଚାରୀ ଅଟନ୍ତି । ଏଣୁ ଆପଣଙ୍କ ବିରୁଦ୍ଧରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଭୁବନେଶ୍ୱରଙ୍କ ଆଦେଶ ସଂଖ୍ୟା-୧୫୧ ତା୨୯.୧୦.୨୦୨୪ରିଖ ଅନୁସାରେ କରଯାଇଥିଲା ଯାହାକି ଉକ୍ତ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୯୧୬୫ ତା୧୬.୧୧.୨୦୨୪କୁ ଆପଣଙ୍କ ପାଖକୁ ରେଜେଷ୍ଟ୍ରି ଡାକ ମାଧ୍ୟମରେ ଆପଣଙ୍କ ସ୍ଥାୟୀ ଠିକଣା ରେ ପ୍ରେରିତ କରଯାଇଥିଲା, କିନ୍ତୁ ଏହି ପତ୍ର ମଧ ଆପଣ ଗ୍ରହଣ କରିନଥିଲେ ଓ ଏହା ଫେରି ଆସିଥିଲା । ଆପଣଙ୍କୁ ଦିଆଯାଇଥିବା ଚିଠିକୁ ପାଥେୟ କରି ଏବଂ ଆପଣଙ୍କର ସମ୍ପୂର୍ଣ କାର୍ଯ୍ୟକାଳ ଓ ବର୍ତମାନର କାର୍ଯ୍ୟକୁ ବିଚାର କରି କାର୍ଯ୍ୟଦକ୍ଷ ଅଧିକାରୀ ଆପଣଙ୍କୁ ସରକାରୀ ଚାକେରୀରୁ ବହିଷ୍କାର କରିବା ନିମନ୍ତେ ପ୍ରସ୍ତାବ ରଖିଛନ୍ତି ଏବଂ ଆପଣଙ୍କୁ କାହିଁକି ସରକାରୀ ଚାକିରୀରୁ ବହିଷ୍କାର କରାନଯିବ ତାହାର କୈଫତ ୧୫ ଦିନ ମଧ୍ୟରେ ଦାଖଲ କରିବା ପାଇଁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି ।

ତେଣୁ ଏହି ବିଜ୍ଞପ୍ତି ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ବନଖଣ୍ଡ ଅଧିକାରୀଙ୍କ ଚିଠି ଅନୁସାରେ ଆପଣ ଯେକୌଣସି କାର୍ଯ୍ୟ ଦିବସରେ ଗ୍ରହଣ କରି, ଯଦି ଏହା ବିରୁଦ୍ଧରେ ଆପଣଙ୍କର କିଛି ଅଭିଯୋଗ ଥାଏ ତେବେ ତାହାକୁ ଲିଖିତ ଭାବେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଦାଖଲ କରିବେ, ନଚେତ ଆପଣଙ୍କ ବିରୁଦ୍ଧରେ ଆଇନ ଆନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବ ।

ସ୍ୱା/-ବନଖଣ୍ଡ ଅଧିକାରୀ,
ନୟାଗଡ଼ ବନଖଣ୍ଡ, ନୟାଗଡ଼

**OIPR 08026/11/0014/2425**

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ସମ୍ବିଧାନ ପ୍ରଣେତା ଡକ୍ଟର ବି.ଆର. ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ୧୪ ଏପ୍ରିଲକୁ ସାଧାରଣ ଛୁଟି ଘୋଷଣା କଲେ କେନ୍ଦ୍ର ସରକାର। ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏହି ଘୋଷଣା କରିଛନ୍ତି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ସମ୍ବିଧାନର ସ୍ରଷ୍ଟା, ସମାଜରେ ସମାନତାର ଏକ ନୂତନ ଯୁଗ ପ୍ରତିଷ୍ଠା କରିଥିବା ବ୍ୟକ୍ତି, ଆମର ପୂଜ୍ୟ ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜନ୍ମ ବାର୍ଷିକୀରେ ସରକାରୀ କ୍ଷେତ୍ରରେ ସାଧାରଣ ଛୁଟି ରହିବ। ଏହି ନିଷ୍ପତ୍ତି ନେଇ ବାବା ସାହେବଙ୍କ ଜଣେ ଉତ୍ସର୍ଗୀକୃତ ଅନୁଗାମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଭାବନାକୁ ସମ୍ମାନ ଦେଇଛନ୍ତି ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ। ଭାରତର ପ୍ରଥମ ଆଇନ ମନ୍ତ୍ରୀ ଭୀମରାଓ ଆମ୍ବେଦକର ୧୮୯୧ ମସିହା ଏପ୍ରିଲ ୧୪ ତାରିଖରେ ଜନ୍ମ ନେଇଥିଲେ।

## ପାଞ୍ଚ ରାଜ୍ୟରେ ଅଗ୍ନିଶମ ସେବାର ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ପ୍ରକଳ୍ପକୁ ଅନୁମୋଦନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଉଚ୍ଚସ୍ତରୀୟ କମିଟି ସିକିମ ରାଜ୍ୟ ପାଇଁ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ପୁନଃନିର୍ମାଣ କାର୍ଯ୍ୟକଳାପ ତଥା ପାଞ୍ଚଟି ରାଜ୍ୟରେ ଅଗ୍ନିଶମ ସେବାକୁ ସୁଦୃଢ଼ କରିବା ଲାଗି ପ୍ରକଳ୍ପଗୁଡ଼ିକୁ ମଞ୍ଜୁରି ଦେଇଛନ୍ତି। ସଦସ୍ୟ ଭାବେ ଅର୍ଥମନ୍ତ୍ରୀ, କୃଷି ମନ୍ତ୍ରୀ ଏବଂ ନୀତି ଆୟୋଗର ଉପାଧ୍ୟକ୍ଷଙ୍କୁ ନେଇ ଗଠିତ ଏହି କମିଟି ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ୍) ଅଧୀନରେ ପୁନରୁଦ୍ଧାର ଏବଂ ପୁନଃନିର୍ମାଣ ପାଣ୍ଠି ଏବଂ ପ୍ରସ୍ତୁତି ଏବଂ କ୍ଷମତା ନିର୍ମାଣ ପାଣ୍ଠିରୁ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ପାଇଁ ଏହି ପ୍ରସ୍ତାବଗୁଡ଼ିକ ଉପରେ ବିଚାର ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବିପର୍ଯ୍ୟୟ ପ୍ରଶମନକ୍ଷମ ଭାରତର ପରିକଳ୍ପନାକୁ ପୂରଣ କରିବା ଉଦ୍ଦେଶ୍ୟରେ, ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ତତ୍ତ୍ୱାବଧାନରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେଶରେ ବିପର୍ଯ୍ୟୟଗୁଡ଼ିକର ପ୍ରଭାବୀ ପରିଚାଳନା ସୁନିଶ୍ଚିତ କରିବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରିଛି। ବିପର୍ଯ୍ୟୟ ସମୟରେ ଜୀବନ ଓ ସମ୍ପତ୍ତିର ବ୍ୟାପକ କ୍ଷୟକ୍ଷତି ରୋକିବା ପାଇଁ ଭାରତରେ ବିପର୍ଯ୍ୟୟ ବିପଦ ହ୍ରାସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଉଚ୍ଚସ୍ତରୀୟ କମିଟି ପାଞ୍ଚଟି ରାଜ୍ୟରେ ଅଗ୍ନିଶମ ସେବାର ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ଯୋଜନା ଅଧୀନରେ ବିହାର, ଗୁଜରାଟ, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଏବଂ କେରଳ ପାଇଁ କମିଟି ୧୬୦୪.୩୯ କୋଟି ଟଙ୍କା ମଞ୍ଜୁର କରିଛି। ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ) ଅଧୀନରେ ପ୍ରସ୍ତୁତି ଏବଂ କ୍ଷମତା ନିର୍ମାଣ ପାଣ୍ଠି ଆବଣ୍ଟନରୁ ପାଣ୍ଠି ଯୋଗାଣ ପାଇଁ କମିଟି ବିହାର ପାଇଁ ୩୪୦.୦ କୋଟି ଟଙ୍କା, ଗୁଜରାଟ ପାଇଁ ୩୩୯.୧୮ କୋଟି ଟଙ୍କା, ଝାଡ଼ଖଣ୍ଡ ପାଇଁ ୧୪୭.୭୬ କୋଟି ଟଙ୍କା, କେରଳ ପାଇଁ ୧୬୨.୨୫ କୋଟି ଟଙ୍କା ଏବଂ ମହାରାଷ୍ଟ୍ର ପାଇଁ ୬୧୪.୦୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। କେନ୍ଦ୍ର ସରକାର 'ରାଜ୍ୟଗୁଡ଼ିକରେ ଅଗ୍ନିଶମ ସେବାର ସମ୍ପ୍ରସାରଣ ଏବଂ ଆଧୁନିକୀକରଣ' ପାଇଁ ଏନଡିଆରଏଫ୍ ଅଧୀନରେ ମୋଟ ୫୦୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି ଏବଂ ୨୦ଟି ରାଜ୍ୟର ୩୩୭୩.୧୨ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରିସାରିଛନ୍ତି।

## ଜଷ୍ଟିସ ଯଶୱନ୍ତ ବର୍ମାଙ୍କ ବଦଳିକୁ କେନ୍ଦ୍ରର ମଞ୍ଜୁରି



ନୂଆଦିଲ୍ଲୀ: କେନ୍ଦ୍ର ସରକାର ସୁପ୍ରିମକୋର୍ଟ କଲେଜିୟମର ସୁପାରିଶରେ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବଦଳିକୁ ମଞ୍ଜୁରି ଦେଇଛନ୍ତି। ଏବେ ସେ ଦିଲ୍ଲୀ ହାଇକୋର୍ଟରୁ ତାଙ୍କର ମୂଳ କାର୍ଯ୍ୟକ୍ଷେତ୍ର ଆହ୍ଲାବାଦ ହାଇକୋର୍ଟ ଫେରିଯିବେ। ଜଷ୍ଟିସ୍ ବର୍ମାଙ୍କ ସରକାରୀ ଘରରୁ ବିପୁଳ ମାତ୍ରାରେ ନଗଦ ରାଶି ମିଳିବା ବିବାଦ ଭିତରେ ଏହି ନିଷ୍ପତ୍ତି ନିଆଯାଇଛି। ଏବେ ସେ ଆହ୍ଲାବାଦ ହାଇକୋର୍ଟରେ ଜଜ୍ ରୂପେ କାର୍ଯ୍ୟଭାର ସମ୍ଭାଳିବେ। ଏହାସହ ଦିଲ୍ଲୀ ହାଇକୋର୍ଟର ଅନ୍ୟ ଜଣେ ଜଜ୍, ଜଷ୍ଟିସ୍ ଚନ୍ଦ୍ରଧାରୀ ସିଂହଙ୍କ ବଦଳି ମଧ୍ୟ ଆହ୍ଲାବାଦ ହାଇକୋର୍ଟକୁ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ପ୍ରାୟ ୧୫ କୋଟି ଟଙ୍କା ନଗଦ ମିଳିବା ମାମଲାର ତଦନ୍ତ ପାଇଁ ସିଜେଆଇ ସଞ୍ଜୀବ ଖନ୍ନା ମାର୍ଚ୍ଚ ୨୨ରେ ତିନି ସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ କରିଥିଲେ। ତଦନ୍ତ ପାଇଁ ଗଠିତ କମିଟିରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଶୀଲ ନାଗୁ, ହିମାଚଳ ପ୍ରଦେଶ ହାଇକୋର୍ଟ ମୁଖ୍ୟ ନ୍ୟାୟାଧୀଶ ଜଷ୍ଟିସ୍ ଜିଏସ୍ ସନ୍ଧାୱାଲିଆ ଓ କର୍ଣ୍ଣାଟକ ହାଇକୋର୍ଟର ନ୍ୟାୟାଧୀଶ ଜଷ୍ଟିସ୍ ଅନୁ ଶିବରାମନ ସାମିଲ ଅଛନ୍ତି। ଏହି କମିଟି ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଅଣିଥିବା ଅଭିଯୋଗର ତଦନ୍ତ କରି ନିଜ ରିପୋର୍ଟ ହସ୍ତାନ୍ତର କରିବେ। ଏହି ତଦନ୍ତ ସମ୍ପୂର୍ଣ୍ଣ ଅଧୀନରେ ମହାଭିଯୋଗ ପ୍ରକ୍ରିୟାଠାରୁ ଅଲଗା। ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୧୪ରେ ରାତି ପ୍ରାୟ ୧୧.୩୫ ମିନିଟରେ ଜଷ୍ଟିସ୍ ବର୍ମାଙ୍କ ଲୁଟିୟନ୍ସ ଦିଲ୍ଲୀ ସ୍ଥିତ ଘରେ ନିଆଁ ଲାଗିବା ପରେ ଫାୟାର ବ୍ରିଗେଡ ନିଆଁକୁ ଆୟତ୍ତ କରିଥିଲେ। ଏହି ସମୟରେ କଥିତ ରୂପେ ଘରୁ ବିପୁଳ ମାତ୍ରାରେ ନଗଦ ରାଶି ମିଳିଥିଲା। ଫାୟାର ବ୍ରିଗେଡ୍ ଟିମ୍ ଷ୍ଟୋର ରୁମରେ ଏହି ନଗଦ ରାଶିକୁ ଦେଖିଥିଲେ। ନିଆଁ ଲାଗିବା ଯୋଗୁଁ ଅନେକ ନୋଟ୍ ଜଳି ଯାଇଥିଲା। ଏହା ପରଠୁ ଜଷ୍ଟିସ୍ ବର୍ମା ବିବାଦରେ ଅଛନ୍ତି।

## ୩୦ରେ ମହାରାଷ୍ଟ୍ର ଓ ଛତିଶଗଡ଼ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଚ୍ଚ ୩୦ ତାରିଖରେ ମହାରାଷ୍ଟ୍ର ଏବଂ ଛତିଶଗଡ଼ ଗସ୍ତ କରିବେ। ସେ ନାଗପୁର ଯିବେ ଏବଂ ସକାଳ ପ୍ରାୟ ୯ଟାରେ ସ୍ମୃତି ମନ୍ଦିରରେ ଦର୍ଶନ କରିବେ ଏବଂ ପରେ ଦୀକ୍ଷାଭୂମି ପରିଦର୍ଶନ କରିବେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ସେ ନାଗପୁର ଠାରେ ମାଧବ ନେତ୍ରାଳୟ ପ୍ରିମିୟମ ସେଣ୍ଟରର ଶିଳାନ୍ୟାସ କରିବା ସହ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଅପରାହ୍ନ ପ୍ରାୟ ସାଢ଼େ ୧୨ଟା ସମୟରେ ସେ ନାଗପୁରସ୍ଥିତ ସୋଲାର ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଲିମିଟେଡରେ ୟୁଏଭି ପାଇଁ ଲୋଇଟରିଂ ମ୍ୟୁନିସନ ଟେଷ୍ଟିଂ ରେଞ୍ଜ ଏବଂ ରନ୍‌ୱେ ସୁବିଧାର ଉଦଘାଟନ କରିବେ। ଏହା ପରେ ପ୍ରଧାନମନ୍ତ୍ରୀ ବିଳାସପୁର ଯିବେ ଏବଂ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ସେ ୩୩,୭୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବେ, କାର୍ଯ୍ୟର ଶୁଭାରମ୍ଭ କରିବେ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ଏହା ସହିତ ସେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ହିନ୍ଦୁ ନବବର୍ଷର ଶୁଭାରମ୍ଭ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିପଦ କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ସ୍ମୃତି ମନ୍ଦିରରେ ଦର୍ଶନ କରିବା ସହ ଆରଏସଏସର ପ୍ରତିଷ୍ଠାତାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ପ୍ରଧାନମନ୍ତ୍ରୀ ମାଧବ ନେତ୍ରାଳୟ ଚକ୍ଷୁ ପ୍ରତିଷ୍ଠାନ ଏବଂ ଗବେଷଣା କେନ୍ଦ୍ରର ନୂତନ ସମ୍ପ୍ରସାରଣ କୋଠା ମାଧବ ନେତ୍ରାଳୟ ପ୍ରିମିୟମ ସେଣ୍ଟରର ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀ ନାଗପୁରରେ ଥିବା ସୋଲାର ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଲିମିଟେଡ୍ ର ଗୋଳାବାରୁଦ କାରଖାନା ପରିଦର୍ଶନ କରିବେ। ଭିତ୍ତିଭୂମି ବିକାଶ ଏବଂ ସ୍ଥାୟୀ ଜୀବିକା ବୃଦ୍ଧି ପାଇଁ ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ ପ୍ରଧାନମନ୍ତ୍ରୀ ବିଳାସପୁରରେ ୩୩,୭୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଦ୍ୟୁତ, ତୈଳ ଏବଂ ଗ୍ୟାସ, ରେଳ, ସଡ଼କ, ଶିକ୍ଷା ଏବଂ ଗୃହ ନିର୍ମାଣ କ୍ଷେତ୍ର ସହିତ ଜଡ଼ିତ ଏକାଧିକ ଉନ୍ନୟନ ପ୍ରକଳ୍ପର ଉଦଘାଟନ, ଶିଳାନ୍ୟାସ କରିବେ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ସମଗ୍ର ଦେଶରେ ଶକ୍ତି କ୍ଷେତ୍ରର ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ। ଏହି ପରିପ୍ରେକ୍ଷୀରେ ସୁଲଭ ମୂଲ୍ୟରେ ଓ ଉପଯୋଗୀ ବିଜୁଳି ଯୋଗାଇବା ଏବଂ ଛତିଶଗଡ଼କୁ ବିଜୁଳି ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ଦିଗରେ ଏକାଧିକ ପଦକ୍ଷେପ ନିଆଯିବ। ବିଳାସପୁର ଜିଲ୍ଲାରେ ୯,୭୯୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏନଟିପିସିର ସିପତ ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ଷ୍ଟେଜ – ୩ (୧x୮୦୦ ମେଗାୱାଟ୍)ର ଶିଳାନ୍ୟାସ କରିବେ। ଏହି ପିଟ୍ ହେଡ୍ ପ୍ରକଳ୍ପ ଉଚ୍ଚ ଶକ୍ତି ଉତ୍ପାଦନ ଦକ୍ଷତା ସହିତ ଅତ୍ୟାଧୁନିକ ଅଲ୍ଟ୍ରା-ସୁପରକ୍ରିଟିକାଲ ଟେକ୍ନୋଲୋଜି ଉପରେ ଆଧାରିତ। ସେ ଛତିଶଗଡ଼ ଷ୍ଟେଟ୍ ପାୱାର ଜେନେରେସନ୍ କମ୍ପାନୀ ଲିମିଟେଡ୍ (ସିଏସ୍‌ପିଜିସିଏଲ)ର ୧୫,୮୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରଥମ ସୁପର କ୍ରିଟିକାଲ୍ ଥର୍ମାଲ ପାୱାର ପ୍ରୋଜେକ୍ଟ (୨ଏକ୍ସ୬୬୦ ମେଗାୱାଟ୍) କାର୍ଯ୍ୟର ଶୁଭାରମ୍ଭ କରିବେ। ସେହିପରି ୫୬୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପଶ୍ଚିମାଞ୍ଚଳ ସମ୍ପ୍ରସାରଣ ଯୋଜନା (ଡବ୍ଲ୍ୟୁଆରଇଏସ୍) ଅଧୀନରେ ପାୱାରଗ୍ରିଡର ୩ଟି ପାୱାର ଟ୍ରାନ୍ସମିସନ୍ ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ।

## ଅନଶନ ଭାଙ୍ଗିଲେ ଡାଲ୍ଲେୱାଲ

ନୂଆଦିଲ୍ଲୀ: କୃଷକମାନଙ୍କ ବିଭିନ୍ନ ଦାବି ନେଇ ୧୨୩ ଦିନ ହେଲା ଅନଶନରେ ବସିଥିବା କୃଷକ ନେତା ଜଗଜିତ ସିଂ ଡାଲଓ୍ୱାଲ ଶୁକ୍ରବାର ସକାଳେ ପାଣି ପିଇ ଅନଶନ ଭାଙ୍ଗିଛନ୍ତି। ଏନେଇ ପଞ୍ଜାବ ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଖନୌରୀ ଏବଂ ଶମ୍ଭୁ ସୀମାରେ ଆନ୍ଦୋଳନରତ ଚାଷୀମାନଙ୍କୁ ହଟାଇ ଦିଆଯାଇ ରାସ୍ତା ଓ ରାଜପଥକୁ ଅବରୋଧ ମୁକ୍ତ କରାଯାଇଥିବା ପଞ୍ଜାବ ସରକାରଙ୍କ ଆଡ୍‌ଭୋକେଟ ଜେନେରାଲ ଗୁରମିନ୍ଦର ସିଂ ସର୍ବୋଚ୍ଚ ଅଦାଲତଙ୍କୁ କହିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ ଡାଲଓ୍ୱାଲଙ୍କ ଉଦ୍ୟମର ପ୍ରଶଂସା କରିଛନ୍ତି। ସେ କୌଣସି ରାଜନୈତିକ କାର୍ଯ୍ୟଯୋଜନା ରଖି ନ ଥିବା ପ୍ରକୃତ କୃଷକ ନେତା ବୋଲି ଖଣ୍ଡପୀଠ କହିଛନ୍ତି।

## ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ



ଜୟପୁର: ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କୁ ହତ୍ୟା ଧମକ। ଏହି ଧମକ ଦେଇଛି ବିକାନେର ସେଣ୍ଟ୍ରାଲ ଜେଲରେ ବନ୍ଦୀ ଥିବା କଏଦୀ ଆଦିଲ। ଏହାକୁ ମିଶାଇ ମୁଖ୍ୟମନ୍ତ୍ରୀଙ୍କୁ ଚତୁର୍ଥ ଥର ପାଇଁ ହତ୍ୟା ଧମକ ମିଳିଛି। ଏହି ଘଟଣାକୁ ନେଇ ଏସପି କବିନ୍ଦର ସିଂହ ସାଗର କହିଛନ୍ତି ଯେ ଅଭିଯୁକ୍ତ ଜଣକ ବିକାନେର ସେଣ୍ଟ୍ରାଲ ଜେଲରୁ ଫୋନ୍ କରି ଏହି ହତ୍ୟା ଧମକ ଦେଇଛି। ଏହା ଜାଣିବାପରେ ପୋଲିସ ତୁରନ୍ତ ସେଠାରେ ପହଞ୍ଚି ଆଦିଲକୁ ହେପାଜତକୁ ନେଇ ପଚରାଉଚରା କରୁଛି। ଅଭିଯୁକ୍ତ ହାତକୁ କିପରି ଫୋନ୍ ଆସିଲା ଓ ତାଙ୍କର ଉଦ୍ଦେଶ୍ୟ କଣ ସେ ବିଷୟରେ ବର୍ତ୍ତମାନ ତଦନ୍ତ ଚାଲିଛି ବୋଲି ଏସପି କହିଛନ୍ତି। ଆଦିଲ ଜଣେ ନିଶାଗ୍ରସ୍ତ ବ୍ୟକ୍ତି ଓ ତାଙ୍କର ମାନସିକ ସ୍ଥିତି ଠିକ ନଥିବାରୁ ସେ ପୂର୍ବରୁ ନିଜ ହାତ କାଟିଥିବା କଥା ଜଣାପଡିଛି। ତେବେ ତାଙ୍କ ନିକଟରୁ ଏକ ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି। ଏହା ପୂର୍ବରୁ ବୁଧବାର ଦିନ ଉପମୁଖ୍ୟମନ୍ତ୍ରୀ ପ୍ରେମ ଚାନ୍ଦ ବୈରଓ୍ୱାଙ୍କୁ ମଧ୍ୟ ଜୟପୁର ସେଣ୍ଟ୍ରାଲ ଜେଲର ଜଣେ କଏଦୀ ହତ୍ୟା ଧମକ ଦେଇଥିଲେ। ଏହି ମାମଲାରେ ତା ପରଦିନ ପୋଲିସ ତିନିଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା।

## ବିଳାସପୁରରେ ୩୩,୭୦୦କୋଟିର ପ୍ରକଳ୍ପର ଶିଳାନ୍ୟାସ କରିବେ ମୋଦୀ



ରାୟପୁର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସାରା ଦେଶରେ ବିକାଶ ଜାରି ରହିଛି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଛତିଶଗଡର ବିଳାସପୁର ଜିଲ୍ଲାରେ ୩୦ ତାରିଖରେ ୩୩,୭୦୦କୋଟି ଟଙ୍କାରୁ ଅଧିକ ବ୍ୟୟରେ ବିଭିନ୍ନ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ। ବିଦ୍ୟୁତ୍, ତୈଳ ଏବଂ ଗ୍ୟାସ, ରେଳ, ସଡ଼କ, ଶିକ୍ଷା ଏବଂ ଆବାସ ସମ୍ବନ୍ଦିତ ବିକାଶ ପରିଯୋଜନାର ଆଭାସ ଶିଳା ରଖିବେ ମୋଦୀ। ଏହି ଅବସରରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଦେଶରେ ବିଜୁଳି କ୍ଷେତ୍ରରେସୁଧାର ଆଣିବା ପାଇଁ ପ୍ରତିବଦ୍ଧ ରହିଛନ୍ତି। ଶସ୍ତା ଏବଂ ବିଦ୍ୟୁତ୍‌ର ଅନୁରୂପ ଉପଲବ୍ଧ କରାଇବା ପାଇଁ ତଥା ଛତିଶଗଡକୁ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରାଇବାକୁ ପଦକ୍ଷେପ ନିଆଯାଇଛି। ବିଳାସପୁରରେ ଏନ୍‌ଟିପିସିର ସୁପର ଥର୍ମାଲ ପାୱାର ପରିଯୋଜନା ୩ ପାଇଁ ୯,୭୯୦କୋଟି ଟଙ୍କାର ବଜେଟ ରଖାଯାଇଛି। ଏହା ଅଧିକ ବିଦ୍ୟୁତ୍ ଉତ୍ପାଦନ କରିବାର କ୍ଷମତା ରଖିବ। ସେହିପରି ଭାରତ ପେଟ୍ରୋଲିୟକ କର୍ପୋରେସନ ଲିମିଟେଡର ସିଟି ଗ୍ୟାସ ବିତରଣ ପରିଯୋଜନାର ଶିଳାନ୍ୟାସ କରାଯିବ। ୨୦୦କିମିରୁ ଅଧିକ ପାଇପ୍ ଲାଇନ୍ ଜରିଆରେ ଗ୍ୟାସ ଯୋଗାଇ ଦିଆଯିବ। ସେହିପରି ୧୨୮୫କୋଟି ଟଙ୍କା ବ୍ୟୟରେ ସିଏନ୍‌ଜି ଡିସ୍‌ପୋଜିଂ ଆଉଟ୍‌ଲେଟ୍ ଖୋଲାଯିବ। ସେହିପରି ଶିକ୍ଷାକ୍ଷେତ୍ରରେ ନିଜର ପ୍ରତିବଦ୍ଧତା ସୁନିଶ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ୨୯ଜିଲ୍ଲାରେ ୧୩୦ଟି ପିଏମ୍‌ସି ସ୍କୁଲ ସ୍ଥାପନ ପାଇଁ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି।

## ୧୦୦ ଶକ୍ତିଶାଳୀ ଲୋକଙ୍କ ତାଲିକାରେ ଶୀର୍ଷରେ ମୋଦୀ

ନୂଆଦିଲ୍ଲୀ : 'ଇଣ୍ଡିଆନ ଏକ୍ସପ୍ରେସ୍' ପ୍ରତି ବର୍ଷ ଦେଶର ୧୦୦ ପାୱାରଫୁଲ ଲୋକଙ୍କ ସୂଚୀ ଜାରି କରେ। ଚଳିତବର୍ଷ ଜାରି ସୂଚୀର ଶୀର୍ଷ ୧୦ ସ୍ଥାନରୁ ଷଷ୍ଠ ସ୍ଥାନରେ ଅଛନ୍ତି ଯୋଗୀ। ତେବେ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ। ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଗୃହମନ୍ତ୍ରୀ ଅମିତ ଶାହ ଥିବା ବେଳେ ଚତୁର୍ଥ ସ୍ଥାନରେ ଅଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ ବଢୁଥିବା ଲୋକପ୍ରିୟତାକୁ ନେଇ ରିପୋର୍ଟରେ କୁହାଯାଇଛି ଯେ ଯୋଗୀ ଆଦିତ୍ୟ ନାଥ ଏବେ 'ବ୍ରାଣ୍ଡ' ରେ ପରିଣତ ହୋଇଛନ୍ତି।

## କମେଡିଆନ୍‌ଙ୍କୁ ଆଗୁଆ ଅନ୍ତରୀଣ ଜାମିନ



ଚେନ୍ନାଇ: ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ଥଟ୍ଟା କରି ବିବାଦର ସମ୍ମୁଖୀନ ହୋଇଥିବା ଷ୍ଟାଣ୍ଡିଂ କମେଡିଆନ୍ କୁନାଲ କାମ୍‌ରାଙ୍କୁ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଆଗୁଆ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ଏଥିପାଇଁ ତାଙ୍କୁ ତାମିଲନାଡୁ ଭିଲ୍ଲୁପୁରମ୍ ଜିଲା ପାନୁରସ୍ଥିତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବଣ୍ଡ ଦାଖଲ କରିବାକୁ ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ଏଥିସହିତ ବିଚାରପତି ସୁନ୍ଦର ମୋହନ ଦ୍ୱିତୀୟ ପକ୍ଷ ଖାର ପୋଲିସକୁ ନୋଟିସ ଜାରି କରିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୭କୁ ଧାର୍ଯ୍ୟ କରିଛନ୍ତି। ୨୦୨୧ରୁ କୁନାଲ ମୁମ୍ବାଇରୁ ଯାଇ ତାମିଲନାଡୁରେ ରହୁଛନ୍ତି। ମୁମ୍ବାଇ ପୋଲିସ ତାଙ୍କୁ ଗିରଫ କରିବା ଆଶଙ୍କା ଥିବାରୁ ସେ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ମୁମ୍ବାଇ ଖାର ଅଞ୍ଚଳର ଦି ହାବିଟାଟ୍ କମେଡି କ୍ଲବ୍‌ରେ କୁନାଲ ଉପମୁଖ୍ୟମନ୍ତ୍ରୀ ଶିନ୍ଦେଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ। ପରେ ଉତ୍ତେଜିତ ଶିବସେନା କର୍ମୀମାନେ ଦି ହାବିଟାଟ୍ କ୍ଲବ୍‌ରେ ଭଙ୍ଗାରୁଜା କରିଥିଲେ। ମୁମ୍ବାଇ ପୋଲିସ କୁନାଲଙ୍କୁ ୨ ଥର ସମନ କରିବା ସତ୍ତ୍ୱେ ସେ ହାଜର ହୋଇ ନାହାନ୍ତି।

# ବାଣିଜ୍ୟ



ମୁମ୍ବାଇ : ସପ୍ତାହର ଶେଷ ବ୍ୟବସାୟ ଦିନ ଶୁକ୍ରବାର ଭାରତୀୟ ଷ୍ଟକ ବଜାରରେ ହ୍ରାସ ପରିଲକ୍ଷିତ ହେଉଛି। ବଜାରର ମୁଖ୍ୟ ସୂଚକାଙ୍କ ସେନସେକ୍ସ ପ୍ରାୟ ୧୫୦ ପଏଣ୍ଟ ହ୍ରାସ ପାଇ ୭୭,୪୪୬.୯୭ରେ କାରବାର କରୁଛି, ଯାହାର ପ୍ରଭାବ ସୁନା ମୂଲ୍ୟ ଉପରେ ଦେଖାଯାଉଛି। ଆଜି ଅର୍ଥାତ୍ ୨୮ ମାର୍ଚ୍ଚରେ ସୁନାର ମୂଲ୍ୟ ବୃଦ୍ଧି ପାଇଛି। ୨୪ କ୍ୟାରେଟ ୧୦ ଗ୍ରାମ ସୁନା ୮୯,୮୫୦ ଟଙ୍କାରେ କାରବାର ହେଉଛି। ସେହି ସମୟରେ, ୨୨ କ୍ୟାରେଟ ୧୦ ଗ୍ରାମ ସୁନାର ମୂଲ୍ୟ ୮୨,୩୬୦ ଟଙ୍କା। ଦେଶର ରାଜଧାନୀ ଦିଲ୍ଲୀରେ ସୁନା ମୂଲ୍ୟରେ ବୃଦ୍ଧି ଘଟିଛି। ସୁନା ମୂଲ୍ୟ ୯୦ ହଜାର ଅତିକ୍ରମ କରିଛି। ରାଜଧାନୀରେ ୨୪ କ୍ୟାରେଟ ୧୦ ଗ୍ରାମ ସୁନାର ମୂଲ୍ୟ ୯୦,୦୦୦ ଟଙ୍କାରେ ପହଞ୍ଚିଛି। ସେହି ସମୟରେ ୧୦ ଗ୍ରାମ ୨୨ କ୍ୟାରେଟ ସୁନା ୮୨,୫୧୦ ଟଙ୍କାରେ ଉପଲବ୍ଧ ହେଉଛି। ମୁମ୍ବାଇରେ ମଧ୍ୟ ସୁନା ମୂଲ୍ୟରେ ବୃଦ୍ଧି ପରିଲକ୍ଷିତ ହେଉଛି। ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ, ୧୦ ଗ୍ରାମ ୨୨ କ୍ୟାରେଟ ସୁନା ୮୯,୮୫୦ ଟଙ୍କାରେ କାରବାର ହେଉଛି। ସେହି ସମୟରେ, ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ୮୨,୩୬୦ରେ କାରବାର ହେଉଛି।

## ମାଲାବାର ଗୋଲ୍ଡ ଏଣ୍ଡ ଡାଇମଣ୍ଡସ୍‌ର ନୂତନ ସୋ'ରୁମ୍ ଉଦ୍‌ଘାଟିତ




MALABAR GOLD & DIAMONDS

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ଓଡ଼ିଶାର ଭୁବନେଶ୍ୱର ସୌଭାଗ୍ୟ ନଗରଠାରେ ତାହାର ତୃତୀୟ ସୋ'ରୁମ ଉଦଘାଟନ କରିଛି। ଏହି ଅତ୍ୟାଧୁନିକ ସୋ'ରୁମ ଗହଣାଗୁଡିକର ଆକର୍ଷଣୀୟ କଲେକ୍ସନ ସହିତ ଗ୍ରାହକଙ୍କୁ ଏକ ଅତୁଳନୀୟ କିଣାକିଣି ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି, ଯେଉଁଠାରେ ପ୍ରତ୍ୟେକ ଅବସର ନିମନ୍ତେ ବହୁବିଧ ବର୍ଗର ଡିଜାଇନ ଓ ଷ୍ଟାଇଲ ପ୍ରଦର୍ଶିତ ହେଉଛି। ପରିଚାଳନା ଦଳର ସଦସ୍ୟ, ଗ୍ରାହକ ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ପ୍ରସିଦ୍ଧ ଓଡ଼ିଆ ଓଲିଉଡ୍ ଅଭିନେତା ତଥା ମାଲାବାର ଜୁଏଲର୍ସର ବ୍ରାଣ୍ଡ ଆମ୍ବାସଡର ସବ୍ୟସାଚୀ ମିଶ୍ର ଏବଂ ବିଏମ୍‌ସି ମେୟର ସୁଲୋଚନା ଦାସଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ଭାରତ, ମଧ୍ୟପ୍ରାଚ୍ୟ, ଆମେରିକା, କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ୧୩ଟି ରାଷ୍ଟ୍ରରେ ୩୮୦ରୁ ଅଧିକ ସୋ'ରୁମ ସହିତ ବୈଶ୍ୱିକ ଉପସ୍ଥିତି ରହିଛି। ନୂଆ ସୋ'ରୁମ ସୁନା, ହୀରା, ପ୍ଲାଟିନମ ଏବଂ ଜେମ ଷ୍ଟୋନ ପିସ ସମେତ ବ୍ୟାପକ ବର୍ଗର ଗହଣା ଉପଲବ୍ଧ କରାଉଛି, ଯେଉଁଗୁଡିକ ପ୍ରତ୍ୟେକ ପସନ୍ଦ ଓ ଅବସରକୁ ଖାପ ଖୁଆଇବା ଭଳି ଡିଜାଇନ କରାଯାଇଛି। ଏହି ନୂଆସୋ'ରୁମ ସମ୍ପର୍କରେ ଏକ ବିବୃତିରେଏମ୍‌ପି ଅହମ୍ମଦ, ଚେୟାରମ୍ୟାନ, ମାଲାବାର ଗ୍ରୁପ କହିଥିଲେ, 'ସମଗ୍ର ଭାରତରେ ଜନସାଧାରଣଙ୍କୁ ବିଶ୍ୱ ଶ୍ରେଣୀର ଗହଣା ଯୋଗାଇଦେବାକୁ ଆମର ଯାତ୍ରା ଜାରି ରଖି ସୌଭାଗ୍ୟନଗରଠାରେ ୩ୟ ନବୀନତମ ସୋ'ରୁମ୍ ଉଦ୍‌ଘାଟନ କରି ଆମେ ରୋମାଞ୍ଚିତ ଅନୁଭ ବକରୁଛୁ।

## ୨ରୁ ଆଲେନ୍ କୋଟା ଜେଇଇ ଏବଂ ନିଟ୍ ବ୍ୟାଚ୍

ALLEN CAREER INSTITUTE
KOTA (RAJASTHAN)
path to success



କୋଟା : IIT-JEE ଏବଂ NEET-UG ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ପାଇଁ ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ କୋଟା ଏପ୍ରିଲ ୨ ତାରିଖରୁ ବ୍ୟାଚ୍ ଆରମ୍ଭ କରୁଛି। ବ୍ୟାଚ୍ ତାରିଖ ଘୋଷଣା ହେବା ସହିତ, ବହୁ ସଂଖ୍ୟକ ଛାତ୍ରଛାତ୍ରୀ କୋଟା ଆସିବା ଆରମ୍ଭ କରିଛନ୍ତି। ଏହି ଉତ୍ସାହକୁ ଦୃଷ୍ଟିରେ ରଖି, ଛାତ୍ରଛାତ୍ରୀଙ୍କ ସୁବିଧା ଏବଂ ଉତ୍ସାହ ପାଇଁ, ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ୨ ଏପ୍ରିଲ ପର୍ଯ୍ୟନ୍ତ କୋଟାରେ ପ୍ରବେଶ ପାଇଁ ଏକ ମହାନ ସୁଯୋଗ ଆରମ୍ଭ କରିଛି। ଏହା ଅଧୀନରେ, ଛାତ୍ରଛାତ୍ରୀମାନେ ଆଲେନ୍ କୋଟାରେ ପ୍ରବେଶ ପାଇଁ ୯୦ ପ୍ରତିଶତ ପର୍ଯ୍ୟନ୍ତ ଛାତ୍ରବୃତ୍ତି ପାଇପାରିବେ। ଏହି ଛାତ୍ରବୃତ୍ତି ଆଲେନ୍ ସ୍କଲାରସିପ୍-ପ୍ରବେଶ ପରୀକ୍ଷାରେ ଉପସ୍ଥିତ ହୋଇ ପାଇପାରିବେ। ମହା ଆବାସ ଯୋଜନାର ଏକ ଅଂଶ ଭାବରେ, ଇ-ଝରଞ୍ଜ ଆଲେନ୍ କୋଟା ସେଣ୍ଟରରେ ୨ ଏପ୍ରିଲ ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନ ୧ ରୁ ୩ ଟା ପର୍ଯ୍ୟନ୍ତ ଆୟୋଜିତ ହେଉଛି। ପରୀକ୍ଷା ଦେବା ପାଇଁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ କୋଟା ଆସୁଛନ୍ତି। ଏହା ସହିତ, ଜାତୀୟ ସ୍ତରରେ A-SET ପାଇଁ ତାରିଖ ମଧ୍ୟ ପ୍ରକାଶ କରାଯାଇଛି। ନ୍ୟାସନାଲ ଆସେଟ୍ ୩୦ ମାର୍ଚ୍ଚ ଏବଂ ୬ ଏବଂ ୧୩ ଏପ୍ରିଲରେ ସାରା ଦେଶର ଆଲେନ୍ କେନ୍ଦ୍ରଗୁଡ଼ିକରେ ଆୟୋଜିତ ହେଉଛି, ଆଲେନ୍ ?ରେ ପ୍ରବେଶ ପାଇଁ ଆଗ୍ରହୀ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିପାରିବେ। A-SET ମାଧ୍ୟମରେ, ପ୍ରତ୍ୟେକ ଷ୍ଟ୍ରିମର ଛାତ୍ରଛାତ୍ରୀମାନେ ନିଜକୁ ମୂଲ୍ୟାଙ୍କନ କରିପାରିବେ। ଏହି ପତ୍ରଟି ବୈଜ୍ଞାନିକ, ଶୈକ୍ଷିକ ଏବଂ ମନସ୍ତାତ୍ତ୍ୱିକ ମୂଲ୍ୟାଙ୍କନ ପାଇଁ ପ୍ରସ୍ତୁତ ଏବଂ ଏଥିରେ ମୂଳ ବିଷୟ ଏବଂ ଓଛ ଉପରେ ପ୍ରଶ୍ନ ରହିଛି। ପେପରର ବୈଜ୍ଞାନିକ ମୂଲ୍ୟାଙ୍କନ ଆଧାରରେ ଆଲେନ ଛାତ୍ରଛାତ୍ରୀମାନଙ୍କୁ ସ୍କଲାରସିପ୍ ପ୍ରଦାନ କରନ୍ତି। ଅଧିକ ସୂଚନା ଆଲେନ୍ ୱେବସାଇଟ୍ www.alleen.in ରୁ ମିଳିପାରିବ। ଆଲେନ୍ କୋଟାରେ, ଦଶମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ JEE ମେନ୍ ଏବଂ ଆଡଭାନ୍ସଡ୍ ର ଘଙ୍କକ୍ସଙ୍କକ୍ସର ବ୍ୟାଚ୍ ୪ ଏପ୍ରିଲରୁ ଆରମ୍ଭ ହେବ, ୧୧ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ Enthusiast ବ୍ୟାଚ୍ ୩ ଏପ୍ରିଲରୁ ଆରମ୍ଭ ହେବ, ଯେତେବେଳେ ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାଚେସ୍ ୧୬ ଏପ୍ରିଲରୁ ଆରମ୍ଭ ହେବ।

## ଡ୍ରୋନ୍ ଟେକ୍ନୋଲୋଜି ଓ ଏଡିଏମ୍‌ଏସ୍ ସେବା ଆରମ୍ଭ କଲା ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର (ଭାସ୍କର ନ୍ୟୁଜ) : ବିଦ୍ୟୁତ ବଣ୍ଟନ ସେବାକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ, ଟିପି ଦକ୍ଷିଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ୍) ଦୁଇଟି ପ୍ରମୁଖ ଡିଜିଟାଲ ପଦକ୍ଷେପ ଆରମ୍ଭ କରିଛି। ଜିଆଇଏସ୍ ସର୍ଭେ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷ ପାଇଁ ଡ୍ରୋନ ଟେକ୍ନୋଲୋଜି, ଏବଂ ବ୍ରହ୍ମପୁର ସିଟି ସର୍କଲର ବିଇଡି-୨ ଡିଭିଜନରେ ଆଡଭାନ୍ସଡ ଡିଷ୍ଟ୍ରିବ୍ୟୁସନ ମ୍ୟାନେଜମେଣ୍ଟ ସିଷ୍ଟମ (ଏଡିଏମଏସ)ର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି। ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଉଭୟ ପଦକ୍ଷେପର ଉଦଘାଟନ କରିଥିଲେ। ଏହା କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା ଏବଂ ଗ୍ରାହକ ସେବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ। ଅତ୍ୟାଧୁନିକ ଡ୍ରୋନ ଟେକ୍ନୋଲୋଜିର ବ୍ୟବହାର ସହିତ, ଟିପିଏସଓଡିଏଲ ଭିତ୍ତିଭୂମି ନିରୀକ୍ଷଣକୁ ମଜବୁତ କରିବା ଏବଂ ସେବା ନିର୍ଭରଯୋଗ୍ୟତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ପ୍ରାକୃତିକ ବିପର୍ଯ୍ୟୟ ଯେପରିକି ଘୂର୍ଣ୍ଣିଝଡ଼ ଏବଂ ବନ୍ୟା ସମୟରେ, ଡ୍ରୋନଗୁଡ଼ିକ କ୍ଷୟକ୍ଷତିର ତୁରନ୍ତ ମୂଲ୍ୟାଙ୍କନ ପାଇଁ ରିଅଲ-ଟାଇମ ସର୍ଭେ ପ୍ରଦାନ କରିବ। କର୍ମଚାରୀଙ୍କ ସୁରକ୍ଷା ଏକ ପ୍ରମୁଖ ପ୍ରାଥମିକତା ଏବଂ ଡ୍ରୋନ-ଆଧାରିତ ନିରୀକ୍ଷଣ ଏହି ସୁରକ୍ଷା ପଦକ୍ଷେପଗୁଡ଼ିକୁ ଆହୁରି ବୃଦ୍ଧି କରିବ। ସେହିପରି ଡିଜିଟାଲ ରୂପାନ୍ତରଣ ଯାତ୍ରାକୁ ଆହୁରି ମଜବୁତ କରି, ଟିପିଏସଓଡିଏଲ ଏଡିଏମଏସର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିଛି। ଏହା ଏକ ସ୍ମାର୍ଟ ସିଷ୍ଟମ ଯାହା ବିଦ୍ୟୁତ ଯୋଗାଣ ପରିଚାଳନା ଏବଂ ଗ୍ରାହକ ସେବାକୁ ସୁଗମ କରିବା ପାଇଁ ଡିଜାଇନ କରାଯାଇଛି। ବ୍ରହ୍ମପୁରର ବିଇଡି-୨ ଡିଭିଜନରେ ପ୍ରାରମ୍ଭିକ ଭାବେ ଏହା ଆରମ୍ଭ ହୋଇଛି। ଏହି ପଦକ୍ଷେପଗୁଡ଼ିକ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଗ୍ରହଣ କରି ଏକ ସ୍ମାର୍ଟ, ସୁରକ୍ଷିତ ଏବଂ ଅଧିକ ନିରନ୍ତର ବିଦ୍ୟୁତ ବଣ୍ଟନ ନେଟୱାର୍କ ସୃଷ୍ଟି କରିବା ପ୍ରତି ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛି। ଯାହା ଏହାର ଗ୍ରାହକମାନଙ୍କ ପାଇଁ ନିର୍ଭରଯୋଗ୍ୟ ଏବଂ ଗୁଣବତ୍ତାଯୁକ୍ତ ସେବା ସୁନିଶ୍ଚିତ କରେ।

## 'ୱାଶ୍' ପକ୍ଷରୁ ବାୟୋ-ଶୌଚାଳୟ, ସୌରଚାଳିତ ବୋରୱେଲ୍, ଜଳ ବିଶୋଧକ ସ୍ଥାପନ



ଝାରସୁଗୁଡା (ଭାସ୍କର ନ୍ୟୁଜ୍): ବେଦାନ୍ତ ଆଲୁମିନିୟମ୍ ଏହାର ଫ୍ଲାଗସିପ୍ ଯୋଜନା ଜଳ, ପରିମଳ ଏବଂ ସ୍ୱଚ୍ଛତା (ୱାଶ୍) ପଦକ୍ଷେପ ଅଧୀନରେ ଝାରସୁଗୁଡା ଜିଲ୍ଲାର କୁରାଲୋଇର ପ୍ରମୁଖ ସ୍ଥାନରେ ଜଳ ବିଶୋଧକ ସହିତ ବାୟୋ-ଶୌଚାଳୟ ଏବଂ ସୌର ଚାଳିତ ବୋର-ୱେଲ୍ ସ୍ଥାପନ କରିଛି ଯାହା ୫୫୦୦ ରୁ ଅଧିକ ଲୋକଙ୍କୁ ଉପକୃତ କରିଛି। ଏହାର ଉଦଘାଟନୀ ସମାରୋହରେ ଯୋଗ ଦେଇ ଏବଂ ଏହି ଅଞ୍ଚଳର ସ୍ୱଚ୍ଛ ଜଳ ଏବଂ ଉନ୍ନତ ପରିମଳ ଭିତ୍ତିଭୂମିର ଆବଶ୍ୟକତା ଉପରେ ଆଲୋକପାତ କରି ବେଲପାହାଡ଼ ପୌରାଧକ୍ଷ ଶ୍ରୀ ନିମୟ ଚରଣ ପଣ୍ଡା କହିଛନ୍ତି ଯେ ଭୂତଳ ଜଳରେ ଅଧିକ ପରିମାଣର ଲୌହ ଅଂଶ ଥିବାରୁ ଏହି ଅଞ୍ଚଳରେ ପାନୀୟ ଜଳର ଉପଲବ୍ଧତା ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ବେଦାନ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟ ପଦକ୍ଷେପ ଉପରେ ଆଲୋକପାତ କରି କୋଇଲା ଖଣିର ସିଇଓ ଡାଭିଡ ଷ୍ଟୋନ କହିଛନ୍ତି ଯେ ଆମର ପ୍ରୟାସ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ସହିତ ଘନିଷ୍ଠ ଭାବରେ ଯୋଡ଼ି ହୋଇଛି, ବିଶେଷ କରି ଏସଡିଜି ୬, ଯାହା ସ୍ୱଚ୍ଛ ଜଳ ଏବଂ ପରିମଳ ଉପରେ ଧ୍ୟାନ ଦେଇଥାଏ। ଉଲ୍ଲେଖନୀୟ କଥା ହେଉଛି, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରଣନୀତିକ ଭାବରେ ସ୍ଥାପିତ ବାୟୋ-ଶୌଚାଳୟ ଏକ 'ଏନାରୋବିକ୍ ବାୟୋ-ଡାଇଜେଷ୍ଟର୍ ସିଷ୍ଟମ' ମାଧ୍ୟମରେ କାର୍ଯ୍ୟ କରେ ଯେଉଁଠାରେ ସ୍ୱତନ୍ତ୍ର ଭାବରେ ବିକଶିତ ବ୍ୟାକ୍ଟେରିଆ ବର୍ଜ୍ୟବସ୍ତୁକୁ ଅପଘଟିତ କରି ଏହାକୁ ପାଣି, ମିଥେନ୍ ଏବଂ କାର୍ବନ ଡାଇଅକ୍ସାଇଡରେ ପରିଣତ କରେ ଯାହା ହାତରେ ବର୍ଜ୍ୟବସ୍ତୁ ଅପସାରଣର ଆବଶ୍ୟକତାକୁ ସମାପ୍ତ କରିଥାଏ ଏବଂ ସ୍ଥାୟୀ ପରିମଳକୁ ପ୍ରୋତ୍ସାହିତ କରେ।

## ଗ୍ରୀଷ୍ମ ଋତୁରେ ବିଦ୍ୟୁତ ସେବା ଯୋଗାଇବାରେ ଟିପିଡବ୍ଲ୍ୟୁଓଡିଏଲ୍ ପ୍ରସ୍ତୁତି : ସିଇଓ



ବୁର୍ଲା (ଭାସ୍କର ନ୍ୟୁଜ୍) : ଚଳିତ ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ବ୍ୟାପକ ଭାବେ ପ୍ରସ୍ତୁତି କରାଯାଇଅଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରସ୍ତୁତି ବିଷୟରେ ବର୍ଣ୍ଣନା କରିବାକୁ ଯାଇ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି ଯେ, ଚଳିତ ଆର୍ଥିକବର୍ଷ ସୁଦ୍ଧା କମ୍ପାନୀ ତରଫରୁ ୭୯୦ କୋଟି ଟଙ୍କା ଏବଂ ସରକାରଙ୍କ ତରଫରୁ ୪୯୮ କୋଟି ଟଙ୍କା (ମୋଟ ୧୨୮୦ କୋଟି) ଟଙ୍କା ବିଭିନ୍ନ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ଖର୍ଚ୍ଚ କରାଯାଇଛି। କମ୍ପାନୀ ପକ୍ଷରୁ ସହରାଞ୍ଚଳରେ ୩ଟି ସିଫ୍ଟରେ ଏବଂ ଗ୍ରାମାଞ୍ଚଳରେ ୨ଟି ସିଫ୍ଟରେ ଲାଇନମେନ୍ ଏବଂ ହେଲ୍ପରଙ୍କୁ ନିଯୁକ୍ତି ଦିଆଯାଇଅଛି। ୧୨୫୪ ଗୋଟି ୧୧ କେ.ଭି. ଫିଡରର ପୂର୍ବାନୁମାନ କରାଯାଇ ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ କରାଯାଇଛି। ରାତ୍ରୀକାଳୀନ ବ୍ରେକଡାଉନକୁ ସଜାଡ଼ିବା ପାଇଁ ୭୬୬ ଜଣ ରକ୍ଷଣାବେକ୍ଷଣକାରୀ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଅଛି। ୧୧ କେ.ଭି. ନିମନ୍ତେ ୨୭୧ ଏବଂ ୩୩ କେ.ଭି. ନିମନ୍ତେ ୬୪ ଗୋଟି ରକ୍ଷଣାବେକ୍ଷଣ ଗାଡ଼ିର ଯୋଜନା କରାଯାଇଅଛି। ଟିପିଡବ୍ଲ୍ୟୁଓଡିଏଲର ବିତରଣ କ୍ଷେତ୍ରରେ ୫୬୬୦ ଜଣ ରକ୍ଷଣାବେକ୍ଷଣକାରୀ ଏଜେନ୍ସି ଦ୍ୱାରା ନିଯୁକ୍ତ ଦିଆଯାଇଅଛି। ଟିପିଡବ୍ଲୁଓଡିଏଲ୍ କାଳବୈଶାଖୀ ପାଇଁ ମଧ୍ୟ ପ୍ରସ୍ତୁତ ରହିଛି। ଏହି ସମ୍ପୂର୍ଣ୍ଣ ଯାନ୍ତ୍ରିକ ପ୍ରସ୍ତୁତି ସହିତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର, ଜିଲ୍ଲା କଣ୍ଟ୍ରୋଲ ରୁମ୍, ଅଗ୍ନିଶମ ସେବା ସଂସ୍ଥା, ଜଙ୍ଗଲ ବିଭାଗ, ରାସ୍ତା ଓ କୋଠାବାଡ଼ି ବିଭାଗ, ଜାତୀୟ ରାଜପଥ ବିଭାଗ, ରାଜ୍ୟ ସଡ଼କ ନିର୍ମାଣକାରୀ ସଂସ୍ଥା, ସ୍ୱାସ୍ଥ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷା କରିବା ନିମନ୍ତେ ଭିନ୍ନଭିନ୍ନ ଦଳ ଗଠନ କରାଯାଇଅଛି।

## ଆମାଜନ ପକ୍ଷରୁ ଆକର୍ଷଣୀୟ ରିହାତି

ନୂଆଦିଲ୍ଲୀ: ଆମାଜନ.ଇନ ଏହାର ଗ୍ରୀଷ୍ମକାଳୀନ ସଂସ୍କରଣ ହୋମ୍ ସପିଂ ସ୍ପ୍ରି ସହିତ ଫେରିଛି, ଯେଉଁଥିରେ ଗ୍ରାହକମାନଙ୍କୁ ଏୟାର କୁଲର, ରିକ୍ଲାଇନର, ଭ୍ୟାକ୍ୟୁମ୍ କ୍ଲିନର, ପାଣି ବୋତଲ, ପରଦା ଏବଂ ଅନ୍ୟାନ୍ୟ ସାମଗ୍ରୀ ସମେତ ବିଭିନ୍ନ ପ୍ରକାରର ହୋମ୍, କିଚେନ୍ ଏବଂ ଆଉଟଡୋର ଉତ୍ପାଦରେ ଆକର୍ଷଣୀୟ ଡିଲ୍ ପ୍ରଦାନ କରାଯାଇଛି। ଗ୍ରାହକମାନେ ଏପ୍ରିଲ ୧ ରୁ ୫, ୨୦୨୫ ପର୍ଯ୍ୟନ୍ତ ଲୁମିନସ୍, ନରୱାଲ, ବଜାଜ, ଦ ବେଟର ହୋମ୍ ଏବଂ ଆହୁରି ଅନେକ ବ୍ରାଣ୍ଡର ଶୀର୍ଷ ଏବଂ ମୋଷ୍ଟ ୱାଚଲିଷ୍ଟେଡ୍ ପ୍ରଡକ୍ଟସ ଉପରେ ଆକର୍ଷଣୀୟ ଡିଲ୍ ଉପଭୋଗ କରିପାରିବେ। ତେଣୁ ବର୍ଷର ସର୍ବନିମ୍ନ ମୂଲ୍ୟ ସହିତ ଆପଣଙ୍କ ଘରକୁ ଗ୍ରୀଷ୍ମ ଋତୁ ପାଇଁ ପ୍ରସ୍ତୁତ କରିବାର ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ। ଗ୍ରାହକମାନେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ କ୍ୟାସବ୍ୟାକ୍, ଉତ୍ପାଦ ଉପରେ ସର୍ବନିମ୍ନ ୪୦% ରିହାତି ଏବଂ ଆହୁରି ଅନେକ ଆକର୍ଷଣୀୟ ଅଫର ପାଇପାରିବେ। ବଜାଜ ପିଏକ୍ସ୯୭ ଟର୍କ ନୂଆ ୩୬ଏଲ ପର୍ସନାଲ ଏୟାର କୁଲରକୁ ଆମାଜନ.ଇନ ରେ ମାତ୍ର ୫୭୯୯ ଟଙ୍କାରେ, ଦି ବେଟର ହୋମ୍ କପର ୱାଟର ବଟଲକୁ ୮୪୯ ଟଙ୍କାରେ, ଉଗାଓ ଫ୍ଲେକ୍ସି ୱାଟର ହୋସ୍ ପିଭିସି ପାଇପ୍ ସହ ଲିକ୍-ପ୍ରୁଫ୍ ଟ୍ୟାପ୍ ଆଡାପ୍ଟର (୧୫ ମିଟର)କୁ ୭୫୯ ଟଙ୍କାରେ, ନୀଳକମଳ ସିଏରା ଭେଲଭେଟ୍ ଫେବ୍ରିକ୍ ମାନୁଆଲ୍ ରିକ୍ଲାଇନରକୁ ୧୪,୯୯୦ ଟଙ୍କାରେ, ବିଏସବି ହୋମ୍ ୩ଡି ପ୍ରିଂଟେଡ ୧୪୪ ଟିସି ମାଇକ୍ରୋଫାଇବର ଡବଲ ବେଡ୍ ସିଟ୍ ସହ ୨ କିଙ୍ଗ ସାଇଜ୍ ତକିଆ କଭର ୧୮୬ ଟଙ୍କାରେ, ହିପୋ ଆଉଟଡୋର ସନ୍ ବ୍ଲକିଂ ବାଲକୋନି ଲୁପ୍ କର୍ଟେନ ୧୧୨୫ ଟଙ୍କାରେ, ବିସେଲ୍ ପୋର୍ଟେବଲ୍ ୱେଟ୍ ଏବଂ ଡ୍ରାଏ ଭ୍ୟାକ୍ୟୁମ୍ କ୍ଲିନର ୧୬,୯୯୦ ଟଙ୍କାରେ ଉପଲବ୍ଧ ରହିଛି।



ନୂଆଦିଲ୍ଲୀ: ତୁର୍କୀ ଫିଲ୍ମରେ ଏଣ୍ଟ୍ରି କଲେ କି ବିରାଟ କୋହଲି। ସୋସିଆଲ ମିଡିଆରେ ଭାଇରାଲ ହେଉଛନ୍ତି ଏଭଳି ଜଣେ ଅଭିନେତା। ଯାହାଙ୍କ ଚେହେରା ଅବିକଳ ଭାରତୀୟ କ୍ରିକେଟର ବିରାଟ କୋହଲିଙ୍କ ମୁହଁ ଭଳି ଲାଗୁଛି। ତେବେ ସେ ହେଉଛନ୍ତି ତୁର୍କୀ ଧାରାବାହିକ 'ଦିରିଲିସ୍: ଏର୍ତୁଗ୍ରୁଲ୍'ରେ ଅଭିନୟ କରିଥିବା ଅଭିନେତା କ୍ୟାଭିଟ୍ ସେଟିନ୍ ଗୁନର। ଏହା ମେହମେତ ବୋଜଡାଗଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକ ଐତିହାସିକ ଧାରାବାହିକ। ଏହି ଧାରାବାହିକରେ ଏଙ୍ଗିନ୍ ଆଲ୍ଟାନ୍ ଦୁଜ୍ୟାତାନ୍ ଏର୍ତୁଗ୍ରୁଲ୍ ବେ ଭାବରେ ଅଭିନୟ କରିଥିବା ବେଳେ କ୍ୟାଭିଟ୍ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ରେ ଅଭିନୟ କରିଛନ୍ତି। ତାଙ୍କ ସହିତ କାନ ତାସାନେର ଏବଂ ହୁଲ୍ୟା ଡାରଖାନ ମଧ୍ୟ ଏଥିରେ ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ। ସୂଚନା ଅନୁଯାୟୀ, ସୋମବାର ଦିନ ଜଣେ ୟୁଜର ଏହାର ଏକ ସ୍କ୍ରିନସଟ୍ ସେୟାର କରି କ୍ୟାଭିଟ ସେଟିନଙ୍କ ଫଟୋ ଛାଡିଥିଲେ ଓ ଏହା ଅନୁଷ୍କା ଶର୍ମାଙ୍କ ସ୍ୱାମୀଙ୍କ ଟିଭି ଶୋ ଡେବ୍ୟୁ ବୋଲି କ୍ୟାପସନ ମଧ୍ୟ ଲେଖାହୋଇଥିଲା। ଫଟୋ ଭାଇରାଲ ହେବା ପରେ ସମସ୍ତେ ତାଙ୍କୁ ବିରାଟ କୋହଲି ବୋଲି ଭାବି ନେଇଥିଲେ।ଏହାପରେ ଏହି ଫଟୋରେ ପ୍ରଶଂସକମାନଙ୍କର କମେଣ୍ଟ ଆସିବାରେ ଲାଗିଥିଲା। ଜଣେ ୟୁଜର୍ ମଜାଳିଆ ଅନ୍ଦାଜ ରେ ଲେଖିଛନ୍ତି ଯେ ଅନୁଷ୍କା 'ରବ ନେ ବନା ଦି ଯୋଡି' ଭଳି ଏଥିରେ ମଧ୍ୟ ସ୍ୱାମୀଙ୍କୁ ଚିହ୍ନି ପାରିବେ ନାହିଁ।ସେହିପରି ଅନ୍ୟ ଜଣେ ୟୁଜର୍ ତାଙ୍କୁ ବିରାଟ କୋହଲି ହିଁ ମାନି ନେଇଥିବା ବେଳେ ଅନ୍ୟ ଜଣେ କାଭିଟଙ୍କୁ ତୁର୍କୀର କୋହଲି" ବୋଲି ମଧ୍ୟ କହିଥିଲେ।

**୮ମ ମ୍ୟାଚ୍ | ଚେନ୍ନାଇ ସୁପର କିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ**

# ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୫୦ରନ୍‌ରେ ବିଜୟୀ




ଚେନ୍ନାଇ: ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣର ଅଷ୍ଟମ ମ୍ୟାଚ୍ ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମରେ ଚେନ୍ନାଇ ସୁପର କିଙ୍ଗସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ବେଙ୍ଗାଲୁରୁ ୫୦ରନ୍‌ରେ ଜିତି ନେଇଛି। ଟସ୍ ଜିତି ଚେନ୍ନାଇ ସୁପର କିଙ୍ଗସ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଲା ପରେ ବେଙ୍ଗାଲୁରୁ ବ୍ୟାଟିଂ କରିଥିଲା। ଅଧିନାୟକ ରଜନ ପାଟିଦାରଙ୍କ ନେତୃତ୍ୱରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୯୬ ରନ୍ କରିଥିଲା। ବେଙ୍ଗାଲୁରୁ ପାଇଁ ଅଧିନାୟକ ରଜତ ପାଟିଦାର ସର୍ବାଧିକ ବ୍ୟକ୍ତିଗତ ସ୍କୋର୍ କରିଥିଲେ। ସେ ୩୨ଟି ବଲ୍ ଖେଳି ୪ଟି ଚୌକା ଓ ୩ଟି ଛକା ବଳରେ ୫୧ ରନ୍ ସଂଗ୍ରହ କରିଥିଲେ। ପ୍ରାରମ୍ଭିକ ବ୍ୟାଟର ଫିଲିପ୍ ସଲ୍ଟ ଓ ବିରାଟ କୋହଲି ଯଥାକ୍ରମେ ୩୨ ଓ ୩୧ ରନ୍ କରିଥିଲେ। ସେହିପରି ଦେବଦତ୍ତ ପଡ଼ିକଲ ୨୭ ରନ୍ ଓ ଟିମ୍ ଡାଭିଡ ଅପରାଜିତ ୨୨ ରନ୍ ଯୋଗଦାନ ଦେଇଥିଲା ବେଳେ ଜିତେଶ ଶର୍ମା ୧୨ ରନ୍ ଏବଂ ଲିଆମ ଲିଭିଂଷ୍ଟୋନ୍ ୧୦ ରନ୍ ଅମଳ କରିଥିଲେ। ଚେନ୍ନାଇ ପାଇଁ ନୁର ଅହମଦ୍ ସର୍ବଶ୍ରେଷ୍ଠ ବୋଲିଂ କରିଥିଲେ। ସେ ୪ ଓଭର ବୋଲିଂ କରି ୩୬ ରନ୍ ଖର୍ଚ୍ଚ କରିଥିଲା ବେଳେ ବେଙ୍ଗାଲୁରୁର ଦୁଇ ପ୍ରାରମ୍ଭିକ ବ୍ୟାଟରଙ୍କ ସମେତ ଲିଆମ୍ ଲିଭିଂଷ୍ଟୋନ୍‌ଙ୍କୁ ଆଉଟ୍ କରିଥିଲେ। ମଥୀଶା ପଥିରଣା ୨ଟି ୱିକେଟ୍ ନେଇଥିଲା ବେଳେ ଖଲୀଲ ଅହମଦ ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ୧୯୭ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ଚେନ୍ନାଇ ସୁପର କିଙ୍ଗସ। ଦଳ ମାତ୍ର ୨୦ଓଭରରେ ୮ୱିକେଟ ହରାଇ ୧୪୬ ରନ୍ କରି ମ୍ୟାଚ୍‌କୁ ହାତଛଡା କରିଥିଲା। ଦଳ ପ୍ରଥମର ଝଟ୍‌କା ଖାଇଥିଲା। ରାହୁଲ ତ୍ରିପାଠୀ ମାତ୍ର ୫ରନ୍ କରି ବିଦାୟ ନେଇଥିବା ବେଳେ ଅଧିନାୟକ ଋତୁରାଜ ଗାୟକ୍‌ୱାର୍ଡ ଶୂନ୍ୟରେ ଆଉଟ ହୋଇଥିଲେ। ସେହିପରି ଦୀପକ ହୁଡା ୪, ସାମ କୁରାନ୍ ୮, ଶିବମ୍ ଦୁବେ ୧୯,ରବିନ୍ଦ୍ର ଜାଡେଜା ୨୫, ରବିନ୍ଦ୍ରଚନ୍ଦ୍ର ଅଶ୍ୱିନୀ ୧୧ ଏବଂ ପୂର୍ବତନ ଅଧିନାୟକ ମହେନ୍ଦ୍ରସିଂ ଧୋନି ୧୬ ବଲ୍‌ରୁ ୩୦ ରନ୍ କରିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇନଥିଲା। ଦଳ ପକ୍ଷରୁ ରଚିନ୍ ରବିନ୍ଦ୍ର ସର୍ବାଧିକ ୪୧ ରନ୍ କରିଥିଲେ। ରୟାଲ ଚାଲେଞ୍ଜ ବାଙ୍ଗାଲୋର ପକ୍ଷରୁ ଭୁବନେଶ୍ୱର କୁମାର ୧ୱିକେଟ, ଜୋସ୍ ହେଜଲଉଡ୍ ୩, ୟସ୍ ଦୟାଲ୨, ଲିୟାମ ଲିଭିଂଷ୍ଟୋନ ୨ ୱିକେଟ ଅକ୍ତିଆର କରିଥିଲେ।

## ନଭେମ୍ବର ୨୮ ରୁ ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ୍




ଚେନ୍ନାଇ: ଚେନ୍ନାଇ ଓ ମଦୁରାଇରେ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଖେଳାଯିବା ନେଇ ହକି ଇଣ୍ଡିଆ ସଭାପତି ଦିଲିପ ତିର୍କୀ ଶୁକ୍ରବାର ଏହି ଘୋଷଣା କରିଛନ୍ତି। ଟାଇଟଲ ଲଢେଇରେ ପ୍ରଥମ ଥର ୨୪ଟି ଦଳ ଭାଗ ନେଉଛନ୍ତି। ଭାରତରେ ତୃତୀୟ ଥର ପାଇଁ ଏହି ଟୁର୍ନାମେଣ୍ଟ ଅୟୋଜନ ହେବାକୁଯାଉଛି। ପୂର୍ବରୁ ୨୦୧୬ ଓ ୨୦୨୧ରେ ଭୁବନେଶ୍ୱର ଓ ଲକ୍ଷ୍ନୌରେ ଆୟୋଜିତ ହୋଇଥିଲା। ଭୁବନେଶ୍ୱରରେ ଭାରତ ଚାମ୍ପିୟନ ହୋଇଥିଲା। ୨୦୨୧ରେ ଆର୍ଜେଣ୍ଟିନା ଟାଇଟଲ ବିଜୟୀ ହୋଇଥିଲା। ୨୦୨୩ରେ ଗତ ସଂସ୍କରଣ କୁଆଲାଲମ୍ପୁରରେ ଖେଳାଯାଇଥିଲା। ଏଥିରେ ଭାରତ ସେମିଫାଇନାଲ ଓ ବ୍ରୋଞ୍ଜ ପଦକ ପ୍ଲେଅଫ୍ ହାରି ଚତୁର୍ଥ ସ୍ଥାନରେ ରହିଥିଲା।

## ଜାତୀୟ ରେକର୍ଡ କଲେ ଗୁରିନ୍ଦରବୀର




ବେଙ୍ଗାଲୁରୁ: ଗୁରିନ୍ଦରବୀର ସିଂ ରେକର୍ଡ ବୁକ୍‌ରେ ସ୍ଥାନ ପାଇଛନ୍ତି। ବେଙ୍ଗାଲୁରୁରେ ଚାଲିଥିବା ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ସେ ୧୦.୨୦ ସେକେଣ୍ଡ ଟାଇମିଂରେ ପୁରୁଷ ୧୦୦ ମିଟର ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ପଞ୍ଜାବର ଏହି ୨୪ ବର୍ଷୀୟ ସ୍ପ୍ରିଣ୍ଟର ମଣିକାନ୍ତ ହୋବ୍ ଲିଧରଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ମଣିକାନ୍ତ ୨୦୨୩ ଅକ୍ଟୋବରରେ ୧୦.୨୩ ଟାଇମିଂରେ ରେକର୍ଡର ଅଧିକାରୀ ହୋଇଥିଲେ। ଗୁରିନ୍ଦରବୀରଙ୍କ ପୂର୍ବ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୨୦୨୧ରେ ୧୦.୨୭ ସେକେଣ୍ଡ ରହିଥିଲା। ସେ ୧୦.୨୨ ଟାଇମିଂରେ ସ୍ୱଳ୍ପ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଗୁରିନ୍ଦରବୀର ପୂର୍ବରୁ ୨୦୨୧ ଓ ୨୦୨୪ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍ ସମେତ ୨୦୨୪ ଫେଡେରେଶନ କପ୍‌ରେ ୧୦୦ ମିଟରରେ ସ୍ୱର୍ଣ୍ଣ ଜିତିଛନ୍ତି।

## ଆର୍‌ଏସ୍‌ପିର ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଯାପିତ






ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କର୍ମଚାରୀଙ୍କ ପାଇଁ ଏକ ୩ ଦିନିଆ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ସେକ୍ଟର-୨୦ସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ସମାରୋହରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ଏବଂ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ବି ଆର ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଅନିଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଏସ ପାଲ ଚୌଧୁରୀଙ୍କ ସମେତ ବହୁ ସିଜିଏମ ଏବଂ କାରଖାନାର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ବର୍ମା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତ ଦଳଙ୍କୁ ଦଳଗତ ଓ ପ୍ରକୃତ ଖେଳୁଆଡ ମନୋଭାବ ସହିତ ଖେଳିବା ଏବଂ ସେମାନଙ୍କର ସର୍ବୋତ୍ତମ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ, ୪୫ ବର୍ଷରୁ କମ୍ ମହିଳା ସିଙ୍ଗଲ୍ସ ବର୍ଗରେ ନୂତନ ପ୍ଲେଟ ମିଲ ବିଭାଗର ମ୍ୟାନେଜର, ନିବେଦିତା ବେହେରା,ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଥିଲେ। ପ୍ରୋଜେକ୍ଟ ଏବଂ ଆଧୁନିକୀକରଣ ବିଭାଗର ଓସିଟି, ସୁଶ୍ରୀ ଶର୍ମିଷ୍ଠା ପାଲ ଏହି ଇଭେଣ୍ଟର ରନର୍ସ-ଅପ୍ ହୋଇଥିଲେ। ସେହିପରି ୪୫ ବର୍ଷରୁ ଉର୍ଦ୍ଧ ମହିଳା ସିଙ୍ଗଲ୍ସ ବର୍ଗରେ, ପିଡି ବିଭାଗର ଡିଜିଏମ ସୁଶ୍ରୀ ଶାନ୍ତି କୁମାରୀ, ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଥିବାବେଳେ ଏଚଆର ମେଡ଼ିକାଲ ବିଭାଗର ସିନିୟର ଏକ୍ସକ୍ୟୁଟିଭ ଆସିଷ୍ଟାଣ୍ଟ ସୁଶ୍ରୀ ରଞ୍ଜିତ କୌର ଇଭେଣ୍ଟର ରନର୍ସ-ଅପ୍ ହୋଇଥିଲେ। ସେହିପରି, ୪୫ ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ ବର୍ଗରେ, ନୂତନ ପ୍ଲେଟ ମିଲ ବିଭାଗର ସିନିୟର ମ୍ୟାନେଜର ନବୀନ ରାଜଭାରପୁ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଥିଲେ। କୋକ ଓଭେନ ବିଭାଗର ଏଜିଏମ, ଏନଏମକେ ସ୍ୱାମୀ, ଏହି ଇଭେଣ୍ଟର ରନର୍ସ-ଅପ୍ ହୋଇଥିଲେ। ସେହିପରି ୪୫ ବର୍ଷରୁ ଉର୍ଦ୍ଧ ପୁରୁଷ ସିଙ୍ଗଲ୍ସ ବର୍ଗରେ, ଏସଏମଏସ -୨ ବିଭାଗର ଜିଏମ, ବିଭୁଦତ୍ତ ମିଶ୍ର, ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଥିବା ବେଳେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ବି ଆର ପଲାଇ ଇଭେଣ୍ଟର ରନର୍ସ-ଅପ୍ ହୋଇଥିଲେ । ଅନୁରୂପ ଭାବେ ମହିଳା ଡବଲ୍ସ ୪୫ ବର୍ଷରୁ କମ୍ ବର୍ଗରେ ହଟ ସ୍ଟ୍ରିପ ମିଲ -୨ ବିଭାଗର ମ୍ୟାନେଜର ସୁଶ୍ରୀ ରୀତା ମୁର୍ମୁ, ଏବଂ ସିସିଡବ୍ଲ୍ୟୁ ବିଭାଗର ଏଜିଏମ ସୁଶ୍ରୀ ଦିବ୍ୟା ଦାଶଙ୍କ ଦଳ ବିଜେତା ହୋଇଥିବା ବେଳେ ବଲାଣି ଓର ମାଇନ୍ସ ର ଏସିଟି, ସୁଶ୍ରୀ ଇପ୍ସିତା ସାହୁ ଏବଂ ପିଡି ବିଭାଗର ଏସିଟି, ସୁଶ୍ରୀ ସୁମନ ଯୋଗେଶଙ୍କ ଦଳ ରନର୍ସ ଅପ୍ ହୋଇଥିଲା। ସେହିପରି, ପୁରୁଷ ଡବଲ୍ସ ୪୫ ବର୍ଷରୁ ଅଧିକ ବର୍ଗରେ ମେଡ଼ିକାଲ ବିଭାଗର ଅତିରିକ୍ତ ସିଏମଓ ଡକ୍ଟର ମନୋଜ କୁମାର ପ୍ରଧାନ ଏବଂ ମେଡ଼ିକାଲ ବିଭାଗର ସିନିୟର ୱାର୍ଡ ଆଟେଣ୍ଡାଣ୍ଟ, ସୁନିଲ ବେହେରାଙ୍କ ନେଇ ଗଠିତ ଦଳ ବିଜେତା ହୋଇଥିବା ବେଳେ ବେଳେ ପ୍ରୋଜେକ୍ଟ ଏବଂ ଆଧୁନିକୀକରଣ ବିଭାଗର ସିନିୟର ଏକଜିକ୍ୟୁଟିଭ୍ ଆସିଷ୍ଟାଣ୍ଟ, ରମେଶ ଚନ୍ଦ୍ର ପସାୟତ ଏବଂ କୋକ୍ ଓଭନ୍ ବିଭାଗର ସିନିୟର ମ୍ୟାନେଜର ରମେଶ ଚନ୍ଦ୍ର ବେହେରାଙ୍କ ଦଳ ରନର୍ସ ଅପ୍ ହୋଇଥିଲା। ପୁରୁଷ ଡବଲ୍ସ ୪୫ ବର୍ଷରୁ କମ୍ ବର୍ଗରେ ଟି ଏଣ୍ଡ ଆରଏମ ବିଭାଗର ସିନିୟର ଟେକ୍ନିସିଆନ୍, ମହମ୍ମଦ ରସିଦ ଏବଂ ବ୍ଲାଷ୍ଟ ଫରନେସ ବିଭାଗର ଟେକ୍ନିସିଆନ୍, ତାପସ ସ୍ୱାଇଁଙ୍କ ଦଳ ବିଜେତା ହୋଇଥିବା ବେଳେ ବିଆଇଏମର ଫିଲ୍ଡ ମେକାନିକ୍ ଅପରେଟର, କେ.ଡି.ସାହା ଏବଂ ଓସିଟି, ବିଜୟ ମୁଣ୍ଡାଙ୍କ ଦଳ ରନର୍ସ ଅପ୍ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ପିଏଚ୍, ଏସ୍ ଆଣ୍ଡ ଡବ୍ଲ୍ୟୁ ବିଭାଗର ଜିଏମ ଜେ.ପି.ମିଶ୍ର, ଏଚ ଆର ବିଭାଗର ଜିଏମ, ଏସ୍ ବଡ଼ପଣ୍ଡା, କ୍ରିଡା ବିଭାଗର ଡେପୁଟି ମ୍ୟାନେଜର ଆର ପାଢୀଙ୍କ ଦ୍ୱାରା ସଂଯୋଜନା କରାଯାଇଥିଲା। ଉଦ୍ୟାନ କୃଷି ବିଭାଗର ସିନିୟର ମ୍ୟାନେଜର ଡକ୍ଟର ସତ୍ୟନାରାୟଣ ମିଶ୍ର, ଏଇ ଉଦଯାପନୀ ଉତ୍ସବର ପରିଚାଳନା କରିଥିଲେ।


**Jharkhand Urja Sancharan Nigam Ltd.**
(CIN: U40108JH2013SGC001704)
Regd. Office: 2nd Floor, JUSNL (SLDC) Building, Kusai Colony, Doranda, Ranchi-02
(E-mail:cetjusnl@gmail.com)

**TENDER CANCELLATION NOTICE**

Due to unavoidable circumstances, tender invited vide NIT no. 550/PR/JUSNL/2024-25 for Design, Engineering, supply, erection, testing & commissioning of line differential protection in under construction 400 kV D/C QM Katia – Patratu Transmission line on turnkey basis is hereby cancelled.

स्वहित एवं राष्ट्रहित में ऊर्जा बचावें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।

PR No. 348353

Sd/-
General Manager,
C&M (NWBP)

PR 349457 (Jharkhand Urja Sancharan Nigam Ltd) 24-25 (D)

**OFFICE OF THE EXECUTIVE ENGINEER**
**BUILDING CONSTRUCTION DEPARTMENT**
**BUILDING DIVISION, HAZARIBAG**

e-Procurement Cell
e-Procurement Notice

Tender Reference No:-BCD/EE/HAZARIBAG/ 77 /2024-25 Date:- 27-03-2025

| Sl.No | Name of Work | Estimated Cost | Earnest Money | B.O.Q Rate | Time of completion |
|---|---|---|---|---|---|
| 1 | Proposed Construction Of 50 Bedded Hostel for Madarsa Hussania Education and Welfare Trust at Block - Katkamsandi, Vill- Pelawal, Hazaribagh For The Year 2024-2025 | 29577000/- | 592000/- | 10000/- | 9 Month |

| | | |
|---|---|---|
| A. | Date of Publication of Tender on website | 04-04-2025 |
| B. | Last date/Time for receipt of bids | 16-04-2025 03.00 PM |
| C. | Name & address of office Inviting tender | Office of the Executive Engineer, Building Construction Department, Building Division,Hazaribag |
| D. | Contact no. of Procurement officer | 9348952485 |
| E. | Helpline number of e-Procurement cell | 06546-225723 |

*Further details and subsequent amendments can be seen on website* http://jharkhandtenders.gov.in

Nodal Officer,
e-Procurement Cell,
Office of the Executive Engineer,
Building Construction Department,
Building Division, Hazaribag

PR 349525 (Building) 24-25 (D)

**e- Procurement Cell**
**OFFICE OF THE EXECUTIVE ENGINEER,**
**BUILDING CONSTURCTION DEPARTMENT**
**DIVISION NO-2, RANCHI, JHARKHAND**

ई – प्रोक्योरमेन्ट नोटिस

Tender Reference No-26/ 2024-25/ EE/ BCD/ Div-2, Ranchi Date:-29.03.2025

| क0स0 | कार्य का नाम | प्राक्कलित राशि (रू0) | कार्य पूर्ण करने की अवधि |
|---|---|---|---|
| 1. | Finishing & Furnishing Work in New Minister's Bungalow at Smart City Ranchi for the year 2024-25 | ₹ 12,94,02,100.00 | 04 महीना |
| 2. | वेबसाईट पर निविदा प्रकाशन की तिथि | 11-04-2025 | |
| 3. | बिड प्राप्ति के लिए अन्तिम तिथि/ समय | 21-04-2025 को अपराह्न 1.00 बजे | |
| 4. | निविदा खोलने की तिथि/समय/स्थान | 22-04-2025 को अपराह्न 1.00 बजे Room No- 326 A, 3rd Floor, Building Construction Department, Jharkhand Mantralaya, Dhurwa, Ranchi | |
| 5. | निविदा प्रकाशित करने वाले कार्यालय का नाम एवं पता | Building Construction Department, Division No- 2, Ranchi. | |
| 6. | प्रोक्योरमेंट पदाधिकारी का सम्पर्क संख्या | 6203309676 | |
| 7. | ई–प्रोक्योरमेंट सेल का हेल्पलाईन संख्या | 7992430721 | |

Note- Cost of Bidding Document ( Not Refundable ) & Bid Security ( Security Deposit) Shall be Payable online through http: //Jharkhandtenders. Gov.in
Any Change can be seen on Website
h t t p : / / j h a r k h a n d t e n d e r s . g o v . i n
Any other information can be seen on http:jharkhandtenders. gov.in

Nodal Officer,
e- Procurement Cell
OFFICE OF THE EXECUTIVE ENGINEER,
BCD, DIVISION NO-2, RANCHI

PR 349516 (Building)24-25*D

**ई - प्रोक्योरमेन्ट सेल, कार्यपालक अभियंता का कार्यालय,**
**भवन निर्माण विभाग, भवन प्रमण्डल, साहेबगंज**
ई०मेल आई०डी०. exenbcd816109@gmail.com मो० नं०– 7903452842

ई– प्रोक्योरमेन्ट नोटिस

**e – Tender reference no. BCD, SAHIBGANJ/07F2/2024-25 Date- 27.03.2025**

1. कार्य की विवरणी:–

| क | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | बेबसाइट में ई–निविदा प्रकाशन की तिथि | ई–निविदा प्राप्ति की अंतिम तिथि | ई–निविदा खोलने की तिथि | कार्य पूर्ण करने की अवधि | निविदा खोलने का स्थान |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | Proposed Construction of Bar Association Building, Sahibganj | 4,58,24,949.00 | 4,59,000.00 | 10000.00 | 08.04.2025 (पूर्वाहन् 11:00 बजे से) | 21.04.2025 (पूर्वाहन् 11:00 बजे तक) | 22.04.2025 (अपराहन् 11:00 बजे) | 12 माह | ई– प्रोक्योरमेन्ट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड़, राँची। |

नोटः– 1. केवल ई– निविदा ही स्वीकार किया जायेगा।
2. प्राक्कलित राशि घट बढ़ सकती है। अग्रघन की राशि परिमाण विपत्र की राशि के अनुसार होगी।
3. परिमाण विपत्र एवं EMD की राशि केवल online माध्यम से ही स्वीकार होगा। online माध्यम से किये गये भुगतान की पावति बेबसाइट पर आवश्यक रुप से अपलोड करेंगे।
4. निविदा शुल्क एवं अग्रधन की राशि का ई–भुगतान जिस खाता से किया जायगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबाबदेही संबंधित निविदादाता की होगी।
5. विस्तृत जानकारी के लिए http://jharkhandtenders.gov.in_ पर लॉग ऑन करे ।

PR.NO.349449 Building(24-25):D

कार्यपालक अभियंता, भवन प्रमंडल, साहेबगंज।

**Office of The Executive Engineer**
**Planning & Investigation Division, Road Construction Department,**
**Nirupan Bhawan, Third Floor, Doranda, Ranchi-834002**
**Email id :- eercdpiranchi-jhr@nic.in**

Letter No- Dated -

Corrigendum

Name of Work:- **Consultancy Services for Preparation of Feasibility Study Report to ease the Traffic System of Redma Chowk,Daltonganj situated at junction of Daltonganj-Lesliganj-Panki (SH 10) and NH-75 in Palamu District in State of Jharkhand.**
e-Tender reference No.:-RCD/PID/RANCHI/20/2024-25
Advertisement No.:-PR 348943 Road (24-25)_D
Class of Bidding:-Consultants empanelled under category-I&II vide R.C.D Letter No.:-3063(S)WE, dtd. 22.08.2022 is allowed to BID.

| Sl. No. | Previously Published inNewspaper | Currently revisedas:- |
|---|---|---|
| 1 | In Previously Published Advertisement Consultants Empanelled under Category- I Were Allowed to Bid. | Consultants Empanelled under Category- I&II are Allowed to Bid. |

Note:- All other terms and conditions will remain unchanged.
For more information Please visit the Site-: http://jharkhandtenders.gov.in

Executive Engineer,
Planning & Investigation Division,
Road Construction Department, Ranchi.

PR 349448 Road(24-25).D

**OFFICE OF THE EXECUTIVE ENGINEER**
**BUILDING CONSTRUCTION DEPARTMENT**
**BUILDING DIVISION, HAZARIBAG**
**e-Procurement Cell**

e-Procurement Notice

Tender Reference No:-BCD/EE/HAZARIBAG/ 76 /2024-25 Date:- 27-03-2025

| Sl. No | Name of Work | Estimated Cost | Earnest Money | B.O.Q Rate | Time of completion |
|---|---|---|---|---|---|
| 1 | Proposed Construction of 50 Bedded Hostel for Madarsa Jabra Al Jamaitul Hafizia at Block - Churchu, Vill- Indira, Hazaribagh, For The Year 2024-2025 | 29577600/- | 592000/- | 10000/- | 9 Month |

| | | |
|---|---|---|
| A. | Date of Publication of Tender on website | 04-04-2025 |
| B. | Last date/Time for receipt of bids | 16-04-2025 03.00 PM |
| C. | Name & address of office Inviting tender | Office of the Executive Engineer, Building Construction Department, Building Division,Hazaribag |
| D. | Contact no. of Procurement officer | 9348952485 |
| E. | Helpline number of e-Procurement cell | 06546-225723 |

**Further details and subsequent amendments can be seen on website** http://jharkhandtenders.gov.in

Nodal Officer,
e-Procurement Cell,
Office of the Executive Engineer,
Building Construction Department,
Building Division, Hazaribag

PR 349523 Building(24-25).D

**OFFICE OF THE EXECUTIVE ENGINEER**
**BUILDING CONSTRUCTION DEPARTMENT**
**BUILDING DIVISION, HAZARIBAG**

e-Procurement Cell
e-Procurement Notice

Tender Reference No:-BCD/EE/HAZARIBAG/ 78 /2024-25 Date:- 27-03-2025

| Sl. No | Name of Work | Estimated Cost | Earnest Money | B.O.Q Rate | Time of completion |
|---|---|---|---|---|---|
| 1 | **Proposed Construction of District Bar Council Building in the District Hazaribag** | 49272800/- | 986000/- | 10000/- | 12 Month |

| | | |
|---|---|---|
| A. | Date of Publication of Tender on website | 08-04-2025 |
| B. | Last date/Time for receipt of bids | 21-04-2025 03.00 PM |
| C. | Name & address of office Inviting tender | Office of the Executive Engineer, Building Construction Department, Building Division,Hazaribag |
| D. | Contact no. of Procurement officer | 9348952485 |
| E. | Helpline number of e-Procurement cell | 06546-225723 |

*Further details and subsequent amendments can be seen on website* http://jharkhandtenders.gov.in

Nodal Officer,
e-Procurement Cell,
Office of the Executive Engineer,
Building Construction Department,
Building Division, Hazaribag

PR 349528 Building (24-25)_D

**Government of Jharkhand**
**URBAN DEVELOPMENT AND HOUSING DEPARTMENT**
**STATE URBANDEVELOPMENT AGENCY**
RFP No.: 07/NV/Reform (Audit)01-2015- (Part 1)- 08 Date: 28/03/2025

**REQUEST FOR PROPOSAL**
**(E- Procurement Notice)**

| | | |
|---|---|---|
| 1. | Name of the Work | **Selection of CAG empaneled Chartered Accountant Firms for Audit of Books & Accounts in 49 Urban Local Bodies(ULBs),Jharkhand ( Package 1, 2, 3, 4 & 5)** |
| 2. | Descriptions and Objectives of the Assignments | Audit of Books and Accounts from FY 2023-24 to next two Financial Years like Cash Book, Ledger, Assets Register all Subsidiary Register, Balance Sheet, Financial Statement, Receipt Payment A/C, Income & Expenditure A/C, physical verification of Assets & Stocks and all relevant records of the concern ULB. |
| 3. | Language of Documentation | English |
| 4. | Mode of submission of bids | e-Tendering (https://jharkhandtenders.gov.in) |
| 5. | Cost of Tender Document & Processing Fee (In INR) | **Cost of Tender Document:** 2000.00 *(Rs. Two Thousand only) for each package.* **Bid Security/EMD:** 10,000 *(Rs. Ten thousand only) for each package. Or NSIC Certificate for MSME Companies.* |
| 6. | No. of Package | 5 different Packages. |
| 7. | Method of Selection | Quality and Cost Based Selection (QCBS) Method.Wherein 70% weightage will be given to the technical proposal and 30% to the financial proposal. |
| 8. | Time Period | 2 Months for one financial year. |
| 9. | Minimum Audit Fees per ULB per year | Rs. 50,000.00/- for Nagar Nigam and Notified Area. Rs 35,000/- for Nagar Parishad. Rs 25,000/- for Nagar Panchayat. (Excluding GST) |
| 10. | Online availability of Tender will start from | **28/03/2025 at 16:00 Hrs from** www.jharkhandtenders.gov.in / **udhd.jharkhand.gov.in (Tender link)** |
| 11. | Last date for submission of pre-bid queries through email. | **04/04/2025 till 14:00 Hrs at** (suda.goj@gmail.com) |
| 12. | Last Date/Time for submission of Online Bids | **16/04/2025 by 15:00 Hrs** |
| 13. | Date of Technical Bid Online Opening | **17/04/2025 at 16:00 Hrs** |
| 14. | Bid Submission address ( Online) | **https://jharkhandtenders.gov.in ( E-Tendering)** |
| 15. | Helpline no. | 0651-2446640 |

Sd/-
Director
State Urban Development Agency,
Urban Development and Housing Department, Jharkhand

PR 349506 (Urban Development) 24-25 (D)

**e-Procurement Cell**
**Office of the Executive Engineer,**
**Building Construction Department, Building Division, Khunti**

e-Procurement Notice
(Very Short Tender)

**Tender Ref. No.-BCD/EE,Building Div.Khunti-28/2024-25 Date:-28.03.2025**

| क्र० | कार्य का नाम | प्राक्कलित राशि | कार्य पूर्ण करने की अवधि |
|---|---|---|---|
| 1. | Proposed Construction of Bar Council Building in Khunti, dist- Khunti for the year 2024-25. | Rs. 3,49,46,000.00 | 11 (Eleven) Months |
| i | वेबसाईट पर निविदा प्रकाशन की तिथि/समय | 08-04-2025 को 11:00 AM | |
| ii | बिड प्राप्ति के लिए अन्तिम तिथि/समय | 21-04-2025 को 03:00 PM | |
| iii | निविदा खोलने की तिथि/समय/स्थान | 22-04-2025 को 11:00 AM ई–प्रोक्योरमेंट सेल,मुख्य अभियंता का कार्यालय, भवन निर्माण विभाग, लाईन टैंक रोड, राँची। | |
| iv | निविदा प्रकाशित करने वाले कार्यालय का नाम एवं पता | Office of the Executive Engineer, Building Construction Department, Building Division, Khunti | |
| v | प्रोक्योरमेंट पदाधिकारी का सम्पर्क संख्या | 7739288270 | |
| vi | ई–प्रोक्योरमेंटसेल का हेल्पलाईन संख्या | 7739288270 | |

• इस निविदा से संबंधित किसी भी प्रकार की सूचना/बदलाव/संशोधन का अवलोकन किया जा सकता है।
Note : New Updated UCAN Registration is mandatory for all Bidders.

Nodal Officer,
e-Procurement Cell,
Office of the Executive Engineer,
Building Construction Department,
Building Division, Khunti.

PR 349501 Building(24-25).D



ମାଆମାନେ ପିଲାମାନଙ୍କୁ ଅନେକ ସମୟରେ ଟିଫିନ୍ ରେ ପ୍ୟାକେଡ୍ ଜୁସ ଦିଅନ୍ତି । ସେମାନେ ଅନୁଭବ କରନ୍ତି ଯେ ଏହା ଶିଶୁକୁ ଶକ୍ତିରେ ପରିପୂର୍ଣ୍ଣ ରଖିବ ଏବଂ ତାଙ୍କ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ହେବ। କିନ୍ତୁ ବାସ୍ତବରେ ଏହା କରିବା ଦ୍ୱାରା ଆପଣ ଜାଣିଶୁଣି ପିଲାମାନଙ୍କର ସ୍ୱାସ୍ଥ୍ୟ ସହିତ ଖେଳୁଛନ୍ତି । ସେଥିପାଇଁ ତୁମେ ସତର୍କ ହେବା ଆବଶ୍ୟକ । ଆସନ୍ତୁ ଜାଣିବା ଜୁସ ପିଇବା ଦ୍ୱାରା କଣ କ୍ଷତି ହେଇଥାଏ । ପ୍ୟାକେଜ୍ ରସରେ ପ୍ରିଜୋବେଟୀଭ ମିଳିଥାଏ, ଯାହା ଶରୀରରେ ଚର୍ବି ବଢ଼ାଇବା ପାଇଁ କାମ କରିଥାଏ । ଏହା ସ୍ନାୟୁ ପ୍ରଣାଳୀ ଉପରେ ମଧ୍ୟ ଖରାପ ପ୍ରଭାବ ପକାଇଥାଏ । ଯଦି ଆପଣ ପ୍ୟାକେଜ୍ ଜୁସ ପିଉଛନ୍ତି, ତେବେ ଗ୍ୟାସ୍ କିମ୍ବା ଅମ୍ଳତା ସମସ୍ୟା ହୋଇପାରେ । ପ୍ୟାକେଟର ଫଳ ରସ ବହୁତ ମିଠା। ଏହା ଶରୀରର ସୁଗାର ସ୍ତରକୁ ବଢେଇପାରେ । ବଜାରରେ ଉପଲବ୍ଧ ପ୍ୟାକେଜ୍ ଜୁସ୍ ସେଥିରେ ଅତିରିକ୍ତ ସୁଗାର ମିଶାଇ ବିକ୍ରି ହୁଏ । ଯଦି ଆପଣ ଏହାକୁ ପ୍ରତିଦିନ ବ୍ୟବହାର କରନ୍ତି, ତେବେ ଓଜନ ଦ୍ରୁତ ଗତିରେ ବଢିପାରେ। ପ୍ୟାକ୍ ହୋଇଥିବା ଏବଂ ସ୍ୱାଦଯୁକ୍ତ ଫଳ ରସରେ କ୍ୟାଡମିୟମ୍,ଜୈବିକ, ଆର୍ସେନିକ୍ ଏବଂ ମର୍କୁର କିମ୍ବା ସୀସା ରହିଥାଏ, ଯାହା ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ଅଟେ । ଅଧିକାଂଶ ପ୍ୟାକେଜ୍ ହୋଇଥିବା ଫଳ ରସରେ, ଫଳର ପରିମାଣ ମାତ୍ର ୨୫ ପ୍ରତିଶତ । ଏହା ଗ୍ୟାସ୍, ପେଟ ଯନ୍ତ୍ରଣା, ଝାଡା ଭଳି ସମସ୍ୟା ସୃଷ୍ଟି କରିପାରେ ।

## ଚୁମ୍ଙ୍କ ପ୍ରେମରେ କରଣବୀର





'ବିଗ୍ ବସ୍ ୧୮'ରେ କରଣବୀର ମେହେରା ଏବଂ ଚୁମ୍ ଦରାଙ୍ଗଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଦୁହେଁ ବାହାରକୁ ଆସିବା ପରେ ସେମାନଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର୍ ଧରିଲା। ପ୍ରଶଂସକମାନେ ସବୁବେଳେ ଚୁମ୍ ଏବଂ କରଣବୀରଙ୍କୁ ଏକାଠି ଦେଖିବାକୁ ଚାହାଁନ୍ତି। ଏବେ କରଣବୀର ତାଙ୍କ ସମ୍ପର୍କକୁ ନେଇ ଖୁଲାସା କରିଛନ୍ତି। କରଣ ଏକ ସାକ୍ଷାତକାରରେ କହିଛନ୍ତି - ଆମ ସମ୍ପର୍କ ବନ୍ଧୁତା ଏବଂ ରୋମାନ୍ସ ଭିତରେ ଅଛି। ବାସ୍ତବ ଜୀବନରେ ଆମେ ବିଗ୍ ବସ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ବାସ୍ତବ ଜୀବନରେ ଆମେ ୨୪ ଘଣ୍ଟା ଏକାଠି ହୋଇପାରିବା ନାହିଁ। କରଣ ଆହୁରି କହିଛନ୍ତି - ଆମ ମଧ୍ୟରେ ବହୁତ ବୟସର ବ୍ୟବଧାନ ଅଛି। ଏହି କାରଣରୁ ଆମେ ପର୍ଯ୍ୟାୟ କ୍ରମେ ଆଗକୁ ବଢୁଛୁ। କରଣ କହିଛନ୍ତି - ବର୍ତ୍ତମାନ ଆମେ ଆମର କାମ ଏବଂ ବନ୍ଧୁତା ଉପରେ ଧ୍ୟାନ ଦେଉଛୁ ଏବଂ ପରବର୍ତ୍ତୀ ସମୟରେ କ'ଣ ହେବ ତାହା ଜାଣି ନାହୁଁ। ତାଙ୍କର ପୁରୁଣା ସମ୍ପର୍କ ଏବଂ ବିବାହ ବିଷୟରେ ମନେପକାଇ କରଣ କହିଛନ୍ତି ଯେ ବିବାହ ଏବଂ ସମ୍ପର୍କ ସଫଳ ହେବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। କରଣ ଏବଂ ଚୁମ୍ ପ୍ରାୟତଃ ଏକାଠି ପାର୍ଟି କରୁଥିବା ଦେଖାଯାଆନ୍ତି। ଉଭୟଙ୍କ ଅନେକ ଫଟୋ ମଧ୍ୟ ଭାଇରାଲ୍ ହୁଏ। କରଣ ଏବଂ ଚୁମ୍ ବର୍ତ୍ତମାନ ସେମାନଙ୍କ କାମ ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ଉଭୟ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଶଂସକଙ୍କ ସହ ଯୋଡି ହୁଅନ୍ତି ଏବଂ ସେମାନଙ୍କ କାମକୁ ନେଇ ଅପଡେଟ୍ ଦିଅନ୍ତି।



## ଘରେ ତିଆରି କରନ୍ତୁ 'ପନିର ଚଟପଟି'


ଆବଶ୍ୟକ ସାମଗ୍ରୀ: ପନିର, କଟା ପିଆଜ, କଟା ରସୁଣ, କଟା ଅଦା, କଟା କଞ୍ଚାଲଙ୍କା, ପିଆଜ-ଅଦା-ରସୁଣ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ଟମାଟୋ ସସ୍, ଚିଲି ସସ୍, ଖାଇବା କଲର, ଗରମ ମସଲା ଗୁଣ୍ଡ ଓ ତେଲ।


**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିରକୁ ଛୋଟ ଛୋଟ ପିସ୍ କରି କାଟି ଦିଅନ୍ତୁ। ତେଲ ଗରମ କରି ଏଗୁଡ଼ିକୁ ଲାଲ୍ ହେବା ଯାଏ ଭାଜି ଏକ ପାତ୍ରରେ କାଢ଼ି ରଖନ୍ତୁ।ଏବେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜ, କଟା ରସୁଣ, କଟା ଅଦା, କଟା କଞ୍ଚାଲଙ୍କା ପକାଇ ହାଲକା ଭାଜନ୍ତୁ। ଏଥିରେ ପିଆଜ-ଅଦା-ରସୁଣ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ଅଳ୍ପ ଟମାଟୋ ସସ୍ ଓ ଅଳ୍ପ ଚିଲି ସସ୍ ପକାଇ ଭଲ ଭାବେ କଷି ଦିଅନ୍ତୁ। ପରେ କଲର ପାଉଡର ଅଳ୍ପ ପକାଇ ଦିଅନ୍ତୁ।

ମସଲା କଷି ହୋଇଗଲେ ଅଳ୍ପ ପାଣି ଦେଇ ଗରମ ମସଲା ଗୁଣ୍ଡ ପକାଇ ଭଜା ପନିରକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ମସଲା ଟିକେ ଶୁଖିଲା ହୋଇଗଲେ ଗ୍ୟାସ ଆଞ୍ଚକୁ ବନ୍ଦ କରି ଏହାକୁ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କର 'ପନିର ଚଟପଟି'। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।

## ଅଡୁଆରେ ଶ୍ରେୟସ

ବଲିଉଡ୍ ଅଭିନେତା ଶ୍ରେୟସ ତଲପଡେ ଅଡୁଆରେ ପଡ଼ିଛନ୍ତି। ଶ୍ରେୟସ ତଲପଡ଼େଙ୍କ ସମେତ ଅନ୍ୟ ୧୫ ଜଣଙ୍କ ବିରୋଧରେ ଠକେଇ ମାମଲା ରୁଜୁ ହୋଇଛି। ଉତ୍ତର ପ୍ରଦେଶର ମହୋବାରେ ଥିବା ଏକ ଚିଟ୍ ଫଣ୍ଡ କମ୍ପାନୀରେ ଲୋକେ କୋଟି କୋଟି ଟଙ୍କା ଜମା କରିଥିଲେ। ଲୋକଙ୍କଠାରୁ ଟଙ୍କା ପାଇବା ପରେ ଏହି କମ୍ପାନି ବନ୍ଦ ହୋଇଯାଇଥିଲା । ଏହା ପରେ ଠକେଇ ନେଇ ଏକ ମାମଲା ରୁଜୁ ହୋଇଛି। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, କମ୍ପାନିର ପ୍ରମୋଟର ଥିଲେ ଶ୍ରେୟସ ତଲପଡ଼େ । ମହୋବାରେ ଏହି ଚିଟ୍ ଫଣ୍ଡ କମ୍ପାନି 'ଦି ଲୋନି ଅର୍ବାନ ମଲ୍ଟି ଷ୍ଟେଟ୍ କ୍ରେଡିଟ୍ ଆଣ୍ଡ ଥ୍ରିଫ୍ଟ କୋଅପରେଟିଭ୍ ସୋସାଇଟି ଲିମିଟେଡ୍' ନାମରେ ପରିଚାଳିତ ହେଉଥିଲା। ଏହି କମ୍ପାନୀ ଶହ ଶହ ଲୋକଙ୍କୁ ଟଙ୍କା ଡବଲ୍ ନେଇ ପ୍ରତିଶ୍ରୁତି ଦେଇଥିଲା। କମ୍ପାନିରେ ଲୋକେ କୋଟି କୋଟି ଟଙ୍କା ଜମା କରିଥିଲେ । ଏହା ପରେ କମ୍ପାନି ବନ୍ଦ ହୋଇଯାଇଥିଲା । ଏହି କମ୍ପାନୀ ମହୋବା ସଦର ମୁଖ୍ୟାଳୟରେ ୧୦ ବର୍ଷ ଧରି କାର୍ଯ୍ୟ କରିଥିଲା। ସୂଚନା ଅନୁସାରେ, ଅଭିନେତା ଶ୍ରେୟସ ତଲପଡ଼େଙ୍କ ସହିତ ସମୀର ଅଗ୍ରୱାଲ, ସାନିଆ ଅଗ୍ରୱାଲ, ଆରକେ ଶେଟ୍ଟି, ସଞ୍ଜୟ ମୁଦଗିଲ, ଲଳିତ ବିଶ୍ୱକର୍ମା, ଡାଲଚାନ୍ଦ କୁଶୱାହା, ସୁନୀଲ ବିଶ୍ୱକର୍ମା, ସଚିନ ରାଇକୱାର, କମଲ ରାଇକୱାର, ସୁନୀଲ ରାଇକୱାର, ମହେଶ ରାଇକୱାର, ମୋହନ କୁଶୱାହା, ଜିତେନ୍ଦ୍ର ନାମଦେବ, ନାରାୟଣ ସିଂହ ରାଜପୁତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। କୋଟି କୋଟି ଟଙ୍କାର ଠକେଇ ଯୋଗୁଁ ସବୁଠି ହଇଚଇ ସୃଷ୍ଟି ହୋଇଛି ।





# କୋଲେଷ୍ଟ୍ରୋଲ୍
## ପାଞ୍ଚଟି ଜାଣିବା କଥା

*ଶରୀର ପାଇଁ କୋଲେଷ୍ଟ୍ରୋଲ ଅତ୍ୟନ୍ତ ଆବଶ୍ୟକ। କୋଷିକା ଝିଲ୍ଲିର ଏହା ଏକ ଆବଶ୍ୟକ ପଦାର୍ଥ ହୋଇଥିବା ବେଳେ ଶରୀରର ଷ୍ଟେରଏଡ଼ ହରମୋନ, ପୀତ ଅମ୍ଳ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନର ସମନ୍ୱୟରେ ଏହା ସହାୟକ ହୋଇଥାଏ। କୋଲେଷ୍ଟ୍ରୋଲ ମୁଖ୍ୟତଃ ଦୁଇ ପ୍ରକାରର। ଗୋଟିଏ ହେଲା ଖରାପ କୋଲେଷ୍ଟ୍ରୋଲ (ଭିଏଲଡିଏଲ ଏବଂ ଏଲଡିଏଲ) ଏବଂ ଅନ୍ୟଟି ଭଲ କୋଲେଷ୍ଟ୍ରୋଲ (ଏଚଡିଏଲ)। ଶରୀରରେ ଅଧିକ ମାତ୍ରାରେ ଖରାପ କୋଲେଷ୍ଟ୍ରୋଲ ରହିଲେ ଆଥିରୋସ୍କ୍ଲିରୋସିସ୍ ହୋଇଥାଏ। ଅର୍ଥାତ୍ ହୃତପିଣ୍ଡ ଏବଂ ମସ୍ତିଷ୍କକୁ ସଂଯୋଗ କରୁଥିବା ଧମନୀରେ କୋଲେଷ୍ଟ୍ରୋଲ ଏବଂ ଚର୍ବିଜାତୀୟ ପଦାର୍ଥ ଜମା ହୋଇଯାଏ। ଫଳରେ ଧମନୀଗୁଡ଼ିକ ସଙ୍କୁଚିତ ହୋଇ ଏଥିରେ ରକ୍ତ ପ୍ରବାହ ଧୀର ବା ବନ୍ଦ ହୋଇଯାଏ। ଏହାଦ୍ୱାରା ଶରୀରର ଦୁଇ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କକୁ ରକ୍ତ ପ୍ରବାହ ବାଧାପ୍ରାପ୍ତ ହୋଇଥାଏ। ଅନ୍ୟପକ୍ଷରେ ଭଲ କୋଲେଷ୍ଟ୍ରୋଲ ବା ଉଚ୍ଚ ସାନ୍ଦ୍ରତାଯୁକ୍ତ ଲିପୋପ୍ରୋଟିନ୍ (ଏଚ୍‌ଡିଏଲ) ହାର୍ଟ ଆଟାକ୍ ବା ଷ୍ଟ୍ରୋକ୍‌ରୁ ରକ୍ଷା କରିଥାଏ। କୋଲେଷ୍ଟ୍ରୋଲ ସଂପର୍କରେ ଜାଣନ୍ତୁ ପାଞ୍ଚଟି କଥା...*


ଅଧିକାଂଶ କୋଲେଷ୍ଟ୍ରୋଲ ଶରୀର ହିଁ ତିଆରି କରେ। ଏହାର ସମନ୍ୱୟରେ ଦୈନିକ ପ୍ରାୟ ୧ ଗ୍ରାମ ବା କୋଲେଷ୍ଟ୍ରୋଲ୍‌ର ୮୫ ପ୍ରତିଶତ ଯକୃତ ଏବଂ ଅନ୍ତଃନଳୀ ସହାୟକ ହୋଇଥାଏ। ଶରୀରକୁ ସୁସ୍ଥ ରଖିବା ପାଇଁ ସାଧାରଣତଃ ଖାଦ୍ୟରେ ଅଳ୍ପ ପରିମାଣର, ପ୍ରାୟତଃ ୩୦୦ ମିଲିଗ୍ରାମର କୋଲେଷ୍ଟ୍ରୋଲ ଦରକାର ପଡ଼ିଥାଏ। ଅଧିକ ପରିମାଣର କ୍ୟାଲୋରି ପାଇଁ ପନିପରିବା, ଫଳ, ଶସ୍ୟ ଆଦି ଖାଇବା ଜରୁରୀ। ମାଂସାହାରୀମାନେ ସପ୍ତାହରେ ଅନ୍ତତଃପକ୍ଷେ ଦୁଇଥର ମାଛ ଖାଇବା ଉଚିତ। କାନୋଲା, କୁଣ୍ଡା, ବାଦାମ ଏବଂ ସୋରିଷ ତେଲ ଆଦି ଯଦିଓ ରୋଷେଇରେ ବ୍ୟବହାର କରାଯାଇପାରିବ ତଥାପି ଅଧିକ ମାତ୍ରାରେ ବ୍ୟବହାର କରିବା ଅନୁଚିତ। କାରଣ ଏଗୁଡ଼ିକରେ ଅଧିକ କ୍ୟାଲୋରି ରହିଛି।

କୋଲେଷ୍ଟ୍ରୋଲ ସଂଖ୍ୟାରୁ ଏହାର ବିପଦ ସ୍ପଷ୍ଟ ହୋଇନଥାଏ। ଏହା ଏକ ବୃହତ୍ତର ସମୀକରଣର ଅଂଶବିଶେଷ (ଯାହାକୁ ଆମେ ବିପଦ କାରକ ବୋଲି କହି ପାରିବା)। ବୟସ, ଲିଙ୍ଗ, ବର୍ଣ୍ଣ ଏବଂ ମଧୁମେହ, ରକ୍ତଚାପ ଭଳି ସ୍ୱାସ୍ଥ୍ୟବସ୍ଥା, ଧୂମପାନ ବା ତମାଖୁ ସେବନ ଅଭ୍ୟାସ ଏବଂ ଅବ୍ୟବସ୍ଥିତ ଜୀବନଶୈଳୀ ଦ୍ୱାରା ଏହା ପ୍ରଭାବିତ ହୋଇଥାଏ। ଏସବୁ ଦ୍ୱାରା ଜଣେ ବ୍ୟକ୍ତିକୁ ଆଗାମୀ ୧୦ ବର୍ଷ ମଧ୍ୟରେ ହୃଦରୋଗ ଜନିତ ବିପଦ କେତେ ମାତ୍ରାରେ ରହିଛି ତାହା ନିର୍ଦ୍ଧାରଣ ହେବା ସହ କି ପ୍ରକାର ଚିକିତ୍ସା ଆବଶ୍ୟକ ତାହା ସ୍ଥିର ହୋଇଥାଏ।

ଟ୍ରାଇଗ୍ଲିସେରାଇଡ୍‌ସର ମଧ୍ୟ ହୃଦରୋଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୋଲେଷ୍ଟ୍ରୋଲ ଭଳି ଏହା ମଧ୍ୟ ଚର୍ବିଜାତୀୟ ଉତ୍ପାଦ। ଅବ୍ୟବହୃତ କ୍ୟାଲୋରି ଏଠାରେ ଜମା ହୋଇ ରହେ ଏବଂ ଶରୀରକୁ ଶକ୍ତି ଯୋଗାଏ। ଖାଦ୍ୟ ଖାଇବା ପରେ ଅଧିକ କ୍ୟାଲୋରିକୁ ଶରୀର ଟ୍ରାଇଗ୍ଲିସେରାଇଡସ୍‌ରେ ପରିବର୍ତ୍ତନ କରିଥାଏ। ଏଗୁଡ଼ିକ ଚର୍ବି କୋଷରେ ଜମା ରହେ। ପରବର୍ତ୍ତୀ ସମୟରେ ଏହା ଶରୀରକୁ ଶକ୍ତି ଯୋଗାଇଥାଏ। କିନ୍ତୁ ଅଧିକ ଟ୍ରାଇଗ୍ଲିସେରାଇଡ୍‌ସ ଜମା ହୋଇ ରହିଲେ ଶରୀରରେ ଚର୍ବି ବୃଦ୍ଧି ପାଇ ଧମନୀ ବନ୍ଦ ହୋଇ ହୃଦ୍‌ରୋଗର ଆଶଙ୍କା ଦେଖାଦେଇଥାଏ। ମଧୁମେହ ଏବଂ ଗଳଗଣ୍ଡ ଆଦି ରୋଗ ଥିଲେ ହାଇପରଟ୍ରାଇଗ୍ଲିସେରିଡ଼େମିଆ ଦେଖାଦେଇଥାଏ। ଏତଦ୍‌ବ୍ୟତୀତ ଉଚ୍ଚ ଟ୍ରାଇଗ୍ଲିସେରିଡିସ୍ ସହ ନିମ୍ନ ଏଚ୍‌ଡ଼ିଏଲ ଏବଂ ଉଚ୍ଚ ଏଲ୍‌ଡିଏଲ୍ ରହିଲେ ତାହାକୁ ଆଥେରୋଜେନିକ୍ ଡିସ୍ଲିପିଡେମିଆ କୁହାଯାଏ।

ବୟସ ଏବଂ ଲିଙ୍ଗର ମଧ୍ୟ ପ୍ରମୁଖ ଭୂମିକା ହୃଦ୍‌ରୋଗ କ୍ଷେତ୍ରରେ ରହିଥାଏ। ବୟସ ବୃଦ୍ଧି





ସହିତ, ବିଶେଷତଃ ମହିଳାମାନଙ୍କ କ୍ଷେତ୍ରରେ, କୋଲେଷ୍ଟ୍ରୋଲ୍ ବୃଦ୍ଧି ଘଟିଥାଏ। ମାସିକ ଋତୁସ୍ରାବ ସମୟରେ ମହିଳାଙ୍କ ଠାରେ ପୁରୁଷମାନଙ୍କ ତୁଳନାରେ କମ୍ ଏଲ୍‌ଡିଏଲ୍ ରହିଥାଏ। କିନ୍ତୁ ଋତୁସ୍ରାବ ବନ୍ଦ ପରେ ଏଥିରେ ପରିବର୍ତ୍ତନ ହୋଇଥାଏ। ଏଷ୍ଟ୍ରୋଜେନ୍ ହରମୋନର ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ରହିଥାଏ।

ହୃଦରୋଗ ନ ହେବା କ୍ଷେତ୍ରରେ ବ୍ୟାୟାମ ସହାୟକ ହୋଇଥାଏ। ନିୟମିତ ବ୍ୟାୟାମ କରିବା ଦ୍ୱାରା ଶରୀରରୁ ଖରାପ କୋଲେଷ୍ଟ୍ରୋଲ ବାହାରି ଯିବା ସହିତ ଭଲ କୋଲେଷ୍ଟ୍ରୋଲ୍ ବୃଦ୍ଧି ପାଇଥାଏ। ଅନୁଧ୍ୟାନରୁ ଜଣାଯାଇଛି ଦୈନିକ ୨୦ ମିନିଟ୍ ବ୍ୟାୟାମ କରିଲେ ଶରୀରରେ ଏଚ୍‌ଡିଏଲ୍ ୨.୫ ପଏଣ୍ଟ ବୃଦ୍ଧି ଘଟେ। ଦୈନିକ ଅଧିକ ୧୦ ମିନିଟ୍ ବ୍ୟାୟାମ କରିଲେ ଅତିରିକ୍ତ ୧.୪ ପଏଣ୍ଟ ଏଚ୍‌ଡିଏଲ୍ ଜମା ହୋଇଥାଏ।

ଆପଣଙ୍କର କୋଲେଷ୍ଟ୍ରୋଲ ଜନିତ ସମସ୍ୟା ଥିଲେ ସେପରି ଭୟଭୀତ ହେବାର କୌଣସି କାରଣ ନାହିଁ। ଆପଣ ନିଜ ପାଇଁ ଏକ ସ୍ୱାସ୍ଥ୍ୟପ୍ରଦ ଭଲ ରୁଟିନଟିଏ ତିଆରି କରନ୍ତୁ ଯେପରି ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ତଟକା ପନିପରିବା, ଫଳ, ଶାଗକୁ ଗୁରୁତ୍ୱ ଦିଅନ୍ତି। ନିରାମିଷ ଖାଦ୍ୟ ଭଲ। ବଜାର ବାହାର ଖାଦ୍ୟ, ବାସୀ ଖାଦ୍ୟ ଓ ଥଣ୍ଡାଖାଦ୍ୟ ତଥା କୋଲଡ୍ରିଙ୍କସ ଠାରୁ ଦୂରେଇ ରୁହନ୍ତୁ ଏବଂ ସମସ୍ତ ପ୍ରକାର ନିଶା ଦ୍ରବ୍ୟ ସେବନରୁ ବିରତ ରୁହନ୍ତୁ। ବର୍ତ୍ତମାନ ଖରାଦିନ ହୋଇଥିବାରୁ ଅଧିକ ସମୟ ଖରାରେ ଅତିବାହିତ କରନ୍ତୁ ନାହିଁ ଏବଂ ଫାଷ୍ଟଫୁଡ ଖାଦ୍ୟ ନଖାଇବା ଭଲ। ଯୋଗ, ପ୍ରାଣାୟମ ବା ବ୍ୟାୟାମ ଶରୀର ପାଇଁ ଖୁବ ଭଲ। ସମସ୍ତ ପରିସ୍ଥିତିରେ ଅଭିଜ୍ଞ ଭେଷଜ ବିଶେଷଜ୍ଞଙ୍କ ସାହାଯ୍ୟ ନିଅନ୍ତୁ ଏବଂ ନିକଟସ୍ଥ ଡାକ୍ତରଖାନାର ସୁବିଧା ନିଅନ୍ତୁ। ସରକାର ସମସ୍ତ ଡାକ୍ତରଖାନାରେ ସମସ୍ତ ପ୍ରକାର ମାଗଣା ପରାମର୍ଶ, ପରୀକ୍ଷା ନିରୀକ୍ଷା ଓ ଔଷଧ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ। ଆପଣଙ୍କ ସୁନିୟନ୍ତ୍ରିତ ଦିନଚର୍ଯ୍ୟା ଜୀବନଶୈଳୀ ଆପଣଙ୍କ ପାଇଁ କୋଲେଷ୍ଟ୍ରୋଲ ଆଦୌ ବିପଦ ହେବନାହିଁ।

*ଡାକ୍ତର ଗୁରୁପଦ ମିଶ୍ର*
*ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଜଗତସିଂହପୁର(ଭାସ୍କର ନ୍ୟୁଜ): ଶୁକ୍ରବାର ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ବଜାରରେ ଥିବା ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନ ଉପରେ ଏକ ମିଳିତ ଚଢାଉ ହୋଇଥିଲା। ଏଥିରେ ମାପ ଓଜନ ସଂସ୍ଥା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ପୋଲିସର ଅଧିକାରୀମାନେ ଯୋଗ ଦେଇଥିଲେ। ମାପ ଓଜନ ବିଭାଗର ଯୁଗ୍ମ ନିୟନ୍ତ୍ରକଙ୍କ ଅଧ୍ୟକ୍ଷତାରେ ଜଗତସିଂହପୁର ବଜାରରେ ପେଟ୍ରୋଲ ପମ୍ପ,ଗ୍ୟାସ ଡିଲର ଓ ମାଛ ଦୋକାନ ଆଦି ଯାଞ୍ଚ କରାଯାଇଥିଲା। ମାପ ଓଜନ ନିୟମ ଉଲଂଘନ କରିଥିବା ୫ଟି ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ଆଇନ୍ ଅନୁଯାୟୀ ଜୋରିମାନା ବାବଦକୁ ୨୬,୬୦୦ ଟଙ୍କା ଆଦାୟ କରାଯାଇଥିଲା।

### ଡିହିଡ଼ି ବଜାର ଉଚ୍ଛେଦକୁ ସପ୍ତାହେ ପୂରିଲା

# ନାହିଁ ଡ୍ରେନେଜ ବ୍ୟବସ୍ଥା, ପଡ଼ିରହିଛି ଅଳିଆ ଆବର୍ଜନା

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ବଜାର ଉଭୟ ପାର୍ଶ୍ୱରେ ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯିବାର ସପ୍ତାହେ ପୂରିଲାଣି। ବଜାର ଉଚ୍ଛେଦ ପରେ ଡ୍ରେନେଜ ବ୍ୟବସ୍ଥା କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଡ୍ରେନେଜ ନିର୍ମାଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ପ୍ରଶାସନ ଉଚ୍ଛେଦକୁ ଗୁରୁତ୍ୱ ଦେଇ ଦୋକାନୀମାନଙ୍କୁ ଉଠାଇ ଦେବା ପରେ ବଜାରର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଯେଉଁଠି ନାହିଁ ସେଠି ବଜାର ପାର୍ଶ୍ୱରେ ଅଳିଆ ଆବର୍ଜନା ଜମା ହୋଇଛି। ଏପରିକି ବଜାରର ଉଚ୍ଛେଦ ପରେ ସମତଳ ନହେବାରୁ ଖାଲଖମାରେ ଲୋକ ଯାତାୟତ କରିବାରେ ଅସୁବିଧାରେ



ପଡୁଛନ୍ତି। ତିହିଡ଼ି ବଜାରକୁ ପ୍ରତିଦିନ ହଜାର ହଜାର ଲୋକ ବିଭିନ୍ନ କାମ ପାଇଁ ଆସିଥାନ୍ତି। ବୟସ୍କ ଲୋକମାନେ ବଜାରର ଉଭୟ ପାର୍ଶ୍ୱର ଖାଲଖମାରେ ପଡ଼ି ଅବସ୍ଥା ଭୋଗୁଛନ୍ତି। ଉଠାଦୋକାନୀଙ୍କର ଆଲୁଅରେ ବଜାର ଆଲୋକିତ ହେଉଥିଲା। ସେମାନଙ୍କୁ ଉଚ୍ଛେଦ କରାଯିବା ପରେ ବଜାର ଅନ୍ଧକାରରେ ବୁଡ଼ି ରହିଛି। ପ୍ରଶାସନ ପକ୍ଷରୁ କୌଣସି ଆଲୋକୀକରଣର ବ୍ୟବସ୍ଥା କରାଯାଉନାହିଁ। ଯାହାଫଳରେ ଲୋକମାନେ ଯାତାୟତ କରିବାରେ ଅସୁବିଧାରେ ପଡୁଛନ୍ତି। ବଜାର ଅନ୍ଧାରର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ବେଳେ ଚୋରି ଛିନ୍ତାଇକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ। ବଜାରର ସ୍ୱାସ୍ଥ୍ୟକେନ୍ଦ୍ର ଫାଟକ ସାମ୍ନାରେ ଏକ ଷ୍ଟ୍ରିଟ୍ ଲାଇଟ୍ ରହିଥିଲେ ମଧ୍ୟ ତାହା ଅଚଳ ହୋଇ ରହିଛି। ବ୍ଲକ ଛକ ଠାରୁ ଥାନା ପର୍ଯ୍ୟନ୍ତ ବଜାରରେ ଥିବା ଅନ୍ୟ ଷ୍ଟ୍ରିଟ୍ ଲାଇଟ୍ ମଧ୍ୟ ଜଳୁନାହିଁ। ଏଥିପ୍ରତି କାହାରି ଦୃଷ୍ଟି ନପଡ଼ିବା ଦୁଃଖ ଓ ପରିତାପର ବିଷୟ। ପ୍ରଶାସନ କେବଳ ଉଚ୍ଛେଦ ଉପରେ ଗୁରୁତ୍ୱ ଦେଇ କାମ ସାରି ଦେଇ ଚୁପ୍ ହୋଇବସିଛି। ଯଥାଶୀଘ୍ର ବଜାର ଡ୍ରେନେଜ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେଲେ ପୁଣି ଉଠାଦୋକାନୀମାନେ ଦୋକାନ ଖୋଲିବା ଆଲୋଚନା ହେଉଛି। ଗତ କିଛିବର୍ଷ ପୂର୍ବେ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇ ରାସ୍ତା ନିର୍ମାଣ କରାଯାଇଥିଲା। ପରେ ପରେ ଡ୍ରେନେଜ ନିର୍ମାଣ କରାଯିବାର ଥିଲା। ମାତ୍ର ତାହା ହୋଇନପାରିବାରୁ ଉଠାଦୋକାନୀମାନେ ସେତେବେଳେ ଦୋକାନ ଖୋଲି ବସିଥିଲେ। ସେମାନଙ୍କୁ ଉଚ୍ଛେଦ କରିବା ବଡ଼ କଷ୍ଟସାଧ୍ୟ ହୋଇପଡ଼ିଥିଲା। ସେହି କଥାର ପୁନରାବୃତ୍ତି ହେଲେ ଆଗକୁ ସମସ୍ୟା ସୃଷ୍ଟି ହେବ ବୋଲି ସାଧାରଣରେ ଆଲୋଚନା କରାଯାଉଛି।

## ଟେକ୍ସଟାଇଲ୍ ପାର୍କ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କଲେ ଇଡ୍‌କୋ ଇଡି



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକର ପାହିମହୁରା ଅଧିଗ୍ରହୀତ ଜମିରେ ଟେକ୍ସଟାଇଲ ପାର୍କ ନିର୍ମାଣ କାର୍ଯ୍ୟ ଶୁକ୍ରବାର ଅନୁଧ୍ୟାନ କରିଛନ୍ତି ଇଡକୋ ଇଡି ସୁରେଶ ଦଳାଇ। ପାର୍କର ଭିତ୍ତିଭୂମି ନିର୍ମାଣ, ଜଳାଶୟ ସମସ୍ୟା ଓ ଅନ୍ୟାନ୍ୟ ଦିଗ ସମ୍ପର୍କରେ ଅନୁଧ୍ୟାନ କରିବା ସହ ଜିଲ୍ଲା ପ୍ରଶାସନ ସହ ବିଚାର ବିମର୍ଶ କରିଥିବା ଜଣାଯାଇଛି। ଜିଲ୍ଲାପାଳ ଦିଲ୍ଲିପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ତହସିଲଦାର ରୋଜାଲିନ ବେହେରା, ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ ପ୍ରମୁଖ ଇଡକୋ ଇଡିଙ୍କ ସହ ଅନୁଧ୍ୟାନ କରିଥିଲେ।

## ଅଟୋକୁ ଧକ୍କାଦେଲା ଘରୋଇ ବସ, ୪ ଗୁରୁତର

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଶୁକ୍ରବାର ସନ୍ଧ୍ୟାରେ କଟକ-ଚାନ୍ଦବାଲି ରାସ୍ତା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମପଞ୍ଚାୟତ ଜହ୍ନିଆ ଛକ ନିକଟରେ ଏକ ଅଟୋକୁ ଦ୍ରୁତଗତିରେ ଯାଉଥିବା ଘରୋଇ ବସ ଧକ୍କାଦେଇଛି। ଏଥିରେ ୪ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଉତେଜନା ପ୍ରକାଶ ପାଇଛି। ସନ୍ଧ୍ୟାରେ କଟକରୁ ଏକ ଘରୋଇ ବସ ଦ୍ରୁତ ଗତିରେ ରାଜନଗର ଅଭିମୁଖେ ଯାଉଥିଲା। ଏହି ସମୟରେ କେନ୍ଦ୍ରାପଡାରୁ କଟକ ଅଭିମୁଖେ ଏକ ଅଟୋ ଯାତ୍ରୀଙ୍କୁ ନେଇ ଯାଉଥିଲା। ତେବେ ଦ୍ରୁତ ଗତିରେ ଆସୁଥିବା ଘରୋଇ ବସଟି ଅଟୋଟିକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ଯାଜପୁର ଟାଉନ ଅଞ୍ଚଳର ବଳିଆ ମୁଣ୍ଡା (୫୫), ଅତୁ ମୁଣ୍ଡା(୬୦), ସନା ଖାଁ(୩୨) ଓ ମହମ୍ମଦ ସକିଲ (୬୦) ପ୍ରମୁଖ ୪ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ଉଦବେଗଜନକ ଥିବାରୁ ଚିକିତ୍ସା ନିମନ୍ତେ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ସାଲେପୁର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା ବେଳେ ଦୁର୍ଘଟଣାଗ୍ରସ୍ତ ବସ ଓ ଅଟୋକୁ ଜବତ କରିଥିବା ଜଣାଯାଇଛି। ତେବେ ଏହି ଥାନା ଅଞ୍ଚଳରେ ବେପରୁଆ ଓ ଦ୍ରୁତ ଗତିରେ ଗାଡିଚାଳନା ହେତୁ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବା ଅଭିଯୋଗ ହୋଇଛି। ଏପରିସ୍ଥଳେ ସାଲେପୁର ଓ ନିଶ୍ଚିନ୍ତକୋଇଲି ଥାନା ପୋଲିସ ତରଫରୁ ଏହାର ପ୍ରତିକାର ଦିଗରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଥିବାର ସାଧାରଣରେ କୁହାଯାଉଛି।

# ଘରକୁ ଘର ଯାଇ ନିମନ୍ତ୍ରଣପତ୍ର ଦେଲେ ଜିଲ୍ଲାପାଳ

## ୨ରେ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ

ଛତ୍ରପୁର(ଭାସ୍କର ନ୍ୟୁଜ): ରାଜ୍ୟର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ନୂତନ ଶିକ୍ଷାନୀତି– ୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରାଯାଉଛି। ଏଥିରେ ୫ ବର୍ଷରୁ ଅଧିକ ବୟସର ପିଲାମାନଙ୍କୁ ଏକ ଉତ୍ତମ, ସଂଗଠିତ ଏବଂ ଅନୁଭୂତିମୂଳକ ଶିକ୍ଷଣ ପରିବେଶ ପ୍ରଦାନ କରାଯିବ। ନୂତନ ଜାତୀୟ ଶିକ୍ଷା ନୀତି–୨୦୨୦ ଅନୁଯାୟୀ ୫ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କ ନାମଲେଖା ନିମନ୍ତେ ଗୃହକୁ ଗୃହ ବୁଲି ଅଭିଭାବକଙ୍କୁ ସଚେତନ କରାଯାଉଛି ଓ ଏହିକ୍ରମରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଆସନ୍ତା ଅପ୍ରେଲ ୨ରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମର



ଆୟୋଜନ କରାଯାଉଛି ବିଦ୍ୟାଳୟରେ ପିଲାଙ୍କ ନାମଲେଖାକୁ ସ୍ମରଣୀୟ କରିବା ପାଇଁ ଏହି ଅବସରରେ ଅନେକ ଆକର୍ଷଣୀୟ ଏବଂ ଶିକ୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହିପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଶୁକ୍ରବାର ଛତ୍ରପୁରସ୍ଥିତ ପୁତିଗୋପାଳପୁର ବଡ଼ ସାହିକୁ ଯାଇ ଘରକୁ ଘର ବୁଲି ଶିଶୁବାଟିକା ଓ ସ୍କୁଲରେ ନାମ ଲେଖାଇବାକୁ ଯୋଗ୍ୟ ଶିଶୁଙ୍କ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ନିମନ୍ତ୍ରଣପତ୍ର ବାଣ୍ଟିଥିଲେ ଏହାଦ୍ୱାରା ସରକାରଙ୍କର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାକୁ ଲକ୍ଷ୍ୟ ତଥା ଉଦ୍ଦେଶ୍ୟକୁ ପୂରଣ କରାଯାଇ ପାରିବ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ପ୍ରଧାନ, ସମଗ୍ର ଶିକ୍ଷା ଅଭିଯାନର ସଂଯୋଜକ ଡକ୍ଟର ସରୋଜ ମୋହନ ପାଳ ପ୍ରମୁଖ ଉପସ୍ଥିତ ଥିଲେ ପ୍ରତ୍ୟେକ ବିଦ୍ୟାଳୟ, ବ୍ଲକ ଓ ଜିଲ୍ଲାସ୍ତରରେ ପ୍ରବେଶ ଉତ୍ସବ ଏବଂ ଖଡି ଛୁଆଁ ଦିବସ ୦୨ ତାରିଖରେ ପାଳନ କରାଯିବ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟସ୍ତରରେ ୨ରୁ ୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ଲୋକ ପ୍ରତିନିଧି, ମହିଳା ସଂଘ ସହାୟକ ଗୋଷ୍ଠୀ, ପୁରାତନ ଛାତ୍ରଛାତ୍ରୀ, ଅବିଭାବକ, ମାତୃମଣ୍ଡଳ ଇତ୍ୟାଦିଙ୍କ ଅଂଶ ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି

## ନୂତନ ସିଆରସିସି ନିଯୁକ୍ତିରେ ଅହେତୁକ ବିଳମ୍ବ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କ ଅଧିନରେ ଥିବା ବିଭିନ୍ନ କ୍ଲଷ୍ଟର କାର୍ଯ୍ୟରତ ସିଆରସିସିଙ୍କ କାର୍ଯ୍ୟକାଳ ପ୍ରାୟ ୧ବର୍ଷ ହେଲା ଶେଷ ହୋଇସାରିଲାଣି। ନୂତନ ସିଆରସିସି ନିଯୁକ୍ତିରେ ପ୍ରଶାସନ ତରଫରୁ ଅହେତୁକ ବିଳମ୍ବ କରାଯାଉଥିବା କାରଣରୁ ଶିକ୍ଷକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର କ୍ଲଷ୍ଟର ସିଆରସିସି ଅଲେଖ ଚନ୍ଦ୍ର ବାରିକ, ବାବୁଜଙ୍ଗ ସାଧୁଚରଣ ବିଦ୍ୟାପୀଠ କ୍ଲଷ୍ଟର ସିଆରସିସି ଧନେଶ୍ୱର ସାହୁ, ଶିର୍ଲୋ ପ୍ରାଥମିକ କ୍ଲଷ୍ଟର ସିଆରସିସି ସୁବାଷ ଚନ୍ଦ୍ର ରାଉତ, ଚନ୍ଦ୍ରଶେଖର ହାଇସ୍କୁଲ ଇଶାଣୀ ବରହମପୁର ସିଆରସିସି ସୁନାବର ଭୋଇଙ୍କ କାର୍ଯ୍ୟାଳୟ ପ୍ରାୟ ୧ବର୍ଷ ହେଲା ଶେଷ ହୋଇସାରିଲାଣି। ଏହି ସିଆରସିସିମାନଙ୍କର କାର୍ଯ୍ୟାକାଳ ଶେଷ ହୋଇସାରିଥିଲେ ମଧ୍ୟ ଏମାନେ ବେନିୟମଭାବେ କାର୍ଯ୍ୟ କରୁଥିବାର ଜଣାଯାଇଛି। କାନ୍ଧୁ ଥା ଯାହା ପାଉଛୁ ବାନ୍ଧୁଥା ନ୍ୟାୟରେ ଏହି ସିଆରସିସିମାନେ ସମଗ୍ର ଶିକ୍ଷା ଯୋଜନାକୁ ବିଭିନ୍ନ ଉପାୟରେ ଲୁଟିବାରେ ଲାଗିଥିବାର କେକେତ ଶିକ୍ଷକ ସେମାନଙ୍କ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଅପରପକ୍ଷରେ ବେଣୀରାମପୁର କ୍ଲଷ୍ଟର ସିଆରସିସି ଓ ମୁଗୁରିଆ କ୍ଲଷ୍ଟର ସିଆରସିସି ପଦବୀ ଦୀର୍ଘ ଦିନ ହେଲା ଖାଲି ପଡିଛି। ଏହି ସିଆରସିସି ପଦବୀ ଗୁଡିକୁ ପୂରଣ କରାଯିବା ନିମନ୍ତେ ଭିଜନିଂ ୬ମାସ ହେଲା ଶେଷ ହେଲାଣି। କିନ୍ତୁ ରହସ୍ୟ ଜନକ ଭାବେ ସେମାନଙ୍କୁ ଏପର୍ଯ୍ୟନ୍ତ ନିଯୁକ୍ତି ପ୍ରଦାନ କରାଯାଉ ନଥିବାର ଜଣାଯାଇଛି। ତେବେ ନୂତନ ସିଆରସିସି ନିଯୁକ୍ତିରେ କାହିଁକି ବିଳମ୍ବ କରାଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଏହି ବ୍ଲକ ଅନ୍ତର୍ଗତ ବାରିକପୁର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ପ୍ରଧାନଶିକ୍ଷୟତ୍ରୀ ସୁଜାତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ସ୍ଥାନୀୟ ସରପଞ୍ଚ କାଞ୍ଚନବାଳା ପାତ୍ର କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଏଥିରେ ଅବସରପ୍ରାପ୍ତ ଏବିଇଓ ପୁରୁଷୋତ୍ତମ ଧଳ ମୁଖ୍ୟବକ୍ତା, ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁ, ଶ୍ରୀକାନ୍ତ ଦାସ, ପ୍ରତାପ ଘଡେଇ, ସୁଜାତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଲମ୍ପିକ କ୍ରୀଡା ଲକ୍ଷ୍ୟ ହାସଲ ପାଇଁ ବିଦ୍ୟାଳୟ ପ୍ରାଥମିକ ମୂଳଦୁଆ ଭାବେ ଉପଯୋଗୀ ହୋଇପାରିବ ବୋଲି ମତ ରଖିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ କ୍ରୀଡା ପ୍ରତିଯୋଗୀତା ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷକ ଜିତେନ୍ଦ୍ର ସାହୁ, ପ୍ରଜ୍ଞାପରମିତା ପତି, ପ୍ରଭାତୀ ମହାରଣା, ସଞ୍ଜୁଲତା ବେହେରା, ମାନସୀ ମାଝୀ, ସଙ୍ଗୀତା ନାୟକ, ମାନସୀ ଦାସ, ନିଳିମା ପ୍ରିୟଦର୍ଶନୀ ପଣ୍ଡା କ୍ରୀଡା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପ୍ରତିଭା ଶତପଥି ଧନ୍ୟବାଦ ଦେଇଥିଲେ।

### କୁଜିଢେପା ଅଙ୍ଗନବାଡି କେନ୍ଦ୍ର ୧୩ ମାସ ହେଲା ବନ୍ଦ

## ତାତିଲେ ଗ୍ରାମବାସୀ, ଜ଼ିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ



ଛତ୍ରପୁର(ଭାସ୍କର ନ୍ୟୁଜ): ଗଞ୍ଜାମ ବ୍ଲକ କୁଜିଢେପା ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ୧୩ ମାସ ହେଲା ବନ୍ଦ ରହିଛି। ଅପରପକ୍ଷରେ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଆନ୍ଦୋଳନ ଓ ଜ଼ିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଜ଼ିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସିଡିପିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ଦୀର୍ଘ ୧୩ ମାସ ପରେ ଉକ୍ତ ସମସ୍ୟା ସମାଧାନ କରିବାରେ ପ୍ରଶାସନ ବିଫଳ ରହିଛି ଏନେଇ ଗ୍ରାମବାସୀ ତାତି ଉଠିଛନ୍ତି ସମସ୍ୟା ସମାଧାନ ନେଇ ଛତ୍ରପୁରସ୍ଥିତ ଗଞ୍ଜାମ ଜ଼ିଲ୍ଲାପାଳଙ୍କ ସମ୍ମୁଖରେ ଗ୍ରାମବାସୀଙ୍କ ପକ୍ଷରୁ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୂଚନାଯୋଗ୍ୟ ଗତ ସପ୍ତାହରେ ଗ୍ରାମବାସୀ ପୁଣି ଛତ୍ରପୁର ଆସି ଜ଼ିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଜ଼ିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଭେଟି ଏସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଅଙ୍ଗନବାଡି କର୍ମୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଥିଲେ କାର୍ଯ୍ୟାନୁଷ୍ଠାନ ପାଇଁ ଜ଼ିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରତିଶୃତି ଦେଇଥିଲେ। ଏହାପରେ ଅଙ୍ଗନବାଡି କର୍ମୀଙ୍କ ସପକ୍ଷରେ ଆସି ସମ୍ପୃକ୍ତ ଅଙ୍ଗନବାଡି କର୍ମୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଆକ୍ରୋଶମୂଳକ ବୋଲି ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ଗଞ୍ଜାମ ଜ଼ିଲ୍ଲା ପକ୍ଷରୁ ଜ଼ିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜ଼ିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପରେ ସମସ୍ୟା ସମାଧାନ ନେଇ ଜ଼ିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଠାରୁ ପ୍ରତିଶୃତି ପାଇବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ଗର୍ଭବତୀ ଓ ଶିଶୁମାନେ ସମସ୍ୟା ଦେଇ ଗତି କରୁଛନ୍ତି। ଉକ୍ତ ଅଙ୍ଗନବାଡି କେନ୍ଦ୍ରରେ ୯ ମାସ ହେଲା ବନ୍ଦ ରହିବା ପରେ ୩ ମାସ ହେଲା କେବଳ ଖାଦ୍ୟ କେନ୍ଦ୍ରର ସହାୟିକାଙ୍କ ଦ୍ୱାରା ବଣ୍ଟନ ହେଉଥିଲା ତାହା ମଧ୍ୟ ପୁଣି ବନ୍ଦ ହୋଇଯାଇଛି। ଫଳରେ ଗର୍ଭବତୀ ଶିଶୁମାନେ ବିଶେଷ ପ୍ରଭାବିତ ହୋଇଛନ୍ତି ଖାଦ୍ୟ ଯୋଗାଣଠାରୁ ଆରମ୍ଭକରି ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ, ପାଠପଢ଼ା ଓ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇପାରୁନି।

## ଦାଣ୍ଡକୂଳ-ଡିଖିଲିଆରେ ବିପୁଳ ବାଲି ଚୋରି, ଟ୍ରାକ୍ଟର ଜବତ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ଦାଣ୍ଡକୂଳ-ଡିଖିଲିଆରେ ହେଉଥିବା ବିପୁଳ ବାଲିଚୋରି ଉପରେ ଅଙ୍କୁଶ ଲଗାଇବାରେ ପ୍ରଶାସନ ବିଫଳ ହୋଇଛି। ଉଭୟ ବୈତରଣୀ ଓ ଏହାର ଶାଖା ନଦୀ ଗେଙ୍ଗୁଟି ଦାଣ୍ଡକୂଳ-ଡିଖିଲିଆ ମଧ୍ୟଦେଇ ପ୍ରବାହିତ ହେଉଛି। ବୈତରଣୀ ନଦୀ ଶଯ୍ୟା ଓ ପୋତିହୋଇ ପଡିଥିବା ଗେଙ୍ଗୁଟି ନଦୀରେ ବିପୁଳ ପରିମାଣର ବାଲି ଗଚ୍ଛିତ ରହିଥିବାରୁ ଓ ଏହି ଅଞ୍ଚଳ ଥାନା ଓ ତହସିଲ ଠାରୁ ବହୁ ଦୂରରେ ଅବସ୍ଥିତ ଅଟେ। ଏହାର ସୁଯୋଗ ନେଇ ବାଲିମାଫିଆମାନେ ୧୦ ଫୁଟ ଗଭୀର ବାଲି ଉଠାଇ ବିକ୍ରି କରି ଲାଭବାନ ହେଉଛନ୍ତି। ଗତ ଫେବୃୟାରୀ ୨୫ ତାରିଖରେ ପ୍ରଶାସନ ପକ୍ଷରୁ ଏହି ସ୍ଥାନରେ ବାଲିଉଠାଇବା ଦଣ୍ଡନୀୟ ଅପରାଧ ଫଳକ ଲଗାଇ ଫେରିଯାଇଥିଲା। ହେଲେ ଏହାର ସାମାନ୍ୟତମ ପ୍ରଭାବ ଚୋରା ବାଲି ଉଠାଣ ଉପରେ ପଡିନଥିଲା। ଚୋରାବାଲି ଉଠାଣ ଓ ଗଚ୍ଛିତ କରି ବେଆଇନ ଚାଲାଣ କରିବା କାର୍ଯ୍ୟ ଅବାଧରେ ମାଫିଆମାନେ ଚଳାଇଛନ୍ତି। ଗତ ଶୁକ୍ରବାର ସବଇନିସପେକ୍ଟର ଇଭାରାଣୀ ପରିଡାଙ୍କ ନେତୃତ୍ୱରେ ପୁଲିସ ଦଳ ଗୋଟିଏ ବେଆଇନ ବାଲି ବୋଝେଇ ନମ୍ବର ବିହୀନ ଟ୍ରାକ୍ଟର ଧରିବା ସହ ଚାଳକଙ୍କୁ ଅଟକ ରଖିଥିବା ଜଣାଯାଇଛି। ଚାଳକ ଡିଖିଲିଆ ଗ୍ରାମର ଲକ୍ଷ୍ମୀଧର ନାୟକ(୪୬)ଙ୍କୁ ଥାନାରେ ଅଟକ ରଖିବା ସହ ଏଥିନେଇ ୧୪୬/୨୫ ନମ୍ବର ମାମଲା ରଜୁ ହୋଇଛି। ମାତ୍ର ଟ୍ରାକ୍ଟର ମାଲିକଙ୍କ ନାମରେ ମାମଲା ରଜୁ ହୋଇନଥିବାରୁ ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରଭାବ ଶୂନ୍ୟ ହୋଇଛି।

## କାଁପଡ଼ା ବାସୁଳୀ ନୋଡାଲ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ କାଁପଡ଼ା ପଞ୍ଚାୟତ ଅଧୀନ କାଁପଡ଼ା ବାସୁଳୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ମଲିକଙ୍କ ସଭାପତିତ୍ୱ ଓ ସହକାରୀ ଶିକ୍ଷକ ପ୍ରମୋଦ ମହାପାତ୍ରଙ୍କ ସଂଚାଳନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ କୁନ୍ତଳା ମଲିକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋଲେଖ ଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଅନନ୍ତ କିଶୋର ପାଣିଗ୍ରାହୀ, ସ୍କୁଲ ପରିଚାଳନା କମିଟି ସଭାପତି ଲମ୍ବୋଦର ଦାସ, ବାସୁଳୀ ଗ୍ରାମ୍ୟ କମିଟି ସଭାପତି ଇନ୍ଦ୍ରମଣି ଦାସ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଶନିଶ୍ଚର ମହାଳିକ, ମୋସ୍କୁଲ କମିଟି ସଭାପତି ଦୁଃଖିରାମ ମଳିକ, କାଁପଡ଼ା ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଂଜୟ କୁମାର ମହାଳିକ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା, ଛାତ୍ରଛାତ୍ରୀଙ୍କୁ ଉଚିତ୍ ମାର୍ଗ ଦର୍ଶନ କରାଇବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗୁରୁଦାୟିତ୍ୱ ବୋଲି କହିଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ପର୍ଯ୍ୟଟନସ୍ଥଳୀ ମାନ୍ୟତା, ବିକାଶ, ବୌଦ୍ଧ କରିଡର ସହ ସଂଯୁକ୍ତ ପାଇଁ ସାଂସଦଙ୍କ ଦାବିପତ୍ର



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ରାଜ୍ୟର ଅନ୍ୟତମ ପ୍ରମୁଖ ବୌଦ୍ଧପୀଠ ଭଣ୍ଡାରିପୋଖରୀ ବ୍ଲକର 'ଷୋଳମପୁର ବୌଦ୍ଧବିହାର' ବିକାଶ ପାଇଁ ଭଦ୍ରକ ସଂସଦ ଅଭିମନ୍ୟୁ ସେଠୀ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱାତଙ୍କୁ ଗତ ଗୁରୁବାର ଲିଖିତ ପ୍ରସ୍ତାବ ଦେଇଥିବା ଜଣାଯାଇଛି। ସଂସଦ ଶ୍ରୀ ସେଠୀ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଶେଖାୱାତଙ୍କୁ ସାକ୍ଷାତ କରି ଗତ ୨୬ ତାରିଖ ସଂସଦଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୮୨/ଏମପି/ବିଡିକେ/୨୫ ଯୋଗେ ପ୍ରସ୍ତାବ ପ୍ରଦାନ କରିଥିବା ଜଣାଯାଇଛି। ଏହି ବୌଦ୍ଧବିହାରରେ ଉପଲବ୍ଧ ପ୍ରାଚୀନ କିର୍ତ୍ତିରାଜି, ସାଂସ୍କୃତିକ ଐତିହ, ଉନ୍ନତ ଭିତ୍ତିଭୂମି, ଆବିଷ୍କୃତ ବିପୁଳ ବୌଦ୍ଧମୂର୍ତ୍ତି, ପାତ୍ର, ସ୍ତୁପ, ଲୁକ୍କାଇତ କିର୍ତ୍ତିରାଜି, ପାରିପାର୍ଶ୍ୱିକ ପରିବେଶ, ମାଉଣ୍ଡ ଓ ଏହାର ପ୍ରବେଶ ଦ୍ୱାର ଏହାର ଗୁରୁତ୍ୱକୁ ସୂଚୀତ କରୁଥିବାରୁ ବିଶ୍ୱ ବୌଦ୍ଧ ମାନଚିତ୍ରରେ ସ୍ଥାନୀତ ହୋଇଛି। ବହୁ ଜାତୀୟ ଓ ଆନ୍ତର୍ଜାତୀୟ ଗବେଷକ, ଦେଶବିଦେଶର ବହୁ ବୌଦ୍ଧ ସନ୍ୟାସୀ କ୍ରମାଗତ ଭାବେ ଏହି ବୌଦ୍ଧବିହାର ପରିଦର୍ଶନ କରିବାକୁ ଆସୁଛନ୍ତି। ମାତ୍ର ଏହି ବୌଦ୍ଧବିହାରର ଉପଯୁକ୍ତ ବିକାଶ ହୋଇ ପାରିନାହିଁ। ଏଥିପାଇଁ ସଂସଦ ୧୦ ଦଫା ପ୍ରସ୍ତାବ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏହି ବୌଦ୍ଧବିହାରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିବା; ରାଷ୍ଟ୍ରୀୟ ପର୍ଯ୍ୟଟନ ମାନଚିତ୍ରରେ ଏହାକୁ ସ୍ଥାନ ଦେଇ ଉପଯୁକ୍ତ ଭାବେ ଚିତ୍ରିତ କରିବା; ଏଠାରେ ମ୍ୟୁଜିଅମ ଶାଖା ନିର୍ମାଣ କରାଯିବା; ଗବେଷଣା ଗୃହ ନିର୍ମାଣ କରାଯିବା; ଉପଯୁକ୍ତ ରାସ୍ତା ନିର୍ମାଣ ସହ ପରିବହନ ବ୍ୟବସ୍ଥା କରାଯିବା, ଅତିଥି ଗୃହ ନିର୍ମାଣ, ସୁଦୃଶ୍ୟ ତୋରଣଯୁକ୍ତ ଫାଟକ ନିର୍ମାଣ, ରାଜପଥରେ ସୂଚନା ଫଳକ ସ୍ଥାପନ, ପର୍ଯ୍ୟଟକମାନଙ୍କ ରହଣି ଗୃହ ନିର୍ମାଣ ଭଳି ଭିତ୍ତିଭୂମି ନିର୍ମାଣ କରାଯିବା; କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସୁରକ୍ଷା ଓ ସଂରକ୍ଷଣ ପଦକ୍ଷେପ ଗ୍ରହଣ କରାଯିବା; ଖନନ କରାଯାଇ ଆବିଷ୍କାର କରାଯିବା; ରତ୍ନଗିରି-ଉଦୟଗିରି-ଲଳିତଗିରି ସହ ଏହି ବୌଦ୍ଧବିହାରକୁ ସଂଯୁକ୍ତ କରାଯିବା ଆଦି ପ୍ରସ୍ତାବ ରଖିଛନ୍ତି। ରାଷ୍ଟ୍ରୀୟ ବୌଦ୍ଧ ପର୍ଯ୍ୟଟନ ସର୍କିଟରେ ଏହାର ସଂରକ୍ଷଣ, ପ୍ରୋତ୍ସାହନ ଓ ପ୍ରମୁଖ ପର୍ଯ୍ୟଟନସ୍ଥଳ ମାନ୍ୟତା ପାଇଁ କେନ୍ଦ୍ର ମନ୍ତ୍ରୀ ଶେଖାୱାତ ସଂସଦଙ୍କୁ ଆଶ୍ୱାସନା ଦେଇଥିବା ଜଣାଯାଇଛି। ଏହି ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି।

# ରାଜ୍ୟ ଖାଦ୍ୟ ଆୟୋଗ କମିଟି ସଦସ୍ୟଙ୍କ ସମୀକ୍ଷା ବୈଠକ



ମାଲକାନଗିରି(ଭାସ୍କର ନ୍ୟୁଜ): ରାଜ୍ୟ ଖାଦ୍ୟ ଆୟୋଗ କମିଟି ସଦସ୍ୟ ସ୍ଥାନୀୟ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି। କମିଟି ସଦସ୍ୟ ଦୟାନିଧି ଦାସ ଓ ଅକ୍ଷୟ କୁମାର ବେହେରା ବିଭିନ୍ନ ବିଭାଗର ସମୀକ୍ଷା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ। ରାସନ୍ କାର୍ଡ ନିମନ୍ତେ ଇ-କେୱାଇସି କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ଯୋଗାଣ ବିଭାଗକୁ କମିଟି ନିର୍ଦ୍ଦେଶ ଦେଇଛନ୍ତି। ମାଲକାନଗିରି ଜିଲ୍ଲା ଗସ୍ତ କରି କମିଟି ପ୍ରକାଶ କରିଛନ୍ତି ଯେ ଜିଲ୍ଲାରେ ବସବାସ କରୁଥିବା ଜନଜାତି ସମୁଦାୟ ଅତ୍ୟନ୍ତ ନିରୀହ ଓ ସରଳ ବିଶ୍ୱାସୀ। ତେଣୁ ଜିଲ୍ଲାର ସମସ୍ତ ଉପାନ୍ତ ଅପହଞ୍ଚ ଅଞ୍ଚଳ ଓ ବିଶେଷ ଭାବେ ବଣ୍ଡାଘାଟୀ ଅଞ୍ଚଳରେ ବସବାସ କରୁଥିବା ଜନଜାତି ସମୁଦାୟ ଯେପରି ରାସନ୍ କାର୍ଡ ପାଇବା ସହ ପିଡିଏସ ଚାଉଳ ସୁବିଧାରେ ପାଇ ପାରିବେ ସେଥି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦିଷ୍ଟ ଦିନରେ ଅପହଞ୍ଚ ଅଞ୍ଚଳରେ ଚାଉଳ ଯୋଗାଇ ଦେବା ସହ ଡିଲର ପଏଣ୍ଟରୁ ହିତାଧୀକାରୀଙ୍କ ଗ୍ରାମକୁ ସାମଗ୍ରୀ ପହଞ୍ଚାଇବା ବ୍ୟବସ୍ଥା କରିବା ପାଇଁ ମଧ୍ୟ କୁହାଯାଇଛି। ଯଦ୍ୱାରା ଗରିବ ଲୋକଟିର ଦୁଃଖ ଲାଘବ ହୋଇ ପାରିବ ବୋଲି କମିଟି ମତ ରଖିଛନ୍ତି। ତତ୍ ସହିତ ପ୍ରତ୍ୟେକ ବ୍ଲକରେ ସ୍ପେଶିଆଲ ଡ୍ରାଇଭ୍ ମାଧ୍ୟମରେ ଯୋଗ୍ୟ ତଥା ପ୍ରକୃତ ସହାୟତାରୁ ବଞ୍ଚିତ ହେଉଥିବା ହିତାଧିକାରୀଙ୍କ ଚୟନ କରାଯାଉ ବୋଲି କମିଟି କହିଛନ୍ତି। ଏଥି ନିମନ୍ତେ ବିଡିଓ, ଯୋଗାଣ ସହାୟକ ଓ ଏମଆଇଙ୍କୁ ନେଇ ଏକ ନେଟୱର୍କ ଗଠନ କରିବାକୁ କୁହାଯାଇଛି। କର୍ମଚାରୀ ମାନଙ୍କୁ କ୍ଷେତ୍ର ଗସ୍ତ କରିବାକୁ ବାଧ୍ୟତାମୂଳକ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜନଜାତି ବିଦ୍ୟାଳୟର ହୋଷ୍ଟେଲ ଗୁଡିକର ଟଏଲେଟ୍ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ପରିବେଶ ସ୍ୱଚ୍ଛତା, ପାନୀୟ ଜଳ ଓ ଖାଦ୍ୟର ଉତ୍ତମ ମାନ ଉପରେ ଗୁରୁତ୍ୱାରୋପ କରିବାକୁ କୁହାଯାଇଛି। ସେହିପରି ପ୍ରତ୍ୟେକ ବିଦ୍ୟାଳୟରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କମିଟି ଏହି ଗସ୍ତରେ ଚିତ୍ରକୋଣ୍ଡା ବଡପଡ଼ା ଏଜୁକେସନାଲ କ୍ୟାମ୍ପସ ପରିଦର୍ଶନ ରେ ଯାଇ ନିଜର ଖୁସି ବ୍ୟକ୍ତ କରିଛନ୍ତି ଏବଂ କହିଛନ୍ତି ଯେ ଏହିଭଳି ଅଭିନବ ଏଜୁକେସନାଲ କମ୍ପ୍ଲେକ୍ସ ଓଡ଼ିଶାରେ କ୍ୱଚିତ୍। ସେହିପରି ପାଙ୍ଗାମ୍ ସ୍ଥିତ ହାଇ ସ୍କୁଲ୍ ପରିଦର୍ଶନରେ ଯାଇ କମିଟି ପ୍ରଶଂସା କରିଛନ୍ତି। ଏହି ବୈଠକରେ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସଦର ଏସିଏସଓ ମୁରୁଲି କ୍ରିଷ୍ଣା କମିଟିକୁ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କମିଟି ପକ୍ଷରୁ ପ୍ରଭାସ କୁମାର ନାୟକ, ଏସିଏସଓ ପ୍ରଦୀପ ଦାସ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଆଳି (ଭାସ୍କର ନ୍ୟୁଜ) : ଆଳିବ୍ଲକ ପଦନୀପାଳ ପଞ୍ଚାୟତ ବିକ୍ରମ କୁମାର ମଳିକଙ୍କ ସଭାପତିତ୍ୱରେ ପଞ୍ଚାୟତ ର ଦଳଗତ ନିର୍ବିଶେଷରେ ଅଜାମ୍ବର ମଳିକ,ଗଣେଶ ଚନ୍ଦ୍ର ଲେଙ୍କା, ସତ୍ୟବ୍ରତ ମଳିକ, ଗଙ୍ଗାଧର ଦାସ, ନରେନ୍ଦ୍ର କୁମାର ଲେଙ୍କା, ଯୋଗେନ୍ଦ୍ର ରାୟ, ପଦ୍ମଚରଣ ମଳିକ, ଭାଗବତ ରାଉତ, ଦିବାକର ରାୟ, ଅଭିରାମ ସାହୁ, ଅନନ୍ତ ଚରଣ ଲେଙ୍କା ପ୍ରମୁଖ ଯୋଗଦେଇ ଦେବେନ୍ଦ୍ର ଶର୍ମାଙ୍କ ସ୍ମୃତି ଚାରଣ କରିଥିଲେ। ଦେବେନ୍ଦ୍ର ଶର୍ମା ଜଣେ ନେତା ନଥିଲେ ସେ ଥିଲେ ରାଜନୀତି ଉର୍ଦ୍ଧରେ ରହି ସମସ୍ତଙ୍କ ପାଇଁ ଭଲ ଚିନ୍ତା କରୁଥିବା ବ୍ୟକ୍ତି କ୍ଷ କହିବା ଅନୁସାରେ ୬୬ବର୍ଷ ସେ ବଞ୍ଚିଥିବା ସମୟରେ କରିଯାଇଥିବା କାର୍ଯ୍ୟ କଥା କହିଲେ ସରିବନି। ତାଙ୍କ ଦେହାନ୍ତ କୁ ଆଜି ପର୍ଯ୍ୟନ୍ତ କେହି ବିଶ୍ୱାସ କରୁନଥିବା ନେଇ ଅନେକ ବକ୍ତା ତାଙ୍କ ଭାଷଣରେ କହିଛନ୍ତି। ଯୋଗେନ୍ଦ୍ର ରାୟ ଆଲୋଚନା ସମୟରେ କାନ୍ଦି କାନ୍ଦି କହିଥିଲେ ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ବିଷୟରେ ଯାହା ସେ କହିଲେ ସମସ୍ତଙ୍କ ଆଖିରୁ ଲୁହ ଝରି ଆସିଥିଲା ତାଙ୍କ କହିବା ଅନୁସାରେ ତାଙ୍କ ଝିଅ ଦେହ ବହୁ ଅସୁସ୍ଥତା ଥିବା ସମୟରେ ସେ ଯେତେବେଳେ ବିଶ୍ୱାସ ହରେଇ ବସିଥିଲେ ସେହି ସମୟରେ ତାଙ୍କୁ ଦେବେନ୍ଦ୍ର ଶର୍ମା ସହଯୋଗ କରି ତାଙ୍କ ଝିଅର ପୁର୍ନଜନ୍ମ ଦେଇଥିଲେ। ଶେଷ ରେ ଅନେକ ବକ୍ତା କହିଥିଲେ ଆଗାମୀ ପିଢ଼ିର ଯୁବକ ଜଣେ ଜଣେ ଦେବେନ୍ଦ୍ର ଶର୍ମା ହୋଇ ବାହାରିଲେ ଆଳି ଅଞ୍ଚଳ ଆଗକୁ ଯାଇ ପାରିବ କ୍ଷ ଆଳିରୁ ସ୍ନେହଜିତ ପଲ୍ଲାଇ।

# ବେଆଇନ ମୋରମ୍ ଚାଲାଣ ବେଳେ ଚଢାଉ: ଦୁଇ ହାଇୱା ଜବତ



ବୋଲଗଡ (ଭାସ୍କର ନ୍ୟୁଜ୍) : ବାଘମାରୀ ଥାନା ଅନ୍ତର୍ଗତ ଅଟ୍ରି ସ୍ଥିତ ବେଆଇନ ଭାବେ ମୋରମ ଖଣିର ମାଟି ଉତ୍ତୋଳନ ଓ ଖନନ କରୁଥିବା ବେଳେ ଅତର୍କିତ ଭାବେ ଚଢାଉ ହୋଇଥିଲା। ଏଥିରେ ମୋଟ ଦୁଇଟି ହାଇୱା ଓ ଗୋଟିଏ ପ୍ରୋକଲିନ ଅଟକ ରଖି ପୁଲିସ ନିକଟରେ ଜିମା ଦେଇଛି। ତେବେ ଜିଲ୍ଲା ଖଣି ନିଗମ ଅଧିକାରୀ ଜଗନ ବେହେରାଙ୍କୁ ପଚାରିବାର କହିଥିଲେ ଯେ ବାଘମାରୀ ଠାରେ ବାଇପାସ ରାସ୍ତା ନିର୍ମାଣ ପାଇଁ ଠିକାଦାର ସଂସ୍ଥା ପକ୍ଷରୁ ମୋରମ ଖନନ ଓ ଉତ୍ତୋଳନ ହେଉଥିବା ବେଳେ ରାଜସ୍ୱ ନୀରିକ୍ଷକଙ୍କ ପହଂଚି ଗାଡ଼ିକୁ ଅଟକ ରଖିଥିଲେ। ପରେ ଆବଶ୍ୟକୀୟ କାଗଜାତ ଗୁଡ଼ିକୁ ତନଖି କରିବା ପରେ ସଠିକ ରହିଛି ବୋଲି କହିଛନ୍ତି।

# ମସୁଣିହତା ଗ୍ରାମବାସୀଙ୍କ ଆନ୍ଦୋଳନ

କଣିହାଁ (ଭାସ୍କର ନ୍ୟୁଜ୍) :କଣିହାଁ ବ୍ଲକ ଅନ୍ତର୍ଗତ ମସୁଣିହତା ଗ୍ରାମବାସୀ ୧୮ବର୍ଷ ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀଙ୍କୁ ମେଣ୍ଟେନାନସ୍ ରେ ନିଯୁକ୍ତି ଓ ପରିବାର ପ୍ୟାକେଜ ପ୍ରଦାନ ଦାବୀରେ ଏନଟିପିସି ଷ୍ଟେଜ-୧ ଆଶପଣ୍ଡ ନିକଟରେ ଧାରଣାରେ ବସିବାସହ ଆଶପଣ୍ଡ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ସୋମବାର ଦିନ ସକାଳ ସାଢ଼େ ୭ ଘଟିକା ସମୟରେ ଗ୍ରାମର ପୁରୁଷ ମହିଳା ଏକତ୍ରିତ ହୋଇ ଏନଟିପିସି ଆଶପଣ୍ଡ ନିକଟରେ ବସି ରହି ଆନ୍ଦୋଳନ କରିଥିଲେ କ୍ଷ ପରେ ଏଥିନେଇ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ତାଳଚେର ଉପ ଜିଲାପାଳ ସମୀର ଜେନା, ଏନଟିପିସି ମ୍ୟାନେଜମେଣ୍ଟ, ଆନ୍ଦୋଳନକାରୀ ଙ୍କ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ବସିଥିଲା କ୍ଷ ବୈଠକରେ ୬୦ ଦିନ ମଧ୍ୟରେ ପ୍ୟାକେଜ ସମସ୍ୟା ଓ ୧୫ ଦିନ ମଧ୍ୟରେ ନିଯୁକ୍ତି ସମସ୍ୟା ସମାଧାନ କରାଯିବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନ ୫ଘଟିକା ସମୟରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା କ୍ଷ ଉକ୍ତ ଆନ୍ଦୋଳନ ଗ୍ରାମ ସଭାପତି ରଞ୍ଜନ କୁମାର ପାଣି, ସଂପାଦକ ପ୍ରବୀଣ ନାଏକଙ୍କ ନେତୃତ୍ୱରେ ଚାଲିଥିଲା।

# ପାନୀୟ ଜଳ ସମସ୍ୟା ନେଇ କନିଷ୍ଠ ଯନ୍ତ୍ରୀଙ୍କୁ ଘେରିଲେ ଗ୍ରାମବାସୀ



ଖଇରପୁଟ (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ରାସବେଡା ପଞ୍ଚାୟତ ଅନ୍ତର୍ଗତ ସିନ୍ଧିଗୁଡା ଗ୍ରାମରେ ଜଳ ସମସ୍ୟା ନେଇ କନିଷ୍ଠ ଯନ୍ତ୍ରୀ ଙ୍କୁ ଘେରିଲେ ଗ୍ରାମର ମହିଳା। ଗ୍ରାମରେ ତିନୋଟି ନଳକୂପ ଥିବା ବେଳେ କୌଣସି ବି ନଳକୂପ ରୁ ପାଣି ବାହାରୁ ନାହିଁ, ଗ୍ରାମରେ ଥିବା ଗୋଟିଏ ପମ୍ପ ହାଉସ ରୁ ଗ୍ରାମ କୁ ପାଣି ଜଳ ଯୋଗାଣ ହେଉଥିବା ବେଳେ ଏସ. ସି. ଏମ ଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁଁ ତାହା ଠିକ ଭାବରେ ଚାଲିପାରୁନାହିଁ, ତେଣୁ ଗ୍ରାମବାସୀ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆଜି କନିଷ୍ଠ ଯନ୍ତ୍ରୀ ଭୀଷ୍ମ ମଲ୍ଲିକ ସମସ୍ୟା ବିଷୟରେ ଜାଣି ଗ୍ରାମକୁ ଯାଇଥିବା ବେଳେ ଗ୍ରାମର ସମସ୍ତ ମହିଳା ହାଣ୍ଡି, ମାଠିଆ ଧରି କନିଷ୍ଠ ଯନ୍ତ୍ରୀ ଙ୍କ ସାମ୍ନାରେ ରଖି ପ୍ରତିବାଦ କରିଥିଲେ। ଏ ବାବଦରେ କନିଷ୍ଠ ଯନ୍ତ୍ରୀ ଭୀଷ୍ମ ମଲ୍ଲିକ ଙ୍କୁ ପଚାରିବାରୁ କହିଥିଲେ ଗ୍ରାମରେ ଜଳ ସ୍ତର ନାହିଁ ତେଣୁ ଗ୍ରାମର ନଳକୂପ ଗୁଡିକ କାମ କରୁନାହିଁ। ତେଣୁ ଆଜି ଗ୍ରାମ ବାସୀ ଙ୍କ ସହାୟତାରେ ଏକ ସ୍ଥାନ ଚିହ୍ନଟ କରାଯାଇଛି ସେହି ସ୍ଥାନରେ ନୂତନ ନଳକୂପ ଖୋଳାଯିବ ଏବଂ ପମ୍ପ ହାଉସ ଟିଙ୍କୁ ଠିକ ଭାବରେ ଚଲେଇବାକୁ ଏ. ଇ. ଏମ ଙ୍କୁ ଅନୁରୋଧ କରାଯାଇଛି।

# ନ୍ୟାୟୋଚିତ କର୍ତ୍ତବ୍ୟ କରି ବିଧାନସଭାର ମର୍ଯ୍ୟାଦା ରକ୍ଷା କରନ୍ତୁ : ଜନଶକ୍ତି ପାର୍ଟି

ଡେରାବିଶ (ଭାସ୍କର ନ୍ୟୁଜ୍) : ଆଜି ଓଡ଼ିଶା ରାଜ୍ୟ ବିଧାନସଭା ଗୃହରେ ଘଟିଯାଇଥିବା ବଧାୟକମାନଙ୍କ ବିଶୃଙ୍ଖଳିତ କାର୍ଯ୍ୟରେ ବିଧାନସଭା ଗୃହର ଅସମ୍ମାନ ହେଉଥିବା ଅଭିଯୋଗ ଆଣି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିଛନ୍ତି ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ। ଉତ୍କଳ ସମ୍ମିଳନୀ ମାଧ୍ୟମରେ ଭାଷାଭିତିକ ରାଜ୍ୟ ଭାବେ ଓଡ଼ିଶା ପ୍ରତିଷ୍ଠା ଓ ଏହାର ବିକାଶ ପାଇଁ ବିଧାନସଭାରେ ଆଇନ ପ୍ରଣୟନ ଓ ଏହାର କାର୍ଯ୍ୟକାରୀତାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ନିର୍ବାଚିତ ଜନପ୍ରତିନିଧିମାନେ ଯେଉଁଭଳି ଭାବରେ ବିଧାନସଭା ଗୃହ ଓ ଗୃହ ବାହାରେ ଅଶାଳୀନ ବ୍ୟବହାର ଓ ଅକ୍ଷମଣୀୟ ଗଣ୍ଡଗୋଳ କରିଛନ୍ତି ସେଥିରେ ଓଡ଼ିଶାର ଶାନ୍ତିପ୍ରିୟ ଜ୍ଞାନୀଗୁଣି ବ୍ୟକ୍ତିମାନେ ହତୋତ୍ସାହ ହୋଇପଡ଼ିଛନ୍ତି । ବିଧାନସଭା ଗୃହରେ ରାଜ୍ୟର ବିକାଶ ପାଇଁ ଶାସକ ଓ ବିରୋଧି ଆପୋଷ ବୁଝାମଣା ସହିତ ନିର୍ଦ୍ଦିଷ୍ଟ ଉପାୟ ବାହାର କରିବା ପାଇଁ ଅନୁରୋଧ କରିବା ସହିତ ଏ ସମ୍ପର୍କରେ ଉଚିତ୍ ପଦକ୍ଷେପ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଜନଶକ୍ତି ପାର୍ଟି ସଭାପତି ଶ୍ରୀ ଦାସ ଜଣାଇଛନ୍ତି। ଏଥିସହିତ ବିଧାନସଭା ଚାଲିବାରେ ଗୋଟିଏ ଦିନ ପାଇଁ ଓଡ଼ିଶାର ଜନସାଧାରଣଙ୍କ ଟିକସ ଟଙ୍କାରୁ ୭୦ଲକ୍ଷ ବ୍ୟୟ କରାଯାଉଥିବା ବେଳେ ଏହାର ସଦ୍ ବିନିଯୋଗ ହେଉ ବୋଲି ସମ୍ବିଧାନକୁ ସମ୍ମାନ ଜଣାଇ ଜନପ୍ରତିନିଧି ସେମାନଙ୍କ କର୍ତ୍ତବ୍ୟ ପାଳନ କରନ୍ତୁ ବୋଲି ଶ୍ରୀ ଦାଶ ଅନୁରୋଧ କରିଛନ୍ତି ।

# ମୌନବ୍ରତ ଭଗବାନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ବାଳକାଟି ଚାମ୍ପିଅନ୍



ଆଳି (ଭାସ୍କର ନ୍ୟୁଜ୍) : ଆଳି ବ୍ଲକ୍ ପ୍ରଗତି ସ୍ପୋର୍ଟିଂ କ୍ଲବ, ବେତା ଆନୁକୁଲ୍ୟରେ ଚାଲିଥିବା ୧୬ ତମ ମୌନବ୍ରତ ଓ ପ୍ରଥମ ଭଗବାନ ନାୟକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଦିବଂଗତ ସମାଜସେବୀ, କ୍ରୀଡ଼ାବିତ, ସମବାୟବିତ ତତସହିତ ପ୍ରମୁଖ ଅଗ୍ରଣୀ ଖବର କାଗଜର ପୂର୍ବତନ ଆଳି ବ୍ଲକ ସାମ୍ବାଦିକ ଭଗବାନ ନାୟକଙ୍କ ଅକାଳ ବିୟୋଗରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିବା ଏହି କ୍ରିକେଟ ଟୁର୍ନାମେଣ୍ଟର ଉଦଯାପନୀ ଦିବସ ରେ ପ୍ରଥମେ ସେହି ମହାନ ବ୍ୟକ୍ତିତ୍ୱ ଙ୍କୁ ମନେ ପକାଇ ତାଙ୍କ ସ୍ମୃତିଚାରଣ କରାଯିବା ସହ ଦୁଇ ମିନିଟ ନିରବ ପାର୍ଥନା କରାଯାଇଥିଲା। ଆଜିର ମ୍ୟାଚରେ ବାଳକାଟିର ରୁକ୍ମଣୀ କ୍ରିକେଟ କ୍ଲବ୍ ମାଣିକପାଟଣାର କଣ୍ଟେଶ୍ୱରୀ କ୍ରିକେଟ କ୍ଲବକୁ ହରାଇ ଚାମ୍ପିଅନ ହୋଇଛି। ମାଣିକପାଟଣାର କଣ୍ଟେଶ୍ୱରୀ କ୍ରିକେଟ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୯୧ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଳକାଟିର ରୁକ୍ମଣୀ କ୍ରିକେଟ କ୍ଲବ ୯.୨ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିବା ସହିତ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ପ୍ରଗତି ସ୍ପୋର୍ଟିଂ କ୍ଲବ ପକ୍ଷରୁ ପ୍ରଦୀପ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ଦାଶ, ବରିଷ୍ଠ ସାମ୍ବାଦିକ ତଥା କବି ପ୍ରମୋଦ ମଲ୍ଲିକ ଓ ବରିଷ୍ଠ ନାଗରିକ ଶ୍ରୀଧର ମହାନ୍ତି, ନିରଞ୍ଜନ ପରିଡ଼ା ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳ ରୁକ୍ମଣୀ କ୍ରିକେଟ କ୍ଲବ ବାଳକାଟି, ରନର୍ସଅପ୍ ଦଳ ମାଣିକପାଟଣାର କଣ୍ଟେଶ୍ୱରୀ କ୍ରିକେଟ କ୍ଲବ୍ ସହିତ ମ୍ୟାନ୍ ଅଫ୍ ଦ ମ୍ୟାଚ୍ କାହ୍ନୁ ବରଜ ଓ ମ୍ୟାନ ଅଫ ଦି ସିରିଜ୍ ଭାବେ ବିଶ୍ୱଜିତ ମଳିକଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରଗତି ସ୍ପୋର୍ଟିଂ କ୍ଲବର ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟକୁ କ୍ଲବର ସଦସ୍ୟ ମୁକେଶ ନାୟକ, ଦୂର୍ଗାଦତ୍ତ ଦାଶ, ଶରତ ମଳିକ, ଭାଗବତ ଦାସ, ସନ୍ତୋଷ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

କୋଣାର୍କ (ଭାସ୍କର ନ୍ୟୁଜ୍) : ଶୁକ୍ରବାର କୋଣାର୍କ ନିକଟସ୍ଥ ତଥା ଗୋପ ବ୍ଲକର ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଖେଳଣା' ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଆୟୋଜିତ ଏହି ଶୈକ୍ଷିକ କାର୍ଯ୍ୟକ୍ରମରେ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆମ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷଣ ସାମଗ୍ରୀ ଖେଳଣା ଗଢ଼ିବା ସହିତ ନାଚି ଗାଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ବହୁବିଧ ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗିତା ଆୟୋଜନ କରାଯିବା ସହିତ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର୍ ିତରଣ କରାଯାଇଥିଲା। ଏହି କ୍ଲଷ୍ଟର ଅନ୍ତର୍ଗତ ମାଟିଆପଡା ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମ୍ରାଟ ଭଞ୍ଜ ଭୋଇଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିମିଳି ସରପଞ୍ଚ ବିଶ୍ୱଜିତ ସ୍ୱାଇଁ, ବରିଷ୍ଠ ଶିକ୍ଷାବିତ୍ ଲକ୍ଷ୍ମୀଧର ସାହୁ, ସୁଶାନ୍ତ କୁମାର ିଶ୍ୱାଳ, ସିଆରସିସି ରବୀନ୍ଦ୍ରନାଥ ବାହିନୀପତି ଓ ସ୍କୁଲ ପରିଚାଳନା କମିଟି ସଭାପତି ରମେଶ ବେହେରା ଅତିଥିରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର୍ ିତରଣ କରିଥିଲେ। ସହକାରୀ ଶିକ୍ଷକ ପ୍ରମୋଦ କୁମାର ବେହେରା ଓ ଶିକ୍ଷୟିତ୍ରୀ ସତ୍ୟଭାମା ରଥ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଭୈରବ ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାଜଲ୍ବାଳା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବନାଖଣ୍ଡି ସରପଞ୍ଚ ପ୍ରଜ୍ଞା ପରମିତା ନାୟକ ମୁଖ୍ୟ ଅତିଥିରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ମରଜିତ୍ ସେନ୍ ଓ ସ୍କୁଲ ପରିଚାଳନା କମିଟି ସଭାପତି ମଙ୍ଗରାଜ ସ୍ୱାଇଁ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ପ୍ରୀତି ଶତପଥୀ ଓ ସ୍ୱର୍ଣ୍ଣଲତା ବେହେରା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁଶାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ବାଲୁଙ୍କେଶ୍ୱର ବାରିକ, ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ, ଶିରିପୁର ପିୟୁପିଏସ୍ ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି, ଏ.କେ. ିଦ୍ୟାପୀଠର ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି, ସ୍କୁଲ ପରିଚାଳନା କମିଟି ସଭାପତି ସ୍ମାସ ସେଠୀ ଓ ସିଆରସିସି ରବୀନ୍ଦ୍ରନାଥ ବାହିନୀପତି ଅତିଥିରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେବା ସହିତ ପୁରସ୍କାର୍ ିତରଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁରଭି ମହାପାତ୍ରଙ୍କ ସମେତ ଅନ୍ୟମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଦେଶୀ ମଦ ଜବତ ଦୁଇ ଗିରଫ



ବୋଲଗଡ (ଭାସ୍କର ନ୍ୟୁଜ୍) ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଥାର୍ପା ମାରାଣ୍ଡି ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ବିଭାଗ ଅଞ୍ଚଳରେ ଚଢାଉ ହୋଇଛି। ଏଥିରେ ମୋଟ ୪୫ ଲିଟର ଦେଶୀ ମଦ ସହ ଚଟୁଆ ଓ ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଚୁକୁଳି ଗ୍ରାମର ସୁଶାନ୍ତ କୁମାର ସାହୁ ଓ ଅନନ୍ତ ନାୟକଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି ।

# ଯୁବକଙ୍କ ଚିକିତ୍ସା ନିମନ୍ତେ କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ସହାୟତା



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ପଲେଇ ପଂଚାୟତ ଅନ୍ତର୍ଗତ କନ୍ଦରପୁର ଗ୍ରାମର ମସ୍ତିଷ୍କାଘାତ କାରଣରୁ ସ୍ନାୟୁ ଜନତି ରୋଗରେ ଦୀର୍ଘ ତିନି ବର୍ଷ ହେବ ପୀଡ଼ିତ ଯୁବକର ଚିକିତ୍ସା ନିମନ୍ତେ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ପକ୍ଷରୁ ଆଜି ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁ ୧୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଛନ୍ତି । ଘଟଣାରୁ ପ୍ରକାଶ କନ୍ଦରପୁର ଗ୍ରାମର ପ୍ରବୀର କୁମାର ସ୍ୱାଇଁଙ୍କ ରୋଜଗାରକ୍ଷମ ଏକମାତ୍ର ପୁତ୍ର ଦିପକ ପ୍ରସାଦ ସ୍ୱାଇଁ (୨୫) ଦୀର୍ଘ ତିନିବର୍ଷ ତଳେ ଭୁବନେଶ୍ୱରରେ ଏକ ସଡ଼କ ଦୁର୍ଘଟଣାରେ ମସ୍ତିଷ୍କରେ ଗୁରୁତର ଆଘାତ ପାଇବା ପରେ ସ୍ନାୟୁଜନିତ ରୋଗରେ ପଡ଼ି ସେ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି । ଏହି ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟ ବହୁଳ ହୋଇଥିବା ବେଳେ ଦୀପକର ବାପା ଶ୍ରୀ ସ୍ୱାଇଁ ଏବେ ଆର୍ଥିକ ଦୂରାବସ୍ଥା ଦେଇ ଗତି କରୁଛନ୍ତି । ଖବର ପାଇ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ସଭାପତି ଶ୍ରୀ ସାହୁ, ମୁଖ୍ୟ ଶାଖାର ବରିଷ୍ଠ ପରିଚାଳକ ପଙ୍କଜ ମଲିକ, କର୍ମଚାରୀ ପ୍ରତାପ ଜେନା, ଦେନିକ ଜମା ସଂଗ୍ରହକାରୀ ଏଜେଂଟ ଅମିତ ଦାସ ପ୍ରମୁଖଙ୍କ ଗହଣରେ ଦିପକଙ୍କ ଘରେ ପହଂଚି ରୋଗଶଯ୍ୟାରେ ପୀଡ଼ିତଙ୍କ ବାପା ପ୍ରବୀରଙ୍କୁ ଚିକିତ୍ସା ନିମନ୍ତେ ୧୦ହଜାର ଟଙ୍କା ପ୍ରଦାନ କରିବା ସହିତ ଆବଶ୍ୟକ ହେଲେ ଅଧିକ ସହାୟତା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସହାୟତା ରାଶି ପ୍ରଦାନ ବେଳେ ୱାର୍ଡ ସଭ୍ୟ ସୁଧାଂଶୁ ଲେଙ୍କାଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋଅପରେଟିଭ୍ ସୋସାଇଟିର କାର୍ଯ୍ୟକାରୀ ପରିସୀମା ଅବିଭକ୍ତ କଟକ ଜିଲ୍ଲା ମଧ୍ୟରେ ବିଭିନ୍ନ ସମୟରେ ଅସହାୟ ରୋଗୀ, ଉଚ୍ଚଶିକ୍ଷା ପାଇଁ ଗରିବ ମେଧାବୀ ଛାତ୍ର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କୁ ସହାୟତା ଏବଂ ଆନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟସ୍ତରୀୟ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହିତ କରିଆସୁଅଛି । ଆଜିର ସହାୟତା ପ୍ରଦାନକୁ ଅଂଚଳବାସୀ ସ୍ୱାଗତ କରିଛନ୍ତି ।

# ବୃତ୍ତି ପରୀକ୍ଷାରେ ଛାତ୍ରୀଙ୍କ ସଫଳତା



କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ୍) : କୋଷାଗୁମୁଡ଼ା ବ୍ଲକର ମାଝୀଗୁଡା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ୮ମ ଶ୍ରେଣୀର ଦୁଇ ଛାତ୍ରୀ ଏନ.ଏମ୍.ଏମ୍.ଏସ ବୃତ୍ତି ପରୀକ୍ଷାରେ ବ୍ଲକରେ କେବଳ ଦୁଇ ଜଣ କୃତିତ୍ୱ ହାସଲ କରିଛନ୍ତି । କୋଷାଗୁମୁଡ଼ା ନିବାସୀ ରଞ୍ଜିତ କୁମାର ପାଢୀ ଏବଂ ସଂଯୁକ୍ତା ପାଢ଼ୀଙ୍କ ଝିଅ ଲିକ୍ଷିତା ପାଢ଼ୀ ନବରଙ୍ଗପୁର ଜିଲ୍ଲାରେ କ୍ରମିକ ୯ ନମ୍ବରରେ ରହିଥିବା ବେଳେ ପଣ୍ଡୁଗୁଡା ନିବାସୀ ଲଚମନ ଭତ୍ରା ଓ ସନମୋତି ଭତ୍ରାଙ୍କ ଝିଅ ଲକ୍ଷ୍ମୀ ଭତ୍ରା ଜିଲ୍ଲାରେ କ୍ରମିକ ୫୯ ନମ୍ବର ରେ ରହି ଏନ. ଏମ୍. ଏମ୍. ଏସ ବୃତ୍ତି ପରୀକ୍ଷାରେ ରେ କୃତିତ୍ୱ ହାସଲ କରିଛନ୍ତି । ଏହି କୃତିତ୍ୱ ବିଦ୍ୟାର୍ଥୀ ଙ୍କୁ ବର୍ଷକୁ ୧୨ହଜାର ଟଙ୍କା ଅନୁସାରେ ୪ବର୍ଷ ରେ ୪୮ହଜାର ଟଙ୍କା ନିଜ ପାଠ ପଢା ପାଇଁ ସରକାରଙ୍କ ତରଫରୁ ଯୋଗାଇ ଦିଆଯିବ । ଏହି କୃତିତ୍ୱରେ ବିଦ୍ୟାଳୟ ଓ କୋଷାଗୁମୁଡ଼ା ଅଞ୍ଚଳ ର ବୁଦ୍ଧିଜୀବୀ ଓ ସମ୍ପର୍କୀୟ ଙ୍କ ତରଫରୁ ସୁବେଚ୍ଛା ଓ ପ୍ରଶଂସା ର ବାର୍ତା ଛୁଟିବାରେ ଲାଗିଛି । ଏହି ବୃତ୍ତି ପରୀକ୍ଷା ଟି କେବଳ ବେସରକାରୀ, ଗରିବ ଶ୍ରେଣୀ ର ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ ପାଇଁ ଏକ ସୋପୋନ ର ସିଢ଼ି ବୋଲି ଜଣା ପଡ଼ିଛି ।

# ଗୁଗୁଲ ସର୍ଚ୍ଚରେ ଟାଙ୍ଗୀକୁ ମିଳିଛି ଏନ୍ଏସି ମାନ୍ୟତା

ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲାରେ ୫ ଟି ଅଞ୍ଚଳକୁ ମିଳିଛି ଏନ୍.ଏ.ସି. ମାନ୍ୟତା । ଏଥିରେ ଖୋର୍ଦ୍ଧା , ବାଲୁଗାଁ , ବାଣପୁର , ଟାଙ୍ଗୀ , ବେଗୁନିଆ , ବୋଲଗଡ଼ ଅଞ୍ଚଳକୁ ସ୍ଥାନିତ କରାଯାଇଛି । ବିଜେଡ଼ି ସରକାର ସମୟରେ ଟାଙ୍ଗୀ ଅଞ୍ଚଳକୁ ଏନ୍.ଏ.ସି. ମାନ୍ୟତା ମିଳିଥିବା ଘୋଷଣା ହୋଇଥିଲେ ମଧ୍ୟ ବର୍ତ୍ତମାନର ବିଜେପି ସରକାର ଏହାକୁ ଗ୍ରହଣ କରି ନଥିଲା ଏବଂ ବିଚାର ବିମର୍ଷ ହେଉଛି ବୋଲି ବର୍ତ୍ତମାନର ସରକାର କହିଥିଲେ , କିନ୍ତୁ ଗୁଗୁଲ ସର୍ଚ୍ଚ ରେ ଟାଙ୍ଗୀ କୁ ଏନ୍.ଏ.ସି. ମାନ୍ୟତା ମିଳିଥିବା ରେକର୍ଡ ଭୁକ୍ତ କରାଯାଇଛି । ଖୋର୍ଦ୍ଧା ଜିଲ୍ଲାର ତଥା ଟାଙ୍ଗୀ ଅଞ୍ଚଳର ଅଗ୍ରଣୀ ସାମ୍ବାଦିକ ସଂଘ ଭାବେ ପରିଚିତ ହୋଇଥିବା ଟାଙ୍ଗୀ ସାମ୍ବାଦିକ ସଂଘ ପକ୍ଷରୁ ସଂଘ ସଭାପତି ରବୀନ୍ଦ୍ର କୁମାର ରଣା , ସମ୍ପାଦକ ସନ୍ତୋଷ ଚୈ।ଧୁରୀ , ସହ-ସମ୍ପାଦକ କାହ୍ନୁ ଚରଣ ବେହେରାଙ୍କ ସମେତ ସଂଘର ସମସ୍ତ ସଦସ୍ୟ ବର୍ତ୍ତମାନର ସରକାର ଓ ପୂର୍ବତନ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଖୁବଶୀଘ୍ର ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ସରପଞ୍ଚଙ୍କ ଦସ୍ତଖତ ଯାଞ୍ଚ କଲେ ଉପଜିଲ୍ଲାପାଳ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ସମିତିସଭ୍ୟ ଓ ସରପଞ୍ଚଙ୍କ ଦସ୍ତଖତ ମେଳକ କରିଛନ୍ତି ଉପଜିଲ୍ଲାପାଳ। ଏ ନେଇ ଅନାସ୍ଥାରେ ଦସ୍ତଖତ କରିଥିବା ୪୨ ଜଣ ସମିତିସଭ୍ୟ ଓ ସରପ☐ ଶୁକ୍ରବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସେମାନଙ୍କ ଦସ୍ତଖତ ମେଳ କରିଥିଲେ। ସମସ୍ତଙ୍କ ଦସ୍ତଖତ ମେଳ ଖାଇଥିଲା ବୋଲି ଉପଜିଲ୍ଲାପାଳ ଶ୍ରୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ଏ ନେଇ ଆସନ୍ତା ଅପ୍ରେଲମାସ ୫ ତାରିଖରେ ମହାକାଳପଡ଼ା ବିଡିଓଙ୍କ କାର୍ଯ୍ୟାଳୟରେ ଅନାସ୍ଥା ପ୍ରସ୍ତାବ ଉପରେ ମତଦାନ ହେବ। ଏଥିରେ ପ☐ାୟତ ସମିତି ଅଧ୍ୟକ୍ଷା ନିଜର ବହୁମତ ସାବ୍ୟସ୍ତ କରି ନପାରିଲେ ସେ ତାଙ୍କ ପଦ ହରାଇବାର ଆଶଙ୍କା ରହିଛି। ସୂଚନା ଥାଉକି ଗତ ୨୦ ତାରିଖରେ ୪୨ ଜଣ ସମିତିସଭ୍ୟ ଓ ସରପ☐ ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଅନାସ୍ଥା ଆଣିଥିଲେ। ଏହାର ନକଲ ସେମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ପ☐ାୟତ ସମିତି ଅଧ୍ୟକ୍ଷାଙ୍କ ମନମୁଖୀ କାର୍ଯ୍ୟ ପାଇଁ ଅ☐ଳର ଉନ୍ନତି ହୋଇପାରୁନାହିଁ। ଅନାସ୍ଥା ପ୍ରସ୍ତାବରେ ହୋଇଥିବା ଦସ୍ତଖତର ସତ୍ୟତା ଜାଣିବା ପାଇଁ ଉପଜିଲ୍ଲାପାଳ ଶୁକ୍ରବାର ଦସ୍ତଖତ ମେଳ କରିବା ପାଇଁ ଦିନ ଧାର୍ଯ୍ୟ କରିଥିଲେ। ଏଥିସହ ଯେଉଁମାନେ ଏଥିରେ ଦସ୍ତଖତ କରିଛନ୍ତି ସେମାନଙ୍କୁ ହାଜର ହେବା ପାଇଁ ସେ ନୋଟିସ ଦେଇଥିଲେ। ଉପଜିଲ୍ଲାପାଳଙ୍କ ନୋଟିସ ପାଇବା ପରେ ଅନାସ୍ଥାରେ ଦସ୍ତଖତ କରିଥିବା ସଭ୍ୟ/ସଭ୍ୟା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଉପଜିଲ୍ଲାପାଳ ଜଣ ଜଣ କରି ଦସ୍ତଖତକାରୀଙ୍କ ଦସ୍ତଖତ ଏକ ସାଦା କାଗଜରେ ନେଇଥିଲେ। ଏହାକୁ ପୂର୍ବ ଦସ୍ତଖତ ସହ ମେଳ କରାଇଥିଲେ। ଦସ୍ତଖତ ମେଳ ଖାଇଥିବା ଉପଜିଲ୍ଲାପାଳ କହିଛନ୍ତି।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ




ବ୍ୟାସନଗର (ଭାସ୍କର ନ୍ୟୁଜ୍) : ବ୍ୟାସନଗର ସ୍ଥିତ ଇନ୍ଦରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ପ୍ରଶିକ୍ଷିକା ନିରୂପମା ଜେନାଙ୍କ ତତ୍ତ୍ୱାବଧାନରେ ୧୦ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏନେଇ ଉଦ୍ଯାପନୀ ସଭା ମହାବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥିଭାବେ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଲଳିତା ସାହୁ ଯୋଗଦେଇ ବିଭିନ୍ନ ସମୟରେ ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଆକ୍ରମଣରୁ ରକ୍ଷା ପାଇଁ ଏହି ପ୍ରଶିକ୍ଷଣ ଜରୁରୀ ବୋଲି କହିଥିଲେ । ସମ୍ମାନିତ ଅତିଥ୍ୟ ଭାବେ ଅଧ୍ୟାପକ ସନ୍ତୋଷ କୁମାର ଜେନା, ମଳୟ କୁମାର ମଲ୍ଲିକ ଓ ପ୍ରଶିକ୍ଷିକା ନିରୂପମା ଜେନା ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ସଂପର୍କରେ କହିଥିଲେ। ବିଭାଗୀୟ ସଂଯୋଜିକା ଅଧ୍ୟାପିକା ଝୁନୁମଣୀ ଜେନା ୧୫୦ଛାତ୍ରୀ କିପରି ଶୃଙ୍ଖଳାର ସହ ପ୍ରଶିକ୍ଷଣ ନେଇଥିଲେ ଓ ସେହି ଶିକ୍ଷା ସେମାନଙ୍କ ଆତ୍ମରକ୍ଷା କ୍ଷେତ୍ରରେ ସହାୟକ ହୋଇପାରିବା ନେଇ କହିଥିଲେ । ଏହି ଅବସରରେ ପ୍ରଶିକ୍ଷାର୍ଥୀ ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଆଦି ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସଂଯୋଜିକା ଅଧ୍ୟାପିକା ସୁଶ୍ରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଖଲାରେଶ୍ୱର ଓ ପଞ୍ଚୁପାଣ୍ଡବରେ ବାରୁଣୀଯାତ୍ରା ଆରମ୍ଭ

# ଲୁଣାନଦୀ ଓ ଗୋବରୀରେ ଶ୍ରଦ୍ଧାଳୁଙ୍କ ବୁଡ଼



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଅର୍ଟାମୂଳ ସ୍ଥିତ ପ୍ରସିଦ୍ଧ ଶୈବପୀଠ ଖଲାରେଶ୍ୱରଙ୍କ ମନ୍ଦିର ବେଢ଼ା ଓ ଏଣ୍ଡର ପଂଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଧର୍ମପୀଠ ପଂଚୁପାଣ୍ଡବ ମନ୍ଦିର ବେଢାରେ ଗତକାଲି ଠାରୁ ଆରମ୍ଭ ହୋଇଛି ପବିତ୍ର ବାରୁଣୀ ଯାତ୍ରା । ପବିତ୍ର ଲୁଣାନଦୀରେ ଗତକାଲି ପ୍ରାତଃରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରି ନିଜର ମାନସିକ ପୁରଣ କରିବା ପାଇଁ ନଦୀକୂଳରେ ଥିବା ଖଲାରେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା । ଏଣ୍ଡର ପଂଚାୟତ ଡେରାଢ଼ିହ ସ୍ଥିତ ଗୋବରୀ ନଦୀର ତୀର୍ଥକୂଳରେ ରବିବାର ପ୍ରାତଃରୁ ଶତାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ପଂଚୁପାଣ୍ଡବଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ତୀର୍ଥକୂଳରୁ ମନ୍ଦିର ଯାଏ ରାସ୍ତାର ଦୁଇପାର୍ଶ୍ୱରେ ପଡିଥିବା ଚାଦରରେ ମାନସିକ ଧାରୀ ଶ୍ରଦ୍ଧାଳୁଙ୍କ ଚାଉଳ ଓ ବିରି ଶସ୍ୟ ପକାଇ ନିଜର ମାନସିକ ପୁରଣ କରୁଥିବା ଦେଖିବାକୁ ମିଳିଥିଲା । ସେହିପରି ଏହି ବାରୁଣୀ ଯାତ୍ରା ପଂଚୁପାଣ୍ଡବ ଠାରେ ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଖଲାରେଶ୍ୱରଙ୍କ ପୀଠରେ ତିନିଦିନ ଧରି ଅନୁଷ୍ଠିତ ହେବ ବୋଲି ବାରୁଣୀ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏହି ପବିତ୍ର ବାରୁଣୀ ସ୍ନାନ ତିଥିରେ ସ୍ଥାନୀୟ ଅଂଚଳର ଶ୍ରଦ୍ଧାଳୁମାନେ ପବିତ୍ର ଲୁଣାନଦୀରେ ସ୍ନାନ କରି ପ୍ରଭୁ ଖଲାରେଶ୍ୱରଙ୍କ ପୂଜାର୍ଚ୍ଚନା କଲେ ସେମାନଙ୍କର ମନସ୍କାମନା ପୂର୍ଣ୍ଣ ହୋଇଥିବା ବୋଲି ଗଭୀର ବିଶ୍ୱାସ ରହିଆସିଛି । ଏହି ଦିନରେ ଶ୍ରଦ୍ଧାଳୁମାନେ ସେମାନଙ୍କର ଶିଶୁସନ୍ତାନମାନଙ୍କର କେଶଦାନ କରିବା, ନିଜ ଘରେ ବିବାହ ବ୍ରତାଦିରେ ବ୍ୟବହାର କରିଥିବା ଶୁଭମୁକୁଟ, ପଉଡ଼ମଶିଣା ଆଦି ଏହି ଦିନରେ ନଦୀରେ ବିସର୍ଜନ କରିଥାନ୍ତି । ଏହି ଅବସରରେ ଖଲାରେଶ୍ୱର ପୀଠରେ ନାମଯଜ୍ଞର ଆୟୋଜନ କରାଯାଇଥାଏ। ବହୁ ଜନସମାଗମ ହେତୁ ଏଠାରେ ଜଳଖିଆ ଓ ଅନ୍ୟାନ୍ୟ ମନୋହରୀ ଦୋକାନ ଖୋଲିଥିବା ଦେଖାଯାଇଛି ।

# ଟାଙ୍ଗୀ-କୁହୁଡ଼ି ଗ୍ରାମରେ ଦଣ୍ଡ ଯାତ୍ରା ଆରମ୍ଭ



ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଏବଂ ଏହାର ଆଖପାଖ ଅଞ୍ଚଳରେ ତଥା ରତନପୁର, କୁହୁଡ଼ି, ସୋରଣ, ଛକଡ଼ିପୁର , ବଡ଼ପାରୀ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ଶୈବ ପୀଠ ଗୁଡିକରେ ଦଣ୍ଡ ଯାତ୍ରା ଧୁମଧାମରେ ନିଷ୍ଠା-କାଷ୍ଠାରେ ଆରମ୍ଭ ହୋଇଛି । ଭକ୍ତ , ଉପବାସ ଧାରୀ , ଶ୍ରଦ୍ଧାଳୁ ମାନସିକ ବ୍ରତ ପାଳନ ପୂର୍ବକ ରୀତିନୀତି ଅନୁଯାୟୀ ନିୟୋଗୀ ହୋଇ ଏହି ବ୍ରତ ପାଳନ କରୁଛନ୍ତି । ଆରାଧ୍ୟ ଶ୍ରୀ ଶ୍ରୀ ଚଣ୍ଡିହର ଦେବ କୁହୁଡି ବଡ଼ଠାକୁର, କୁହୁଡି ସାନ କୋଠୀ, ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ, ଶ୍ରୀ ବ୍ରହ୍ମେଶ୍ୱର ଦେବ, ଶ୍ରୀ ଚଣ୍ଡୀହର ଦେବ ଛକଡିପୁର ଦଣ୍ଡନାଚ ମହାପର୍ବ ଉତ୍ସବ ମହା ସମାରୋହରେ ଆରମ୍ଭ ହୋଇଯାଇଛି । ଟାଙ୍ଗୀ ଓ ବଡ଼ପାରୀ ଏବଂ ଏହାର ଆଖପାଖ ଅଞ୍ଚଳରେ ମଧ୍ୟ ଏହି ପର୍ବ ପାଳନ କରାଯାଉଛି ।ବାବା ବାଲୁଙ୍କେଶ୍ୱର ଦେବଙ୍କ ଦଣ୍ଡ ଠାକୁର ଆବିର୍ଭାବ ନିମନ୍ତେ ନିଶାର୍ଦ୍ଧରେ ତଥା ମଧ୍ୟ ରାତ୍ରୀରେ ଭଗତାମାନେ କାମନା ଗୃହରୁ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରକୁ ଯାଇ ଆଜ୍ଞାମାଳ ପାଇବାପରେ, ପାରମ୍ପରିକ ରୀତିନୀତି ଅନୁଯାଇ ପୂର୍ବାହ୍ନରେ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ଠାରେ କାଳିକା ପୂଜା, କାମନା ପୂଜା, ସପ୍ତଋଷି ପୂଜା, ଦଶ ଦିଗପାଳ ପୂଜା ପରେ ଠାକୁରଙ୍କୁ ଆବିର୍ଭାବ କରାଯାଇ ଦଣ୍ଡଠାକୁରଙ୍କ ପାଣିତୋଳା କରାଯାଇ ନୂତନ ବସ୍ତ୍ର ଓ ଫୁଲରେ ସଜ୍ଜିତ କରାଯାଇଥାଏ। ପରେ ପରେ ମଧ୍ୟ ରାତ୍ରୀରେ ସ୍ନାନ ତୁଠ ରେ ଶୈବ ପୂଜା, ପାପ ନାଶିନି ପୂଜା କରାଯିବା ପରେ ଦଣ୍ଡରେ ଅଗ୍ନି ସଂଯୋଗ କରାଯାଇଥାଏ । ସ୍ନାନ ତୁଠରେ ପୂଜାର୍ଚ୍ଚନା ପରେ ଭଗତା ଙ୍କୁ ସଂକଳ୍ପ ପଇତା ପ୍ରଦାନ କରାଯାଏ । ସେହିପରି କୁହୁଡ଼ି ବଡ଼ଠାକୁର ଓ ସାନ କୋଠୀ ଚଣ୍ଡୀହରଦେବ ଙ୍କ ମନ୍ଦିରରେ ପୂଜା କରାଯାଇ ମଧ୍ୟରାତ୍ରୀରେ ପାଣିତୋଳା କରାଯାଇ ନାନା ପଟୁଆରରେ ଗ୍ରାମ ବୁଲି ଗାଦିପୀଠ କୁ ପ୍ରତ୍ୟାବର୍ତ୍ତନ କରାଯାଏ । କୁହୁଡ଼ି 'ଛ' ଗଡ଼ର ବିଭିନ୍ନ ଶୈବ ପୀଠରେ ଦଣ୍ଡ ଠାକୁର ଆବିର୍ଭାବ ହୋଇ ୨୧ / ୧୩ ଦିନ ବ୍ୟାପୀ ଏହି ଦଣ୍ଡ ମହାପର୍ବ ଆରମ୍ଭ ହୋଇଯାଇଛି । ଏହି ପର୍ବ ପାଳନ ଯୋଗୁଁ ସମଗ୍ର ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି ।



# ଆମ କଳାହାଣ୍ଡି



ପୃଷ୍ଠା-୧୧

Page-11

ଶନିବାର, ୨୯ ମାର୍ଚ୍ଚ ୨୦୨୫

ଓଡ଼ିଶା ଭାସ୍କର, ଭୁବନେଶ୍ୱର


# ଶାସ୍ତ୍ରୀଜୀ ଶିକ୍ଷା ନିକେତନର ତ୍ରୟୋଦଶତମ ବାର୍ଷିକ ଉତ୍ସବ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ସହର ଉପକଣ୍ଠରେ ଥିବା ଚକ୍ରଧର ନଗରସ୍ଥିତ ଶାସ୍ତ୍ରୀଜୀ ଶିକ୍ଷା ନିକେତନର ତ୍ରୟୋଦଶତମ ବାର୍ଷିକ ଉତ୍ସବ - ୨୦୨୫ ମନୋଜ୍ଞ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିଏସ୍ଆର୍ ସୌମ୍ୟ ଶୁଭମ୍ ପାଣି, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଭେଷଜ ବିଶେଷଜ୍ଞ ତଥା ବିଶିଷ୍ଟ କବି ଡା. ଦୀନବନ୍ଧୁ ସାହୁ, ମୁଖ୍ୟବକ୍ତା,ଏବଂ ସମ୍ମାନିତ ଅତିଥି ଭାବରେ ଏଡିଏମ୍ଓ ତଥା ଲେଖକ ଡା.ନିହାରେନ୍ଦ୍ର ପଣ୍ଡା, ପୋଲିସ ହାଇସ୍କୁଲ ପ୍ରଧାନ ଶିକ୍ଷକ ତଥା ପ୍ରକୃତିବନ୍ଧୁ ରବିନ୍ଦ୍ର ପଟ୍ଟନାୟକ, ଘରୋଇ ସ୍କୁଲ ଶିକ୍ଷକ ସଂଘ ସଭାପତି ଡ.ଶିବରାମ ନାୟକ, ଭବାନୀପାଟଣା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ କୁମାର ମାଝୀ, ବିଦ୍ୟାଳୟର ଟ୍ରଷ୍ଟି ଅଧ୍ୟକ୍ଷା ନିହାରିକା ପୁରୋହିତ, ସମ୍ପାଦକ ଆଶୁତୋଷ ମୁଣ୍ଡ, କନ୍ଦେଶ୍ୱର ପୁରୋହିତ, ସ୍ୱପ୍ନା ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ଶିକ୍ଷା ନିକେତନର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ କୃତୀ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ। ଶିକ୍ଷକ ମୁକୁନ୍ଦ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ମଧୁସୂଦନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ସଂଗୀତ ସହ ଚିନ୍ମୟ ପଣ୍ଡାଙ୍କ ନିର୍ଦ୍ଦେଶନାରେ କ୍ଷୁଦ୍ର ପୌରାଣିକ ନାଟକ 'ଦଶାନନ୍' ମଞ୍ଚସ୍ଥ କରାଯାଇଥିଲା ଓ ଧରିତ୍ରୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ବିଜ୍ଞାନମେଳା, ଗଣିତ ମେଳା, ଚିତ୍ରକଳା ପ୍ରଦର୍ଶନୀ, ସାହିତ୍ୟ ଘର, ଇଂରାଜୀ ଘର, କଳାହାଣ୍ଡି ପ୍ରକୋଷ୍ଠ, ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡ. ଦାଶରଥି ଆଚାର୍ଯ୍ୟ, ରାଜ୍ୟ ପୁରସ୍କାର ପ୍ରାପ୍ତ ବରିଷ୍ଠ ଶିକ୍ଷକ ପ୍ରଭାସ ଚନ୍ଦ୍ର ମିଶ୍ର, ସମାଜସେବୀ ପ୍ରମିଳା ମିଶ୍ର, ଶିକ୍ଷକ ଝସକେତନ ପ୍ରଧାନ, ବୋର୍ଡା ସ୍କୁଲ ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ, ବିଜ୍ଞାନ ଶିକ୍ଷକ ଅମରେଶ ନେଗୀ, କବି ତଥା ଶିକ୍ଷକ ବିରଞ୍ଚି ନାରାୟଣ ମୁଣ୍ଡ, ଗାଳ୍ପିକ ଦିଲେଶ୍ୱର ରଣା, ଗଣିତବିତ୍ ପ୍ରମୋଦ ସାହୁ, ବିଜ୍ଞାନ ଓ ଗଣିତ ଶିକ୍ଷକ ଚନ୍ଦନ ସାହୁ, ଶିକ୍ଷୟତ୍ରୀ ଜ୍ୟୋତିରାଣୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମେଳାରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ୩୦ରେ କଳାହାଣ୍ଡି ଆସିବେ ମୁଖ୍ୟମନ୍ତ୍ରୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାକୁ ଆସନ୍ତା ୩୦ ତାରିଖ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ ରହିଛି। ଏହି ସମୟରେ ସେ ଜିଲ୍ଲାର ଭବାନୀପାଟଣାସ୍ଥିତ କ୍ରିଷ୍ଣା ନଗର ପଡ଼ିଆଠାରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ 'ଅନ୍ତ୍ୟୋଦୟ ଗୃହ ଯୋଜନା'ର ଶୁଭାରମ୍ଭ କରିବେ। 'ଅନ୍ତ୍ୟୋଦୟ ଗୃହ ଯୋଜନା' ପ୍ରଥମ ଦଫାରେ ରାଜ୍ୟର ୫୦ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବେ। ଏହାସହ କଳାହାଣ୍ଡି ଜିଲ୍ଲାର ୩୨ ଶହ ହିତାଧିକାରୀ ଉପକୃତ ହେବେ। ସେହିପରି ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ପ୍ରାୟ ୫ ଶହ କୋଟି ଟଙ୍କାର ନୂତନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା ପାଇଁ କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହା ପ୍ରଥମ କଳାହାଣ୍ଡି ଗସ୍ତ ହୋଇଥିବାରୁ ଜିଲ୍ଲା ଭାଜପା କର୍ମକର୍ତ୍ତାଙ୍କ ମଧ୍ୟର ଉତ୍ସାହ ଦେଖିବାକୁ ମିଳିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଶୁକ୍ରବାର ଭବାନୀପାଟଣାସ୍ଥିତ ହୋଟେଲ ମିଡ୍ ଟାଉନଠାରେ କଳାହାଣ୍ଡି ଜିଲ୍ଲା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଉପରେ ସୂଚନା ପ୍ରଦାନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଜିଲ୍ଲାବାସୀଙ୍କୁ ନିବେଦନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମଧ ଯୋଗଦେବେ ବୋଲି କହିଛନ୍ତି। ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ,ପୂର୍ବତନ ଜିଲା ସଭାପତି ଭବେନ୍ଦ୍ର ପଣ୍ଡା, ଆର୍ତ୍ତତ୍ରାଣ ମହାପାତ୍ର, ଦେବେନ୍ଦ୍ର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଉପସଭାପତି ପ୍ରଶାନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ୬୪ ବାଟାଲିୟନ୍ ସିଆରପିଏଫ୍‌ଙ୍କ ଦ୍ୱାରା ଦକ୍ଷତା ବିକାଶ କାର୍ଯ୍ୟକ୍ରମ

# ମହିଳାଙ୍କୁ ସ୍ୱାବଲମ୍ବି କରିବା ମୁଖ୍ୟ ଉଦ୍ଦେଶ୍ୟ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାରେ ନକ୍ସଲ ବିରୋଧୀ ଅଭିଯାନ ନିମନ୍ତେ ନିୟୋଜିତ ୬୪ ବାଟାଲିୟନ୍, ସିଆରପିଏଫ୍ ସମୟ ସମୟରେ ସ୍ଥାନୀୟ ଲୋକଙ୍କ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥାଏ। ଗୃହ ମନ୍ତ୍ରଣାଳୟ ଏବଂ ଓଡିଶା ସେକ୍ଟର ୬୪ ବାଟାଲିୟନ୍, ସିଆର୍‌ପିଏଫ୍ ପୋଲିସ ମହା ନିର୍ଦ୍ଦେଶକ ଅମିତେନ୍ଦ୍ର ନାଥ ସିନ୍‌ହାଙ୍କ ନିର୍ଦ୍ଦେଶ କ୍ରମେ ୨୭ ମାର୍ଚ୍ଚ ଗୁରୁବାର ଦିନ ଏକ ଦିନିକିଆ ତାଲିମ ଶିବିରର ଆୟୋଜନ କରିଥିଲେ। ନକ୍ସଲ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧି କରିବା, କଳାହାଣ୍ଡି ଜିଲ୍ଲାର ଅବହେଳିତ ପୁରୁଷ ଓ ମହିଳାଙ୍କ ଦକ୍ଷତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ପେପର ପ୍ଲେଟ୍, ହାର୍ଡ ବୋର୍ଡ ପେପର ପ୍ଲେଟ୍, ଅଗରବତୀ ତିଆରି ଏବଂ ମହମବତୀ ତିଆରି ତାଲିମ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଲୋକମାନେ ଉପକୃତ ହୋଇ ପାରିବେ ବୋଲି ଆଶା ରଖିଛନ୍ତି ସିଆରପିଏଫ୍। କଳାହାଣ୍ଡି ଜିଲ୍ଲାର ଉର୍ଲ୍ଲାଦାନୀ ଅଞ୍ଚଳର ଡୁକେଡ଼୍, ଖଲିଆମୁଣ୍ଡା, ଉର୍ଲ୍ଲାଦାନୀ, ରଙ୍ଗାପଦର, କୁରୁପଦର, ଜୁରାଖମନ ଓ ନାଗଝରି ଆଦି ଗ୍ରାମରେ ଏହି କାର୍ଯ୍ୟକ୍ରମ ଜି/୬୪ ବାଟାଲିୟନ୍ ସିଆରପିଏଫ୍‌ଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ଆର୍ଥିକ ଦୃଷ୍ଟିକୋଣରୁ ବଞ୍ଚିତ ପୁରୁଷ ଓ ମହିଳାମାନେ ସକ୍ରିୟ ଅଂଶ ଗ୍ରହଣ କରୁଛନ୍ତି। ତାଲିମ ଶେଷ ହେଲା ପରେ ପେପର ପ୍ଲେଟ୍ ମେସିନ୍, ଅଗରବତୀ ତିଆରି ମେସିନ୍ ଏବଂ ମହମବତୀ ତିଆରି ମେସିନ୍ ଏବଂ ଏହାର ସାମଗ୍ରୀ ଗ୍ରାମର ମହିଳା ସମିତି ସହିତ ତାଲିମ ପ୍ରାପ୍ତ ପୁରୁଷ ଓ ମହିଳାଙ୍କୁ ଜୀବିକା ଅର୍ଜ୍ଜନ ଏବଂ ସ୍ୱାବଲମ୍ବୀ ହେବା ପାଇଁ ଯୋଗାଇ ଦିଆଯାଇଛି ବୋଲି ସିଆରପିଏଫ୍ ପକ୍ଷରୁ ସୂଚନା ମିଳିଛି। ସିଏପି- ୨୦୨୪-୨୫ ଅନ୍ତର୍ଗତ ଏହି ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମକୁ ୬୪ବାଟାଲିୟନର ଦ୍ୱିତୀୟ କମାଣ୍ଡାଣ୍ଟ ପି.କେ. ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି, କାର୍ଯ୍ୟକ୍ରମ ଗୁଡିକର ଉଦ୍ଦେଶ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଡକ୍ଟର(ମେଜର) ସଞ୍ଜୟ ରାଜକ, ସିଏମଓ, ୬୪ ବିଏନ୍, କମାଣ୍ଡିଂ-ଜି/୬୪ବାଟାଲିୟନ୍ ଇନ୍‌ସପେକ୍ଟର/ଜିଡି ଯୁଗଳ କିଶୋର, ଏମ୍ ରାମପୁର ଥାନା ଏସଏଚଓ ସୁଦର୍ଶନ ନାୟକ, ଉର୍ଲ୍ଲାଦାନୀ ସରପଂଚ ସୁପ୍ରିୟା ମାଝୀ, ଖଲି ତିଆରି ପ୍ରଶିକ୍ଷକ ହରେକୃଷ୍ଣ ପୂଜାରୀ, ଅଗରବତୀ ତିଆରି ପ୍ରଶିକ୍ଷକ ସସ୍ମିତା ପଟ୍ଟନାୟକ, କେ. ସରିତା, ମହମବତୀ ତିଆରି ପ୍ରଶିକ୍ଷକ କୌରବା ସାହୁ, ସମସ୍ତ ଗ୍ରାମର ମହିଳା ସମିତି ସଭାପତି ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳର ଅବହେଳିତ ଲୋକଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧିରେ ସହାୟକ ହେବ ଓ ସେମାନଙ୍କୁ ଅଧିକ ସମୃଦ୍ଧ କରିବ ବୋଲି ସେକେଣ୍ଡ କମାଣ୍ଡାଣ୍ଟ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

## ବୃନ୍ଦାବାହାଲ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୋଲାମୁଣ୍ଡା, ( ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହାଲ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବୃନ୍ଦାବାହାଲ ଗ୍ରାମପଞ୍ଚାୟତର ସରପଞ୍ଚ ଦୀନେଶ କୁମାର ରାଉତ ସମ୍ମାନୀତ ଅତିଥି ସି. ଆର. ସି କ୍ଷିରାବ୍ଧି ତନ୍ମୟ ମଶ୍ରା ଉପସ୍ଥିତ ଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଧାମୋହନ ରାଉତ ମଞ୍ଚାସିନ ହୋଇଥିଲେ । ସକାଳ ୮.୦୦ ଘଣ୍ଟା ସମୟରେ ଦ୍ୱିପ ପ୍ରଜ୍ୱଳନ




ପୂର୍ବକ ସଭା କାର୍ଯ୍ୟ ପରିଚାଳନା ଆରମ୍ଭ ହୋଇଥିଲା। ପ୍ରଧାନ ଶିକ୍ଷକ ସନତ କୁମାର ମୁଣ୍ଡ ଅତିଥି ପରିଚୟ କରିଥିଲେ। ଛାତ୍ରଛାତ୍ରୀ ମାନେ ଫୁଲ, ଚନ୍ଦନ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଅତିଥି ମାନଙ୍କ ଦ୍ୱାରା ଦେବ ପୂଜନ ହେଲାପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦଣ୍ଡପାଣି ମେହର ମଞ୍ଚ ପରିଚାଳନା କରି ଥିଲେ। ଶିକ୍ଷା ହିଁ ଏକ ସୁସ୍ଥ ସମାଜ ଗଠନର ମୂଳ ଆଧାର । ତେଣୁ ଶିକ୍ଷା ମାଧ୍ୟମରେ ସମାଜକୁ ଆଗେଇ ନିଆଯାଇ ପାରିବ ବୋଲି ଏ ଅବସରରେ ଅତିଥି ମାନେ ସାମୁହିକ ମତବ୍ୟକ୍ତ କରିଥିଲେ । ସଭା କାର୍ଯ୍ୟ ସମାପନ ପରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା। ବିଦ୍ୟାଳୟର ସହ ଶିକ୍ଷୟତ୍ରୀ କାଞ୍ଚନମାଳା ରାଉତ, ତଥା ସମସ୍ତ ଶିକ୍ଷକ / ଶିକ୍ଷୟତ୍ରୀ, ପରିଚାଳନା ସମିତି ଅଭିଭାବକ ଅଭିଭାବିକା ପ୍ରମୁଖ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




ନର୍ଲା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ସର୍ଗିଗୁଡ଼ା ପଞ୍ଚାୟତର ତୁଲାଗାଁ ଠାରେ ଆୟୋଜିତ ହେଉଥିବା ଟି-୧୦କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି। ମାର୍ଚ୍ଚ ୨୩ ତାରିଖରୁ ଆରମ୍ଭ ହୋଇ ଥିବା ଉକ୍ତ ଟୁର୍ଣ୍ଣାମେଣ୍ଟରେ ଆଖପାଖର ୧୬ ଗୋଟି କ୍ରିକେଟ୍ ଦଳ ଅଂଶ ଗ୍ରହଣ କରିଥିଲେ। ଦିନକୁ ଦୁଇରୁ ଅଧିକ ମ୍ୟାଚ୍ ଖେଳାଯାଉଥିବା ଉକ୍ତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ତୁଲାଗାଁ ଦଳ ଓ ଗୁଡ଼ାଙ୍ଗଗୁଛା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଗୁଡ଼ାଙ୍ଗଗୁଛା ଦଳ ପ୍ରଥମେ ବ୍ୟାଟିଙ୍ଗ କରି ସମସ୍ତ ୱିକେଟ୍ ହରାଇ ୬୧ ରନ୍ କରିଥିବା ବେଳେ ତାଙ୍କ ବିପକ୍ଷରେ ତୁଲାଗାଁ ଦଳ ୬ ୱିକେଟରେ ୧୦୮ ରନ୍ କରି ବିଜୟ ଲାଭ କରି ଥିଲେ। ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କର ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବଡ ଖବରର ନର୍ଲା ସାମ୍ବାଦିକ ଜଗତ ରାମ୍ ସାହୁ, ଅର୍ଗସ ସାମ୍ବାଦିକ ନୀଳକଣ୍ଠ ବେହେରା, ସର୍ଗୀଗୁଡ଼ା ସରପଞ୍ଚ ପ୍ରତିନିଧି ବିଜୟ କୁମାର ବୁଦ୍ଧିଆ ଓ ତୁଲାଗାଁ ଗୌନ୍ତିଆ ଉପସ୍ଥିତ ରହି ବିଜେତା ଦଳ ଓ ରନର୍ସ ଅଫ ଦଳକୁ ଟ୍ରଫି ସହିତ ପୁରସ୍କାର ରାଶି ପ୍ରଦାନ କରିଥିଲେ। ବିଜେତା ଦଳକୁ ୧୩ ହଜାର୍ ଟଙ୍କା ଓ ରନର୍ସ ଅଫ ଦଳକୁ ୮ ହଜାର୍ ଟଙ୍କା ପ୍ରଦାନ୍ କରାଯାଇଥିଲା ।

# ନିମ୍ନମାନର ରାସ୍ତା କାମକୁ ନେଇ ଜନଅସନ୍ତୋଷ





କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ନୁନମାଠ ଗ୍ରାମପଞ୍ଚାୟତର ବିଜଖମନ୍ ଗ୍ରାମରେ ବିଜଖମନ ମଣ୍ଡପ ଠାରୁ କଲୋନୀ ପଡା ପର୍ଯ୍ୟନ୍ତ କଙ୍କ୍ରିଟ ରାସ୍ତା ଉନ୍ନତିକରଣ ପାଇଁ ଆଇ. ଡି .ଏଫ୍ ଫଣ୍ଡରୁ ଅଟକଳ ମୂଲ୍ୟ ୯ ଲକ୍ଷ ଟଙ୍କା ୨୦୨୨-୨୦୨୩ ମସିହାରେ ମଞ୍ଜୁର ହୋଇଥିଲା କିନ୍ତୁ କୌଣସି କାରଣରୁ କାମ ଅସମ୍ପୂର୍ଣ୍ଣ ଅବସ୍ଥାରେ ବନ୍ଦ ହୋଇଥିଲା। ବର୍ତ୍ତମାନ ସେହି କାମକୁ ବ୍ଲକ୍ ଡିପାଟମେଣ୍ଟ ନିଜେ ଜେଇଙ୍କ ନାରେ ପୁନର୍ବାର ଆରମ୍ଭ କରି କାର୍ଯ୍ୟ ଆରମ୍ଭ କରିଥିଲେ ଓ ଜୈବିକ ବ୍ୟକ୍ତିକୁ ଦେଖା ରେଖା କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ସେହି କାମ ଅତି ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଗ୍ରାମବାସୀ ବାଧ ହୋଇ ଅଭିଯୋଗ କରିଛନ୍ତି । କଂକ୍ରିଟ ରାସ୍ତା ମେଟାଳ କାମରେ ସାଇଡ଼ ୱାଲ୍ ଦିଆଯାଉନି ପୁରୁଣା ମେଟାଲରେ କାମ ଚାଲିଛି ଯେତିକି ଇଞ୍ଚରେ ମେଟାଲ ପଡ଼ିବା କଥା ପଡିନି। ରାସ୍ତାର ଦୁଇ ସାଇଡ଼ର ପାର୍ଶ୍ୱ ସବୁ ହାତ ମାରିଦେଲେ ଭୁସୁଡ଼ି ପଡୁଛି ବୋଲି ଗ୍ରାମ ବାସି ଅଭିଯୋଗ କରିଛନ୍ତି । ଜେଇ ବାବୁ ଜଣକ ବି କାର୍ଯ୍ୟ ଆରମ୍ଭରୁ ଗୋଟିଏ ଦିନ ବି କାମ ହେଉଥିବା ଜାଗାକୁ ତଦାରଖ ପାଇଁ ଆସି ନାହାନ୍ତି। ଯାହା ଫଳରେ ମନଇଚ୍ଛା ମିସ୍ତ୍ରୀ ଲେବର ତାଙ୍କ ହିସାବରେ କାମ କରୁଛନ୍ତି ତେଣୁ କାମ ଅତି ନିମ୍ନମାନର ହେଉଛି । ଏହି କାମର ତୁରନ୍ତ ତଦନ୍ତ ହେଉ ବୋଲି ଗ୍ରାମବାସୀ କହୁଥିବା ବେଳେ ଉକ୍ତ ଜେଇଙ୍କୁ ନୁନମାଠ ଗ୍ରାମ ପଞ୍ଚାୟତରୁ ଅନ୍ୟ ପଞ୍ଚାୟତକୁ ବଦଳିକରିବା ପାଇଁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ସୁବାସ ନାଏକଙ୍କୁ ଫୋନ୍ କରିଥିବା ବେଳେ ସେ ଫୋନ୍ ଉଠାଇ ନଥିଲେ।

# ଏସ୍ଏସ୍‌ଡି +୨ କଲେଜର ପ୍ରଥମ ବାର୍ଷିକ ଉତ୍ସବ



କୋକସରା,(ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଆମପାଣି ସ୍ଥିତ ସରକାରୀ ଏସଏସଡି ହାଇୟର ସେକେଣ୍ଡାରୀ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ଜୟ ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ ମୁଖ୍ୟବକ୍ତା, ସମାଜ ମଙ୍ଗଳ ଅଧିକାରୀ ଅଶୋକ କୁମାର ପରିଡ଼ା, ଏସ୍ଏସଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ, ପରିଚାଳନା କମିଟି ସଭାପତି ରଶ୍ମିମଣି ମାଝୀ, ଯୁବନେତା ରତୁରାଜ ମାଝୀ, ସାମ୍ବାଦିକ ବିଜୟ କୁମାର ପଣ୍ଡା, ନକୁଳ ବାଣୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। କଲେଜ ଅଧ୍ୟକ୍ଷ ଶ୍ରୀ ପାଳ ବାର୍ଷିକ ବିବରଣୀ ପ୍ରଦାନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବକୁ ଅଧ୍ୟାପିକା ମାନିନୀ ହରିଚନ୍ଦନ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମକୁ ଅଧ୍ୟାପକ ହବିରାମ ହରିଜନ ମଞ୍ଚ ସଂଯୋଜନା କରିଥିଲେ। ଅଧ୍ୟାପକ କ୍ଷମାନନ୍ଦ ତାଣ୍ଡି, ପୁଲସ୍ତି ମହାନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଠକାମୀର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଲେ କପା ଚାଷୀ


ଧର୍ମଗଡ଼, ( ଭାସ୍କର ନ୍ୟୁଜ୍ ) : ଚାଷ କରି ଚାଷୀ ହଟହଟା। ତମାମ ବର୍ଷ ସାରା ଅର୍ଥ ଓ ପରିଶ୍ରମ ଲଗେଇ ନିଜ ଜମିରେ କରିଥିଲେ କପା ଚାଷ। ବିକ୍ରି ପାଇଁ କୌଣସି ସୁବିଧା ନ ଥିବାରୁ ବାଧ ହୋଇ ଦଲାଲଙ୍କ ହାତରେ ଟେକିଦେଲେ ପରିଶ୍ରମର କପା। ହେଲେ ଅର୍ଥ ଦେବା ବଦଳରେ ଦଲାଲ ଜଣକ ଜାତିଆଣ ଆକ୍ଷେପ ସହ ମାରି ଦେବାକୁ ଧମକ ଦେଇଥିବା ଗୋଲାମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି କପା ଚାଷୀ। ଗୋଲାମୁଣ୍ଡା ଥାନା ଧାମନପୁର ପଞ୍ଚାୟତ କୁଳିହାରୀଗୁଡାର ୨୯ ଜଣ ଚାଷୀ ନିଜ ଜମିରେ ଗତ ବର୍ଷ ଚାଷ କରି କପା ଅମଳ କରିଥିଲେ। ସାଧାରଣ ଭାବେ ଗରିବ ଶ୍ରେଣୀର ହୋଇଥିବା ଓ ଅନ୍ୟ ପକ୍ଷେ କପା ବିକ୍ରି କରିବା ପାଇଁ ସରକାରୀ ସ୍ତରରେ କୌଣସି ବ୍ୟବସ୍ଥା ନ ଥିବାରୁ ଏହାର ଫାଇଦା ଉଠାଇଥିଲେ ଦଲାଲ। କୁଇଣ୍ଟାଲ ପ୍ରତି ୬୨୦୦ ଟଙ୍କା ଦରରେ ଚାଷୀଙ୍କୁ ଦେବି କହି କପା ନିଜ ଗାଡ଼ିରେ ଲୋଡ଼ କରିଥିଲେ। ଚାଷୀ ମାନେ ପଇସା ପାଇଁ କହିବାରୁ ଆସନ୍ତା କାଲି ସମସ୍ତଙ୍କର ପଇସା ଦେବା ପାଇଁ ସେହି ଗ୍ରାମର ସୀତାରାମ ଅଧିକାରୀ ଜବାବ ରଖି ନେଇଥିଲା। ଘଟଣାଟି ୨୩/୦୧/୨୦୨୪ର ହୋଇ ଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀଙ୍କ କଷ୍ଟ ଅର୍ଜିତ ଧନ ତଥା କପାର ଉଚିତ୍ ମୂଲ୍ୟ ପାଇ ନ ଥିବା ଅଭିଯୋଗ ହୋଇଛି। ନିଜେ ବିକ୍ରି କରିଥିବା କପାର ଟଙ୍କା ଉକ୍ତ ବ୍ୟକ୍ତିଙ୍କୁ ମାଗିବାରୁ ଜାତିଆଣ ଆକ୍ଷେପ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଚାଷୀ ମାନେ ପ୍ରକାଶ କରନ୍ତି। ନିଜ କପା ମୂଲ୍ୟ ପାଇ ନଥିବା ବେଳେ ଅନ୍ୟ ପକ୍ଷେ ସୀତାରାମ ଅଧିକାରୀ ଚାଷୀଙ୍କୁ ଧମକ ଦେବା ଭଳି ଘଟଣା ଏବେ ଗୋଲାମୁଣ୍ଡା ଥାନାକୁ ପହଞ୍ଚିଛି। ଉକ୍ତ ବ୍ୟକ୍ତି ଗ୍ରାମର ୨୯ ଜଣ ଚାଷୀଙ୍କ ଠାରୁ ୯୭୦୩ କେଜି କପାର ଆନୁମାନିକ ମୂଲ୍ୟ ୬୦ ଲକ୍ଷ ହୋଇ ଥିବା ଜଣା ପଡିଛି। ଏନେଇ ଚାଷୀ କେଶବ ମାଝୀ, ଅମର ମାଝୀ, ମାଧବ ମାଝୀ, ଲାଲୁପ୍ରସାଦ ମାଝୀ, ପ୍ରତିମା ମାଝୀ, ଲଛମନ ଗଇନ୍ଥା, ଧନୁର୍ଦ୍ଧର ନାଏକ, ବୀରଞ୍ଚି ମାଝୀ, ଅମ ମାଝୀ, ଓଁମ କାର ମାଝୀ, ଲଳିତା ନାଏକ, ଲକ୍ଷ୍ମୀ ନାଏକ, ଜଗନ୍ନାଥ ବିଶି, ନୂଆଖାଉ ତାଣ୍ଡି, କୁନୁ ମାଝୀ, ଟିକେମଣି ନାଏକ, ଖିରସିନ୍ଧୁ ନାଏକ, ଡମ୍ବରୁ ମାଝୀ, ରାକେଶ ଲହଜଳ, ଅନନ୍ତ ନାଏକ, କୋମଳସିଂ ନାଏକ, ପ୍ରଦୀପ ଗଇନ୍ଥା, ସୁବୋଧ ଗଇନ୍ଥା, ରୋହିତ ଗଇନ୍ଥା, ଗିରିଧାରୀ ଛତରିଆ, ଭାସ୍କର ମାଝୀ, ରସିକ ମାଝୀ, କ୍ଷେତ୍ରମୋହନ ଗଇନ୍ଥା ପ୍ରମୁଖ ଗୋଲାମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡିଙ୍କୁ ପଚାରିବାରୁ ୫ ଦିନ ଭିତରେ ଚାଷୀଙ୍କ ପଇସା ଫେରସ୍ତ ନ କଲେ ସୀତାରାମ ଅଧିକାରୀଙ୍କ ପ୍ରତି ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ରାଶିଫଳ


**ଶନିବାର, ୨୯ ମାର୍ଚ୍ଚ ୨୦୨୫**



**ମେଷ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। ରୋମାନ୍ସ ବୃଦ୍ଧି ପାଇବ, ପ୍ରେମ ଜୀବନ ବିତାଉଥିବା ଲୋକମାନେ ମଧ୍ୟ ଆଜି ଭଲ ଫଳାଫଳ ପାଇବେ।




**ବୃଷ:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ । ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ ।



**ମିଥୁନ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ।



**କର୍କଟ:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ । ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ ।




**ସିଂହ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଆୟ ବୃଦ୍ଧି ପାଇବ। ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ । ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ ।




**କନ୍ୟା:** ଆଜି କେତେକ ସମସ୍ୟା ଆସିପାରେ । ଭାଗ୍ୟ ଉପରେ ନିର୍ଭର କର ନାହିଁ। କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ।



**ତୁଳା:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ । ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ତୁମର ଖାଦ୍ୟର ଯତ୍ନ ନିଅ । କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ । ଆୟ ବୃଦ୍ଧି ପାଇବ ।




**ବିଛା:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ।




**ଧନୁ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ । ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।



**ମକର:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ । ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ । ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ, ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**କୁମ୍ଭ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ । ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ । ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। ଘରୋଇ ଜୀବନରେ ସମସ୍ୟା ହୋଇପାରେ। ଯେଉଁମାନେ ପ୍ରେମ ଜୀବନରେ ଅଛନ୍ତି ସେମାନଙ୍କ ପାଇଁ ଆଜି ଏକ ଭଲ ଦିନ ହେବ ।



**ମୀନ:** ଖର୍ଚ୍ଚ ବୃଦ୍ଧି ପାଇବ । ଆୟ ସ୍ୱାଭାବିକ ହେବ । ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ । ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନ ସାଥୀ କ୍ରୋଧିତ ହୋଇପାରେ । ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ

ସେକ୍ଟର-୩/୩୦୯ , ନିଳାଦ୍ରୀବିହାର, ଭୁବନେଶ୍ୱର-୨୧

ମୋ: ୯୪୩୮୩୮୯୦୩୯